# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶନିବାର, ଜୁଲାଇ ୨୦/୨୦୨୪ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, July 20/2024 | Page 14 | ₹ 7.00 | BERHAMPUR

୫୦ଶ ଭାଗ ୨୩୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 236 | ମୂଲ୍ୟ₹୭/-




**‘ଦେବା’ରେ ଶାହିଦ୍‌ଙ୍କ ଆକ୍ସନ ଅବତାର**

ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ‘ଦେବା’ ଫିଲ୍ମରେ ଅଭିନେତା ଶାହିଦ୍ କପୁରଙ୍କ ପ୍ରଥମ ଲୁକ୍ ଶୁକ୍ରବାର ଜାରି ହୋଇଛି।

୦୨

୧୪

**ମନ୍ଧାନାଙ୍କ ପ୍ରଭାବୀ ବ୍ୟାଟିଂ**

ପାକିସ୍ତାନ ବିପକ୍ଷ ମହିଳା ଟି୨୦ କ୍ରିକେଟ ଏସିଆ କପ୍‌ରେ ପ୍ରଭାବୀ ବ୍ୟାଟିଂ କରି ଭାରତକୁ ଜିତାଇଛନ୍ତି ସ୍ମୃତି ମନ୍ଧାନା ।



# ମାଇକ୍ରୋସଫ୍ଟରେ ଅଚଳାବସ୍ଥା: ବିଶ୍ୱ ପ୍ରଭାବିତ

- ସାରା ବିଶ୍ୱରେ ୧୪୦୦ ବିମାନ ରଦ୍ଦ
- ବ୍ୟାଙ୍କିଙ୍ଗ୍, ପେମେଣ୍ଟ ସିଷ୍ଟମ୍, ଶେୟାର ମାର୍କେଟ୍ ଠପ୍
- ଟେଲିଯୋଗାଯୋଗ, ସ୍ୱାସ୍ଥ୍ୟ, ପ୍ରସାରଣ, ଜରୁରୀ ସେବାରେ ବ୍ୟାଘାତ

ୱାଶିଂଟନ୍/ଫ୍ରାଙ୍କଫର୍ଟ/ ନୂଆଦିଲ୍ଲୀ/ମୁମ୍ବାଇ,୧୯।୭

କାରିଗରି କ୍ଷେତ୍ରରେ ଏକ ବୈଶ୍ୱିକ ଅବ୍ୟବସ୍ଥା ଯୋଗୁ ଶୁକ୍ରବାର ସାରା ବିଶ୍ୱରେ ବିମାନ ଚଳାଚଳ ଏକପ୍ରକାର ଠପ୍ ହୋଇଯାଇଛି। ବ୍ୟାଙ୍କଗୁଡ଼ିକ ବନ୍ଦ ହୋଇଯାଇଛି, ହସ୍ପିଟାଲ ସିଷ୍ଟମ୍ ଅଫ୍‌ଲାଇନ୍ ହୋଇଯିବା ସହ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ଉପରେ ମଧ୍ୟ ଏହାର ବହୁଳ ପ୍ରଭାବ ପଡ଼ିଛି। କେବଳ ଏତିକି ନୁହେଁ, ଷ୍ଟକ୍ ମାର୍କେଟ, ଅନ୍‌ଲାଇନ୍ ପେମେଣ୍ଟ ସିଷ୍ଟମ୍ ମଧ୍ୟ ଏଥିଯୋଗୁ ପ୍ରଭାବିତ ହୋଇଛି। ଆମେରିକା, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ, ହଂକଂ, ସିଙ୍ଗାପୁର ଏବଂ ୟୁରୋପ ସମେତ ଭାରତରେ ଟେକ୍ନୋଲୋଜି ଉପରେ ନିର୍ଭରଶୀଳ ଅନେକ ଅନ୍‌ଲାଇନ୍ ସେବା ବିପର୍ଯ୍ୟସ୍ତ ହୋଇଯାଇଛି। ଫଳରେ ଲୋକଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି। ବିଶେଷକରି କର୍ପୋରେଟ୍ ଜଗତ ଦୋହଲିଯାଇଛି। ଏଥିପାଇଁ ସାଇବର ସିକ୍ୟୁରିଟି ପ୍ଲାଟ୍‌ଫର୍ମ କ୍ରାଉଡ୍‌ଷ୍ଟ୍ରାଇକ୍‌ର ବିଫଳତାକୁ ଦାୟୀ କରାଯାଉଛି। ☞ପୃଷ୍ଠା-୪

ଆମେରିକାର ବହୁରାଷ୍ଟ୍ରୀୟ ଟେକ୍ନୋଲୋଜି କମ୍ପାନୀ ମାଇକ୍ରୋସଫ୍ଟକୁ ସାଇବରସିକ୍ୟୁରିଟି ଫାର୍ମ ‘କ୍ରାଉଡ୍‌ଷ୍ଟ୍ରାଇକ୍’ ସିକ୍ୟୁରିଟି ସଲ୍ୟୁଶନ୍ ପ୍ରଦାନ କରିଥାଏ। କ୍ରାଉଡ୍‌ଷ୍ଟ୍ରାଇକ୍ ପକ୍ଷରୁ ମାଇକ୍ରୋସଫ୍ଟକୁ କମ୍ପ୍ୟୁଟରରେ ୱିଣ୍ଡୋଜ୍ ପରିଚାଳନା ପାଇଁ ଦିଆଯାଇଥିବା ଏକ ତ୍ରୁଟିପୂର୍ଣ୍ଣ ସଫ୍ଟୱେର ଅପ୍‌ଡେଟ୍ ଯୋଗୁ ବିଶ୍ୱବ୍ୟାପୀ ସମସ୍ୟା ଉପୁଜିଥିଲା ବୋଲି ସେବା ପ୍ରଦାନକାରୀ କମ୍ପାନୀ ସ୍ୱୀକାର କରିଛି।




## ଭୁବନେଶ୍ୱରରେ ୬ ବିମାନ ବାତିଲ

ଭୁବନେଶ୍ୱର,୧୯।୭ (ଅନୁରାଧା ମହାରଣା)

ବିଶ୍ୱବ୍ୟାପୀ ମାଇକ୍ରୋସଫ୍ଟ ସର୍ଭର ଡାଉନ୍ ଫଳରେ ଶୁକ୍ରବାର ସାଇବର ସିକ୍ୟୁରିଟି ପ୍ଲାଟ୍‌ଫର୍ମ କ୍ରାଉଡ୍‌ଷ୍ଟ୍ରାଇକ୍‌ରେ ସମସ୍ୟା ଉପୁଜୁଛି। ଫଳରେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ମଧ୍ୟ ସେବା ପ୍ରଭାବିତ ହୋଇଛି। ସନ୍ଧ୍ୟା ୮ଟା ସୁଦ୍ଧା ଇଣ୍ଡିଗୋ ଏୟାରଲାଇନ୍ସର ୬ଟି ବିମାନ ବାତିଲ ହୋଇଥିଲା। ଆଉକିଛି ବିମାନ ଚଳାଚଳରେ ୨୦ ମିନିଟ୍‌ରୁ ୧ଘଣ୍ଟା ପର୍ଯ୍ୟନ୍ତ ବିଳମ୍ବ ହୋଇଥିଲା। ଏନେଇ ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ କହିଛନ୍ତି, ଯାତ୍ରୀ ଯେପରି କୌଣସି ଅସୁବିଧାରେ ନ ପଡ଼ନ୍ତି ସେଦିଗରେ କାର୍ଯ୍ୟ କରାଯାଉଛି। ମାନୁଆଲ ଭାବେ ଯାତ୍ରୀଙ୍କ ଚେକ୍ ଇନ୍ କରାଯାଉଛି। ସେହିପରି ମାନୁଆଲି ବୋର୍ଡିଂ ☞ପୃଷ୍ଠା-୪

## ଡିଜିଯାତ୍ରା ଫେଲ୍

ନୂଆଦିଲ୍ଲୀ,୧୯।୭: ବିମାନ ଯାତ୍ରୀଙ୍କୁ ନିରବଚ୍ଛିନ୍ନ ସୁଖଦ ଅନୁଭୂତି ପ୍ରଦାନ ପାଇଁ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଡିଜିଯାତ୍ରା ଆପ୍ ଲଞ୍ଚ କରାଯାଇଛି। ଏହି କାଗଜବିହୀନ ଅଭିଯାନ ଅନୁସାରେ ଯାତ୍ରୀମାନଙ୍କୁ ଚେକ୍‌ପଏଣ୍ଟରେ ଯାଞ୍ଚ ବେଳେ ସେମାନଙ୍କ ଟିକେଟ୍ କିମ୍ବା ବୋର୍ଡିଂ ପାସ୍ ଦେଖାଇବାକୁ ପଡ଼ି ନ ଥାଏ। ବର୍ତ୍ତମାନ ଦିଲ୍ଲୀ, ବେଙ୍ଗାଲୁରୁ, ବାରାଣସୀ, ପୁଣେ, ☞ପୃଷ୍ଠା-୪




## ପୀତାମ୍ବର ଆଚାର୍ଯ୍ୟ ଆଡ୍‌ଭୋକେଟ ଜେନେରାଲ ନିଯୁକ୍ତ



ଭୁବନେଶ୍ୱର,୧୯।୭(ଅନିଲ ଦାସ)

ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟଙ୍କୁ ରାଜ୍ୟ ସରକାର ଆଡ୍‌ଭୋକେଟ ଜେନେରାଲ (ଏଜି) ଭାବେ ନିଯୁକ୍ତି ଦେଇଛନ୍ତି। ଏ ନେଇ ଆଇନ ବିଭାଗ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଆଇନ୍ କ୍ଷେତ୍ରରେ ତାଙ୍କର ଦୀର୍ଘ ଦିନର ଅଭିଜ୍ଞତା ରହିଛି। ସେ ଛାତ୍ର ରାଜନୀତିରେ ମଧ୍ୟ ବେଶ୍ ସକ୍ରିୟ ଥିଲେ। ସେ ବିଜେବି କଲେଜ ଛାତ୍ର ସଂସଦର ସାଧାରଣ ସମ୍ପାଦକ ଓ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ୨୦୧୯ ବିଧାନସଭା ନିର୍ବାଚନରେ ସେ ହିଞ୍ଜିଳିରୁ ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିରୋଧରେ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ। ରାଜ୍ୟରେ ଭାଜପା ସରକାର କ୍ଷମତାକୁ ଆସିବାର ମାସେ ଅତିକ୍ରମ କରି ଯାଇଛି। ଏଜି ନିଯୁକ୍ତି ହୋଇ ନ ଥିବାରୁ ବିଭିନ୍ନ ମହଲରୁ ଉଦ୍‌ବେଗ ପ୍ରକାଶ ପାଉଥିଲା। ବିରୋଧୀ ବିଜେଡି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ନାଇଡୁଙ୍କ ନୂଆ ବ୍ୟବସ୍ଥା

**ଆଜିର ମନ୍ତବ୍ୟ**

“ ଆସାମରେ ମୁସଲମାନଙ୍କ ଜନସଂଖ୍ୟା ପ୍ରତି ୧୦ ବର୍ଷରେ ୩୦% ବଢ଼ୁଛି। ୨୦୪୧ ସୁଦ୍ଧା ଆସାମ ମୁସଲମାନ ବହୁଳ ରାଜ୍ୟରେ ପରିଣତ ହେବ।

-ହିମନ୍ତ ବିଶ୍ୱ ଶର୍ମା, ଆସାମ ମୁଖ୍ୟମନ୍ତ୍ରୀ








ପୁରୀଠାରେ ଭାଜପାର ଦୁଇଦିନିଆ ରାଜ୍ୟ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରୁଛନ୍ତି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା। ନିକଟରେ ଅଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ, ପ୍ରଭାତୀ ପରିଡ଼ା, ରାଜ୍ୟ ସଭାପତି ମନମୋହନ ସାମଲ, ପ୍ରଭାରୀ ବିଜୟ ପାଲ ସିଂ ତୋମାର ଓ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା। **(ଫଟୋ: ଯଜ୍ଞେଶ୍ୱର ମହାନ୍ତି)**

# ସରକାର ଗଠନର ଶ୍ରେୟ କାର୍ଯ୍ୟକର୍ତ୍ତାଙ୍କୁ ଯିବ: ନଡ୍ଡା

**ପୁରୀରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ**

ପୁରୀ,୧୯।୭(ଅଜିତ୍ କୁମାର ମହାନ୍ତି)

ଭାଜପାର ଦୁଇଦିନିଆ ରାଜ୍ୟ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଶୁକ୍ରବାର ପୁରୀର ଏକ ଘରୋଇ ହୋଟେଲରେ ଆରମ୍ଭ ହୋଇଛି। ରାଜ୍ୟରେ ଭାଜପା କ୍ଷମତାକୁ ଆସିବା ପରେ ଏହା ହେଉଛି ପ୍ରଥମ କାର୍ଯ୍ୟକାରିଣୀ। ଦିନିକିଆ ଓଡ଼ିଶା ଗସ୍ତରେ ଆସି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଦଳକୁ ସୁସଙ୍ଗଠିତ କରିବା ପାଇଁ ଦଳୀୟ ନେତା ଓ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି। ଆଗକୁ ଶାସକ ଦଳ ଭାବେ ଦଳୀୟ ନେତା ଓ କର୍ମୀଙ୍କ ଦାୟିତ୍ୱ କ’ଣ ହେବା ଦରକାର ସେନେଇ ମଧ୍ୟ ପରାମର୍ଶ ଦେଇଛନ୍ତି। ରାଜ୍ୟର ସାମ୍ପ୍ରତିକ ରାଜନୈତିକ ଓ ବିଭିନ୍ନ ସାମାଜିକ ପ୍ରସଙ୍ଗକୁ ନେଇ ବୈଠକରେ ଆଲୋଚନା ହୋଇଛି। ରାଜ୍ୟରେ ଦଳକୁ ଯେଉଁ ବିଜୟ ମିଳିଛି ତା’ର ଶ୍ରେୟ କାର୍ଯ୍ୟକର୍ତ୍ତାମାନଙ୍କୁ ଯିବ ବୋଲି ନଡ୍ଡା କହିଛନ୍ତି। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସଭାପତିତ୍ୱରେ ପ୍ରଥମେ ରାଜ୍ୟ ପଦାଧିକାରୀ ବୈଠକ ଅନୁଷ୍ଠିତ ହେବା ପରେ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଆରମ୍ଭ ହୋଇଥିଲା। ନଡ୍ଡା ଦଳୀୟ ପତାକା ଉତ୍ତୋଳନ କରି ବୈଠକକୁ ଉଦ୍‌ଘାଟନ କରିଛନ୍ତି। ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ାଙ୍କ ସମେତ ରାଜ୍ୟ ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟ, ସାଂସଦ, ବିଧାୟକ ଏବଂ ଅନ୍ୟ ନେତୃମଣ୍ଡଳୀ ଯୋଗଦେଇଛନ୍ତି। ଏହାସହ କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ପ୍ରଭାରୀ ବିଜୟ ପାଲ ସିଂ ତୋମାର ଏବଂ ସହପ୍ରଭାରୀ ଲତା ଉସେଣ୍ଡି ଯୋଗଦେଇଛନ୍ତି। ବୈଠକରେ ବିଭିନ୍ନ ପ୍ରସଙ୍ଗ ନେଇ ☞ପୃଷ୍ଠା-୪

# ବଳକା ରାଜ୍ୟ ଓଡ଼ିଶାରେ ପିଆଜ କେଜି ୪୦

ଭୁବନେଶ୍ୱର,୧୯।୭(ଅନିଲ ଦାସ)

ଓଡ଼ିଶାରେ ଆବଶ୍ୟକତାଠାରୁ ଅଧିକ ପରିମାଣର ପିଆଜ ଉତ୍ପାଦନ ହେଉଛି। ବଳକା ରାଜ୍ୟ ହୋଇଥିଲେ ମଧ୍ୟ ଆବଶ୍ୟକ ଶୀତଳଭଣ୍ଡାର ନ ଥିବାରୁ ପିଆଜ ସାଇତି ରଖାଯାଇପାରୁନାହିଁ। ଏଥିସହ ବଜାର ସୁବିଧା ଅଭାବ ଯୋଗୁ ଚାଷୀଙ୍କ ଉତ୍ପାଦିତ ସାମଗ୍ରୀ ବାହାର ରାଜ୍ୟକୁ ଚାଲିଯାଉଛି। ଫଳରେ ଓଡ଼ିଶାର ଖାଉଟିମାନେ କେଜି ପିଛା



**ଶୀତଳଭଣ୍ଡାର, ବଜାର ସୁବିଧା ଅଭାବରୁ ଅନ୍ୟ ରାଜ୍ୟକୁ ଚାଲିଯାଉଛି ଚାଷୀଙ୍କ ଉତ୍ପାଦିତ ପିଆଜ**

୪୦ ଟଙ୍କା ଦେଇ ପିଆଜ କିଣିବାକୁ ବାଧ୍ୟ ହେଉଛନ୍ତି। ରାଜ୍ୟ ସରକାର ଦରଦାମ ନିୟନ୍ତ୍ରଣ ସହ ଆବଶ୍ୟକ ପଦକ୍ଷେପ ନିଅନ୍ତୁ ବୋଲି ଖାଉଟି ମହଲରେ ଦାବି ହେଉଛି। ☞ପୃଷ୍ଠା-୪




## ସଂକ୍ଷେପରେ

### ବିନୟ ମୋହନ କ୍ୱାତ୍ରା ଆମେରିକାରେ ଭାରତର ରାଷ୍ଟ୍ରଦୂତ

ନୂଆଦିଲ୍ଲୀ, ୧୯।୭

ପୂର୍ବତନ ବହିର୍ବ୍ୟାପାର ସଚିବ ବିନୟ ମୋହନ କ୍ୱାତ୍ରାଙ୍କୁ ଆମେରିକାରେ ଭାରତର ପରବର୍ତ୍ତୀ ରାଷ୍ଟ୍ରଦୂତ ଭାବେ ନିଯୁକ୍ତ କରାଯାଇଛି। ଏନେଇ ଶୁକ୍ରବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସେ ଭାରତର ୩୪ତମ ବହିର୍ବ୍ୟାପାର ସଚିବ ଭାବେ କାର୍ଯ୍ୟ କରିଥିଲେ। କ୍ୱାତ୍ରାଙ୍କ ଅବସର ପରେ ଗତ ଜୁଲାଇ ୧୫ରେ ବିକ୍ରମ ମିସ୍ରି ଭାରତର ନୂତନ ବହିର୍ବ୍ୟାପାର ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଆମେରିକା, ଚାଇନା ଓ ବିଭିନ୍ନ ୟୁରୋପୀୟ ଦେଶଗୁଡ଼ିକ ସହ କୂଟନୈତିକ ସମ୍ପର୍କ କ୍ଷେତ୍ରରେ ଜଣେ ବିଶେଷଜ୍ଞ ଭାବେ କ୍ୱାତ୍ରାଙ୍କର ପରିଚୟ ରହିଛି। ପୂର୍ବରୁ ସେ ଫ୍ରାନ୍ସ ଓ ନେପାଳରେ ମଧ୍ୟ ଭାରତର ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରିଛନ୍ତି।

### ଲାଡେନ୍‌ଙ୍କ ସହଯୋଗୀ ଗିରଫ


ଅମିନ ଉଲ୍ ହକ୍

ଲାହୋର, ୧୯।୭

ପାକିସ୍ତାନର ପଞ୍ଜାବରୁ ଆତଙ୍କବାଦ ନିରୋଧୀ ବିଭାଗ(ସିଟିଡି) ଶୁକ୍ରବାର ଅଲ-କାଏଦାର ବରିଷ୍ଠ ନେତା ତଥା ଆମେରିକାରେ ୯/୧୧ ଆକ୍ରମଣର ମାଷ୍ଟରମାଇଣ୍ଡ ଓସାମା ବିନ୍ ଲାଡେନ୍‌ଙ୍କ ଘନିଷ୍ଠ ସହଯୋଗୀ ଅମିନ ଉଲ୍ ହକ୍‌ଙ୍କୁ ଗିରଫ କରିଛି। ପାକିସ୍ତାନର ପଞ୍ଜାବ ଅଞ୍ଚଳର ବିଭିନ୍ନ ମହତ୍ତ୍ୱପୂର୍ଣ୍ଣ ପ୍ରତିଷ୍ଠାନଗୁଡ଼ିକୁ ଟାର୍ଗେଟ କରି ଆତଙ୍କବାଦୀ ଆକ୍ରମଣର ଯୋଜନା ପ୍ରସ୍ତୁତ କରୁଥିବା ନେଇ ଅମିନଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ୧୯୯୬ ପର୍ଯ୍ୟନ୍ତ ସେ ଲାଡେନଙ୍କ ଘନିଷ୍ଠ ସହଯୋଗୀ ଭାବେ କାର୍ଯ୍ୟ କରି ଅନେକ ଆତଙ୍କବାଦୀ ଘଟଣାରେ ସାମିଲ ଥିଲେ ବୋଲି ପାକିସ୍ତାନ ସିଟିଡି କହିଛି। ମିଳିତ ଜାତିସଂଘ(ୟୁଏନ୍) ପକ୍ଷରୁ ଅମିନ୍‌ଙ୍କୁ ଗ୍ଲୋବାଲ ଟେରୋରିଷ୍ଟ ଭାବେ ଘୋଷଣା କରାଯାଇଥିଲା।


ଢାକାର ସରକାରୀ ଅଫିସ୍‌ଗୁଡ଼ିକରେ ବିକ୍ଷୋଭକାରୀମାନେ ନିଆଁ ଲଗାଇ ଦେଇଛନ୍ତି।

# ବାଂଲାଦେଶ ଅଶାନ୍ତ: ୫୦ ମୃତ

ଢାକା, ୧୯।୭

ବାଂଲାଦେଶରେ ସରକାରୀ ଚାକିରିରେ ସ୍ୱାଧୀନତା ସଂଗ୍ରାମୀଙ୍କ ପିଲାଙ୍କୁ ୩୦% ସଂରକ୍ଷଣକୁ ବିରୋଧକରି ସପ୍ତାହେ ଧରି ଚାଲିଥିବା ଆନ୍ଦୋଳନ ବେଳେ ଅନ୍ୟୂନ ୫୦ ଜଣଙ୍କ ମୃତ୍ୟୁ ଘଟିଲାଣି। ଏହି ଆନ୍ଦୋଳନ ୧୫ ବର୍ଷ ଧରି କ୍ଷମତାରେ ରହିଆସିଥିବା ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ସରକାର

## ଢାକାରେ ବିକ୍ଷୋଭ ମନା

ପାଇଁ ବିପଦ ସୃଷ୍ଟି କରିଛି। ରାଜଧାନୀ ଢାକାରେ ବିକ୍ଷୋଭକାରୀମାନେ ସରକାରୀ କୋଠାଗୁଡ଼ିକରେ ନିଆଁ ଲଗାଇ ସର୍ବସାଧାରଣ ସମ୍ପତ୍ତିକୁ ନଷ୍ଟ କରୁଛନ୍ତି। ସ୍ଥିତି ଅଶାନ୍ତ ହେଉଥିବା ଦେଖି ଦେଶବ୍ୟାପୀ ଇଣ୍ଟରନେଟ୍ ସେବାକୁ ବନ୍ଦ କରାଯାଇଛି। ଏଥିସହ ଢାକାରେ ବିକ୍ଷୋଭ ଉପରେ ସରକାର ନିଷେଧାଦେଶ ଜାରି କରିଛନ୍ତି।

ମୁସଲମାନ ବହୁଳ ରାଷ୍ଟ୍ର ବାଂଲାଦେଶରେ ଶୁକ୍ରବାର ନମାଜ ପାଠ ପୂର୍ବରୁ ବିକ୍ଷୋଭକାରୀ ଓ ସରକାର ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ଲୋକଙ୍କୁ ଘଉଡାଇବା ପାଇଁ ପୋଲିସ ଅନେକ ସ୍ଥାନରେ କଠୋର ପଦକ୍ଷେପ ନେଇଛି। ନିରାପତ୍ତା ଦୃଷ୍ଟିରୁ ଢାକାରେ ସବୁ ପ୍ରକାର ରାଲି, ଶୋଭାଯାତ୍ରା ଓ ସମ୍ମିଳନୀ ଉପରେ କଟକଣା ଲଗାଯାଇଥିବା ପୋଲିସ ମୁଖ୍ୟ ହବିବୁର ରହମାନ ସୂଚନା ଦେଇଛନ୍ତି। ଗୁରୁବାର ବିକ୍ଷୋଭବେଳେ ଉତ୍ତ୍ୟକ୍ତ ଛାତ୍ରୀଛାତ୍ର ପ୍ରାୟ ୫୦ ପୋଲିସ ବୁଥ୍‌କୁ ଜାଳିଦେଇଥିଲେ। ଏଥିରେ ଶତାଧିକ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ଇତିମଧ୍ୟରେ ପଶ୍ଚିମବଙ୍ଗର ଅନେକ ବାମପନ୍ଥୀ ସଙ୍ଗଠନ ଓ ଛାତ୍ର ସଂସଦ ପଡ଼ୋଶୀ ଦେଶରେ ସଂରକ୍ଷଣ ବିରୋଧୀ ଆନ୍ଦୋଳନ ସମର୍ଥନରେ କୋଲକାତାସ୍ଥିତ ବାଂଲାଦେଶ ଉପଉଚ୍ଚାୟୁକ୍ତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଇତିମଧ୍ୟରେ ବାଲାଂଦେଶରେ ବସବାସ କରୁଥିବା ୧୫ହଜାର ଭାରତୀୟଙ୍କ ମଧ୍ୟରୁ ୨୪୫ ଜଣ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରିଥିବା ଜଣାପଡ଼ିଛି।

# ଭାରତରେ ୫୬ ବିମାନ ରଦ୍ଦ

## ୧୬୦ ଫ୍ଲାଇଟ୍ ଚଳାଚଳ ପ୍ରଭାବିତ

ନୂଆଦିଲ୍ଲୀ, ୧୯।୭




ମାଇକ୍ରୋସଫ୍ଟ/କ୍ରାଉଡ୍‌ଷ୍ଟ୍ରାଇକ୍ ସମସ୍ୟାର ପ୍ରଭାବ ଭାରତର ଅନେକ ବିମାନବନ୍ଦର ଉପରେ ପଡ଼ିଛି। ଗ୍ଲୋବାଲ କମ୍ପ୍ୟୁଟର ଆଉଟ୍‌ରେଜ୍ ପରେ ଭାରତୀୟ ଏୟାରଲାଇନ୍ସଗୁଡ଼ିକ ବୈଷୟିକ ଓ ପରିଚାଳନାଗତ ଅସୁବିଧା ଦେଇ ଗତି କରୁଛି। ହାତଲେଖା ମାନୁଆଲ ବୋର୍ଡିଂ ପାସ୍ ଜାରି କରାଯାଉଥିବାରୁ ବୁକିଂ, ପାସେଞ୍ଜର ଚେକ୍-ଇନ୍ସ ଓ ବୋର୍ଡିଂ ପ୍ରକ୍ରିୟା ବିଳମ୍ବିତ ହୋଇଛି। ଇଣ୍ଡିଗୋ, ସ୍ପାଇସ୍ ଜେଟ୍ ଓ ଆକାଶ ଏୟାର ବିମାନ ଚଳାଚଳ ପ୍ରଭାବିତ ହୋଇଛି। ଫଳରେ ବିମାନବନ୍ଦରଗୁଡ଼ିକରେ ଯାତ୍ରୀଙ୍କୁ ଲମ୍ବାଧାଡ଼ିରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ଆଭିଏଶନ୍ ଆନାଲିଟିକ୍ସ ଫାର୍ମ ସିରିୟମ୍‌ର ତଥ୍ୟ ଅନୁସାରେ ଭାରତର ବିଭିନ୍ନ ବିମାନବନ୍ଦରରୁ ଶୁକ୍ରବାର ଚାଲିବାକୁ ଥିବା ୩,୬୫୨ ବିମାନ ମଧ୍ୟରୁ ୫୬ଟି ଫ୍ଲାଇଟ୍‌କୁ ରଦ୍ଦ କରିବାକୁ ପଡ଼ିଛି। ତେବେ ବିମାନ ଚଳାଚଳ ମନ୍ତ୍ରଣାଳୟ ଏବଂ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ (ଏଏଆଇ) ମାନୁଆଲ ପଦ୍ଧତି ଆପଣାଇ ବ୍ୟାଘାତ ଦୂର କରିବା ଲାଗି ତତ୍ପରତାର ସହ କାର୍ଯ୍ୟ କରୁଥିବା ମନ୍ତ୍ରୀ ରାମମୋହନ ନାଇଡୁ ଯାତ୍ରୀମାନଙ୍କୁ ଆଶ୍ୱାସନା ଦେଇଛନ୍ତି।

ଆମେରିକାନ୍ ଟେକ୍ ଜାଏଣ୍ଟ ମାଇକ୍ରୋସଫ୍ଟରେ ଅବ୍ୟବସ୍ଥା ଯୋଗୁ ଭାରତରେ ଅନେକ ସେବା ବାଧାପ୍ରାପ୍ତ ହୋଇଛି। ମାଇକ୍ରୋସଫ୍ଟ ୱିଣ୍ଡୋଜ୍ ୟୁଜର୍ସ ନିଜ ସିଷ୍ଟମ୍‌ରେ ବାରମ୍ବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମନିଟରରେ ବ୍ଲ୍ୟୁ ସ୍କ୍ରିନ୍ ଅଫ୍ ଡେଥ୍ (ବିଏସ୍‌ଓଡି) ଏରର୍ ଦେଖାଯାଉଛି। ଫଳରେ କମ୍ପ୍ୟୁଟର ଓ ଲାପ୍‌ଟପ୍‌ଗୁଡ଼ିକୁ ରିଷ୍ଟାର୍ଟ କରିବାକୁ ପଡୁଛି। ରିପୋର୍ଟ ଅନୁଯାୟୀ ଦେଶର ବିଭିନ୍ନ ଭାଗରେ ପ୍ରାୟ ୧୬୦ ବିମାନ ଚଳାଚଳ ପ୍ରଭାବିତ ହୋଇଛି। ସେହିପରି ଏସ୍‌ବିଆଇ, ଆଇସିଆଇସିଆଇ, ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ଏଚ୍‌ଡିଏଫ୍‌ସି ଭଳି ବ୍ୟାଙ୍କଗୁଡ଼ିକର ଅନ୍‌ଲାଇନ୍ ସେବା ବାଧାପ୍ରାପ୍ତ ହୋଇଛି। ମାଇକ୍ରୋସଫ୍ଟ ୩୬୫, ମାଇକ୍ରୋସଫ୍ଟ ଟିମ୍ ଏବଂ ମାଇକ୍ରୋସଫ୍ଟ ଆଜ୍ୟୁର୍ ଭଳି କମ୍ପାନୀର ଅନେକ ଆପ୍ଲିକେଶନ୍ ପ୍ରଭାବିତ ହୋଇଛି। ଏପରି କି ଇନ୍‌ଷ୍ଟାଗ୍ରାମ୍, ଆମାଜନ୍ ଓ ଜିମେଲ୍ ବ୍ୟବହାର ବେଳେ ମଧ୍ୟ ଅନେକ ୟୁଜର୍ସ ଅସୁବିଧା ଭୋଗିଥିବା କହିଛନ୍ତି। ଇତିମଧ୍ୟରେ ମାଇକ୍ରୋସଫ୍ଟ ସିଷ୍ଟମ୍ ଆଉଟ୍‌ରେଜ୍ ଯୋଗୁ ଭାରତୀୟ ପୁଞ୍ଜି ବଜାରର କାର୍ଯ୍ୟକାରିତାରେ କୌଣସି ପ୍ରଭାବ ପଡ଼ି ନ ଥିବା ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷେ ଲଣ୍ଡନ୍ ଷ୍ଟକ୍ ଏକ୍ସଚେଞ୍ଜ ଏବଂ ବ୍ରିଟେନ୍‌ର ନ୍ୟାଶନାଲ ହେଲ୍‌ଥ ସର୍ଭିସ୍ ସମେତ ଅନେକ ଅଫିସ୍ ବହୁଳ ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ଅଷ୍ଟ୍ରେଲିଆରେ ଏହି ଆଉଟ୍‌ରେଜ୍‌ର ସର୍ବାଧିକ ପ୍ରଭାବ ପଡ଼ିଛି।

> "ଏହା କୌଣସି ସାଇବର ଆକ୍ରମଣ ନୁହେଁ। ୱିଣ୍ଡୋଜ୍ ହୋଷ୍ଟସ୍‌ର ଏକ ସିଙ୍ଗଲ କଣ୍ଟେଣ୍ଟ ଅପ୍‌ଡେଟ୍‌ରେ ତ୍ରୁଟି ପରିଲକ୍ଷିତ ହୋଇଛି। ଏହାକୁ ଦୂର କରିବା ପାଇଁ କମ୍ପାନୀ ତତ୍ପରତା ସହ କାର୍ଯ୍ୟ କରୁଛି। ଏହି ସମସ୍ୟା ଯୋଗୁ ଅସୁବିଧାର ସମ୍ମୁଖୀନ ହୋଇଥିବା ସମସ୍ତଙ୍କ ନିକଟରେ ଆମେ ଦୁଃଖ ପ୍ରକାଶ କରୁଛୁ।
> **-ଜର୍ଜ କୁର୍ଟଜ, କ୍ରାଉଡ୍‌ଷ୍ଟ୍ରାଇକ୍ ସିଇଓ**

> "ଏକ ଥାର୍ଡ-ପାର୍ଟି ସଫ୍ଟୱେର ପ୍ଲାଟ୍‌ଫର୍ମରୁ ଏକ ଅପ୍‌ଡେଟ୍ ଯୋଗୁ ୱିଣ୍ଡୋଜ୍ ଡିଭାଇସ୍‌ଗୁଡ଼ିକ ପ୍ରଭାବିତ ହେବାରୁ ସୃଷ୍ଟି ହୋଇଥିବା ସମସ୍ୟା ସମ୍ପର୍କରେ ଆମେ ସଚେତନ ଅଛୁ। ଏହାର ଶୀଘ୍ର ସମାଧାନ ପାଇଁ ଆଶାବାଦୀ।
> **-ମାଇକ୍ରୋସଫ୍ଟ**

> "ଭାରତ ସରକାର ଆମେରିକୀୟ ଟେକ୍ ଜାଏଣ୍ଟ ମାଇକ୍ରୋସଫ୍ଟ ସହ ଯୋଗାଯୋଗରେ ଅଛନ୍ତି। ମାଇକ୍ରୋସଫ୍ଟ ଆଉଟ୍‌ରେଜ୍‌ର କାରଣ ଜଣାପଡ଼ିଲାଣି। ଏହାର ସମାଧାନ ପାଇଁ ଉଦ୍ୟମ ଚାଲିଛି। ତେବେ ଏଥିଯୋଗୁ ନ୍ୟାଶନାଲ ଇନ୍‌ଫର୍ମେଟିକ୍ ସେଣ୍ଟର (ଏନ୍‌ଆଇସି) ପ୍ରଭାବିତ ହୋଇନାହିଁ।
> **-ଅଶ୍ୱିନୀ ବୈଷ୍ଣବ, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ**

### ରୁଷିଆରେ ଏୟାର ଇଣ୍ଡିଆ ବିମାନର ଏମର୍ଜେନ୍ସି ଲ୍ୟାଣ୍ଡିଂ



ମସ୍କୋ, ୧୯।୭

ଦିଲ୍ଲୀରୁ ସାନ୍‌ଫ୍ରାନ୍ସିସ୍କୋ ଯାଉଥିବା 'ଏୟାର ଇଣ୍ଡିଆ'ର ଏଆଇ-୧୮୩ ବିମାନରେ ଯାନ୍ତ୍ରିକ ତ୍ରୁଟି ଦେଖାଯିବା ଯୋଗୁ ଶୁକ୍ରବାର ଏହା ରୁଷିଆର କ୍ରାସ୍‌ନୋୟାର୍ସକ ବିମାନବନ୍ଦରରେ ଜରୁରୀ ଅବତରଣ କରିଛି। ଏନେଇ ଏୟାରଲାଇନ୍ସ ପକ୍ଷରୁ ମାଇକ୍ରୋବ୍ଲଗିଂ ପ୍ଲାଟ୍‌ଫର୍ମ ଏକ୍ସ'ରେ ସୂଚନା ଦିଆଯାଇଛି। ବିମାନରେ ଥିବା ସମସ୍ତ ୨୨୫ ଜଣ ଯାତ୍ରୀ ଏବଂ ୧୯ ଜଣ କ୍ରୁ ସଦସ୍ୟ ସୁରକ୍ଷିତ ଥିବା ଏୟାର ଇଣ୍ଡିଆ କହିଛି। କ୍ରାସ୍‌ନୋୟାର୍ସକ ବିମାନବନ୍ଦର ଅଧିକାରୀଙ୍କ ପକ୍ଷରୁ ସମସ୍ତ ଯାତ୍ରୀଙ୍କର ଯତ୍ନ ନିଆଯାଉଛି। ଖୁବ୍‌ଶୀଘ୍ର ଅନ୍ୟ ଏକ ବିମାନ ଯୋଗେ ଉକ୍ତ ଯାତ୍ରୀମାନଙ୍କୁ ସାନ୍‌ଫ୍ରାନ୍ସିସ୍କୋ ପହଞ୍ଚାଇବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ଏୟାର ଇଣ୍ଡିଆ କହିଛି।

# ବିଲକିସ୍ ମାମଲା: ୨ ଦୋଷୀଙ୍କ ଆବେଦନ ଖାରଜ

ନୂଆଦିଲ୍ଲୀ, ୧୯।୭



ବହୁଚର୍ଚ୍ଚିତ ବିଲକିସ୍ ବାନୋ ମାମଲାରେ ୧୧ ଦୋଷୀଙ୍କ ମଧ୍ୟରୁ ୨ ଦୋଷୀଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ ଉପରେ ବିଚାର କରିବାକୁ ନେଇ ହୋଇଥିବା ଆବେଦନକୁ ଶୁକ୍ରବାର ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ରାଧାଶ୍ୟାମ ଭଗବାନ ଦାସ ଓ ରାଜୁଭାଇ ବାବୁଲାଲ ସୋନି ଅନ୍ତରୀଣ ଜାମିନ ପାଇଁ ସର୍ବୋଚ୍ଚ କୋର୍ଟଙ୍କ ନିକଟରେ ଆବେଦନ ଦାଖଲ କରିଥିଲେ। ଜଷ୍ଟିସ ସଞ୍ଜୟ କୁମାର ଓ ଜଷ୍ଟିସ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଆବେଦନର ଶୁଣାଣି କରିବାକୁ ଅଗ୍ରାହ୍ୟ କରିଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ଅନ୍ୟ ଏକ ଖଣ୍ଡପୀଠ ଦ୍ୱାରା ଦିଆଯାଇଥିବା ଆଦେଶ ବିରୋଧରେ କିପରି ଅପିଲ କରାଯାଇଛି ବୋଲି ଜଷ୍ଟିସ ସଞ୍ଜୟ କୁମାର ଓ ଜଷ୍ଟିସ ସଞ୍ଜୀବ ଖାନ୍ନା ପ୍ରଶ୍ନ କରିଛନ୍ତି। ଏହି ମାମଲାରେ ଜେଲରେ ଥିବା ୧୧ ଦୋଷୀଙ୍କୁ ଖଲାସ କରିବାକୁ ଗୁଜରାଟ ସରକାର ୨୦୨୨ରେ ନିର୍ଦ୍ଦେଶ ଦେଇଥିଲେ। ତେବେ ଗତ ଜାନୁୟାରୀରେ ଗୁଜରାଟ ସରକାରଙ୍କ ଏହି ନିର୍ଦ୍ଦେଶକୁ ସୁପ୍ରିମକୋର୍ଟ ରଦ୍ଦ କରିଥିଲେ। ସୂଚନାଯୋଗ୍ୟ, ୩ ମାର୍ଚ୍ଚ ୨୦୦୨ରେ ଗୁଜରାଟର ଗୋଧ୍ରା ଦଙ୍ଗାରେ ବିଲକିସ୍ ବାନୋଙ୍କୁ ଗଣବଳାତ୍କାର କରାଯାଇ ତାଙ୍କ ପରିବାରର ୭ ସଦସ୍ୟଙ୍କୁ ହତ୍ୟା କରାଯାଇଥିଲା।

# ପୂଜା ଖେଡ୍‌କରଙ୍କ ବିରୋଧରେ ୟୁପିଏସ୍‌ସିର ଏଫ୍‌ଆଇଆର୍

ନୂଆଦିଲ୍ଲୀ, ୧୯।୭



ଭାରତୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ଶୁକ୍ରବାର ବିବାଦୀୟ ପ୍ରୋବେଶନାରି ଆଇଏଏସ୍ ଅଧିକାରୀ ପୂଜା ଖେଡ୍‌କରଙ୍କ ବିରୋଧରେ ଏଫ୍‌ଆଇଆର୍ ରୁଜୁ କରିଛି। ବିଭିନ୍ନ ନକଲି ପ୍ରମାଣପତ୍ର ବ୍ୟବହାର କରି ୟୁପିଏସ୍‌ସି ପକ୍ଷରୁ ଆୟୋଜିତ ସିଭିଲ ସର୍ଭିସ ପରୀକ୍ଷା-୨୦୨୨ ଦେଇଥିବାରୁ ତାଙ୍କ ବିରୋଧରେ ଏହି ଏଫ୍‌ଆଇଆର ରୁଜୁ କରାଯାଇଥିବା ନେଇ ୟୁପିଏସ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ସିଭିଲ ସର୍ଭିସ ପରୀକ୍ଷା-୨୦୨୨ ପାଇଁ ପୂଜାଙ୍କ ପ୍ରାର୍ଥିତ୍ୱକୁ କାହିଁକି ବାତିଲ କରା ନ ଯିବ ଏବଂ ଭବିଷ୍ୟତରେ ଆୟୋଗ ଦ୍ୱାରା ପରିଚାଳିତ କୌଣସି ପରୀକ୍ଷାରେ ତାଙ୍କୁ କାହିଁକି ବାରଣ କରା ନ ଯିବ ବୋଲି ପୂଜାଙ୍କୁ ୟୁପିଏସ୍‌ସି କାରଣ ଦର୍ଶାଅ ନୋଟିସ ଜାରି କରିଛି। ୟୁପିଏସ୍‌ସି ପକ୍ଷରୁ ଏକ ବୟାନ ଜାରି କରାଯାଇ କୁହାଯାଇଛି, ପୂଜାଙ୍କ ବିରୋଧରେ ଆସିଥିବା ବିଭିନ୍ନ ଅଭିଯୋଗ ସମ୍ପର୍କରେ ଆୟୋଗ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିଛନ୍ତି। ପୂଜା ନିଜର ନାମ, ମାତାପିତାଙ୍କ ନାମ, ନିଜ ଫଟୋ, ସ୍ୱାକ୍ଷର, ଇମେଲ ଆଇଡି, ମୋବାଇଲ ନମ୍ବର ଏବଂ ଠିକଣା ଆଦି ବଦଳାଇ ନକଲି ପରିଚୟପତ୍ର ପ୍ରସ୍ତୁତ କରି ସିଭିଲ ସର୍ଭିସ ପରୀକ୍ଷା ଦେଇଥିବା ୟୁପିଏସ୍‌ସି ଏହି ଏଫ୍‌ଆଇଆର୍‌ରେ ଦର୍ଶାଇଛି। ସପଟେ ଏକ ଜମି ବିବାଦକୁ ନେଇ ବନ୍ଧୁକ ଦେଖାଇ କେତେଜଣ ଲୋକଙ୍କୁ ଧମକ ଦେଉଥିବା ଅଭିଯୋଗରେ ଗିରଫଦାରୀ ପୂର୍ବରୁ ଶୁକ୍ରବାର ପୂଜାଙ୍କ ବାପା ଦିଲ୍ଲୀପ ଖେଡ୍‌କରଙ୍କୁ ଆସନ୍ତା ୨୫ ଯାଏ ପୁଣେର ଏକ ସ୍ୱତନ୍ତ୍ର କୋର୍ଟ ଜାମିନ ପ୍ରଦାନ କରିଛନ୍ତି। ସମାନ ମାମଲାରେ ପୂଜାଙ୍କ ମା' ମନୋରମା ଖେଡ୍‌କରଙ୍କୁ ଗୁରୁବାର ପୁଣେ ପୋଲିସ ଗିରଫ କରିଥିଲା। ତାଙ୍କୁ କୋର୍ଟ ଶନିବାର ପର୍ଯ୍ୟନ୍ତ ପୋଲିସ ହାଜତକୁ ପଠାଇ ଦେଇଛନ୍ତି।

## ଫୁର୍‌ସତ୍

# 'ଦେବା'ରେ ଶାହିଦ୍‌ଙ୍କ ଆକ୍ସନ ଅବତାର




ମୁମ୍ବାଇ

'ତେରୀ ବାତୋ ମେଁ ଐସା ଉଲ୍‌ଝା ଜିଆ' ପରେ ବଲିଉଡ୍ ଅଭିନେତା ଶାହିଦ୍ କପୁରଙ୍କୁ ଫିଲ୍ମ 'ଦେବା'ରେ ଦେଖିବାକୁ ମିଳିବ। 'ଜି ଷ୍ଟୁଡିଓଜ୍' ଓ 'ରଏ କପୁର ଫିଲ୍ମସ୍' ପକ୍ଷରୁ ନିର୍ମିତ ହୋଇଥିବା ଏହି ଫିଲ୍ମରେ ରୋଶନ୍ ଆଣ୍ଡ୍ରୁଜ୍ ନିର୍ଦ୍ଦେଶନା ଦେଉଥିବା ବେଳେ ସିଦ୍ଧାର୍ଥ ରଏ କପୁର ଏହି ଫିଲ୍ମର ପ୍ରଯୋଜକ ରହିଛନ୍ତି। ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ଶୁକ୍ରବାର 'ଦେବା'ର ରିଲିଜ୍ ତାରିଖ ସହ ଫିଲ୍ମରେ ଶାହିଦ କପୁରଙ୍କ ଲୁକ୍ ଉପରୁ ପରଦା ଉଠାଯାଇଛି।

ଶୁକ୍ରବାର ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଇନ୍‌ଷ୍ଟାଗ୍ରାମରେ 'ଜି ଷ୍ଟୁଡିଓଜ୍' ଓ 'ରଏ କପୁର ଫିଲ୍ମସ୍' ପକ୍ଷରୁ 'ଦେବା'ରେ ଶାହିଦ୍‌ଙ୍କ ପ୍ରଥମ ଲୁକ୍‌କୁ ଶେୟାର କରାଯାଇଛି। ସେହିପରି ଆସନ୍ତା ବର୍ଷ ଫେବୃୟାରୀ ୧୪ରେ ଏହି ଫିଲ୍ମ ରିଲିଜ୍ ହେବାକୁ ଯାଉଥିବା ନେଇ ଉକ୍ତ ପୋଷ୍ଟରେ ସୂଚନା ଦିଆଯାଇଛି। ଫିଲ୍ମ ନିର୍ମାତାଙ୍କ ପକ୍ଷରୁ କରାଯାଇଥିବା ଏହି ପୋଷ୍ଟକୁ ଶାହିଦ୍ ରି-ପୋଷ୍ଟ କରିଛନ୍ତି। ଏହି ଫଟୋରେ ଶାହିଦ୍ ବନ୍ଧୁକ ଧରି ବୁଲେଟ୍ ପ୍ରୁଫ୍ ଜ୍ୟାକେଟ୍ ପିନ୍ଧିଥିବା ନଜର ଆସିଛନ୍ତି। ଫିଲ୍ମରେ ଜଣେ ପୋଲିସ ଅଧିକାରୀଙ୍କ ଭୂମିକାରେ ଶାହିଦ ଅଭିନୟ କରୁଥିବା ନେଇ ଏହି ଲୁକ୍‌ରୁ ସ୍ପଷ୍ଟ ଜଣାପଡୁଛି। ଶାହିଦଙ୍କ ଏହି ଲୁକ୍‌କୁ ତାଙ୍କ ପ୍ରଶଂସକମାନେ କମେଣ୍ଟ ମାଧ୍ୟମରେ ବେଶ୍ ପ୍ରଶଂସା କରିଛନ୍ତି।

'ଦେବା' ଏକ ଥ୍ରୀଲର, ଡ୍ରାମା ଏବଂ ଆକ୍ସନ୍ ଭିତ୍ତିକ ଚଳଚ୍ଚିତ୍ର ହୋଇଥିବାବେଳେ ଏଥିରେ ଶାହିଦ୍‌ଙ୍କ ବିପକ୍ଷରେ ଅଭିନେତ୍ରୀ ପୂଜା ହେଗ୍‌ଡେ ନଜର ଆସିବେ। ଫିଲ୍ମରେ ପୂଜା ଜଣେ ସାମ୍ବାଦିକାଙ୍କ ଚରିତ୍ରରେ ଅଭିନୟ କରୁଛନ୍ତି।

# ଚପଲର ଦାମ୍ ୧ ଲକ୍ଷ

କୁଏଟ୍ ସିଟି

କୁଏତ୍‌ର ଏକ ଷ୍ଟୋରରେ ଗୋଟିଏ ହଳ ଚପଲର ଦାମ୍ ୪୫୦୦ ରିୟାଲ (ପ୍ରାୟ ୧ ଲକ୍ଷ ଟଙ୍କା) ଥିବା ନେଇ ମାଇକ୍ରୋବ୍ଲଗିଂ ପ୍ଲାଟଫର୍ମ ଏକ୍ସ'ରେ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଉକ୍ତ ଷ୍ଟୋର୍‌ରେ 'ଜାନୋବା' ବ୍ରାଣ୍ଡର ବିଭିନ୍ନ ରଙ୍ଗର ଚପଲ ଥିବା ବେଳେ ସମସ୍ତ ଚପଲ ହଳର ଦାମ୍ ୪୫୦୦ ରିୟାଲ ହୋଇଥିବା ନେଇ ଷ୍ଟିକର ଲାଗିଥିବା ଦେଖିବାକୁ ମିଳୁଛି। ଭିଡିଓର କ୍ୟାପ୍‌ଶନରେ ଲେଖାହୋଇଛି, '୪୫୦୦ ରିୟାଲ ମୂଲ୍ୟରେ ସବିଶେଷ ଫ୍ୟାଶନ ବିଶିଷ୍ଟ ଜାନୋବା' ବ୍ରାଣ୍ଡର ଚପଲ।' ଏହି ପୋଷ୍ଟରେ ଚପଲର ମୂଲ୍ୟ ଦେଖି ଅନେକ ସୋସିଆଲ ମିଡିଆ ୟୁଜର୍ସ ଚକିତ ହୋଇଯାଇଛନ୍ତି। ଭିଡିଓରେ ଦେଖିବାକୁ ମିଳୁଥିବା ଚପଲ ସାଧାରଣତଃ ବାଥ୍‌ରୁମରେ ପିନ୍ଧା ଯାଉଥିବା ଚପଲ ଭଳି ଦେଖାଯାଉଥିବାବେଳେ, ଏହାର ମୂଲ୍ୟ ଏତେ ଅଧିକ କାହିଁକି ବୋଲି ଅନେକ ୟୁଜର୍ସ ପ୍ରଶ୍ନ କରିଛନ୍ତି।

# ବୁଦ୍ଧିମାନ ଲୋକଙ୍କ ଖେଳ

## ଆଜି ଅନ୍ତର୍ଜାତୀୟ ଚେସ୍ ଦିବସ



ପ୍ରତି ବର୍ଷର ଜୁଲାଇ ୨୦ ତାରିଖକୁ ଅନ୍ତର୍ଜାତୀୟ ଚେସ୍ ଦିବସ ଭାବରେ ପାଳନ କରାଯାଏ। ବୁଦ୍ଧିମାନ ଲୋକଙ୍କ ଖେଳ ଭାବରେ ପରିଚିତ ଏହି ଖେଳ ଦୁଇ ଜଣ ଖେଳାଳିଙ୍କ ମଧ୍ୟରେ ଖେଳାଯାଏ। ଚେସ୍ ଖେଳର ଇତିହାସ ୧୫୦୦ ବର୍ଷରୁ ଅଧିକ ପୁରୁଣା ହୋଇଥିଲେ ମଧ୍ୟ ଜୁଲାଇ ୨୦, ୧୯୨୪ରେ ପ୍ରଥମେ ଅନ୍ତର୍ଜାତୀୟ ଚେସ୍ ଫେଡେରେଶନ୍(ଫିଡେ) ସ୍ଥାପନ କରାଯାଇଥିଲା। ଏହି ଦିବସକୁ ସ୍ମରଣୀୟ କରିବା ପାଇଁ ପ୍ରତ୍ୟେକ ବର୍ଷ ବିଶ୍ୱ ଚେସ୍ ଦିବସ ପାଳନ କରାଯାଉଛି। ସମଗ୍ର ବିଶ୍ୱରେ ଚେସ୍‌କୁ ନେଇ ସଚେତନତା ସୃଷ୍ଟି କରିବା ଓ ଏହାର ଫାଇଦା ଜଣାଇବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ।

ଏହାର ଇତିହାସ ଅନେକ ପୁରୁଣା। ଏହାକୁ ନେଇ ଭିନ୍ନ ଭିନ୍ନ କାହାଣୀ ମଧ୍ୟ ରହିଛି। ଖ୍ରୀଷ୍ଟାବ୍ଦ ୩୧୯-୫୪୩ ମଧ୍ୟରେ ଉତ୍ତର ଭାରତରେ ଗୁପ୍ତ ସାମ୍ରାଜ୍ୟ ଦ୍ୱାରା ଆରମ୍ଭ କରାଯାଇଥିଲା। ପ୍ରାରମ୍ଭରେ ଏହାର ନାମ ଚତୁରଙ୍ଗ ରହିଥିଲା। ସିଲ୍କ ରୋଡ ମାଧ୍ୟମରେ ଏହା ପର୍ସିଆରେ ପହଞ୍ଚିବା ପରେ ଏହାର ନାମକରଣ ଚେସ୍ ହୋଇଥିଲା। ଇତିହାସକାରଙ୍କ ଅନୁସାରେ ଜନୈକ ଭାରତୀୟ ରାଷ୍ଟ୍ରଦୂତ ପର୍ସିଆ ଗସ୍ତ ସମୟରେ ରାଜା ଖର୍ସୋ(୫୩୧-୫୭୯ ଖ୍ରୀଷ୍ଟାବ୍ଦ)ଙ୍କୁ ଏକ ଚତୁରଙ୍ଗ ବୋର୍ଡ ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ଏହା ପର୍ସିଆରେ ଲୋକପ୍ରିୟତା ହାସଲ କରିବା ସହ ୟୁରୋପରେ ପହଞ୍ଚିଥିଲା। ଅଲ ସୁଲି ଓ ଅଲ ଲାଜଲାଜ ନାମକ ଦୁଇ ଜଣ ବ୍ୟକ୍ତି ଏହି ଖେଳର ନିୟମ ନିର୍ଦ୍ଧାରଣ କରିଥିବା ବେଳେ ୯୦୦-୧୦୦୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ଏହା ୟୁରୋପରେ ପହଞ୍ଚିଥିଲା। ୟୁରୋପ ମଧ୍ୟ ଦେଇ ଏହି ଖେଳ ରୁଷିଆରେ ପହଞ୍ଚିଥିଲା। ୧୯୨୪ ପର୍ଯ୍ୟନ୍ତ ଏହି ଖେଳଟି ଅଣ ସଂଗଠିତ ରହିଥିବା ବେଳେ ଜୁଲାଇ ୨୦ ତାରିଖରେ ପ୍ୟାରିସ୍‌ରେ ଫିଡେ ସ୍ଥାପନ କରାଯାଇଥିଲା। ୧୨ ଡିସେମ୍ବର ୨୦୧୮ରେ ଫିଡେ ସାଧାରଣ ପରିଷଦ ପକ୍ଷରୁ ଅନ୍ତର୍ଜାତୀୟ ଚେସ୍ ଦିବସ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା।



ଶୁକ୍ରବାର ନୀଳାଦ୍ରିବିଜେ ଅବ୍ୟବହିତ ପୂର୍ବରୁ ପୂର୍ବାହ୍ନରେ ଶ୍ରୀମନ୍ଦିର ସମ୍ମୁଖରେ ରଥାରୂଢ଼ ତିନି ଠାକୁରଙ୍କୁ ଭକ୍ତମାନେ ଦର୍ଶନ କରୁଛନ୍ତି। **(ଫଟୋ: ଯଜ୍ଞେଶ୍ୱର ମହାନ୍ତି)**

**ଅବପାତରେ ପରିଣତ ହେଲା ଲଘୁଚାପ**

# ୪ ଜିଲ୍ଲାକୁ ରେଡ୍, ୭ ଜିଲ୍ଲାକୁ ଅରେଞ୍ଜ ୱାର୍ନିଂ

**ଭୁବନେଶ୍ୱର,୧୯।୭(ଅନିଲ ଦାସ)**

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଶୁକ୍ରବାର ଅବପାତରେ ପରିଣତ ହୋଇଛି। ଏହା ପୁରୀଠାରୁ ଦକ୍ଷିଣ-ଦକ୍ଷିଣ ପଶ୍ଚିମ ଦିଗରେ ୫୦ କିମି ଏବଂ ଗୋପାଳପୁର ଓ ପାରାଦୀପଠାରୁ ୯୦ କିମି ଦୂରରେ କେନ୍ଦ୍ରୀଭୂତ ହୋଇଛି । ଏହା ଘଣ୍ଟା ପ୍ରତି ୭ କି.ମି. ବେଗରେ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗ ଦେଇ ଗତି କରୁଛି। ଶନିବାର ଅବପାତ ପୁରୀ ଜିଲ୍ଲାର ଚିଲିକା ଉପକୂଳ ଦେଇ ଓଡ଼ିଶା ଉପକୂଳ ଅତିକ୍ରମ କରିବା ସମ୍ଭାବନା ରହିଛି । ଏହା ପ୍ରଭାବରେ ପୁରୀ ସମେତ ରାଜ୍ୟରେ ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଲଘୁଚାପ ପ୍ରଭାବରେ ଓଡ଼ିଶା ଉପକୂଳ ଓ ଏହା ସଂଲଗ୍ନ ଉତ୍ତର ବଙ୍ଗୋପସାଗରରେ ଘଣ୍ଟାପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିବ। ଏହି ସମୟରେ ସମୁଦ୍ରକୁ ନ ଯିବା ପାଇଁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ ଦିଆଯାଇଛି।

ବର୍ଷା ଯୋଗୁ ବିଭିନ୍ନ ନଦୀ, ନାଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଏଥିସହିତ ପାହାଡ଼ିଆ ଅଞ୍ଚଳରେ ମାଟି ଅତଡ଼ା ଧସିବାର ସମ୍ଭାବନା ରହିଛି। ଯେକୌଣସି ଅପ୍ରୀତିକର ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ସ୍ୱତନ୍ତ୍ର ରିଲିଫ କମିଶନର (ଏସଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ଦୁର୍ବଳ ନଦୀ ଓ କେନାଲ ବନ୍ଧଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ଜଳ ସମ୍ପଦ ବିଭାଗ ଇଞ୍ଜିନିୟରମାନଙ୍କୁ କୁହାଯାଇଛି। ଏଥିସହିତ ସହରାଞ୍ଚଳରେ ଯେଉଁ ସ୍ଥାନଗୁଡ଼ିକ ଜଳମଗ୍ନ ହେବାର ଆଶଙ୍କା ରହିଛି ସେ ସବୁ ସ୍ଥାନକୁ ଜଳମୁକ୍ତ କରିବା ପାଇଁ ଆଗୁଆ ପ୍ରସ୍ତୁତି କରିବାକୁ ମଧ୍ୟ ଏସ୍‌ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ଲଘୁଚାପ ପ୍ରଭାବରେ ଶୁକ୍ରବାରଠାରୁ ରାଜ୍ୟରେ ୪ ଦିନ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ। କେତେକ ଜିଲାରେ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷ କରି ଦକ୍ଷିଣ ଓ ଉପକୂଳବର୍ତ୍ତୀ ଜିଲାରେ ଅତି ପ୍ରବଳ ବର୍ଷା ହେବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ, ମାଲକାନଗିରି, କଳାହାଣ୍ଡି ଏବଂ ନବରଙ୍ଗପୁର ଜିଲାରେ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲାପାଇଁ ପାଣିପାଗ ବିଭାଗ ପକ୍ଷରୁ ରେଡ୍‌ୱାର୍ନିଂ ଜାରି କରାଯାଇଛି। ଏହି ସମୟରେ କନ୍ଧମାଳ, ବୌଦ୍ଧ, ବଲାଙ୍ଗୀର, ନୂଆପଡ଼ା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲାରେ ମଧ୍ୟ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲାପାଇଁ ଅରେଞ୍ଜ୍‌ୱାର୍ନିଂ ଜାରି କରାଯାଇଛି।

ଏହାଛଡ଼ା ବରଗଡ଼, ସୋନପୁର, ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, କଟକ, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲାରେ ୭ରୁ ୧୧ ସେଣ୍ଟି ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହେବ। ଏହି ଜିଲାଗୁଡ଼ିକ ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି।

ରବିବାର ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ଦେବଗଡ଼, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ ଗୋଟିଏରୁଦୁଇଟିସ୍ଥାନରେପ୍ରବଳବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲାରେ ୭ରୁ ୧୧ ସେଣ୍ଟି ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହେବ। ସେଥିପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି।

ସୋମବାର ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ ଗୋଟିଏରୁଦୁଇଟିସ୍ଥାନରେପ୍ରବଳବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲାରେ ୭ରୁ ୧୧ ସେଣ୍ଟି ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହେବ। ସେଥିପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି।

ମଙ୍ଗଳବାର ଝାରସୁଗୁଡ଼ା, ସୁନ୍ଦରଗଡ଼, ମୟୂରଭଞ୍ଜ ଓ କେନ୍ଦୁଝର ଜିଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲାରେ ୭ରୁ ୧୧ ସେଣ୍ଟିମିଟରେ ପର୍ଯ୍ୟନ୍ତ ବର୍ଷା ହେବ। ସେଥିପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଲଘୁଚାପ ଯୋଗୁ ଆସନ୍ତା ୨୬ ତାରିଖ ଯାଏ ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ଲାଗି ରହିବ।

## ବଜ୍ରପାତରେ ୧୧ ମହିଳା ଶ୍ରମିକ ଆହତ, ୨ ଗୁରୁତର

**ଉମରକୋଟ,୧୯।୭ (ସନ୍ତୋଷ ଶତପଥୀ)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ନନ୍ଦପୁରା ଗ୍ରାମର ଏକ ବିଲରେ କାମ କରିବାବେଳେ ବଜ୍ରପାତ ହେବାରୁ ୧୩ ଜଣ ମହିଳା ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣ ଗୁରୁତର ଅଛନ୍ତି। ଆହତ ଶ୍ରମିକମାନେ ହେଲେ ନନ୍ଦପୁରା ଗାଁର ମଞ୍ଜାବତୀ କନ୍ଧପାନ, ଧନମତି କନ୍ଧପାନ, ସତ୍ୟାବତୀ କନ୍ଧପାନ, ରୁକ୍ମଣୀ କନ୍ଧପାନ, ରତ୍ନାବତୀ କନ୍ଧପାନ, ଗୋମତୀ କନ୍ଧପାନ, ମଙ୍ଗରି ଗାଣ୍ଡା, ମନ୍ଦନା ଗାଣ୍ଡା, ଲକ୍ଷ୍ମୀ ମୁଣ୍ଡା, ମିନା ମୁଣ୍ଡା, ନିକିତା କନ୍ଧପାନ, ପାର୍ବତୀ ଭତ୍ରା ଓ ମାଝିଆ ଗ୍ରାମର ରେଖା କନ୍ଧପାନ। ସୂଚନାନୁଯାୟୀ, ନନ୍ଦପୁରା ଗ୍ରାମର ପ୍ରାୟ ୧୫ ଜଣ ମହିଳା ଶ୍ରମିକ ଏକ ଜମିରେ ଧାନ ରୁଆ କାମ କରୁଥିଲେ। ଏହି ସମୟରେ ଘଡ଼ଘଡ଼ି ବିଜୁଳୀ ସହ ବର୍ଷା ହୋଇଥିଲା। ସନ୍ଧ୍ୟା ପ୍ରାୟ ୫ଟାବେଳେ ଅଚାନକ ବଜ୍ରପାତ ହେବାରୁ ୧୩ଜଣ ମହିଳା ଶ୍ରମିକ ବେହୋସ ହୋଇ ବିଲରେ ହିଁ ପଡ଼ି ଯାଇଥିଲେ। ପାଖରେ ଥିବା ଅନ୍ୟ ୨ ଜଣ ମହିଳା ଶ୍ରମିକ ଗାଁକୁ ଯାଇ ଘଟଣା ସମ୍ପର୍କରେ ଜଣାଇଥିଲେ। ଗ୍ରାମବାସୀ ଆହତମାନଙ୍କୁ ଉମରକୋଟ ହସ୍ପିଟାଲ୍‌କୁ ଆଣିଥିଲେ। ନିକିତା ଓ ପାର୍ବତୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଡାକ୍ତର ସେମାନଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ଅନ୍ୟ ୧୧ ଶ୍ରମିକ ବିପଦମୁକ୍ତ ଥିବା ଡାକ୍ତର ସୂଚନା ଦେଇଛନ୍ତି।

# ୨୨ରୁ ବିଧାନସଭା, ୨୧ରେ ସର୍ବଦଳୀୟ ବୈଠକ

■ ୨୪ରେ ଉପବାଚସ୍ପତି ପଦ ପାଇଁ ନିର୍ବାଚନ
■ ୨୫ରେ ଗୃହରେ ଉପସ୍ଥାପନା ହେବ ବଜେଟ

**ଭୁବନେଶ୍ୱର,୧୯।୭(ସୁନିତ୍ ମିଶ୍ର)**

ଭାଜପା ସରକାର ରାଜ୍ୟରେ ପ୍ରଥମକରି ଆସିବା ପରେ ଆସନ୍ତା ୨୨ରୁ ପ୍ରଥମ ବିଧାନସଭା ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ତେବେ ଏହି ଅଧିବେଶନ ଚାଲିଥିବା ବେଳେ ଉପବାଚସ୍ପତି ପଦ ଲାଗି ନିର୍ବାଚନ ହେବ ବୋଲି ଜଣାପଡ଼ିଛି। ଆସନ୍ତା ୨୩ ତାରିଖରେ ଉପବାଚସ୍ପତି ପଦବୀ ଲାଗି ବିଧାନସଭାରେ ବାଚସ୍ପତି ଘୋଷଣା କରିବେ ବୋଲି ସୂଚନା ମିଳିଛି। ବାଚସ୍ପତି ପୂର୍ବାହ୍ନ ସାଢ଼େ ୧୧ଟା ସମୟରେ ଏନେଇ ଘୋଷଣା କରିବାକୁ ଥିବାବେଳେ ୧୨ଟାରେ ନାମାଙ୍କନ ଦାଖଲର ସମୟ ରଖାଯାଇଥିବା ବିଧାନସଭାର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଏଥିପାଇଁ ପ୍ରସ୍ତୁତି ପୂର୍ବରୁ ଶେଷ ହୋଇସାରିଥିବା ବେଳେ ଅଧିବେଶନ ଚାଲିଥିବା ଯୋଗୁ ଗୃହରେ ବାଚସ୍ପତି ୨୩ ତାରିଖରେ ଘୋଷଣା କରିବେ। ସେହି କ୍ରମରେ ୨୪ ତାରିଖରେ ଉପବାଚସ୍ପତି ପଦବୀ ଲାଗି ଭୋଟିଂ ହେବା ସହ ସେହିଦିନ ହିଁ ଫଳାଫଳ ଘୋଷଣା କରିଦିଆଯିବ। ତେବେ ଉପବାଚସ୍ପତି ପଦବୀ ଲାଗି ଶାସକ ଦଳ ବିରୋଧରେ ବିରୋଧୀ ପ୍ରାର୍ଥୀ ଦେବେ ନା ନାହିଁ ସେନେଇ କିଛି ସ୍ପଷ୍ଟ ଜଣାପଡ଼ି ନାହିଁ। ସଂଖ୍ୟା ଦୃଷ୍ଟିରୁ ଦେଖିଲେ ଶାସକ ଦଳ ପାଖରେ ୭୮ ଜଣ ସଦସ୍ୟ ଥିବାବେଳେ ବିରୋଧୀ ଦଳ ବିଜେଡି ପାଖରେ ୫୧ ଜଣ, କଂଗ୍ରେସର ୧୪ ଜଣ, ସିପିଆଇ(ଏମ୍)ର ଜଣେ, ସ୍ୱାଧୀନ ୩ ଜଣ ସଦସ୍ୟ ଗୃହରେ ଅଛନ୍ତି। ସ୍ୱାଧୀନ ୩ ଜଣ ବିଧାୟକଙ୍କ ସମର୍ଥନ ଭାଜପା ସପକ୍ଷରେ ରହିବ ବୋଲି ଏକ ପ୍ରକାର ନିଶ୍ଚିତ। ତେଣୁ ସଂଖ୍ୟା ଦୃଷ୍ଟିରୁ ଦେଖିଲେ ବାଚସ୍ପତି ନିର୍ବାଚନ ଭଳି ଉପବାଚସ୍ପତି ନିର୍ବାଚନରେ ବିରୋଧୀମାନେ ପ୍ରାର୍ଥୀ ନ ଦେବା ସମ୍ଭାବନା ଅଧିକ। ଆସନ୍ତା ୨୫ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ୨୦୨୪-୨୫ ଆର୍ଥିକ ବର୍ଷ ଲାଗି ବଜେଟ ଉପସ୍ଥାପନା କରିବେ। ଭାଜପା ସରକାରକୁ ଆସିବା ପରେ ଏହା ଶାସକ ଦଳ ଲାଗି ପ୍ରଥମ ବଜେଟ ଅଧିବେଶନ। ତେଣୁ ଗୃହକୁ ଚଳାଇବା ସକାଶେ ଅଧିବେଶନ ପୂର୍ବରୁ ଆସନ୍ତା ୨୧ ତାରିଖରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ। ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ବସିବାକୁ ଥିବାବେଳେ ଗୃହକୁ ସୁରୁଖୁରୁରେ ଚଳାଇବା ସକାଶେ ସେ ସମସ୍ତଙ୍କୁ ଅନୁରୋଧ କରିବେ ବୋଲି ଜଣାପଡ଼ିଛି।

# ଅକ୍ଟୋବରରୁ ମୃତ ଏନ୍‌ଏଫ୍‌ଏସ୍‌ଏ ହିତାଧିକାରୀ ଚିହ୍ନଟ ପ୍ରକ୍ରିୟା ଆରମ୍ଭ

**ବାଧ୍ୟତାମୂଳକ ହେବ ଇ-କେୱାଇସି**

**ଭୁବନେଶ୍ୱର,୧୯।୭(ଅନିଲ ଦାସ)**

ଆସନ୍ତା ଅକ୍ଟୋବରରୁ ରାଜ୍ୟରେ ମୃତ ଓ ନିଖୋଜ ରାଶନକାର୍ଡ ହିତାଧିକାରୀଙ୍କ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହେବ। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ବାସ୍ତବରେ କେତେ ହିତାଧିକାରୀ ରାଶନ ନେଉଛନ୍ତି ତାହା ଜଣାପଡ଼ିବ। ଅନେକ ହିତାଧିକାରୀ ମୃତ ହୋଇଥିଲେ ସୁଦ୍ଧା ସେମାନଙ୍କ ନାମରେ ଖାଦ୍ୟ ସାମଗ୍ରୀ ଉଠାଯାଉଛି। ଏହାକୁ ରୋକିବା ପାଇଁ ଡିଲରପଏଣ୍ଟରେ ଯାଞ୍ଚ କରାଯିବ। ଏ ପର୍ଯ୍ୟନ୍ତ ରାଜ୍ୟରେ ୧୪.୫ ଲକ୍ଷ ମୃତ ଓ ନିଖୋଜ ହିତାଧିକାରୀ ଚିହ୍ନଟ ହୋଇଛନ୍ତି। ତେବେ ଏଭଳି ଆହୁରି ଅନେକ ହିତାଧିକାରୀ ଥିଲେ ମଧ୍ୟ ତାହା ଜଣାପଡୁନାହିଁ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ତୃଣମୂଳ ସ୍ତରରେ ରାଶନକାର୍ଡ ଯାଞ୍ଚ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମାର୍କେଟ ଇଣ୍ଟେଲିଜେନ୍ସ (ଏମ୍.ଆଇ.) ଅଧିକାରୀମାନେ ଡିଲରମାନଙ୍କ ସହ ଯୋଗାଯୋଗ କରି ଡାଟା ପ୍ରସ୍ତୁତ କରିବେ। ରାଜ୍ୟରେ ୧୨ ହଜାର ସରକାରୀ ଖୁଚୁରା ଦୋକାନୀ ଅଛନ୍ତି । ସେମାନଙ୍କଠାରୁ ହିତାଧିକାରୀମାନଙ୍କର ସମସ୍ତ ତଥ୍ୟ ସଂଗ୍ରହ କରାଯିବ। ଏହାଛଡ଼ା ବାସ୍ତବ ହିତାଧିକାରୀଙ୍କୁ ଚିହ୍ନଟ କରିବାକୁ ବର୍ଷକୁ ଥରେ ହିତାଧିକାରୀଙ୍କ ଇ-କେୱାଇସି (ନୋ ୟୋର କଷ୍ଟମର) ଯୋଗାଣ ବିଭାଗ ପୋର୍ଟାଲରେ ଅପଲୋଡ୍ କରାଯିବ। ଏହାଦ୍ୱାରା ହିତାଧିକାରୀମାନଙ୍କ ବିଷୟରେ ସମସ୍ତ ତଥ୍ୟ ଜଣାଡ଼ିବ। ଏହାଦ୍ୱାରା ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ସ୍ୱଚ୍ଛତା ଓ ପାରଦର୍ଶିତା ରହି ପାରିବ ବୋଲି ଯୋଗାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ସେ କହିଛନ୍ତି, ରାଶନ ନେଉଥିବା ବ୍ୟକ୍ତି ପ୍ରକୃତ ହିତାଧିକାରୀ କି ନୁହେଁ ଡିଲରଙ୍କ ନିକଟରେ ଥିବା ପଏଣ୍ଟ ଅଫ୍ ସେଲ (ପିଓଏସ୍)ରେ ଆଙ୍ଗୁଠି ଛାପ(ଫିଙ୍ଗର ପ୍ରିଣ୍ଟସ୍) ନିଆଯିବ। ଯେଉଁ ହିତାଧିକାରୀ ଆଙ୍ଗୁଠି ଛାପ ଦେବେ ନାହିଁ ସେମାନଙ୍କର ରାଶନକାର୍ଡ ତାଲିକାରୁ ନାଁ କଟିଯିବ। ଖାଦ୍ୟ ସୁରକ୍ଷା ଯୋଜନାରେ ପାରଦର୍ଶିତା ଆଣିବା ପାଇଁ ଏ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ଗାଇଡ୍‌ଲାଇନ ଜାରି କରାଯାଇଛି ବୋଲି ସେ କହିଛନ୍ତି।




# ଅଭିଯୁକ୍ତଙ୍କୁ ଗିରଫ କରାଯାଉ

**ଏଏସ୍‌ଓଙ୍କୁ ମାଡ଼ ମାମଲା**

**ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିଲା ଘୁମୁସର ସଂଗ୍ରାମ ସମିତି**

**ଭଞ୍ଜନଗର,୧୯।୭(ବାବୁଲା ପ୍ରଧାନ)**

ରାଜଭବନରେ କାର୍ଯ୍ୟରତ ଥିବାବେଳେ ଏଏସ୍‌ଓ ବୈକୁଣ୍ଠନାଥ ପ୍ରଧାନଙ୍କୁ ରାଜ୍ୟପାଳ ରଘୁବର ଦାସଙ୍କ ପୁଅ ଲଳିତ କୁମାର ଆକ୍ରମଣ କରିବା ମାମଲାରେ ଗଞ୍ଜାମ ଜିଲା ଘୁମୁସର ସଂଗ୍ରାମ ସମିତି ପକ୍ଷରୁ ଶୁକ୍ରବାର ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ାଯାଇଛି। ଏନେଇ ସମିତିର ସଭାପତି ତଥା ପୂର୍ବତନ ପିସିସି ସଭ୍ୟ ଦେବୀ ବିଷୋଇଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ଯାଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଭଞ୍ଜନଗର ଉପଜିଲାପାଳ ଅନିଲ କୁମାର ସେଠୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ଉଲ୍ଲେଖ କରିଛନ୍ତି ଯେ ବୈକୁଣ୍ଠଙ୍କୁ ଆକ୍ରମଣ ମାମଲାରେ ରାଜ୍ୟପାଳଙ୍କ ପୁତ୍ର ଲଳିତ ଜଡ଼ିତ। ତେଣୁ ତାଙ୍କୁ ଓ ତାଙ୍କ ସହଯୋଗୀମାନଙ୍କୁ ତୁରନ୍ତ ଗିରଫ କରାଯାଉ। ରାଜ୍ୟପାଳଙ୍କୁ ଅନ୍ୟତ୍ର ବଦଳି କରାଯାଉ। ଓଡ଼ିଆ ଅସ୍ମିତା କହି ଭାଜପା କ୍ଷମତାକୁ ଆସିଲା। ଭଞ୍ଜନଗର ଭାଜପା ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ସମ୍ପର୍କୀୟ ଭଣଜା ହେଉଛନ୍ତି ବୈକୁଣ୍ଠ। ରାଜ୍ୟରେ ଭାଜପା ଶାସନ ଚାଲିଛି। ଭାଜପା ସରକାର ନିଜ ବିଧାୟକଙ୍କ ଭଣଜାଙ୍କୁ ସୁରକ୍ଷା ଦେଇ ପାରୁନାହାନ୍ତି, ରାଜ୍ୟବାସୀଙ୍କୁ କ'ଣ ସୁରକ୍ଷା ଦେବେ ବୋଲି ଦାବିପତ୍ରରେ ପ୍ରଶ୍ନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଦେବୀଙ୍କ ସମେତ ଜଗନ୍ନାଥପ୍ରସାଦ ବ୍ଲକ ପୂର୍ବତନ କଂଗ୍ରେସ ସଭାପତି ବିଦ୍ୟାଧର ପ୍ରଧାନ, ଭଞ୍ଜନଗର ବ୍ଲକ କଂଗ୍ରେସ ସଭାପତି ବିଜୟ ବେହେରା, ବିକ୍ରମ ବିଷୋୟୀ, ଅଶ୍ୱିନୀ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।




ଦାବିପତ୍ର ପ୍ରଦାନ କରାଯାଉଛି।

# ବ୍ରହ୍ମପୁର ଆଇଟିଆଇ ଭାରତରେ ୨ ନମ୍ବର




**ବ୍ରହ୍ମପୁର,୧୯।୭ (ସ୍ୱାଧୀନ ଶେଖର ପାଢ଼ୀ)**

ନିଜର ଶିଳ୍ପ ତାଲିମ କୌଶଳ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ସୁନାମ ଅର୍ଜନ କରିଥିବା ବ୍ରହ୍ମପୁର ଆଇଟିଆଇକୁ ଏବେ ଆଉ ଏକ ସଫଳତା ମିଳିଛି। ବିଭିନ୍ନ ଟ୍ରେଡ୍‌ରେ ସିଟ୍ ସଂଖ୍ୟା ତୁଳନାରେ ଭାରତରେ ଷଷ୍ଠ ସ୍ଥାନରୁ ଦ୍ୱିତୀୟ ସ୍ଥାନକୁ ଉଠିଛି। ଅନୁଷ୍ଠାନର ବିଭିନ୍ନ ବିଭାଗରେ ୨୧୯୨ ସିଟ୍ ଥିବା ବେଳେ ସାଧାରଣ ଶିକ୍ଷା ଏବଂ ପ୍ରଶିକ୍ଷଣ ନିର୍ଦ୍ଦେଶକ (ଡିଜିଇଟି)ର ଅନୁମତି ପରେ ସିଟ୍ ସଂଖ୍ୟା ୨୩୭୬କୁ ବୃଦ୍ଧି ପାଇଛି। ଅନୁମୋଦନ ପୂର୍ବରୁ କଲିକତାସ୍ଥିତ ନ୍ୟାଶନାଲ ସ୍କିଲ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ ଟିମ୍ ଗତ ମେ ମାସରେ ବ୍ରହ୍ମପୁର ଆଇଟିଆଇ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ ସହ ଭିଡିଓଗ୍ରାଫି ରିପୋର୍ଟ ନେଇ ଫେରିଥିଲେ। ବ୍ରହ୍ମପୁର ଆଇଟିଆଇରେ ଥିବା ଇନ୍‌ଷ୍ଟ୍ରୁମେଣ୍ଟ ମେକାନିକ ଟ୍ରେଡରେ ପୂର୍ବରୁ ୪୮ସିଟ୍ ଥିବା ବେଳେ ବର୍ତ୍ତମାନ ୯୬କୁ ବୃଦ୍ଧି ପାଇଛି। ସେହିପରି ଲିଫ୍ଟ ଆଣ୍ଡ ଏସ୍କାଲେଟର୍ ମେକାନିକ ଟ୍ରେଡ୍‌ରେ ପୂର୍ବରୁ ୪୦ ସିଟ୍ ଥିବାବେଳେ ଏବେ ଆଉ ୪୦ ସିଟ୍ ବୃଦ୍ଧି ହୋଇ ସଂଖ୍ୟା ୮୦ ହୋଇଛି। ରେଫ୍ରିଜରେଟର୍ ଆଣ୍ଡ ଏୟାର୍ କଣ୍ଡିଶନର୍ ମେକାନିକ ଟ୍ରେଡ୍‌ରେ ୨୪ ସିଟ୍ ଥିବା ବେଳେ ଏବେ ୭୨କୁ ବୃଦ୍ଧି ପାଇଛି। ଲିଫ୍ଟ ମେକାନିକ ଟ୍ରେଡରେ ପୂର୍ବରୁ ୪୮ ସିଟ୍ ଥିବା ବେଳେ ଏହା ଦୁଇଗୁଣ ହୋଇ ୯୬ରେ ପହଞ୍ଚିଛି। ଏପରି ମୋଟ ୪ଟି ଟ୍ରେଡ୍‌ରେ ୧୮୪ ସିଟ୍ ବୃଦ୍ଧି କରାଯାଇଛି। ଗୁଜରାଟ ଅହମ୍ମଦାବାଦସ୍ଥିତ କୁବେରନଗର ଆଇଟିଆଇ ୪୨୮୪ ସିଟ୍ ସହ ଶୀର୍ଷରେ ରହିଛି। ଅନ୍ୟପକ୍ଷରେ ବୃଦ୍ଧି ପାଇଥିବା ସିଟ୍‌ରେ ଚଳିତ ଶିକ୍ଷା ବର୍ଷରୁ ଛାତ୍ରୀଛାତ୍ର ନାମ ଲେଖାଇ ପାରିବେ ବୋଲି ଆଇଟିଆଇ ଅଧ୍ୟକ୍ଷ ଡ. ରଜତ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ବ୍ରହ୍ମପୁର ଆଇଟିଆଇରେ ଏବେ ୨୭ଟି ଟ୍ରେଡ୍ ରହିଛି। ଉକ୍ତ ଟ୍ରେଡ୍‌ଗୁଡ଼ିକ ମଧ୍ୟରୁ ବହୁ ଟ୍ରେଡ୍‌ରେ ମଧ୍ୟ ଚଳିତ ମାସରେ ସିଟ୍ ବୃଦ୍ଧି ପାଇଁ ଅନୁମୋଦନ ମିଳିବା ସମ୍ଭାବନା ରହିଛି। ସିଟ୍ ବୃଦ୍ଧି ପରେ ଚଳିତବର୍ଷ ହିଁ ନାମଲେଖା ହେବ ବୋଲି ଅଧ୍ୟକ୍ଷ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

# ଅଗଷ୍ଟ ୧୦ରୁ ଏମ୍‌ଡିଏ ଅଭିଯାନ




## ଫାଇଲେରିଆ ନିରାକରଣ କର୍ମଶାଳା

**ଭୁବନେଶ୍ୱର,୧୯।୭(ବନ୍ଦନା ସେଠୀ)**

ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମ ଅଧୀନରେ ସାମୂହିକ ଔଷଧ ସେବନ (ଏମ୍‌ଡିଏ) ଅଭିଯାନର ସଫଳତା ସୁନିଶ୍ଚିତ କରିବାକୁ ରାଜ୍ୟ ସରକାର ଅନ୍ୟାନ୍ୟ ବିଭାଗଗୁଡ଼ିକ ସହିତ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରୁଛନ୍ତି। ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ ଚାଲୁଥିବାବେଳେ ଅଗଷ୍ଟ ୧୦ରୁ ରାଜ୍ୟର ୧୧ଟି ଜିଲାରେ ଏମ୍‌ଡିଏ ଅଭିଯାନ କରାଯିବ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଓଡ଼ିଶାର ୧୧ଟି ଜିଲାରୁ ୩୪ଜଣ ପ୍ରୋଗ୍ରାମ ଅଫିସର ଓ ୫ଜଣ ପ୍ରୋଗ୍ରାମ କୋଅର୍ଡିନେଟରଙ୍କ ପାଇଁ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ପ୍ରୋଜେକ୍ଟ କନସର୍ନ ଇଣ୍ଟରନ୍ୟାଶନାଲ ଦ୍ୱାରା ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ସହଯୋଗିତାରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ଯୋଗଦେଇ କହିଲେ, ଭାରତ ସରକାରଙ୍କ ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମ ମୁଖ୍ୟତଃ ଦୁଇଟି କୌଶଳ ଉପରେ ଆଧାରିତ। ସାମୂହିକ ଔଷଧ ସେବନ (ଏମ୍‌ଡିଏ) ଏବଂ ମୃତ୍ୟୁ ପରିଚାଳନା ଓ ଅକ୍ଷମତା ରୋକିବା (ଏମ୍‌ଏମ୍‌ଡିପି)। ଏମ୍‌ଡିଏରେ ଦୁଇଟି ଔଷଧ (ଡିଇସି ଏବଂ ଆଲବେଣ୍ଡାଜୋଲ୍) ଅଥବା ତିନିଟି ଔଷଧ (ଡିଇସି, ଆଲ୍‌ବେଣ୍ଡାଜୋଲ ଏବଂ ଆଇଭରମେକଟିନ୍) ତାଲିମପ୍ରାପ୍ତ ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କ ଉପସ୍ଥିତିରେ ସେବନ କରିବାକୁ ଦିଆଯାଇଥାଏ। ୨ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ମହିଳା ଓ ଗୁରୁତର ଅସୁସ୍ଥ ଲୋକଙ୍କୁ ବାଦ୍ ଦେଇ ଅନ୍ୟ ସମସ୍ତେ ଔଷଧ ସେବନ କରିପାରିବେ। ଏମ୍‌ଏମ୍‌ଡିପିରେ ଲିମ୍ଫେଡେମା ଥିବା ବ୍ୟକ୍ତିବିଶେଷଙ୍କ ଯତ୍ନ ଏବଂ ହାଇଡ୍ରୋସିଲ ରୋଗୀଙ୍କର ଉପଯୁକ୍ତ ଯତ୍ନ ଅନ୍ତର୍ଭୁକ୍ତ। ଫାଇଲେରିଆ ସୃଷ୍ଟିକାରୀ ପାରାସାଇଟ ବ୍ୟାପିବାକୁ ରୋକିବା ଦ୍ୱାରା ଏହି ରୋଗର ନିରାକରଣ ସୁନିଶ୍ଚିତ କରାଯାଇପାରିବ ବୋଲି ସେ ମତ ଦେଇଥିଲେ। ଏନ୍‌ଏସ୍‌ଏସ୍‌ର ରିଜିଓନାଲ ଡାଇରେକ୍ଟର ସରିତା ପଟେଲ ଯୋଗଦେଇ କହିଲେ, ସେବା ହେଉଛି ଆମର ମନ୍ତ୍ର, ସେବା ଆମର ପ୍ରତିବଦ୍ଧତା ଏବଂ ଏକ ଫାଇଲେରିଆ ମୁକ୍ତ ଭାରତ ହେଉଛି ଆମର ଲକ୍ଷ୍ୟ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସିନିୟର ରିଜିଓନାଲ ଡାଇରେକ୍ଟର ଡା.ସୁଚିତ୍ରା ସାସମଲ ଯୋଗଦେଇ ଅଗଷ୍ଟ ୧୦ରୁ ରାଜ୍ୟ ସରକାର ଓଡ଼ିଶାର ୧୧ଟି ଜିଲାରେ ଏମ୍‌ଡିଏ ଅଭିଯାନ ହାତକୁ ନେବାକୁ ଯାଉଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭେକ୍ଟର ବର୍ନ ଡିଜିଜ୍‌ର ଜଏଣ୍ଟ ଡାଇରେକ୍ଟର ଡା. ଶୁଭାଶିଷ ମହାନ୍ତି, ଗ୍ଲୋବାଲ୍ ହେଲ୍‌ଥ ଷ୍ଟ୍ରାଟେଜିସ୍‌ର ପ୍ରତିନିଧି ଅନୁଜ ଘୋଷ ପ୍ରମୁଖ ଉପସ୍ଥିତ ରହି ମତ ରଖିଥିଲେ।

# ବ୍ଲାକ୍‌ରୋଜ୍ ବୁଡ଼ି ଘଟଣାର ସିବିଆଇ ତଦନ୍ତ ଦାବି

**ଭୁବନେଶ୍ୱର,୧୯।୭(ଅନିଲ ଦାସ)**

ବ୍ଲାକ୍‌ରୋଜ୍ ବୁଡ଼ି ଘଟଣାର ସିବିଆଇ ତଦନ୍ତ ଅନୁମତି ଦେବାକୁ ଓଡ଼ିଶା ସୂଚନା ଅଧିକାର ଅଭିଯାନର ଆବାହକ ପ୍ରଦୀପ ପ୍ରଧାନ ଦାବି କରିଛନ୍ତି। ଶୁକ୍ରବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ୨୦୦୯ ସେପ୍ଟେମ୍ବର ୯ରେ ପାରାଦୀପ ବନ୍ଦରଠାରୁ ୫ କି.ମି. ଦୂରରେ ବ୍ଲାକ୍‌ରୋଜ୍ ଜାହାଜ ବୁଡ଼ି ଯାଇଥିଲା। ଏହି ଜାହାଜରେ ଓଡ଼ିଶାରୁ ବେଆଇନ କାଗଜପତ୍ରରେ ୨୩,୮୪୩ ଟନ୍ ଚୋରା ଲୁହାପଥର ଚାଇନା ରପ୍ତାନି କରାଯାଉଥିଲା। ପୂର୍ବରୁ ହାଇକୋର୍ଟରେ ସିବିଆଇ ତଦନ୍ତ ପାଇଁ ଦୁଇଟି ଆବେଦନର ଶୁଣାଣି ଚାଲିଥିବାବେଳେ ରାଜ୍ୟ ସରକାର ସହଯୋଗ ନ କରିବାରୁ ତଦନ୍ତ ଆଗେଇ ପାରିଲା ନାହିଁ ବୋଲି ସିବିଆଇ ସୂଚନା ଅଧିକାର ଆଇନ ବଳରେ ମଗାଯାଇଥିବା ତଥ୍ୟରେ ଦର୍ଶାଇଥିଲା। ପ୍ରଦୀପ ୨୦୨୩ ଅଗଷ୍ଟ ୩୦ରେ ହାଇକୋର୍ଟରେ ମାମଲା କଲା ପରେ ୨୦୨୪ ଏପ୍ରିଲ ୧୫ ଶୁଣାଣିରେ ଜାହାଜ ଚଳାଚଳ ମନ୍ତ୍ରଣାଳୟ, ପାରାଦୀପ ପୋର୍ଟ ଟ୍ରଷ୍ଟ ଓ ସିବିଆଇ ଏହାର ତଦନ୍ତ ପାଇଁ ସମ୍ମତି ଜଣାଇଛନ୍ତି। ସେତେବେଳେ ରାଜ୍ୟରେ ବିଜେଡି ସରକାର ଥିବାରୁ ରାଜ୍ୟ ସରକାର ସିବିଆଇ ତଦନ୍ତ ପାଇଁ ଅନୁମତି ଦେଇ ନ ଥିବା ଅଭିଯୋଗ ହୋଇଛି। ଏବେ ଭାଜପା ସରକାର ତୁରନ୍ତ ସିବିଆଇ ତଦନ୍ତ ପାଇଁ ଅନୁମତି ଦିଅନ୍ତୁ ବୋଲି ପ୍ରଦୀପ ଦାବି କରିଛନ୍ତି। ଅନ୍ୟପକ୍ଷରେ ଲକ୍ଷ୍ମୀ ବସ୍ ସେବାରେ ୩,୧୭୮ କୋଟି ଖର୍ଚ୍ଚ ହୋଇଥିଲେ ମଧ୍ୟ ସେ ସମ୍ପର୍କରେ ସୂଚନା ଅଧିକାର ଆଇନରେ ସବିଶେଷ ତଥ୍ୟ ଦିଆଯାଉ ନାହିଁ। ସୂଚନା ଅଧିକାର ଆଇନରେ ତଥ୍ୟ ନ ଦେଲେ ଆସନ୍ତା ୨୪ ତାରିଖରେ ଖାରବେଳ ଭବନ ଆଗରେ ଧାରଣା ଦିଆଯିବ ବୋଲି ପ୍ରଦୀପ କହିଛନ୍ତି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଉତ୍କଳ ୟୁନିଭର୍ସିଟି ପକ୍ଷରୁ ୱାର୍କଶପ୍ ଓ ଖବରଦାତା ସମ୍ମିଳନୀ, ସ୍ଥାନ: ଉତ୍କଳ ୟୁନିଭର୍ସିଟି ପରିସର, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଚନ୍ଦ୍ରଶେଖରପୁର ସାହିତ୍ୟ ସଂସ୍ଥା ଓ ଆରୁଣ- ତରୁଣ ଶିଶୁ ବିକାଶ ପ୍ରତିଷ୍ଠାନ ପକ୍ଷରୁ ପତ୍ରିକା ଲୋକାର୍ପଣ ଓ କବିତା ପାଠୋତ୍ସବ, ସ୍ଥାନ: ୭/୧୩- ଟାଇପ ବି(ରିଭାଇଜଡ), ୟୁନିଟ୍-୯, ସମୟ: ଅପରାହ୍ନ ୪ଟା।
- ମେମୋରିଆଲ ମିଟିଂ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ଅପରାହ୍ନ ୫ଟା ୩୦।
- ଓଡ଼ିଶା ଲେଖକ ସମବାୟ ସମିତି ଲିଃର ମାସିକ ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ଓଡ଼ିଶା ଲେଖକ ସମବାୟ ସମିତି ପରିସର, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର
- ମାଗଣା ମୋତିଆବିନ୍ଦୁ ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ଝିଙ୍କିରିଆ ପଞ୍ଚାୟତ କାର୍ଯ୍ୟାଳୟ, ଖଇରା, ସମୟ: ସକାଳ ୯ଟା।
- ସଦସ୍ୟତା ଅଭିଯାନ ଏବଂ ଛାତ୍ର ସଂସଦ ନିର୍ବାଚନ ବିଷୟ ନେଇ ବାଲେଶ୍ୱର ଏବିଭିପି ତରଫରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଆୟୁଷ୍ମାନ କଲ୍ୟାଣ ମଣ୍ଡପ, ଗୋପାଳଗାଁ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ହରର୍ସ ପାୱାର କ୍ଲବ ଓ ଶ୍ରୀରାମ କ୍ଲବ ମଧ୍ୟରେ ଫୁଟବଲ ମ୍ୟାଚ୍, ସ୍ଥାନ: ପରମିଟ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା ୩୦।
- କବିତାଗ୍ରନ୍ଥ 'ମନ୍ଥନ'ର ପାଠକାର୍ପଣ ଉତ୍ସବ, ସ୍ଥାନ: ଶାନ୍ତିକାନନ, ମଲ୍ଲିକାଶପୁର, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ଭାରତ ବିକାଶ ପରିଷଦର ମୌସୁମୀ ଅଧିବେଶନ, ସ୍ଥାନ: ହୋଟେଲ ସିଟି ରେସିଡେନ୍ସି, ଭଦ୍ରକ, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର
- ଶନିଙ୍କ ମନ୍ଦିରରେ ମେଳା ଓ ପୂଜାର୍ଚ୍ଚନା, ସ୍ଥାନ: ମୋଟରାଗଡ଼ିଆ, ହାଟଡିହୀ, ସମୟ: ସକାଳ ୭ଟା।
- ହନୁମାନଙ୍କ ମନ୍ଦିରରେ ରାମଚରିତମାନସ ଓ ହନୁମାନ ଚାଳିଶା ପାଠ, ସ୍ଥାନ: ହାବଳେଶ୍ୱର, ହାଟଡିହୀ, ସମୟ: ସକାଳ ୭ଟା ୩୦।

## ମୟୂରଭଞ୍ଜ
- ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ, ସ୍ଥାନ: ଇନ୍‌ଡୋର ଷ୍ଟାଡିୟମ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର
- ଭାରୋତ୍ତଳନ ଚାମ୍ପିୟାନଶିପ, ସ୍ଥାନ: ମହାତ୍ମାଗାନ୍ଧୀ ଷ୍ଟାଡିୟମ, ଭାରୋତ୍ତଳନ ଏକାଡ଼େମୀ, ସମୟ: ସକାଳ ୭ଟା।

## ଜଗତ୍‌ସିଂହପୁର
- ପାରମ୍ପାରିକ ମତ୍ସ୍ୟଜୀବୀଙ୍କ ପାଇଁ ସ୍ୱଚ୍ଛତା କର୍ମଶାଳା, ସ୍ଥାନ: ମାଛଧରାବନ୍ଦର, ନେହେରୁବଙ୍ଗଳା, ପାରାଦୀପ, ସମୟ: ସକାଳ ୯ ଟା।
- ଭିନ୍ନକ୍ଷମ ଛାତ୍ରୀଛାତ୍ର ଅନୁଷ୍ଠାନ ଜାଗୃତି ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ, ସ୍ଥାନ: ଜାଗୃତି ବିଦ୍ୟାଳୟ, ନୂଆବଜାର, ପାରାଦୀପ, ସମୟ: ସକାଳ ୯ ଟା।
- ପଣ୍ଡୁଆ ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକୋତ୍ସବ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ନପଙ୍ଗ ଶିଶୁ ମନ୍ଦିର ପରିସର, ସମୟ: ମଧ୍ୟାହ୍ନ ୧୨ ଟା।
- ସମ୍ବର୍ଦ୍ଧନା ସଭା, ସ୍ଥାନ: ଏରସମା ମୁଖ୍ୟାଳୟସ୍ଥିତ ମଦର୍ସ ଇଂରାଜି ମାଧ୍ୟମ ସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା
- ବ୍ଲକସ୍ତରୀୟ ମିଶନ ଶକ୍ତି ଯୋଜନାର ସମୀକ୍ଷା ବୈଠକ, ସ୍ଥାନ: ବ୍ଲକ ପରିସର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ବନ ମହୋତ୍ସବ, ସ୍ଥାନ: ଛୋଟି, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- କଳିଙ୍ଗନଗର ବୁଲେଟନ ପକ୍ଷରୁ ପ୍ରଗତିଶୀଳ ନାରୀ ଓ ସମ୍ଭାବନା ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ଯାଜପୁର ରୋଡ ସେଲିବ୍ରେସନ ମଣ୍ଡପ, ସମୟ: ଅପରାହ୍ନ ୪ଟା।

## ନୟାଗଡ଼
- ପ୍ରତିଷ୍ଠା ଦିବସ, ସ୍ଥାନ:କଣ୍ଟିଲୋ କୁଞ୍ଜ ବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ:ସକାଳ ସାଢ଼େ ୭ଟା ।
- ବିଜ୍ଞାନ ମେଳା, ସ୍ଥାନ:ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ନୟାଗଡ଼, ସମୟ:ପୂର୍ବାହ୍ନ ୧୦ଟା।

## ରାୟଗଡ଼ା
- ରାସାୟନିକ ବିଜ୍ଞାନ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ କର୍ମଶାଳା, ସ୍ଥାନ: ଜିଆଇଇଟି ବିଶ୍ୱବିଦ୍ୟାଳୟ, ଗୁଣପୁର, ସମୟ: ସକାଳ ୯ଟା।

## ନବରଙ୍ଗପୁର
- ଜିଲା ସମଗ୍ର ଶିକ୍ଷା ବିଭାଗର ବୈଷୟିକ କରଚାରୀଙ୍କ ବୈଠକ, ସ୍ଥାନ: ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।

## କୋରାପୁଟ
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ଦଶମନ୍ତପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୪ ଟା।

## ସମ୍ବଲପୁର
- ମାରୱାଡି ଯୁବା ମଞ୍ଚ ଆୟୋଜିତ ନିଃଶୁଳ୍କ କ୍ୟାନସର ଯାଞ୍ଚ ଶିବିର, ସ୍ଥାନ: କ୍ଷେତରାଜପୁର ମାରୱାଡ଼ି ଧର୍ମଶାଳା, ସକାଳ ୯ଟା।
- ଷ୍ଟାଇଲ ବଜାରର ଦ୍ୱିତୀୟ ଷ୍ଟୋର ଉଦ୍‌ଘାଟନ ଉତ୍ସବ, ସ୍ଥାନ: ସହଯୋଗ ନଗର ଛକ, ସମୟ: ସକାଳ ୯ଟା।
- ପିଏଚ୍‌ଡି ଓ ପୂର୍ବତନ ପିଏଚ୍‌ଡି ଛାତ୍ରଙ୍କ ଓରିଏଣ୍ଟେସନ କାର୍ଯ୍ୟକ୍ରମ, ସ୍ଥାନ: ଆଇଆଇଏମ୍ ସମ୍ବଲପୁର ସେମିନାର ହଲ, ପୂର୍ବାହ୍ନ ୧୦ଟା।

- ସେତୁ ଅନୁଷ୍ଠାନର କାର୍ଯ୍ୟକାରୀ କମିଟି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ସମ୍ବଲପୁରୀ ନନୀ ଆୟୋଜନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ସାକ୍ଷୀଗୋପୀନାଥ ପଡା ବୃକ୍ଷ ହିଲ, ସମୟ: ପୂର୍ବାହ୍ନ ୧୦ଟା।
- ବାହୁଡ଼ା ଯାତ୍ରା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବଲବସପୁର ଗ୍ରାମ, ସମୟ: ଅପରାହ୍ନ ୨ଟା।

## ବଲାଙ୍ଗୀର
- ସୁଟିଂ ପ୍ରଶିକ୍ଷଣ ଶିବିର, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା।
- ଗୁରୁପୂର୍ଣ୍ଣମା ମହୋତ୍ସବ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ବିଶ୍ୱାତ୍ମ ଚେତନା ପରିଷଦ, ଖୁଜେନପାଲି, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା
- ଧ୍ୟାନଯୋଗ ଟ୍ରଷ୍ଟ ପକ୍ଷରୁ ବିଶ୍ୱ ଶାନ୍ତି ଧ୍ୟାନ, ସ୍ଥାନ ବେଦବ୍ୟାସ ମନ୍ଦିର ଗୁମ୍ଫା, ସମୟ: ପୂର୍ବାହ୍ନ ୧୧ଟା।
- କଂଗ୍ରେସ ପକ୍ଷରୁ ଦଳୀୟ ବୈଠକ, ସ୍ଥାନ:ସେକ୍ଟର-୨୧ କାର୍ଯ୍ୟାଳୟ, ଅପରାହ୍ନ ୫ଟା ୩୦।
- ୩୩ତମ ପତ୍ର ପତ୍ରିକା ଦିବସ ଉପଲକ୍ଷେ ଆଲୋଚନା ଚକ୍ର,ସ୍ଥାନ: ସେକ୍ଟର-୫ କଲଚରାଲ ଏକାଡେମୀ, ସ୍ଥାନ: ଅପରାହ୍ନ ୫ଟା ୩୦।

## ବରଗଡ଼
- ଔଷଧୀୟ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ରଣଜିତପୁର, ପାଇକମାଳ, ସମୟ: ସକାଳ ୮ଟା।
- ସ୍ୱାସ୍ଥ୍ୟ ସେବା ଶିବିର, ସ୍ଥାନ: ପହଣ୍ଡି ହାଇସ୍କୁଲ ପଡ଼ିଆ, ବିଜେପୁର, ସମୟ: ସକାଳ ୯ଟା।
- ଇନରହ୍ୱିଲ କ୍ଲବରେ ସ୍ଥାପନା ସମାରୋହ, ସ୍ଥାନ: ପୁରୋହିତ ଜେନେରାଲ ହସ୍ପିଟାଲ ଓ ଗବେଷଣା କେନ୍ଦ୍ର, ବରଗଡ଼, ସମୟ: ଅପରାହ୍ନ ୪ଟା।

## କଳାହାଣ୍ଡି
- ବିପର୍ଯ୍ୟୟ ମୁକାବିଲା ପାଇଁ ସଚେତନତା ଶିବିର, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ରିଞ୍ଜା ପଞ୍ଚାୟତ ହାଇସ୍କୁଲ, ସମୟ: ସକାଳ ୯ଟା।
- ରକ୍ତଦାନ ଶିବିର, ସ୍ଥାନ: କୋକସରା ବ୍ଲକର କନ୍ଦାଗଡ଼, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ସଙ୍କୁଳସ୍ତରୀୟ ମାସିକ ବୈଠକ, ସ୍ଥାନ: ପୁରୁଣାକଟକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ହରଭଙ୍ଗା, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା ।

## ସୁବର୍ଣ୍ଣପୁର
- ତରଭା ଶନିଶ୍ଚର ମନ୍ଦିରରେ ମହାଆଳତୀ ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ତରଭା ଶନିଶ୍ଚର ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା
- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା ସହ ଆଳତି, ସ୍ଥାନ: ସହରସ୍ଥିତ ଧର୍ମଶାଳା ଛକ ଶନି ମନ୍ଦିର, ସମୟ: ସକାଳ ୭ଟା।
- ଶିବ ଗୁରୁ ପୂଜା ଓ ପ୍ରସାଦ ବଣ୍ଟନ, ସ୍ଥାନ: ସହରସ୍ଥିତ ବୁରୋମାଲ ଗ୍ରାମ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ମହିଳା ଫୁଟବଲ ମ୍ୟାଚ, ସ୍ଥାନ: ସହରସ୍ଥିତ ମନମୋହନ ସ୍କୁଲ ପଡ଼ିଆ, ସମୟ: ଅପରାହ୍ନ ୩ଟା ୩୦ଟା।
- ଶୋକ ସଭା କାର୍ଯ୍ୟକ୍ରମ, ସ୍ଥାନ: ସହରସ୍ଥିତ ବୁରୋମାଲ ଗ୍ରାମ ସତନାମୀ ପଡ଼ା, ସମୟ: ଅପରାହ୍ନ ୫ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର କର୍ମକ୍ଷେତ୍ରରେ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାରେ ସୁଯୋଗ ପାଇପାରନ୍ତି। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବାରୁ ଖୁସି ହେବେ। ଶତ୍ରୁତା ଲାଗି ରହିଥିବା ହେତୁ ମାନସିକ ସ୍ଥିତି ବିଶେଷ ଭଲ ରହି ନ ପାରେ। ଅଧ୍ୟୟନ ଓ ଅଧ୍ୟାପନା, ଗବେଷଣାଦି କ୍ଷେତ୍ରରୁ ଶୁଭଫଳ ପାଇପାରନ୍ତି।

**ବୃଷ** ଅର୍ଥନୈତିକ ଅଭିବୃଦ୍ଧି ସହ ବୈଷୟିକ ସୁଖ, ସମୃଦ୍ଧି ଲାଭ ପାଇଁ ଉଦ୍‌ଯୋଗ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସୁଫଳ ପାଇବାର ଆଶା ରହିଛି। ସାମୟିକ ଭାବରେ ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ରହିବାକୁ ପଡ଼ିପାରେ। ବନ୍ଧୁଙ୍କ ଅନୁରୋଧକ୍ରମେ ଆକସ୍ମିକ ଭାବରେ ଦୂରଯାତ୍ରା କରିବାର ସୂଚନା ରହିଛି।

**ମିଥୁନ** ସ୍ୱାସ୍ଥ୍ୟରେ ଉନ୍ନତି, ବନ୍ଧୁଙ୍କ ସହାୟତା ଏବଂ ପାରିବାରିକ ସମସ୍ୟା ସମାଧାନ ଯୋଗୁ ଆନନ୍ଦ ଅନୁଭବ କରିବେ। ଅର୍ଥନୈତିକ ଅଭିବୃଦ୍ଧି ସହ ମାନସିକ ଅସ୍ଥିରତା ମଧ୍ୟ ଲାଗି ରହିବ। ଉପରିସ୍ଥଙ୍କ ନିର୍ଦ୍ଦେଶରେ ଆକସ୍ମିକ ଭାବେ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ପ୍ରଶାସନ, ପ୍ରକାଶନ ଏବଂ ଟେକେନିକାଲ୍ ଶିକ୍ଷାରେ ସନ୍ତୋଷଜନକ ଫଳ ମିଳିବ।

**କର୍କଟ** ଭାବପ୍ରବଣତା ହେତୁ ଅଧିକାଂଶ ସମୟ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ବିଭିନ୍ନ ଚିନ୍ତା ଧରି କଳ୍ପନାରାଇଜରେ ଘୂରି ବୁଲିବା ସକାଶେ ଇଚ୍ଛା ସୃଷ୍ଟି ହେବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା ହେତୁ ସାମୟିକ ଅସ୍ଥିରତା ଦେଖାଦେବ।

**ସିଂହ** ସ୍ୱାସ୍ଥ୍ୟସମସ୍ୟା ନିୟନ୍ତ୍ରଣାଧୀନ ରହିବା କାରଣରୁ ସାମୟିକ ଖୁସି ଅନୁଭବ କରିବେ। ଆଲୋଚନା ପ୍ରସଙ୍ଗରେ ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହେବାରୁ ପରିବାରରେ ବିତର୍କ ଲାଗିପାରେ। ଅର୍ଥସଂକଟ ଲାଗି ରହିବା କାରଣରୁ ବ୍ୟସ୍ତତା ବୃଦ୍ଧିର ଆଶଙ୍କା ରହିଛି।

**କନ୍ୟା** ଆଜି ଯାହା କଲେ ମଧ୍ୟ ସବୁଥିରେ ସଫଳତା ଲାଭ କରିପାରିବେ। କିନ୍ତୁ ପିଲାମାନଙ୍କ ସକାଶେ ନିନ୍ଦିତ କିମ୍ୱା ମୁଣ୍ଡ ନୁଆଁଇବାକୁ ପଡ଼ିପାରେ। ବିଶେଷ ଭ୍ରମଣ କାରଣରୁ କ୍ଳାନ୍ତି ଓ ଅବସାଦ ଜନିତ ସ୍ୱାସ୍ଥ୍ୟହାନିର ଆଶଙ୍କା ରହିଛି। ଘରେ ବନ୍ଧୁ ମିଳନ ଓ ଆମୋଦ ପ୍ରମୋଦ ସକାଶେ ନୂତନ ଯୋଜନା କରିପାରନ୍ତି।

**ତୁଳା** ଆଜି ଆପଣ ଯେଉଁ କାମରେ ହାତଦେବେ ସଫଳତା ନିଶ୍ଚିତ ପାଇପାରିବେ। ତଥାପି ସକାଳୁଆ ଯାତ୍ରାରେ ସଫଳତା ମିଳିବ ଏବଂ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ବନ୍ଧୁ ଗହଣରେ ମଉଜିଆ କଥା କହି ଶତ୍ରୁଠାରୁ କାମ ହାସଲ କରିନେବେ। ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି।

**ବିଛା** ମନରେ ବିଭିନ୍ନ ଆଶା ଓ ଆଶଙ୍କା ସୃଷ୍ଟି ହେଲେ ମଧ୍ୟ ପରକ୍ଷଣରେ ତାହା ମିଳାଇ ଯିବ। ଅଟକି ରହିଥିବା କାମ ପୂର୍ଣ୍ଣାଙ୍ଗ କରିବେ ମାତ୍ର ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରବା ଠିକ୍ ହେବନାହିଁ। ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ରହିବା ଭଲ। ସଂଗଠନ, ରାଜନୀତି ଓ ଆନୁଷ୍ଠାନିକ କାମରେ ଆପଣଙ୍କ ପ୍ରତି ଆନୁଗତ୍ୟ ବୃଦ୍ଧି ପାଇବ।

**ଧନୁ** ଯେତେ ଭଲ କାମ କଲେ ମଧ୍ୟ ସମସ୍ୟା ଓ ସଂଘର୍ଷ ପିଛା ଛାଡ଼ିବ ନାହିଁ। ପୂର୍ବ ସମସ୍ୟାରେ ଅଜଣା ଆଶଙ୍କାଜନିତ ମନ ଉଦ୍‌ବେଳିତ ରହିବ। ଜୋର୍ କରି ଅନ୍ୟମାନଙ୍କଠାରୁ ଅର୍ଥ, କାମ, ଆଦାୟ କରିବାରେ ସଫଳ ହେବେ। କର୍ମ କ୍ଷେତ୍ରରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହୋଇପାରନ୍ତି।

**ମକର** ଭୁଲ୍ ବୁଝାମଣା କାରଣରୁ ପାରିବାରିକ ଜୀବନରେ ସ୍ତ୍ରୀ କିମ୍ୱା ସ୍ୱାମୀଙ୍କ ସହ ମତାନ୍ତର ସୃଷ୍ଟି ହୋଇପାରେ। ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇ ସବୁ କ୍ଷଣକ ସକାଶେ ଭୁଲି ଯାଇପାରନ୍ତି। ପଡ଼ୋଶୀମାନେ କଅଁଳିଆ କଥା କହି କାର୍ଯ୍ୟ ହାସଲ କରିବାର ଅପଚେଷ୍ଟା କରିପାରନ୍ତି। ସକାଳୁ ପିଲାଙ୍କ ସହ ଖୁସିଗପ କରିବାର ମଉକା ଜୁଟିବ।

**କୁମ୍ଭ** ବନ୍ଧୁଙ୍କ ସାହାଯ୍ୟରେ ରାଜନୀତି, ଆଇନ ଓ ଆନୁଷ୍ଠାନିକ କାମରେ ଶୁଭ ଫଳ ମିଳିବ। ସାମାଜିକ ସ୍ତରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିପାରେ। ଯାତ୍ରା ସମୟରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବ। ନିକଟ ସମ୍ପର୍କୀୟମାନଙ୍କ ଈର୍ଷା ଓ ଅସୂୟା ଭାବ ଯୋଗୁ ବିଚଳିତ ବୋଧ କରିବେ।

**ମୀନ** ସାଧାରଣ କଥାର ଆଲୋଚନା ଭିତରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଭଲ ରହିବନାହିଁ। ବାଣିଜ୍ୟ, ଶିଳ୍ପ, ବ୍ୟବସାୟ, ପରିବହନ, ନିର୍ମାଣ କ୍ଷେତ୍ର ମଧ୍ୟମ ପ୍ରକାରର ରହିବ। ପ୍ରତିବନ୍ଧକ ସାମୟିକ ଅସୁସ୍ଥତା କାରଣରୁ କେତେକ କାମରେ ଅବହେଳା କରିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ।

ଆଜି ଜୁଲାଇ ୨୦ ତାରିଖ, ଆଷାଢ଼ ଶୁକ୍ଳ ଚତୁର୍ଦ୍ଦଶୀ ଯୁକ୍ତ ପୂର୍ଣ୍ଣିମା, ଶନିବାର, ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ, ରାଶିନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୧୫ମି. ଗତେ ଘ.୦୧।୧୧ ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୩୭ ମି. ଗତେ ଘ.୧୦।୧୫ ମି. ମଧ୍ୟେ ରାହୁକାଳ।

# ପ୍ରଥମ ପୃଷ୍ଠାରୁ...

## ମାଇକ୍ରୋସଫ୍ଟରେ ଅଚଳାବସ୍ଥା...
ଶୁକ୍ରବାର ପୂର୍ବାହ୍ନରେ ସବୁକିଛି ସ୍ୱାଭାବିକ ଚାଲିଥାଏ। ଲୋକେ ନିଜ ନିଜ ଅଫିସରେ କାମ କରୁଥାଆନ୍ତି। ଟ୍ରାଭେଲରମାନେ ବିଶ୍ୱର ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାତ୍ରା କରୁଥାଆନ୍ତି। ହଠାତ୍ କମ୍ପ୍ୟୁଟର ଓ ଲାପଟପ୍ ସିଷ୍ଟମ୍‌ଗୁଡ଼ିକର ସ୍କ୍ରିନ୍ ବ୍ଲୁ ହୋଇଯାଇଥିଲା। ସିଷ୍ଟମ୍‌ଗୁଡ଼ିକ ଅଚଳ ହୋଇଯିବାରୁ ବ୍ୟାଙ୍କ, ଷ୍ଟକ୍ ଏକ୍ସଚେଞ୍ଜ, ବ୍ୟବସାୟିକ ସଂସ୍ଥାର କାରବାର ଏବଂ ବିମାନ ଚଳାଚଳ ବନ୍ଦ ହୋଇଯାଇଥିଲା। ଏହାକୁ ନେଇ ସାରା ବିଶ୍ୱରେ ହଇଚଇ ସୃଷ୍ଟି ହୋଇଥିଲା। ସ୍ଥିତି ଏଭଳି ହେଲା ଯେ, ବିଭିନ୍ନ ଦେଶର ସରକାରଙ୍କୁ ଜରୁରୀ ବୈଠକ ଡାକିବାକୁ ପଡ଼ିଥିଲା। ବୁଝାବୁଝି କରିବାରୁ ଜଣାପଡ଼ିଲା ଯେ, ମାଇକ୍ରୋସଫ୍ଟର ସର୍ଭରରେ ତ୍ରୁଟି ଯୋଗୁ ସାରା ବିଶ୍ୱର ଏୟାରଲାଇନ୍ସ, ବ୍ୟାଙ୍କ, ଷ୍ଟକ୍ ଏକ୍ସଚେଞ୍ଜ, ପେମେଣ୍ଟ ସିଷ୍ଟମ୍, ଟେଲିକମ୍ୟୁନିକେଶନ୍, ଜରୁରୀ ସେବା, ହେଲ୍‌ଥ ସିଷ୍ଟମ୍ ଏବଂ ପ୍ରସାରଣ ସେବାରେ ବ୍ୟାଘାତ ସୃଷ୍ଟି ହୋଇଛି। ବର୍ତ୍ତମାନ ମାଇକ୍ରୋସଫ୍ଟ ଏହି ସମସ୍ୟା ଦୂର କରିବାରେ ଲାଗିଛି। ଆମେରିକା, ବ୍ରିଟେନ୍, ଅଷ୍ଟ୍ରେଲିଆ, ଜର୍ମାନୀ ସମେତ ଭାରତର ଅନେକ ସହରରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଦିଲ୍ଲୀ, ମୁମ୍ବାଇ ଓ ବେଙ୍ଗାଲୁରୁ ସମେତ ଅନେକ ଏୟାରପୋର୍ଟରେ ବିମାନ ଚଳାଚଳ ବିଳମ୍ବିତ ହୋଇଛି। ଯାତ୍ରୀମାନଙ୍କୁ ହାତରେ ଲେଖାଯାଇଥିବା ମାନୁଆଲ ବୋର୍ଡିଂ ପାସ୍ ଦିଆଯାଉଛି। ମାଇକ୍ରୋସଫ୍ଟର ପ୍ରଯୁକ୍ତିଗତ ଅବ୍ୟବସ୍ଥା ଯୋଗୁ ବିଶ୍ୱରେ ପ୍ରାୟ ୧,୪୦୦ ବିମାନ ଚଳାଚଳକୁ ରଦ୍ଦ କରିଦିଆଯାଇଛି। ଆଭିଏଶନ୍ ଆନାଲିଟିକ୍ସ କମ୍ପାନୀ ସିରିୟମ୍‌ର ତଥ୍ୟ ଅନୁସାରେ କେବଳ ଆମେରିକାରେ ୫୧୨ ବିମାନ ରଦ୍ଦ ହୋଇଛି। ସେହିପରି ଜର୍ମାନୀରେ ୯୨, ଭାରତରେ ୫୬, ଇଟାଲୀରେ ୪୫ ଓ କାନାଡାରେ ୨୧ ବିମାନ ଉଡ଼ାଣ କରିପାରିନାହିଁ। ଫଳରେ ବହୁ ଯାତ୍ରୀ ନିଜ ଗନ୍ତବ୍ୟସ୍ଥଳକୁ ଯାଇ ନ ପାରି ବିଶ୍ୱର ବିଭିନ୍ନ ସ୍ଥାନରେ ଫସିରହିଛନ୍ତି। ଏନେଇ ବ୍ରିଟେନ୍‌ର ନ୍ୟାଶନାଲ ସାଇବର ସିକ୍ୟୁରିଟି ସେଣ୍ଟର ପୂର୍ବତନ ମୁଖ୍ୟ ତଥା ଅକ୍ସଫୋର୍ଡ ୟୁନିଭର୍ସିଟିର ପ୍ରଫେସର ସିଆରାନ୍ ମାର୍ଟିନ୍ କହିଛନ୍ତି, ଏହା ବିଶ୍ୱର କୋର୍ ଇଣ୍ଟରନେଟ୍ ଭିତ୍ତିଭୂମିର ଏକ କ୍ଷଣଭଙ୍ଗୁର ଅବସ୍ଥା, ଯାହାକି ଅତ୍ୟନ୍ତ ଅସୁବିଧାଜନକ ପରିସ୍ଥିତି ସୃଷ୍ଟି କରିଛି। ସେହିପରି ଇଣ୍ଟରନେଟ୍ ସେବାରେ ଅଚଳାବସ୍ଥାକୁ ଟ୍ରାକ୍ କରୁଥିବା ଡାଉନ୍ ଡିଟେକ୍ଟର ମଧ୍ୟ ବିଶ୍ୱର ବିଭିନ୍ନ ଭାଗରେ ଏୟାରଲାଇନ୍ସ, ପେମେଣ୍ଟ ପ୍ଲାଟ୍‌ଫର୍ମ ଓ ଅନ୍‌ଲାଇନ୍ ଶପିଂ ୱେବ୍‌ସାଇଟ୍ ପ୍ରଭାବିତ ହୋଇଥିବା ରେକର୍ଡ କରିଛି। ମାଇକ୍ରୋସଫ୍ଟ କ୍ଲାଉଡଭିତ୍ତିକ ସେବାରେ ସମସ୍ୟା ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ଡାଉନ୍ ଡିଟେକ୍ଟର କହିଛି। ସାଇବର ବିଶେଷଜ୍ଞ ଜେମ୍ସ ବୋର୍ କହିଛନ୍ତି, ଗୁରୁତ୍ୱପୂର୍ଣ୍ଣ ସମୟରେ ଆମେ ଭରସା କରିଥିବା ସିଷ୍ଟମ୍‌ଗୁଡ଼ିକ ଉପଲବ୍ଧ ହୋଇପାରୁ ନ ଥିବାରୁ ଆଗକୁ ଅସୁବିଧା ବଢ଼ିପାରେ। ହସ୍ପିଟାଲଗୁଡ଼ିକରେ ଆପଏଣ୍ଟମେଣ୍ଟ ସମ୍ଭବ ନ ହେଲେ ରୋଗୀମାନେ ଚିକିତ୍ସା ପାଇପାରିବେ ନାହିଁ। ଏହି ଅଚଳାବସ୍ଥା ଜାରି ରହିଲେ ଲୋକେ ମୃତ୍ୟୁମୁଖରେ ପଡ଼ିବେ। ଏହା ଅବଶ୍ୟମ୍ଭାବୀ ବୋଲି ବୋର୍ ସତର୍କ କରାଇଛନ୍ତି। ଇତିମଧ୍ୟରେ ମାଇକ୍ରୋସଫ୍ଟ ୩୬୫ ପକ୍ଷରୁ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'ରେ ଏକ ପୋଷ୍ଟ କରାଯାଇଛି। ମାଇକ୍ରୋସଫ୍ଟ କମ୍ପାନୀ ଯୁଦ୍ଧକାଳୀନ ଭିତ୍ତିରେ ଏହାର ସମାଧାନ ପାଇଁ ଉଦ୍ୟମ ଚଳାଇଛି। ବିକଳ୍ପ ବ୍ୟବସ୍ଥା ଆପଣାଇ ତ୍ରୁଟି ସଂଶୋଧନ କରାଯିବ ବୋଲି ମାଇକ୍ରୋସଫ୍ଟ କହିଛି। ସେହିପରି କ୍ରାଉଡ୍‌ଷ୍ଟ୍ରାଇକ୍ ଏକ ବିବୃତି ଜାରି କରି କହିଛି ଯେ, ୱିଣ୍ଡୋଜ୍ ପାଇଁ ଏକ ସିଙ୍ଗଲ୍ କଣ୍ଟେଣ୍ଟ ଅପ୍‌ଡେଟ୍‌ରେ ତ୍ରୁଟି ଚିହ୍ନଟ ହୋଇଛି। ଏହାକୁ ଦୂର କରିବା ପାଇଁ କମ୍ପାନୀ ତତ୍ପରତାର ସହ ଉଦ୍ୟମ ଚଳାଇଛି। ତେବେ ଏହା କୌଣସି ସିକ୍ୟୁରିଟି ଇନ୍‌ସିଡେଣ୍ଟ କିମ୍ବା ସାଇବର ଆକ୍ରମଣ ନୁହେଁ ବୋଲି କ୍ରାଉଡ୍‌ଷ୍ଟ୍ରାଇକ୍ ସ୍ପଷ୍ଟ କରିଛି।

## ଡିଜିଯାତ୍ରା ଫେଲ୍...
ମୁମ୍ବାଇ, ଅହମଦାବାଦ, କୋଲକାତା, ଗୁଆହାଟୀ, ଜୟପୁର, ହାଇଦ୍ରାବାଦ, କୋଚି, ଚେନ୍ନାଇ, ଗୋଆ ଓ ଲକ୍ଷ୍ନୌ ସମେତ ଅନେକ ବିମାନବନ୍ଦରରେ ଏହି ସୁବିଧା ଉପଲବ୍ଧ। କିନ୍ତୁ ମାଇକ୍ରୋସଫ୍ଟରେ ଅବ୍ୟବସ୍ଥା ଯୋଗୁ ଡିଜିଯାତ୍ରା ଅକାମୀ ହୋଇଯାଇଛି। ସର୍ଭିଲାନ୍ସ ଟେକ୍ନୋଲୋଜି କାମ ନ କରିବାରୁ ଅନ୍‌ଲାଇନ୍ ଜରିଆରେ ଯାତ୍ରୀଙ୍କୁ ଚିହ୍ନଟ କରାଯାଇପାରୁ ନାହିଁ।

## ଭୁବନେଶ୍ୱରରେ ୬ ...
ପାସ୍ ଦିଆଯାଉଛି, ଯାହାଫଳରେ ବିମାନ ଛାଡ଼ିବାରେ ବିଳମ୍ବ ହେଉଛି। ଏୟାରପୋର୍ଟ କର୍ତ୍ତୃପକ୍ଷଙ୍କର ଏଥିରେ କୌଣସି ଭୂମିକା ନାହିଁ। କେବଳ ମାଇକ୍ରୋସଫ୍ଟ ସେବା ସ୍ୱାଭାବିକ ହେବା ପାଇଁ ଅପେକ୍ଷା କରାଯାଇପାରିବ। ଯାତ୍ରୀଙ୍କୁ ବାତିଲ ଓ ବିଳମ୍ବ ହେଉଥିବା ବିମାନ ସମ୍ପର୍କରେ ଅବଗତ କରାଯାଇଛି। ଏଥିପାଇଁ ଯାତ୍ରୀ ସହଯୋଗ ନିହାତି ଆବଶ୍ୟକ ବୋଲି ପ୍ରଧାନ କହିଛନ୍ତି।

## ବଳକା ରାଜ୍ୟ ଓଡ଼ିଶାରେ ...
ରାଜ୍ୟରେ ପିଆଜ ଉତ୍ପାଦନ ବଢୁଛି। ହେଲେ ପ୍ରତ୍ୟେକ ବର୍ଷ ଚଢ଼ା ଦରରେ କିଣି ଘାଣ୍ଟି ହେଉଛନ୍ତି ଖାଉଟି। ଅନ୍ୟ ବର୍ଷଗୁଡ଼ିକ ଭଳି ଚଳିତବର୍ଷ ମଧ୍ୟ ମାସାଧିକ କାଳ ହେବ ରାଜ୍ୟରେ ପିଆଜ କିଲୋ ପିଛା ଦର ୪୦ ଟଙ୍କା ରହିଛି। ଏହି ଦର ଆଗକୁ ଆହୁରି ବଢ଼ିବା ଆଶଙ୍କା ରହିଛି। ବିଡ଼ମ୍ବନା ଯେ ରାଜ୍ୟରେ ଆବଶ୍ୟକତାଠାରୁ ଅଧିକ ପରିମାଣର ପିଆଜ ଉତ୍ପାଦନ ହେଉଥିଲେ ମଧ୍ୟ ଖାଉଟି ଅଧିକ ଦରରେ କିଣିବାକୁ ବାଧ୍ୟ ହେଉଛନ୍ତି। ପିଆଜ ସଂରକ୍ଷଣ ପାଇଁ ଆବଶ୍ୟକ ଭିତ୍ତିଭୂମି ନ ଥିବାରୁ ପିଆଜ ବଳକା ରାଜ୍ୟର ଖାଉଟି ନିଅଣ୍ଟିଆ କଷଣରେ ପେଷିହେଉଛି। ଏଥିଲାଗି ବାହାର ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, ଓଡ଼ିଶାରେ ଆବଶ୍ୟକତାଠାରୁ ଅଧିକ ପିଆଜ ଉତ୍ପାଦନ ହେଉଛି। ଜାତୀୟ ନମୁନା ସର୍ବେକ୍ଷଣ(ଏନ୍‌ଏସ୍‌ଏସ୍) ଏବଂ ୨୦୨୧ ପ୍ରସ୍ତାବିତ ଜନସଂଖ୍ୟା ଆଧାରରେ ରାଜ୍ୟରେ ବାର୍ଷିକ ପ୍ରାୟ ୩.୫୫ ଲକ୍ଷ ମେଟ୍ରିକ୍ ଟନ୍ ପିଆଜର ଆବଶ୍ୟକତା ରହିଛି। ତେବେ ରାଜ୍ୟରେ ୨୦୨୨-୨୩ରେ ୩.୬୮ ଲକ୍ଷ ମେଟ୍ରିକ୍ ଟନ୍ ପିଆଜ ଉତ୍ପାଦନ ହୋଇଛି। କେବଳ ଗୋଟିଏ ବର୍ଷ ନୁହେଁ, ରାଜ୍ୟରେ ଲଗାତର ଭାବେ ପିଆଜ ଉତ୍ପାଦନ ବଢ଼ିଚାଲିଛି। ୨୦୧୬-୧୭ରେ ପିଆଜ ଉତ୍ପାଦନ ବାର୍ଷିକ ୩.୭୮ ଲକ୍ଷ ମେଟ୍ରିକ୍ ଟନ୍ ହୋଇଥିବାବେଳେ ୨୦୧୭-୧୮ରେ ୩.୭୯, ୨୦୧୮-୧୯ରେ ୩.୭୩, ୨୦୧୯-୨୦ରେ ୩.୬୫ ଏବଂ ୨୦୨୧-୨୨ରେ ୩.୫୦ ଲକ୍ଷ ମେଟ୍ରିକ୍ ଟନ୍ ଉତ୍ପାଦନ ହୋଇଥିଲା। ସାଇତି ରଖିବାକୁ ଶୀତଳଭଣ୍ଡାର ନ ଥିବାରୁ ଉତ୍ପାଦିତ ପିଆଜ ଅନ୍ୟ ରାଜ୍ୟକୁ ଚାଲିଯାଉଛି। ଓିରୋଟ ସମୟରେ ରାଜ୍ୟର ଚାହିଦା ପୂରଣ ହୋଇପାରୁ ନାହିଁ। ଜାତୀୟ ସଂସ୍ଥା ସେଣ୍ଟର ଫର୍ କୋଲ୍ଡ ଚେନ୍ ଡେଭଲପ୍‌ମେଣ୍ଟ (ଏନ୍‌ସିସିଡି) ଏବଂ ନାବାର୍ଡ ଦ୍ୱାରା ୨୦୧୫ରେ କରାଯାଇଥିବା ସର୍ଭେ ଅନୁଯାୟୀ ରାଜ୍ୟରେ ୩ ଲକ୍ଷ ମେଟ୍ରିକ୍ ଟନ୍ କ୍ଷମତାର ଶୀତଳଭଣ୍ଡାର ଆବଶ୍ୟକତା ରହିଛି। ରାଜ୍ୟରେ ମାତ୍ର ୭,୩୨୧ ପିଆଜ ସାଇତା ଗୃହ ରହିଛି। ଏଥିରେ କେବଳ ୧ ଲକ୍ଷ ୮୩ ହଜାର ୨୫ ମେଟ୍ରିକ୍ ଟନ୍ ପିଆଜ ରଖାଯାଇପାରିବ। ଆଳୁ ଓ ପିଆଜ ଚାଷକୁ ପ୍ରୋତ୍ସାହନ ଦେବାକୁ ରାଜ୍ୟ ସରକାର ଆଳୁ, ପିଆଜ, ପନିପରିବା ଓ ମସଲା ଜାତୀୟ ଉନ୍ନୟନ ଯୋଜନାରେ ହେକ୍ଟର ପିଛା ୫୮ ହଜାର ଓ ପନିପରିବା ଚାଷ ପାଇଁ ହେକ୍ଟର ପିଛା ୨୦ ହଜାର ଟଙ୍କା ସବ୍‌ସିଡି ବ୍ୟବସ୍ଥା କରିଛନ୍ତି। ଅନ୍ୟପକ୍ଷରେ ବଳକା ପିଆଜ ସାଇତି ରଖିବା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ନ ଥିବା ବେଳେ ଆଳୁ ଚାଷ ବୃଦ୍ଧି ଲାଗି କରାଯାଇଥିବା ଆଳୁ ମିଶନ ଫେଲ୍ ମାରିଛି। ରାଜ୍ୟ ପାଇଁ ବର୍ଷକୁ ୧୩.୨୫ ଲକ୍ଷ ମେଟ୍ରିକ୍ ଟନ୍ ଆଳୁ ଆବଶ୍ୟକ ଥିବାବେଳେ ୨୦୨୨-୨୩ରେ ମାତ୍ର ୩.୨୫ ଲକ୍ଷ ମେଟ୍ରିକ୍ ଟନ୍ ଉତ୍ପାଦନ ହୋଇଛି। ଏଥିପାଇଁ ବାହାର ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ଆଳୁ ଦର ଉପରେ ଲଗାମ ଲଗାଇବା ତଥା ରାଜ୍ୟକୁ ସ୍ୱାବଲମ୍ବୀ ହେବାକୁ କୃଷି ବିଭାଗ ୨୦୧୫ରେ ଆଳୁ ମିଶନ ଆରମ୍ଭ କରିଥିଲା। ଏହାର ୮ ବର୍ଷ ପରେ ମଧ୍ୟ ଆବଶ୍ୟକତାର ୫ ଭାଗରୁ ଭାଗେ ଉତ୍ପାଦନ କରିବାରେ ଚାଷୀମାନେ ସକ୍ଷମ ହୋଇପାରିନାହାନ୍ତି। ଯୋଜନା ବିଫଳ ହେଉଥିବାରୁ ଏ ବାବଦରେ ବ୍ୟୟବରାଦ ମଧ୍ୟ ହ୍ରାସପାଇ ଚାଲିଛି। ଆଳୁ ମିଶନ ପାଇଁ ୨୦୧୪-୧୫ ଆର୍ଥିକ ବର୍ଷରେ ୫୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ବେଳେ ୨୦୨୩-୨୪ ଆର୍ଥିକ ବର୍ଷରେ ଏ ବାବଦରେ ମାତ୍ର ୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। କେବଳ ଆଳୁ, ପିଆଜ ନୁହେଁ ଅନ୍ୟାନ୍ୟ ଅଣଧାନ ଫସଲ ମଧ୍ୟ ଗତ ୯ ବର୍ଷରେ କମିଛି କିମ୍ବା ସାମାନ୍ୟ ବୃଦ୍ଧି ପାଇଛି। ରାଜ୍ୟରେ ସୋରିଷ, ସୋୟାବିନ, ବାଦାମ ଭଳି ତୈଳବୀଜ ଉତ୍ପାଦନ ହ୍ରାସପାଇଛି। ୨୦୧୩-୧୪ରେ ରାଜ୍ୟରେ ତୈଳବୀଜ ୬୯୮.୧୭ ଲକ୍ଷ ମେଟ୍ରିକ୍‌ଟନ୍ ଉତ୍ପାଦନ ହୋଇଥିବାବେଳେ ୨୦୨୨-୨୩ରେ ଏହା ୫୧୩.୯୯ ଲକ୍ଷ ମେଟ୍ରିକ୍ ଟନ୍‌କୁ ଖସି ଆସିଛି। ସେହିପରି ପନିପରିବା ପାଇଁ ମଧ୍ୟ ଓଡ଼ିଶାକୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ଗତ ୯ବର୍ଷ ମଧ୍ୟରେ ରାଜ୍ୟରେ ମାତ୍ର ୪.୩୦% ପନିପରିବା ଉତ୍ପାଦନ ବଢ଼ିଥିବା କୁହାଯାଇଛି। କୃଷି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଉତ୍ପାଦନ ହ୍ରାସ ପାଇଁ ଜଳବାୟୁ ପରିବର୍ତ୍ତନ ଓ ଅନୁର୍ବର ମୃତ୍ତିକା ସମସ୍ୟା ସୃଷ୍ଟି କରିଛି। କୃଷକମାନଙ୍କର ଆୟ ବୃଦ୍ଧି ପାଇଁ ରାଜ୍ୟ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରିବା ସହ ଚାଷୀଙ୍କୁ ସହାୟତା ଯୋଗାଇ ଦେଉଛନ୍ତି। ସର୍ବନିମ୍ନ ସହାୟକ ମୂଲ୍ୟରେ ଧାନ, ମାଣ୍ଡିଆ, ଡାଲି ଜାତୀୟ ଫସଲ କ୍ରୟ କରାଯାଉଛି। ରାଜ୍ୟ ବ୍ୟବସାୟୀ ସଂଘ ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି, ରାଜ୍ୟରେ ଉତ୍ପାଦିତ ସାମଗ୍ରୀର ବିକ୍ରି ପାଇଁ ଆବଶ୍ୟକ ବଜାର ସୁବିଧା ନ ଥିବା ଯୋଗୁ ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧି ହେଉଛି। ଏଥିସହିତ କର୍ପୋରେଟ ସଂସ୍ଥାର ମନମାନି ଯୋଗୁ ମଧ୍ୟ ଦର ବଢୁଛି। ରାଜ୍ୟରେ ଦରଦାମ୍ କିପରି ନିୟନ୍ତ୍ରଣ ହୋଇପାରିବ ସେ ନେଇ ସରକାରଙ୍କୁ ସଂଘ ପକ୍ଷରୁ ଅନେକ ପ୍ରସ୍ତାବ ଦିଆଯାଇଛି। ପିଆଜ ଖୁଚୁରା ବ୍ୟବସାୟୀ ମଧୁସୂଦନ ସାହୁ କହିଛନ୍ତି, ହୋଲ୍‌ସେଲ ଦରକୁ ଦେଖି ରେଟ୍ ବଢୁଛି ଓ କମୁଛି। ବାହାରୁ ପିଆଜ ଆମଦାନୀ ହେଲେ ଦର ବଢ଼ିବ। ଆମେ କିଲୋ ପିଛା ୩ରୁ ୪ ଟଙ୍କା ଅଧିକ ଦରରେ ବିକୁଛୁ। ଖାଉଟି ରମେଶ ନାୟକ କହିଛନ୍ତି ଯେ ପିଆଜ ଏକ ଅତ୍ୟାବଶ୍ୟକ ସାମଗ୍ରୀ। ଏହା ନ ହେଲେ ନ ଚଳେ। ବର୍ଷା ୩ ମାସ ଦର ବଢୁଛି। ସରକାର ଯଦି ପିଆଜ ସଂରକ୍ଷଣ ବ୍ୟବସ୍ଥା କରନ୍ତେ ତେବେ ଗ୍ରାହକ ଉଚିତ ମୂଲ୍ୟରେ ପାଇପାରନ୍ତେ। ସେହିପରି କେନ୍ଦ୍ରାପଡ଼ା ଜିଲା ପାଟକୁରା ଚାଷୀ ହଳଧର ପରିଡ଼ା କହିଛନ୍ତି, ସରକାର ମାଗଣା ଚାଉଳ ଯୋଗାଇବା ଦ୍ୱାରା ଚାଷ ପାଇଁ ମଜୁରିଆ ମିଳୁନାହାନ୍ତି। ଚାଷ ପାଇଁ ଖର୍ଚ୍ଚ ବଢ଼ିଯାଉଛି। ଜମିରେ ଖତ ପଡୁ ନ ଥିବାରୁ ମାଟିର ଉର୍ବରତା କମିଗଲାଣି। ସାର ପକାଇବା ଖର୍ଚ୍ଚ ବର୍ଷକୁ ବର୍ଷ ବଢ଼ିଚାଲିଛି। ଚାଷ କାମରେ ମଜୁରି ଉଠୁନି। ଜମି ପଡ଼ିଆ ପଡୁ ପଛକେ କିଛି ଫସଲ କରିବାକୁ ମନହେଉନି।

## ସରକାର ଗଠନର ଶ୍ରେୟ ...
ନଡ୍ଡା ସମୀକ୍ଷା କରିବା ସହ ଉଦ୍‌ବୋଧନରେ କହିଛନ୍ତି ଯେ, ରାଜ୍ୟରେ ସରକାର ଆସିବା ଲାଗି ଅକ୍ଲାନ୍ତ ପରିଶ୍ରମ କରିଥିବା କର୍ମୀଙ୍କୁ ଧନ୍ୟବାଦ। ଆଗାମୀ ୨୫ ବର୍ଷ ଆଖି ଆଗରେ ରଖି ସମସ୍ତଙ୍କୁ କାମ କରିବାକୁ ପଡ଼ିବ। ରାଜ୍ୟରେ ଲୋକ ସଭା ସିଟ୍ ଡବଲ କରିବା ପାଇଁ କହିଥିଲି, ଆପଣମାନେ ୨୦ ସିଟ୍ ଦେଇଛନ୍ତି। ଲୋକ ସଭା ପାଇଁ ୪୫% ଏବଂ ବିଧାନସଭା ପାଇଁ ୪୦% ଭୋଟ ସହ ସରକାର ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଆଗାମୀ ଦିନରେ ଦଳୀୟ ସଙ୍ଗଠନକୁ ଅଧିକ ମଜଭୁତ କରିବା ସହ ଲୋକଙ୍କ ସହିତ ଯୋଡ଼ିହେବାକୁ କର୍ମୀ ଓ ନେତାଙ୍କୁ ସେ ପରାମର୍ଶ ଦେଇଛନ୍ତି। ଲୋକଙ୍କ ବିଶ୍ୱାସ ବଜାୟ ରଖିବା ନିମନ୍ତେ ସୁଶାସନ ଉପରେ ଫୋକସ କରିବାକୁ ପଡ଼ିବ। ଓଡ଼ିଶାରେ ଭାଜପା ସରକାର ଗଠନ କରିବା ପରେ କାର୍ଯ୍ୟକର୍ତ୍ତାଙ୍କୁ ଯେଉଁ ପଦ ପଦବୀ ମିଳିଛି, ତାହା ଗୋଟିଏ ଗୋଟିଏ ବଡ଼ ଦାୟିତ୍ୱ। ଓଡ଼ିଶାର ବିକାଶ ପାଇଁ ଭାଜପା ସବୁବେଳେ ଉଦ୍ୟମ ଜାରି ରଖିବ। ଭାଜପାରେ ପ୍ରଜାତନ୍ତ୍ର ରହିଛି। ଭାଜପା ସବ୍‌କା ସାଥ୍ ସବ୍‌କା ବିକାଶରେ ବିଶ୍ୱାସ କରେ। ପଦ୍ମ ଚିହ୍ନରେ ୧୮ଜଣ ଆଦିବାସୀ ଭାଇ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ଆଦିବାସୀଙ୍କ ବିକାଶ ପାଇଁ ଆମ ସରକାର କାମ କରିବ। ସାଧାରଣ ନିର୍ବାଚନରେ ଓଡ଼ିଶାବାସୀ ବିପୁଳ ସମର୍ଥନ ଦେଇଥିବାରୁ କୃତଜ୍ଞତା ଓ ଧନ୍ୟବାଦ ଜଣାଉଛି ବୋଲି ସେ କହିଛନ୍ତି। ଏହି ଅବସରରେ କଂଗ୍ରେସକୁ ଟାର୍ଗେଟ କରି ନଡ୍ଡା ଆହୁରି କହିଛନ୍ତି, ସମ୍ପ୍ରତି ଭାଜପା ୧୩ଟି ରାଜ୍ୟରେ ଶାସନ କରୁଛି। ସେହିପରି ଏନ୍‌ଡିଏ ନେତୃତ୍ୱରେ ୧୮ଟି ରାଜ୍ୟରେ ସରକାର ଚାଲିଛି। ଦେଶର ୫୭% ଭୂଭାଗରେ ଭାଜପା ସରକାର ଚାଲିଛି। କଂଗ୍ରେସ ଅନ୍ୟର ଭରସାରେ ବଞ୍ଚିଛି। ନିର୍ବାଚନ ଫଳାଫଳକୁ ଦେଖି କଂଗ୍ରେସ ଭାରି ଉତ୍ସାହିତ ହେଉଛି, ଯେମିତି କୌଣସି ଫେଲ ହେଉଥିବା ଛାତ୍ର ହଠାତ୍ ପାସ୍ ହୋଇଗଲେ ଖୁସି ହୁଅନ୍ତି। ଲୋକ ସଭାରେ କଂଗ୍ରେସ ମାତ୍ର ୯୯ ଆସନ ପାଇଛି। ଇଣ୍ଡିଆ ମେଣ୍ଟର ସମସ୍ତ ସାଂସଦଙ୍କୁ ମିଶାଇଲେ ମଧ୍ୟ ଭାଜପା ସାଂସଦଙ୍କ ସଂଖ୍ୟାଠାରୁ କମ୍। ୨୦୧୪, ୨୦୧୯, ୨୦୨୪ରେ କଂଗ୍ରେସର ନିର୍ବାଚିତ ସାଂସଦଙ୍କଠାରୁ ଭାଜପା ଏମ୍ପିଙ୍କ ସଂଖ୍ୟା ଅଧିକ। ୧୩ ରାଜ୍ୟରେ କଂଗ୍ରେସ ଦଳ ଶୂନ, ତଥାପି ଏମିତି ଉତ୍ସାହ ଦେଖାଉଛନ୍ତି, ଯେମିତି ବଡ଼ ବିଜୟ ହାସଲ କରିଛନ୍ତି। କଂଗ୍ରେସ ଏବେ ସମ୍ବିଧାନ ଓ ଗଣତନ୍ତ୍ରର ରକ୍ଷକଭାବେ ନିଜକୁ ଚିତ୍ରଣ କରୁଛି, କିନ୍ତୁ ବାସ୍ତବରେ ଏମାନଙ୍କର ସମ୍ବିଧାନ ସହ କୌଣସି ନେଣଦେଣ ନାହିଁ। ଏବେ ଓଡ଼ିଶାରେ ଭାଜପା ସରକାର ଗଢ଼ିଛି, କିନ୍ତୁ ଏହାପୂର୍ବରୁ ମଧ୍ୟ ଓଡ଼ିଶାକୁ କେବେ କେନ୍ଦ୍ର ସରକାର ଅଣଦେଖା କରିନାହାନ୍ତି। ଆର୍ଥିକ ପ୍ୟାକେଜ୍ ସହ ଓଡ଼ିଶାର ବିକାଶ ପାଇଁ କାର୍ଯ୍ୟ କରୁଛି। ସରକାର ବଦଳିବା ସହ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲାଯାଇଛି। ଦୀର୍ଘବର୍ଷ ଧରି ବନ୍ଦ ରହିଥିବା ରତ୍ନଭଣ୍ଡାରକୁ ଖୋଲାଯାଇଛି। ପୂର୍ବରୁ ବିକାଶରେ ବାଧା ଦେଉଥିଲେ ତତ୍କାଳୀନ ସରକାର, କିନ୍ତୁ ନୂଆ ଭାଜପା ସରକାର ବିକାଶକୁ ପ୍ରାଥମିକତା ଦେଇଛନ୍ତି। ସଂକଳ୍ପପତ୍ରରେ ଯାହା ଅଛି ଗୋଟି ଗୋଟି କରି ସବୁ ପୂରଣ କରାଯିବ ବୋଲି ନଡ୍ଡା କହିଛନ୍ତି। ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ଦଳର ଉପସଭାପତି ଗୋଲକ ମହାପାତ୍ର କହିଛନ୍ତି ଯେ, ପଦାଧିକାରୀ ବୈଠକରେ ୩-ସ ଥିଓରି ଉପରେ ଆଲୋଚନା ହୋଇଛି। ୩-ସ ହେଉଛି, ସରକାର, ସଙ୍ଗଠନ ଏବଂ ସାଧାରଣ ଲୋକ। ସରକାର ଓ ଜନସାଧାରଣଙ୍କ ମଧ୍ୟରେ ସେତୁ ହୋଇ ସଙ୍ଗଠନ କାମ କରିବ। ଲୋକଙ୍କ ସମସ୍ୟା ତୃଣମୂଳସ୍ତରରୁ ଆଣି ସରକାରକୁ ସଙ୍ଗଠନ ପ୍ରଦାନ କରିବ ଏବଂ ସରକାରଙ୍କ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବାର କାମ କରିବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମ ଶେଷ କରି ନଡ୍ଡା ଶ୍ରୀମନ୍ଦିର ଯାଇଥିଲେ। ସେଠାରେ ଦର୍ଶନ ସାରିବା ପରେ ଭୁବନେଶ୍ୱରରେ ପହଞ୍ଚି ଦିଲ୍ଲୀ ଫେରିଯାଇଥିବା ଜଣାପଡ଼ିଛି। କାର୍ଯ୍ୟକାରିଣୀର ପ୍ରଥମ ଦିନରେ ରାଜନୈତିକ ଚିଠା ପ୍ରସ୍ତାବ ସହ ଧନ୍ୟବାଦ ପ୍ରସ୍ତାବ ପାରିତ ହୋଇଛି। ଶେଷରେ ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ଶତପଥୀ କାର୍ଯ୍ୟକାରିଣୀ ତରଫରୁ ଧନ୍ୟବାଦ ଦେଇଥିଲେ।

## ଭାଜପା ରାଜ୍ୟ କାର୍ଯ୍ୟକାରିଣୀରେ ଓଡ଼ିଆ ଅସ୍ମିତାର ନିଦର୍ଶନ
ପୁରୀଠାରେ ଆୟୋଜିତ ଭାଜପାର ଦୁଇଦିନିଆ ପରିବର୍ଦ୍ଧିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଓଡ଼ିଆ, ଭାଷା, ସଂସ୍କୃତି ଓ ଅସ୍ମିତାର ନିଦର୍ଶନ ଦେଖିବାକୁ ମିଳିଛି। ସଭାସ୍ଥଳରେ ଓଡ଼ିଶାର ବିପ୍ଳବୀ, ସ୍ୱାଧୀନତା ସଂଗ୍ରାମୀ, ବରପୁତ୍ର ଓ କବିମାନଙ୍କ ଫଟୋଚିତ୍ର ଏବଂ ବାର୍ତ୍ତାକୁ ସ୍ଥାନ ଦେଇ ସମ୍ମାନ ଜଣାଯାଇଛି। ଏଥିସହ ସଭାସ୍ଥଳରେ କୋଣାର୍କ ଚକ୍ର ଓ ଶ୍ରୀମନ୍ଦିର ନୀଳଚକ୍ରର ପ୍ରତିକୃତି ସ୍ଥାନ ପାଇଛି। ଉତ୍କଳର ବୈଭବଶାଳୀ ଇତିହାସ, ପୁରାତନ ମନ୍ଦିର ଏବଂ ପ୍ରସିଦ୍ଧ କଳାକୃତିରେ ବୈଠକ ସଭାସ୍ଥଳ ସଜେଇ ହୋଇଛି। ସେହିପରି ନରେନ୍ଦ୍ର ମୋଦି ସରକାରଙ୍କ ବିକାଶମୂଳକ ତଥା ଜନକଲ୍ୟାଣକାରୀ ଯୋଜନାର ବିସ୍ତୃତ ବିବରଣୀ ମଧ୍ୟ ପ୍ରଦର୍ଶିତ ହେଉଛି।

## ପୀତାମ୍ବର ଆଚାର୍ଯ୍ୟ ...
ମଧ୍ୟ ସରକାରଙ୍କୁ ସମାଲୋଚନା କରିଥିଲା। ଆଡ୍‌ଭୋକେଟ୍ ଜେନେରାଲ ଏକ ସାମ୍ବିଧାନିକ ପଦବୀ। ସରକାର କ୍ଷମତାକୁ ଆସିବା ପରେ ପ୍ରଥମ କ୍ୟାବିନେଟରେ ଏଜି ନିଯୁକ୍ତି ସମ୍ପର୍କରେ ନିଷ୍ପତ୍ତି ହୋଇଥାଏ। ଏକାଧିକ ବରିଷ୍ଠ ଆଇନଜୀବୀ ଲବିରେ ଥିବାରୁ ନିଷ୍ପତ୍ତି ନେବାରେ ବିଳମ୍ବ ହୋଇଥିଲା। ଶେଷରେ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟଙ୍କ ନାଁରେ ରାଜ୍ୟ ସରକାର ମୋହର ମାରିଛନ୍ତି। ପୀତାମ୍ବର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଏହା ଏକ ସାମ୍ବିଧାନିକ ଦାୟିତ୍ୱ ଏବଂ ତାହାକୁ ସେ ସୂଚାରୁରୂପେ ପାଳନ କରିବେ।




# ମାଛ ଧରୁଥିବାବେଳେ ସ୍ତ୍ରୀ ସମ୍ମୁଖରେ ବୁଡ଼ିଗଲେ ସ୍ୱାମୀ

**ମହାକାଳପଡ଼ା, ୧୯।୭ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

ଶୁକ୍ରବାର ମହାନଦୀର ବନ୍ତନାଶିଠାରେ ମାଛ ଧରୁଥିବା ବେଳେ ଜଣେ ଯୁବକ ବୁଡ଼ିଯାଇଛନ୍ତି। ସ୍ତ୍ରୀ ଓ ଶାଳକଙ୍କ ଆଖି ସମ୍ମୁଖରେ ଏହି ଘଟଣା ଶୁକ୍ରବାର ମଧ୍ୟାହ୍ନରେ ଘଟିଛି। ଖବର ପାଇ ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ହେଲେ ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ନିଖୋଜ ଯୁବକଙ୍କୁ ଉଦ୍ଧାର କରାଯାଇପାରିନାହିଁ। ନିଖୋଜ ଯୁବକଙ୍କ ନାମ ପିଣ୍ଟୁ ଦାସ। ସେ ଜଣେ ମତ୍ସ୍ୟଜୀବି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏହାକୁ ନେଇ ମହାକାଳପଡ଼ା ବ୍ଲକ୍ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ସାମୁଦ୍ରିକ ଜୁଆର ପ୍ରଭାବ ଥିବାରୁ ମହାନଦୀରେ ଭଲ ମାଛ ପଡୁଥିବା ଶୁଣି ପିଣ୍ଟୁ ଦାସ ସ୍ତ୍ରୀ ଓ ଶାଳକଙ୍କ ସହ ମିଶି ଶୁକ୍ରବାର ମଧ୍ୟାହ୍ନରେ ମହାନଦୀକୁ ମାଛ ଧରିବା ପାଇଁ ଯାଇଥିଲେ। ମହାନଦୀରେ ଭଉଁରୀ ଜାଲ ପକାଇ ମାଛ ଧରୁଥିବା ବେଳେ ସେ ଗଭୀର ଜଳକୁ ଚାଲିଯାଇଥିଲେ। ପ୍ରଖର ସ୍ରୋତ ଥିବାରୁ ତାଙ୍କ ଗୋଡ଼ ଖସିଯାଇଥିଲା। ସେ ଗଭୀର ଜଳରେ ବୁଡ଼ି ନିଖୋଜ ହୋଇଯାଇ ଥିଲେ। ସ୍ତ୍ରୀ ଓ ଶାଳକଙ୍କ ଆଖି ଆଗରେ ଏହି ଘଟଣା ଘଟିଥିଲେ ମଧ୍ୟ ସେମାନେ ପିଣ୍ଟୁଙ୍କୁ ରକ୍ଷା କରି ପାରି ନ ଥିଲେ। ଖବର ପାଇ ପୋଲିସ ଓ ମହାକାଳପଡ଼ା ଅଗ୍ନିଶମ ବାହିନୀ ପହଞ୍ଚି ବୋଟ୍ ସାହାର୍ଯ୍ୟରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ହେଲେ ସନ୍ଧ୍ୟାସୁଦ୍ଧା ପିଣ୍ଟୁଙ୍କୁ ଉଦ୍ଧାର କରାଯାଇପାରି ନ ଥିଲା। ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ତଦାରଖ କରିଥିଲେ। ଆବଶ୍ୟକ ପଡିଲେ ଯାଜପୁର ଜିଲା ଡୁବୁରୀସ୍ଥିତ ଓଡ୍ରାଏଫ୍ ଟିମ୍‌କୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯିବ ବୋଲି ତହସିଲଦାର କହିଛନ୍ତି। ସୂଚନା ଅନୁଯାୟୀ, ନିଖୋଜ ପିଣ୍ଟୁ ଦାସଙ୍କ ପୈତୃକ ଘର ଭଦ୍ରକ ଜିଲା ବଡ଼ହାଟ ତ୍ରିଲୋଚନପୁରରେ। ସେ ମହାକାଳପଡ଼ା ନିକଟ ବାହାକୁଦ ଗ୍ରାମର ମୁସଲିମ ଝିଅ ହସିନା ଖାତୁନଙ୍କୁ ବିବାହ କରି ରହୁଥିଲେ। ପ୍ରଖର ସ୍ରୋତ ଯୋଗୁ ମହାନଦୀରେ ଉଦ୍ଧାର କାର୍ଯ୍ୟରେ ସମସ୍ୟା ସୃଷ୍ଟି ହେଉଛି ବୋଲି ପ୍ରାକ୍ତନ ସରପଞ୍ଚ ବିକାଶ ଚନ୍ଦ୍ର ଦେବନାଥ କହିଛନ୍ତି।

### ଅଗ୍ନିଶମ ବାହିନୀ ଦ୍ୱାରା ଉଦ୍ଧାର କାର୍ଯ୍ୟ ଜାରି


ନିଖୋଜ ପିଣ୍ଟୁ ଦାସଙ୍କ ଫାଇଲ ଫଟୋ।


ମହାନଦୀ କୂଳରେ ସ୍ୱାମୀଙ୍କୁ ଚାହିଁ ବସିଛନ୍ତି ସ୍ତ୍ରୀ ହାସିନା ଖାତୁନ।

# ଓଡ଼ିଶା-ଆନ୍ଧ୍ର ସହ ତେଲଙ୍ଗାନାକୁ ଯୋଗାଯୋଗ ବିଚ୍ଛିନ୍ନ

**ମାଲକାନଗିରି/କାଲିମେଲା/ ଏମ୍‌ଭି-୭୯, ୧୯।୭ (ଦୁର୍ଯ୍ୟୋଧନ ପାତ୍ର/ ଜୀବନକୃଷ୍ଣ ଦାସ/ ଭି.କି ବାରିକ)**

## ଏମ୍‌ଭି-୯୬ ପୋଲ ଉପରେ ୩ ଫୁଟ ବର୍ଷାଜଳ



ମାଲକାନଗିରି ଜିଲାରେ ଶୁକ୍ରବାର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଲଘୁଚାପଜନିତ ବର୍ଷା ଲାଗିରହିଛି। ଜିଲାରେ ମୋଟ ୮୩.୮ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ମାଲକାନଗିରି ବ୍ଲକ୍‌ରେ ୬.୨ମି.ମି., ମାଥିଲି ବ୍ଲକ୍ ୩.୦ ମି.ମି., ଖଇରପୁଟରେ ୫.୦ ମି.ମି., ଚିତ୍ରକୋଣ୍ଡା ୬.୬ମି.ମି., କୋରୁକୋଣ୍ଡା ୯.୦ ମି.ମି., କାଲିମେଲା ୪୦.୦ ମି.ମି. ଓ ପଡ଼ିଆ ବ୍ଲକ୍‌ରେ ୧୪.୦ ମି.ମି. ବର୍ଷା ହୋଇଛି। ଏହି ବର୍ଷା ଯୋଗୁ ଜିଲାର ପୋଟେରୁ, ଏମ୍‌ଭି-୯୦, ଏମ୍‌ଭି-୯୬, କାଙ୍ଗୁରୁକୋଣ୍ଡା, କନ୍ୟାଶ୍ରମ, ପାଙ୍ଗାମ, ତାର୍ଲାକୋଟା ପ୍ରଭୃତି ଅଞ୍ଚଳର ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। କାଙ୍ଗୁରୁକୋଣ୍ଡା ପୋଲରେ ଅତ୍ୟଧିକ ବର୍ଷାଜଳ ପ୍ରବାହିତ ହେଉଥିବାରୁ ଓଡ଼ିଶା- ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଓଡ଼ିଶା- ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇ ଗତ ସପ୍ତାହେ ତଳେ ଏମ୍‌ଭି-୯୬ ନଦୀରେ ୩ଫୁଟ ଉଚ୍ଚତାରେ ବର୍ଷାଜଳ ପ୍ରବାହିତ ହୋଇଥିବା ବେଳେ ଶୁକ୍ରବାର ଏହି ନଦୀରେ ସମପରିମାଣର ବର୍ଷାଜଳ ପ୍ରବାହିତ ହୋଇଥିବା ଦେଖିବାକୁ ମିଳିଛି। ସେହିପରି ପୋଟେରୁ ନଦୀ ଉପରେ ମଧ୍ୟ ୩ ଫୁଟ ଉଚ୍ଚତାରେ ବର୍ଷାଜଳ ପ୍ରବାହିତ ହେଉଛି। ଫଳରେ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଗାଡ଼ିମୋଟର ଅଟକି ରହିଛି। ଯଦି ବର୍ଷା ରାତିତମାମ ଲାଗି ରହେ ତେବେ ଶନିବାର ସକାଳ ସୁଦ୍ଧା ଏହି ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇ ପୋଲ ଉପରେ ବର୍ଷାଜଳ ପ୍ରବାହିତ ହେବା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ସମସ୍ତ ପ୍ରସ୍ତୁତି ଶେଷ କରିଛି। ନଦୀକୂଳିଆ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବା ଲାଗି ପ୍ରଶାସନ ବ୍ୟବସ୍ଥା କରିଛି। ଅଗ୍ନିଶମ ବିଭାଗ, ଓଡ୍ରାଫ୍ ଟିମ୍, ଅନ୍ୟ ସମସ୍ତ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀମାନେ ସଜାଗ ରହିଛନ୍ତି। ସୂଚନାଯୋଗ୍ୟ, ମାଲକାନଗିରି ଜିଲାର ଏହି ନଦୀଗୁଡ଼ିକରେ ପ୍ରତିବର୍ଷ ପ୍ରବଳ ବର୍ଷା ଯୋଗୁ ନଦୀର ଜଳସ୍ତର ବୃଦ୍ଧି ପାଇ ନଦୀ ପୋଲ ଉପରେ ପ୍ରାୟ ୫ ଫୁଟରୁ ଉଚ୍ଚରେ ବର୍ଷା ଜଳ ପ୍ରବାହିତ ହେଉଥିବା ନଜିର ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସମସ୍ତ ନଦୀ ଉପରେ ଥିବା ପୋଲଗୁଡ଼ିକର ଉଚ୍ଚତା ବୃଦ୍ଧି ପାଇଁ ନୂତନ ପୋଲ ନିର୍ମାଣ ଲାଗି ଟେଣ୍ଡର କରିଥିଲେ ସୁଦ୍ଧା ୩ ବର୍ଷ ବିତିଲାଣି ପୋଲଗୁଡ଼ିକ ଅଧାପନ୍ତରିଆ ଭାବେ ପଡ଼ିରହିଛି। ତୁରନ୍ତ ଏହି ନିର୍ମାଣାଧୀନ ପୋଲ କାର୍ଯ୍ୟ ଶେଷ କରିବାକୁ ସାଧାରଣରେ ଦାବି ହେଉଛି।

ଲଗାଣବର୍ଷା ଯୋଗୁ କାଲିମେଲା ବ୍ଲକ୍‌ରେ ସର୍ବାଧିକ ୪୦ମି.ମି. ବର୍ଷା ରେକର୍ଡ କରାଯାଇଛି। ଅତ୍ୟଧିକ ବର୍ଷା ଯୋଗୁ ମାଲକାନଗିରିରୁ ମୋଟୁକୁ ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜପଥର କାଙ୍ଗୁରୁକୋଣ୍ଡା ପୋଲ ଉପରେ ୪ଫୁଟ ବର୍ଷାପାଣି ପ୍ରବାହିତ ହେଉଛି। ପାଣିରେ ପୋଲ ବୁଡ଼ିଯାଇଥିବା ଦେଖିବାକୁ ମିଳିଛି। ଏହି ରାସ୍ତା ଦେଇ ଗାଡ଼ିମୋଟର ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। ପୋଲର ଉଭୟ ପାର୍ଶ୍ୱରେ ଶତାଧିକ ଗାଡି ଅଟକି ରହିଛି। ପୋଲ ପାରି ନ ହେବାକୁ କାଲିମେଲା ପୋଲିସ ଲୋକଙ୍କୁ ପରାମର୍ଶ ଦେଇଛି। ପ୍ରଶାସନ ପକ୍ଷର ପୋଲର ଉଭୟ ପାର୍ଶ୍ୱରେ ଲାଲରଙ୍ଗର ଫିତା ଟଣାଯାଇ ଯାତାୟାତକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ଫଳରେ ଓଡ଼ିଶା- ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ଜଣାଯାଇଛି। ସେହିପରି ଏମ୍‌ଭି- ୯୬ ପୋଲ ଉପରେ ମଧ୍ୟ ୨ରୁ ୩ ଫୁଟ ବର୍ଷାଜଳ ପ୍ରଭାବିତ ହେଉଥିବାରୁ ଲୋକମାନେ ଅଟକି ରହିଥିବା ଦେଖିବାକୁ ମିଳିଛି। କାଲିମେଲାରୁ ପଡିଆକୁ ସଂଯୋଗ କରୁଥିବା କନ୍ୟାଶ୍ରମ ପୋଲ ତଳେ ପାଣି ଚାଲିଛି। ବର୍ଷାକୁ ନଜରରେ ରଖି ପ୍ରଶାସନିକ ଅଧିକାରୀମାନେ ସଜାଗ ରହିଛନ୍ତି। ଜିଲା ବିପର୍ଯ୍ୟୟ ପରିଚାଳନା ଅଧିକାରୀ କାଙ୍ଗୁରୁକୋଣ୍ଡା ଗସ୍ତକରି ସ୍ଥିତି ଉପରେ ନଜର ରଖିଛନ୍ତି। ବିଡିଓ ପ୍ରଦୀପ କର ବୁଡ଼ିଯାଇଥିବା ପୋଲ ଅଞ୍ଚଳ ବୁଲି ଦେଖିଛନ୍ତି।

### ଲଘୁଚାପଜନିତ ଲଗାଣବର୍ଷା

# ପୁରୁଣା ସ୍ମୃତି ଉଜ୍ଜୀବିତ କଲା ଚଳଚ୍ଚିତ୍ର 'ଉଲ୍‌କା'

### ପ୍ରେକ୍ଷାଳୟ ଫୁଲ୍, ଛିଡ଼ା ହୋଇ ଦେଖିଲେ ଦର୍ଶକ

**ଭୁବନେଶ୍ୱର, ୧୯।୭ (ଶର୍ମିଷ୍ଠା ପାଣିଗ୍ରାହୀ)**

ଓଡ଼ିଆ ଫିଲ୍ମର ସୁବର୍ଣ୍ଣ ସମୟକୁ ଆଜି ବି ଲୋକେ ଝୁରନ୍ତି। ଅତୀତରେ ଫିଲ୍ମ ଦେଖିବାର ସେ ମଜା ଆଜି ଆଉ ନାହିଁ। ସମୟ ସହ ପରିବର୍ତ୍ତନ ହୋଇଛି ଚଳଚ୍ଚିତ୍ରର ବିଷୟବସ୍ତୁ ଓ ସିନେମା ଦେଖିବାର ଧାରା। ମାତ୍ର ଅତୀତର ସେ ପୃଷ୍ଠାକୁ ଦୋହରାଇଥିଲା ଚଳଚ୍ଚିତ୍ର 'ଉଲ୍‌କା'। ୧୯୮୧ ମସିହାରେ ରାଜଲକ୍ଷ୍ମୀ ପ୍ରଡକ୍ସନ ପକ୍ଷରୁ ରଙ୍ଗିନ କଥାଚିତ୍ର 'ଉଲ୍‌କା' ନିର୍ମାଣ ହୋଇଥିଲା। ଫିଲ୍ମ ଜର୍ନାଲିଷ୍ଟ ଫୋରମ ପକ୍ଷରୁ ଦୀର୍ଘ ୪୩ ବର୍ଷ ପରେ ଶୁକ୍ରବାର ସୂଚନା ଭବନରେ ପ୍ରଦର୍ଶନ ବେଳେ ସେମିତି ଏକ ଭିନ୍ନ ମାହୋଲ ସୃଷ୍ଟି ହୋଇଥିଲା। ପ୍ରେକ୍ଷାଳୟ ଫୁଲ୍ ରହିଥିବାବେଳେ ବହୁ ଦର୍ଶକ ଛିଡ଼ା ହୋଇ 'ଉଲ୍‌କା'କୁ ଦେଖୁଥିବା ଦେଖିବାକୁ ମିଳିଥିଲା। ଓଡ଼ିଶାରେ ପ୍ରଥମଥର ପାଇଁ ଅରୋ ରୋଲ୍‌ରେ ଶୁଟ୍ ହୋଇଥିବା 'ଉଲ୍‌କା'ରେ ମହେଶ୍ୱେତା, ଗ୍ଲୋରିଆ ମହାନ୍ତି, ବ୍ୟୋମକେଶ ତ୍ରିପାଠୀ ଓ ରାଧା ପଣ୍ଡାଙ୍କ ବ୍ୟତୀତ ଅନ୍ୟ କଳାକାର ଥିଲେ ନବାଗତ। ନିର୍ଦ୍ଦେଶକ, ସଙ୍ଗୀତ ନିର୍ଦ୍ଦେଶକ, ଗୀତିକାର, ପ୍ରଯୋଜକ, ଟେକ୍ନିସିଆନ ମଧ୍ୟ ଥିଲେ ନବାଗତ। 'ଉଲ୍‌କା'ର କାହାଣୀ, ପରିଚର୍ଯ୍ୟା, ସମ୍ପାଦନା ଓ ଆଲୋକ ସମ୍ପାତ ଆଦି ସେସମୟରେ ଯଥେଷ୍ଟ ଆଗରେ ଥିଲା। ରାଜୁ ମିଶ୍ର ଓ ସୂର୍ଯ୍ୟ ମିଶ୍ରଙ୍କ ନିର୍ଦ୍ଦେଶନା ଏବଂ ରାଜୁ ମିଶ୍ର ଓ ବିଭୂ ମହାନ୍ତିଙ୍କ ସଙ୍ଗୀତ ନିର୍ଦ୍ଦେଶନା ସେତେବେଳେ ଚହଳ ପକାଇଥିଲା। ଏବେ ମଧ୍ୟ ଅଭିମାନିନୀ ଏ ଅମାନିଆ ଢେଉ.., ମା' ତୁମେ ମମତାର ସୀମାହୀନ ସାଗର...ଓ ଏ ଜୀବନ ମାନେ ନୁହେଁ ...ଗୀତ ଅଧିକାଂଶ ଓଡ଼ିଆଙ୍କ ମନଘରେ ବସା ବାନ୍ଧି ରହିଛି। ଯେହେତୁ ଏହାର ପ୍ରିଣ୍ଟ ମିଳୁ ନ ଥିଲା ବିଗତ କିଛିବର୍ଷ ହେଲା 'ଉଲ୍‌କା'ର ପ୍ରସାରଣ ସମ୍ଭବ ନ ଥିଲା ବୋଲି ଫୋରମ୍ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ସବିତା ପ୍ରଧାନ, କାଦମ୍ବିନୀର ସମ୍ପାଦିକା ଇତି ସାମନ୍ତ, ଫିଲ୍ମ ନିର୍ମାତା ସବ୍ୟସାଚୀ ମହାପାତ୍ର, ନାଟ୍ୟକାର ଶୈଳେଶ୍ୱର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବ ଆରମ୍ଭରେ ଫୋରମର ଅନୁଷ୍ଠାନ ସଙ୍ଗୀତ ଭାବରେ ପରିବେଷିତ ହୋଇଥିଲା ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ସୀତାବିବାହ'ର ସଙ୍ଗୀତ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WE ARE HIRING!
Open Positions : (1 Year of Expertise)
▸ASP VB.Net ▸ js node and mongodb
▸ASP C#.Net ▸ Network Engineer
▸Web API ▸ Desktop support Engineer
▸MVC Architecture ▸ Server Engineer
▸php ci3.4
SEND YOUR CV TO
Email : ebusiness@netscore.co.in / stechnotools@gmail.com
CALL US : SANJAY SAHA
91-7908158491 / 91-8895011111

Engineer ଆବଶ୍ୟକ
କଟକ, ଭୁବନେଶ୍ୱର, ପୁରୀ ଓ ଜଗତସିଂହପୁରରେ (Well and Pile) ବ୍ରିଜ୍ କାର୍ଯ୍ୟ ପାଇଁ Experience/Fresher Civil Engineer, Supervisor, Estimation କାର୍ଯ୍ୟ ଜାଣିଥିବା Engineer ଓ Other Staff ଆବଶ୍ୟକ ।
ରହିବା, ଖାଇବା ସୁବିଧା ଉପଲବ୍ଧ
Whatsapp:8917676698

WANTED
Caretaker / Security Incharge needed for our Pattamundai and BBSR Building.
Contact: 9778855101/7003751404
BESCO DEVELOPERS PVT. LTD.

REQUIREMENT
Graduate & well behaved candidate required for a construction firm with good communication skill
Mob. : 8338905555
sitekhorda@gmail.com

# ଜଗନ୍ନାଥ ଧର୍ମ ସର୍ବଧର୍ମ ସମନ୍ୱୟର ପ୍ରତୀକ

### ଜାତୀୟ ଅଭିଲେଖାଗାରର ଚତୁର୍ଥ ମାସିକ ଆଲୋଚନାଚକ୍ର

**ଭୁବନେଶ୍ୱର, ୧୯।୭ (ଶର୍ମିଷ୍ଠା ପାଣିଗ୍ରାହୀ)**

ଭାରତୀୟ ଜାତୀୟ ଅଭିଲେଖାଗାର ପୂର୍ବାଞ୍ଚଳ ଶାଖା ଭୁବନେଶ୍ୱର ପକ୍ଷରୁ ଚତୁର୍ଥ ମାସିକ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗବେଷକ, ସାହିତ୍ୟିକ ତଥା ଜଗନ୍ନାଥ ସଂସ୍କୃତି ବିଶାରଦ ଅଲେଖ ଚନ୍ଦ୍ର ପଢିଆରୀ ଯୋଗଦେଇ 'ଜଗନ୍ନାଥ ସଂସ୍କୃତିର ଅଜ୍ଞାତ ଦିଗ' ଉପରେ ଆଲୋଚନା କରିଥିଲେ। ଜଗନ୍ନାଥ ଧର୍ମ କିପରି ବିଶ୍ୱ ଭାତୃତ୍ୱ ସୃଷ୍ଟିରେ ସହଯୋଗ କରିଛି ତାହାକୁ ସେ ବିଶେଷ ଭାବରେ ବର୍ଣ୍ଣନା କରିଥିଲେ। ଅଭିଲେଖାଗାରରେ ତଥ୍ୟ ଭିତ୍ତିକ ଉତ୍ସକୁ ଅବଲୋକନ କରି ଜଗନ୍ନାଥ ଧର୍ମର ପ୍ରାଚୀନତାକୁ ଗୁରୁତ୍ୱ ଦେଇଥିଲେ। ସେ କହିଥିଲେ, ଜଗନ୍ନାଥ ଧର୍ମ ବୌଦ୍ଧ, ହିନ୍ଦୁ, ଖ୍ରୀଷ୍ଟିୟାନ, ମୁସଲିମ ଧର୍ମକୁ ସ୍ୱାତନ୍ତ୍ର୍ୟ ଓ ତଥ୍ୟ ଭିତ୍ତିକ ଭାବରେ ବାନ୍ଧି ରଖିଛି, ଯାହା ସର୍ବଧର୍ମ ସମନ୍ୱୟର ପ୍ରତୀକ। ଅଭିଲେଖାଗାରର ସହାୟକ ନିର୍ଦ୍ଦେଶକ ସତ୍ୟନାରାୟଣ ମିଶ୍ର ଅଧ୍ୟକ୍ଷତା କରି କହିଲେ, ତଥ୍ୟ ଓ ତାହାର ନିଶ୍ଚିତତା ଅନୁସନ୍ଧାନକୁ ଅଧିକ କ୍ରିୟାଶୀଳ କରିଥାଏ, ଯାହାର ଆବଶ୍ୟକତା ଅଭିଲେଖାଗାର ଦ୍ୱାରା ସମ୍ଭବ ହୋଇଥାଏ। ଜଗନ୍ନାଥ ସଂସ୍କୃତିରେ ଅନାଲୋଚିତ ବା ଅଜ୍ଞାତ ଦିଗଗୁଡ଼ିକ କିପରି ସମସ୍ତଙ୍କ ନିକଟରେ ଉପଲବ୍ଧ ହୋଇପାରିବ ତାହା ଉପରେ ସେ ଗବେଷକମାନଙ୍କର ସହଯୋଗ କାମନା କରିଥିଲେ। ଉତ୍ସବରେ ରାମଚନ୍ଦ୍ର କରଣ ଧନ୍ୟବାଦ ପ୍ରଦାନ କରିଥିଲେ।

# ବଡ଼ଭଉଣୀ ବନାନୀଙ୍କ ସାକ୍ଷ୍ୟଗ୍ରହଣ

### ଅଭିନେତ୍ରୀ ବର୍ଷାଙ୍କୁ ନିର୍ଯାତନା ମାମଲା

**କଟକ, ୧୯।୭ (କାର୍ତ୍ତିକ ସାହୁ)**

ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ନିର୍ଯାତନା ଦେବା ମାମଲାର ଶୁଣାଣି କଟକ ଜେଏମ୍‌ଏଫ୍‌ସି ଏମ୍‌ପି/ଏମ୍‌ଏଲ୍‌ଏ ସ୍ୱତନ୍ତ୍ର କୋର୍ଟରେ ଶୁକ୍ରବାର ହୋଇଛି। ମାମଲାର ସାକ୍ଷ୍ୟ ଗ୍ରହଣ ପ୍ରଥମ କରି ଆରମ୍ଭ ହୋଇଛି। ପ୍ରଥମ ସାକ୍ଷୀ ଭାବେ ବର୍ଷାଙ୍କ ବଡ଼ଭଉଣୀ ବନାନୀ ଦଳାଇଙ୍କ ବୟାନ ରେକର୍ଡ କରାଯାଇଛି। ମାତ୍ର ସମୟ ଅଭାବରୁ ତାଙ୍କୁ ଜେରା କରାଯାଇପାରି ନାହିଁ। ତେବେ ପରବର୍ତ୍ତୀ ଶୁଣାଣିରେ ବନାନୀଙ୍କୁ ଜେରା କରାଯିବ। ଆସନ୍ତା ୨୩ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀ ଅନୁଯାୟୀ, ଅଭିନେତା ତଥା ପୂର୍ବତନ ଏମ୍‌ପି ଅନୁଭବ ମହାନ୍ତିଙ୍କ ବିରୋଧରେ ବର୍ଷା ପୁରୀଘାଟ ଥାନାରେ ୨୦୨୦ରେ ଏକ ନିର୍ଯାତନା ମାମଲା ରୁଜୁ କରିଥିଲେ। ଅନୁଭବ ତାଙ୍କୁ ମାନସିକ, ଶାରୀରିକ ନିର୍ଯାତନା ଦେବା ସହ ବିଭିନ୍ନ ସମୟରେ ଧମକ ଦେଉଥିବା ସେ ଅଭିଯୋଗପତ୍ରରେ ଦର୍ଶାଇଥିଲେ। ଅନୁଭବଙ୍କ ଦୁଇ ସହଯୋଗୀ ସୁଜିତ୍ ଦଳାଇ ଓ ଖଗେନ୍ଦ୍ର ପ୍ରସାଦ ସାହୁ ମଧ୍ୟ ବର୍ଷାଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗରେ ଦର୍ଶାଇଥିଲେ। ଏହି ମାମଲାକୁ ରଦ୍ଦ କରିବା ପାଇଁ ଅନୁଭବ କୋର୍ଟରେ ଡିସ୍‌ଚାର୍ଜ ପିଟିଶନ୍ ଦାଏର କରିଥିଲେ। ହେଲେ ବର୍ଷାଙ୍କ ପକ୍ଷରୁ ଏହାକୁ ବିରୋଧ କରାଯିବା ସହ ଏହି ମାମଲାରେ ଚାର୍ଜଫ୍ରେମ୍ ପାଇଁ ଯୁକ୍ତି ରଖାଯାଇଥିଲା। କଟକ ଜେଏମ୍‌ଏଫ୍‌ସି କୋର୍ଟ ଅନୁଭବ କରିଥିବା ଆବେଦନକୁ ଗତ ମେ' ୮ ତାରିଖରେ ଖାରଜ କରିଦେଇଥିଲେ। ଏଥିସହ ମେ' ୧୦ରେ ଚାର୍ଜଫ୍ରେମ୍ ତଥା ସେଦିନ ଅନୁଭବଙ୍କୁ ହାଜର ହେବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଅନୁଭବ କୋର୍ଟରେ ହାଜର ନ ହୋଇ ସମୟ ଗଡ଼ାଇବାରୁ ତାଙ୍କ ବିରୋଧରେ ଜାମିନ୍ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରାଯାଇଥିଲା। ସ୍ୱତନ୍ତ୍ର କୋର୍ଟଙ୍କ ଏନ୍‌ବିଡବ୍ଲ୍ୟୁ ଜାରି ବିରୋଧରେ ଅନୁଭବ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅନୁଭବଙ୍କ ଆବେଦନର ଶୁଣାଣି କରି ଏନ୍‌ବିଡବ୍ଲ୍ୟୁ ଉପରେ ହାଇକୋର୍ଟ ସ୍ଥଗିତାଦେଶ ଦେଇଥିଲେ। ଏଥିସହ ଅନୁଭବଙ୍କୁ ଜେଏମ୍‌ଏଫ୍‌ସି କୋର୍ଟରେ ହାଜର ହେବା ପାଇଁ ଆଦେଶ ଦେଇଥିଲେ। ଏନ୍‌ବିଡବ୍ଲ୍ୟୁ ମାମଲାରେ ଅନୁଭବ ସ୍ୱତନ୍ତ୍ର କୋର୍ଟରେ ହାଜର ହୋଇଥିଲେ। ଅନୁଭବ ହାଜର ହେବା ପରେ ତାଙ୍କ ନାମରେ ଓ ତାଙ୍କ ଦୁଇ ସହଯୋଗୀଙ୍କ ନାମରେ ଚାର୍ଜଫ୍ରେମ୍ ହୋଇଥିଲା। ସରକାରଙ୍କ ପକ୍ଷରୁ କ୍ୟାଡର ଏପିପି ଅଫ୍ରଜ ଅହମଦ ମାମଲା ପରିଚାଳନା କରୁଛନ୍ତି।

# ୨୨ରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ହେବ ନାହିଁ

**ଭୁବନେଶ୍ୱର, ୧୮।୭ (ଅନିଲଦାସ)**

ଆସନ୍ତା ୨୨ ତାରିଖ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ହେବ ନାହିଁ। ସେହିଦିନ ଷୋଡ଼ଶ ବିଧାନସଭାର ପ୍ରଥମ ଅଧିବେଶନ ଆରମ୍ଭ ହେଉଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିକୁ ବନ୍ଦ ରଖାଯାଇଛି। ଏ ନେଇ ଶୁକ୍ରବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

IN THE COURT OF THE CIVIL JUDGE (SENIOR DIVISION)
COMMERCIAL, COURT: CUTTACK
C.S. (III) No. - 128/2022

Union Bank of India, O.S.B.C. Branch, Cuttack ...Plaintiff
... Vers ...
M/s. Manoj Trading & Others ...Defendants

Notice U/o-5 Rule-20 (1-A) of CPC

1) M/s. Manoj Trading represented by it's proprietor Manoj Kumar Choudhury, Jhola Sahi, P.O.: Buxibazar, Dist.: Cuttack - 753001
2) Manoj Kumar Choudhury, aged about 43 years, S/o.: Shyam Sunder Choudhury, Jhola Sahi, P.O.: Buxibazar, Dist.: Cuttack - 753001

...Defendants

Whereas the plaintiff has instituted CS (III) No-128/2022 in the aforesaid Court for Rs.6,69,315/- only together with current and future interest, costs and for other reliefs against all of you. But you did not appear in the court despite summons issued from this Hon'ble Court.

Please take notice that the case is posted to 30.07.2024 at 10.30 A.M.

For your appearance and filling of ws, if you do not appear on the above date fixed, the case will be heard and disposed of ex-parte against you.

Given under hand and seal of this Court on this the 20th day of the month of May 2024.

Sd/-
Sr. Civil Judge
Commercial Court, Cuttack

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India
A Government of India Undertaking
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ
ଏମ୍ ୧୪, ହାଉସିଂବୋର୍ଡ କଲୋନୀ, ବରମୁଣ୍ଡା, ଭୁବନେଶ୍ୱର - ୭୫୧୦୦୩
ଡିମାଣ୍ଡ ନୋଟିସ୍

ଆମର ଢେଙ୍କାନାଳ ମୁଖ୍ୟ ଶାଖାରୁ ଋଣ ନେଇଥିବା ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟର କାର୍ଯ୍ୟାନୁଷ୍ଠାନ ନୋଟିସ୍: ଏନ୍‌ପିଏ ଶ୍ରେଣୀଭୁକ୍ତ

ଆମେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦେଉଛୁ କି ସେମାନେ ବକେୟା ଦେୟ / କିସ୍ତି / ସୁଧ ପରିଶୋଧ କରିନଥିବାରୁ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଢେଙ୍କାନାଳ ମୁଖ୍ୟ ଶାଖାର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ରେଜିଷ୍ଟ୍ରେଡ୍ ଡାକ ସହିତ ଏ.ଡି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ସେମାନଙ୍କର ଆକାଉଣ୍ଟର ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଢେଙ୍କାନାଳ ମୁଖ୍ୟ ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ପ୍ରକାର/ ଋଣ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
| --- | --- | --- | --- |
| ଋଣଗ୍ରହୀତାମାନେ: ୧) ଶ୍ରୀମତୀ ମନ୍ଦାକିନୀ ସାହୁ, ସ୍ୱାମୀ: ଭଗବତ ପରିଡ଼ା, ୨) ଶ୍ରୀ ଭଗବତ ପରିଡ଼ା, ପିତା: ଗଙ୍ଗାଧର ପରିଡ଼ା, ଉଭୟଙ୍କ ଠିକଣା ସା: ଆନନ୍ଦ ନଗର, କାଠଗଡ଼ ମେଡ଼ିକାଲ ଲେନ୍, ଢେଙ୍କାନାଳ, ପିନ୍ - ୭୫୯୦୦୧/ ଗ୍ୟାରେଣ୍ଟିଦାତା: ଶ୍ରୀମତୀ ମମତା କୁମାରୀ ସାହୁ, ସ୍ୱାମୀ: ରମେଶ ଚନ୍ଦ୍ର ବେହେରା, ସା: ଅନନ୍ତ ବିହାର, ତାଳଚେର, ଜିଲ୍ଲା: ଅନୁଗୁଳ, ପିନ୍ - ୭୫୯୧୦୦ | ୟୁନିୟନ୍ ଗୃହ / ଟ.୨୯,୯୦,୦୦୦/- | ୧୦.୦୬.୨୦୨୪/ ୨୯.୦୫.୨୦୨୪ ସୁଦ୍ଧା ଟ.୩୧,୨୮,୬୨୦.୬୬ +ସେବାବଦ ପରବର୍ତ୍ତୀ ସୁଧ | ଶ୍ରୀମତୀ ମନ୍ଦାକିନୀ ସାହୁ, ସ୍ୱାମୀ: ଭଗବତ ପରିଡ଼ାଙ୍କ ନାମରେ ଥିବା ଆଇନ୍‌ଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୦୮/୫୩୩, ଖାତା ନଂ.: ୧୦୪/୯୫୮, ମୌଜା: କାଠଗଡ଼, ତହସିଲ: ଢେଙ୍କାନାଳ ସଦର, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା, ସମୁଦାୟ କ୍ଷେତ୍ର: ଏକର୦.୧୦ ଡିସିମିଲି |

ଆମର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ ଆପଣମାନେ ଆପଣମାନଙ୍କର ଆକାଉଣ୍ଟରେ ବକେୟା ଋଣ ପରିଶୋଧ କରୁନାହାନ୍ତି କି ଆପଣମାନେ ନିଜକୁ ଦେୟମୁକ୍ତ କରୁନାହାନ୍ତି। ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣମାନଙ୍କୁ ଉପରଦର୍ଶିତ ସ୍ତମ୍ଭରେ ଲିଖିତ ବକେୟା ପରିମାଣ ସହିତ ମାସିକ ଚୁକ୍ତି ସୁଧ ହାରରେ ଲାଗୁ ହୋଇନଥିବା ସୁଧ / ଆପଣମାନଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମେ ଆପଣମାନଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ । ୧) ଆପଣମାନେ ଯଦି ସମସ୍ତ ଦେୟ ୬୦ ଦିନ ମଧ୍ୟରେ ପୈଠ କରିବାକୁ ବିଫଳ ହୁଅନ୍ତି ଏବଂ ଯଦି ବ୍ୟାଙ୍କ ଏହି ଧାରାରେ ଥିବା ଏହାର ଅଧିକାରକୁ କାର୍ଯ୍ୟକାରୀ କରେ ଏବଂ ଏହି ବନ୍ଧକ ସମ୍ପତ୍ତିଗୁଡ଼ିକୁ ବିକ୍ରି କରିବା ଦ୍ୱାରା ଯଦି ଦେୟ ପରିଶୋଧ ହୋଇନପାରେ ତେବେ ଅବଶିଷ୍ଟ ରାଶି ଆଦାୟ ପାଇଁ ଆମେ ଆପଣମାନଙ୍କ ବିରୁଦ୍ଧରେ ଆଇନ ଅଦାଲତ / ଋଣ ଆଦାୟ ପ୍ରାଧିକରଣରେ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ କରିବାକୁ ବାଧ୍ୟ ହେବୁ। ୨) ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପାଇବାଠାରୁ ଆପଣମାନଙ୍କର ଆବଶ୍ୟକୀୟ ବ୍ୟବସାୟିକ କାରବାର ବ୍ୟତୀତ ବ୍ୟାଙ୍କର ବିନା ଅନୁମତିରେ ଉପରବର୍ଣ୍ଣିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ବିକ୍ରୟ କିମ୍ବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। ସୂଚନାଯୋଗ୍ୟଯେ ଏହି ଧାରାରେ କୌଣସି ପ୍ରକାର ବ୍ୟତିକ୍ରମ କଲେ ଏହାର ପରିଣାମ ଭୟାବହ ହେବ। ୩) ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।

ତାରିଖ: ୧୯.୦୭.୨୦୨୪
ସ୍ଥାନ: ଭୁବନେଶ୍ୱର
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଆଳୁ ପତର କି ସାରୁ ପତର**
**ସେ କି ହୋଇବ ପାନ**
**ପଛରେ ଯାହାକୁ ଭାରିଯା କରିବ**
**ସେ କି ଜାଣିବ ମନ ?**

ପ୍ରେମ ଆସକ୍ତିରେ ପଡ଼ି ପୁନଶ୍ଚ ବିବାହ କରୁଥିବା ବ୍ୟକ୍ତି ଦ୍ୱିତୀୟ ସ୍ତ୍ରୀର ଆନ୍ତରିକତା ପ୍ରତି ଅଧିକ ସଚେତନ ହେବା ଉଚିତ। ପଛ ସ୍ତ୍ରୀର ଆଭିମୁଖ୍ୟ ସେତେଟା ଗ୍ରହଣୀୟ ହେଉ ନ ଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଖୁର ମଝି ଖଣ୍ଡି**
**ମାଛର ମଝି ଗଣ୍ଡି ।**

ଆଖୁର ମଝି ଅଂଶ ଖାଇବାକୁ ଭଲ ଲାଗିଥାଏ। ସେହିପରି ପେଟିମାଛରେ ଅଳ୍ପ କଣ୍ଟା ଥିବା ହେତୁ ଖାଇବାରେ ବିଶେଷ ଅସୁବିଧା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ବ୍ୟକ୍ତି ପୂର୍ଣ୍ଣସିଦ୍ଧି ଲାଭ କରେନା ଯେତେଦିନ ପର୍ଯ୍ୟନ୍ତ ସେ ନିଜେ ଯାହା ଜାଣେ ତାକୁ ସବୁ ଭଗବାନଙ୍କ ପାଖେ ସମର୍ପଣ ନ କରିଛି। ଠିକ୍ ସେହିପରି ମାନବଜାତି ତା'ର ସବୁକିଛି ଯେତେଦିନ ଯାଏ ଭଗବାନଙ୍କୁ ଦେଇ ନ ପାରିଛି - ସେତେଦିନ ପର୍ଯ୍ୟନ୍ତ ପୂର୍ଣ୍ଣ-ସିଦ୍ଧ ସମାଜ ହୋଇପାରିବନି। -ଶ୍ରୀଅରବିନ୍ଦ



# ନାଇଡୁଙ୍କ ନୂଆ ବ୍ୟବସ୍ଥା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍.ଚନ୍ଦ୍ରବାବୁ ନାଇଡୁ ପଦବୀରେ ଦୃଢ଼ ରହିଛନ୍ତି। ପ୍ରଶାସନରୁ ଆରମ୍ଭକରି ସବୁ କ୍ଷେତ୍ରରେ ପରିବର୍ତ୍ତନ ହେବାକୁ ଯାଉଛି ବୋଲି ରାଜ୍ୟ ସରକାର ଏକ ବାର୍ତ୍ତା ଦେଉଛନ୍ତି। ଏହି ପରିବର୍ତ୍ତନ ଧାରାର ସଦ୍ୟତମ ପଦକ୍ଷେପ କ୍ରମେ ଆଇପିଏସ୍ ଅଧିକାରୀ ଏଲ୍. ସୁବାରାୟୁଡୁଙ୍କୁ ତେଲଙ୍ଗନାରୁ ଆନ୍ଧ୍ରପ୍ରଦେଶକୁ ୩ ବର୍ଷ ପାଇଁ ଡେପୁଟେଶନରେ ଅଣାଯାଇଛି। ତାଙ୍କୁ ତୁରନ୍ତ ତେଲଙ୍ଗାନାରୁ ରିଲିଭ୍ କରିବା ଲାଗି ଅନୁରୋଧ କରାଯାଇଛି । କିନ୍ତୁ ଏହା ଆରମ୍ଭ ମାତ୍ର। ଏକ ଗୁରୁତ୍ୱପୂର୍ଣ୍ଣ ଅଦଳବଦଳରେ ୧୯ ଜଣ ଆଇଏଏସ୍ ଅଧିକାରୀଙ୍କୁ ଆନ୍ଧ୍ରପ୍ରଦେଶ ମଧ୍ୟରେ ବଦଳି କରାଯାଇଛି। ମୁଖ୍ୟ ଶାସନ ସଚିବ ନୀରବ ପ୍ରସାଦ ଜାରି କରିଥିବା ଏ ସମ୍ପର୍କିତ ନିର୍ଦ୍ଦେଶଗୁଡ଼ିକ ପ୍ରଶାସନିକ ପ୍ରକ୍ରିୟାରେ ବଡ଼ ପରିବର୍ତ୍ତନକୁ ସୂଚିତ କରୁଛି। ଉଲ୍ଲେଖନୀୟ ପରିବର୍ତ୍ତନ ଗୁଡ଼ିକ ମଧ୍ୟରେ ରହିଛି ଭିଜିଲାନ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟର ମହାନିର୍ଦ୍ଦେଶକ ଭାବେ ହରିଶ ଗୁପ୍ତାଙ୍କ ନିଯୁକ୍ତି। ଏହା ବ୍ୟତୀତ ଗୃହ ବିଭାଗର ପ୍ରମୁଖ ସଚିବ ଭାବେ କୁମାର ବିଶ୍ୱଜିତଙ୍କୁ ନିଯୁକ୍ତ କରାଯାଇଛି। ଏତିକିରେ ଅଦଳବଦଳ ଅଟକି ଯାଇନାହିଁ। ସ୍ୱତନ୍ତ୍ର ମୁଖ୍ୟ ସଚିବ( ବିସି ୱେଲ୍‌ଫେୟାର) ଜି. ଅନନ୍ତ ରାମୁଙ୍କୁ ପରିବେଶ, ଜଙ୍ଗଲ, ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗକୁ ସ୍ଥାନାନ୍ତର କରାଯାଇଛି, ଯାହା ଫଳରେ ମୁଖ୍ୟ ଶାସନ ସଚିବ ଅତିରିକ୍ତ ଦାୟିତ୍ୱରୁ ମୁକ୍ତି ପାଇଛନ୍ତି। ସେହିପରି ଆନ୍ଧ୍ରପ୍ରଦେଶ ହ୍ୟୁମାନ ରିସୋର୍ସେସ୍ ଡେଭଲପ୍‌ମେଣ୍ଟ ଇନ୍‌ଷ୍ଟିଚ୍ୟୁଟର ମହା ନିର୍ଦ୍ଦେଶକ ରାମ ପ୍ରକାଶ ସିସୋଡିଆଙ୍କୁ ରାଜସ୍ୱ ବିଭାଗର ସ୍ୱତନ୍ତ୍ର ମୁଖ୍ୟ ସଚିବ(ଲାଣ୍ଡସ୍ ଆଣ୍ଡ ଡିଏମ୍, ରେଜିଷ୍ଟ୍ରେଶନ ଆଣ୍ଡ ଷ୍ଟାମ୍ପସ୍) ଦାୟିତ୍ୱ ଦିଆଯିବା ଦ୍ୱାରା ଅଜୟ ଜୈନ ତାଙ୍କ ଅତିରିକ୍ତ ଦାୟିତ୍ୱରୁ ମଧ୍ୟ ମୁକ୍ତ ହୋଇଛନ୍ତି। ଏହି ବାର୍ତ୍ତାରୁ ସ୍ପଷ୍ଟ ଯେ, ଏକ ପରିବର୍ତ୍ତନଶୀଳ ଅବଧି ତଥା ଶାସନର ନୂତନ ଆଭିମୁଖ୍ୟ ପାଇଁ ଦକ୍ଷତା ଓ ଉତ୍ତରଦାୟିତ୍ୱକୁ ଗୁରୁତ୍ୱ ଦେଇ ନାଇଡୁ କ୍ଷେତ୍ର ପ୍ରସ୍ତୁତ କରୁଛନ୍ତି।

### ଖେଡ୍‌କର ଅଧ୍ୟାୟ

୨୦୨୩ ବ୍ୟାଚ୍ ଆଇଏଏସ୍ ପ୍ରୋବେସନାରି ଅଫିସର ପୂଜା ଖେଡ୍‌କର ଜଟିଳ ସ୍ଥିତରେ ପଡ଼ିଛନ୍ତି। ୟୁପିଏସ୍‌ସି ପରୀକ୍ଷା ମାଧ୍ୟମରେ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍)ରେ ନିଜ ସ୍ଥାନ ସୁରକ୍ଷିତ ରଖିବା ପାଇଁ ଏକ ନକଲି ଦୃଷ୍ଟିବାଧିତ ପ୍ରମାଣପତ୍ର ବ୍ୟବହାର କରିଥିବା ଅଭିଯୋଗକୁ ନେଇ ତାଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇଛି। ଏହା ତାଙ୍କ ନିଯୁକ୍ତିର ବୈଧତା ଉପରେ ବଡ଼ ସନ୍ଦେହ ସୃଷ୍ଟିକରିଛି ଏବଂ ତାଙ୍କ ଆଇଏଏସ୍ ପଦବୀ ପ୍ରତ୍ୟାହାର ହେବାର ଅଧିକ ସମ୍ଭାବନା ରହିଛି । ୟୁପିଏସ୍‌ସି ଏବଂ ସେଣ୍ଟ୍ରାଲ ଆଡ୍‌ମିନିଷ୍ଟ୍ରେଟିଭ ଟ୍ରିବ୍ୟୁନାଲ(ସିଏଟି)ର ବିରୋଧ ସତ୍ତ୍ୱେ ସେ କିପରି ଆଇଏଏସ୍ ପାଇବାରେ ସଫଳ ହେଲେ ସେ ନେଇ ପ୍ରଶ୍ନ ଉଠିଛି। କେହି ରାଜନୈତିକ ନେତା ତାଙ୍କ ନିଯୁକ୍ତିକୁ ପ୍ରଭାବିତ କରିଥିବା ବିଷୟରେ ମଧ୍ୟ କଳ୍ପନାଜଳ୍ପନା ପ୍ରକାଶ ପାଉଛି। ସୂତ୍ରରୁ ଜଣାପଡ଼ିଛି ଯେ ପୂର୍ବ କେନ୍ଦ୍ର ସରକାରଙ୍କ ଜଣେ ମନ୍ତ୍ରୀ ଖେଡ୍‌କର ପରିବାରର ନିକଟତର ଏବଂ ପୂଜାଙ୍କ ମହାରାଷ୍ଟ୍ର କ୍ୟାଡର ଆଇଏଏସ୍ ପୋଷ୍ଟିଂରେ ତାଙ୍କର ହାତ ଥାଇପାରେ। ପ୍ରକୃତ ଘଟଣା ଜାଣିବା ପାଇଁ ଆମକୁ ଏକକ ସଦସ୍ୟବିଶିଷ୍ଟ କମିଟିର ତଦନ୍ତ ରିପୋର୍ଟକୁ ଅପେକ୍ଷା କରିବାକୁ ହେବ। ଏହି ଅଧ୍ୟାୟ ସୂଚିତକରେ ଯେ ୟୁପିଏସ୍‌ସି ପରୀକ୍ଷାରେ ମଧ୍ୟ ଅସାଧୁ ଉପାୟ ଅବଲମ୍ବନ କରାଯାଇପାରେ । ନିଟ୍ ପରୀକ୍ଷା ବିବାଦ ପରେ ଏହି ଘଟଣା କମ୍ ଗୁରୁତ୍ୱପୂର୍ଣ୍ଣ ନୁହେଁ। ଖେଡ୍‌କରଙ୍କ ମାମଲା ସରକାରଙ୍କ ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ପରୀକ୍ଷା, ବିଶେଷକରି କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ଏହାର ତଦନ୍ତ ପ୍ରକ୍ରିୟାକୁ ପୁନଃ ଯାଞ୍ଚ କରିବା ଆବଶ୍ୟକ । ବର୍ତ୍ତମାନ ସରକାର ଏହା ପଛର ସତ୍ୟକୁ ସାମ୍ନାକୁ ଆଣି ୟୁପିଏସ୍‌ସିର ବିଶ୍ୱସନୀୟତା ଫେରାଇ ଆଣିବା ଦରକାର।

### ଜେଡି(ୟୁ) ପାଇଁ ନୂଆ ଆଶା

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ପରାମର୍ଶଦାତା ମନୀଷ ବର୍ମା ନିକଟରେ ଔପଚାରିକ ଭାବେ ଜନତା ଦଳ(ୟୁ)ରେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ବର୍ମା ହେଉଛନ୍ତି ୨୦୦୦ ବ୍ୟାଚ୍‌ର। ସେ ନୀତୀଶ କୁମାରଙ୍କ ପରାମର୍ଶ କ୍ରମେ ୨୦୧୮ରେ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିବା ପରଠାରୁ ତାଙ୍କ ବିଶ୍ୱସ୍ତ ଭାବେ କାମ କରୁଛନ୍ତି। ଜେଡି(ୟୁ)ରେ ବର୍ମା ଯୋଗଦେବାକୁ ନେଇ ଗୁଞ୍ଜରଣ ସୃଷ୍ଟି ହୋଇଛି ଏବଂ ଅନେକେ ଆକଳନ କରୁଛନ୍ତି ଯେ ତାଙ୍କୁ ଦଳର ଭବିଷ୍ୟତ ନେତା ପାଇଁ ପ୍ରସ୍ତୁତ କରାଯାଉଛି। ୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପାର୍ଟିର ସାଙ୍ଗଠନିକ କାର୍ଯ୍ୟକ୍ରମଗୁଡ଼ିକରେ ସେ ସକ୍ରିୟ ଭାବେ ଜଡ଼ିତ ରହିଆସିଛନ୍ତି। ବର୍ମା ଜେଡି(ୟୁ)ର କାର୍ଯ୍ୟକାରୀ ସଭାପତି ତଥା ରାଜ୍ୟ ସଭା ସଦସ୍ୟ ସଞ୍ଜୟ କୁମାର ଝା ଏବଂ ରାଜ୍ୟ ଜଳ ସଂସାଧନ ମନ୍ତ୍ରୀ ବିଜୟ କୁମାର ଚୌଧୁରୀଙ୍କ ଉପସ୍ଥିତିରେ ଔପଚାରିକ ଭାବେ ପାର୍ଟିରେ ଯୋଗଦେଇଥିଲେ। ନିକଟରେ ଶେଷ ହୋଇଥିବା ସାଧାରଣ ନିର୍ବାଚନରେ ଜେଡି(ୟୁ)ର ପ୍ରଚାର କାର୍ଯ୍ୟକ୍ରମରେ ବର୍ମା ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ। ଦଳ ପ୍ରତିଦ୍ୱନ୍ଦ୍ୱିତା କରିଥିବା ୧୬ଟି ଲୋକ ସଭା ନିର୍ବାଚନମଣ୍ଡଳୀକୁ ସେ ଗସ୍ତ କରିଥିଲେ ଏବଂ ପ୍ରାର୍ଥୀମାନଙ୍କ ପାଇଁ ଉଲ୍ଲେଖନୀୟ ସଫଳତା ଆଣିପାରିଥିଲେ । ଫଳରେ ୧୨ଟି ଆସନରେ ଜେଡି(ୟୁ) ଜିତି ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାରର ବଡ଼ ସହଯୋଗୀ ଭାବେ ନିଜର ସ୍ଥିତି ଦୃଢ଼ କରିଛି। ବର୍ମା ଅମଲାତନ୍ତ୍ରରୁ ଜଣେ ରାଜନେତା ହେବା ବିହାର ରାଜନୀତିରେ ଏକ ଆକର୍ଷଣୀୟ ଅଧ୍ୟାୟକୁ ସୂଚିତକରେ। ତେବେ ତାଙ୍କ ପ୍ରଭାବ ଜେଡି(ୟୁ)ର ଭବିଷ୍ୟତକୁ କିପରି ପ୍ରଭାବିତ କରିବ ତାହା ହିଁ ସବୁଠୁ ବଡ଼ ପ୍ରଶ୍ନ।

Email: dilipcherian@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | 1 |
| | 6 | 9 | | | | 5 | 7 | |
| | | 3 | | | | | 6 | |
| 5 | | | | 1 | | | 2 | |
| 4 | | | 9 | | 3 | | | 8 |
| | | | | | 4 | | | |
| | 9 | 7 | | | 5 | | | |
| | | 8 | 3 | | | | 1 | |
| | | | 2 | 7 | | 3 | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 8 | 4 | 7 | 1 | 2 | 9 | 5 | 3 |
| 9 | 7 | 2 | 5 | 3 | 4 | 6 | 1 | 8 |
| 1 | 5 | 3 | 9 | 8 | 6 | 4 | 2 | 7 |
| 8 | 4 | 6 | 1 | 2 | 7 | 3 | 9 | 5 |
| 3 | 2 | 5 | 6 | 4 | 9 | 8 | 7 | 1 |
| 7 | 9 | 1 | 3 | 5 | 8 | 2 | 6 | 4 |
| 2 | 3 | 7 | 8 | 6 | 5 | 1 | 4 | 9 |
| 5 | 6 | 8 | 4 | 9 | 1 | 7 | 3 | 2 |
| 4 | 1 | 9 | 2 | 7 | 3 | 5 | 8 | 6 |

ଗତକାଲିର ଉତ୍ତର

# ବିକାଶର ସମ୍ଭାବ୍ୟ ପଦକ୍ଷେପ



ଡ. ପ୍ରମୋଦ କୁମାର ପଣ୍ଡା

ଓଡ଼ିଶା ୧୫.୫ ନିୟୁତ ହେକ୍ଟର କ୍ଷେତ୍ରଫଳ ସହ ଦେଶର ଅଷ୍ଟମ ବୃହତ୍ତମ ରାଜ୍ୟ। ଭାରତରେ ବାର୍ଷିକ ହାରାହାରି ୧୨୦୦ ମି.ମି. ବୃଷ୍ଟିପାତ ହେଉଥିବା ବେଳେ ଓଡ଼ିଶାରେ ଏହା ୧୫୦୦ ମି.ମି.। ସମଗ୍ର ଦେଶରେ ୧୫ କୃଷି ଜଳବାୟୁ ମଣ୍ଡଳ ଥିବାବେଳେ ଆମ ପାଖରେ ମଧ୍ୟ ୧୦ ମଣ୍ଡଳ ଅଛି। ସମଗ୍ର ଦେଶରେ ୮ ପ୍ରକାର ମୃତ୍ତିକା ଥିବା ସ୍ଥଳେ ଓଡ଼ିଶାରେ ମଧ୍ୟ ୮ ପ୍ରକାର ମୃତ୍ତିକା ଅଛି। ଓଡ଼ିଶାର ଜଳବାୟୁ ଓ ଭୂମିରୂପ ବିବିଧତା ଆମକୁ ବର୍ଷ ସାରା ବିଭିନ୍ନ ପ୍ରକାର ଫସଲ ଉତ୍ପାଦନ ପାଇଁ ସୁଯୋଗ ଦେଇଛି। ଖଣିଜ ପଦାର୍ଥରେ ସମୃଦ୍ଧ ଓଡ଼ିଶାରେ ସମଗ୍ର ଦେଶର ଲୁହାପଥରର ଶତକଡ଼ା ୨୮ଭାଗ, କୋଇଲାର ଶତକଡ଼ା ୨୪ ଭାଗ, ବକ୍ସାଇଟ (ଆଲୁମିନିୟମ)ର ଶତକଡ଼ା ୫୯ଭାଗ ଓ କ୍ରୋମାଇଟର ୯୮ ଭାଗ ମହଜୁଦ ଅଛି। ତା' ଛଡ଼ା ଅନ୍ୟାନ୍ୟ ଖଣିଜ ପଦାର୍ଥ ମଧ୍ୟ ଅଳ୍ପ ବହୁତେ ଅଛି। ଆମ ପାଖରେ ୪୮୫ କି.ମି. ଲମ୍ବ ସୁଦୀର୍ଘ ସମୁଦ୍ର କୂଳ ମଧ୍ୟ ଉପଲବ୍ଧ। ବିଭିନ୍ନ ପ୍ରକାର କାର୍ଯ୍ୟ କରିବା ପାଇଁ ୬୨ ପ୍ରକାର ସଚ୍ଚୋଟ ଓ ପରିଶ୍ରମୀ ଆଦିବାସୀ ସମ୍ପ୍ରଦାୟ ମଧ୍ୟ ଅଛନ୍ତି। ଇତିହାସ କହେ, ବିଶ୍ୱ ବିଖ୍ୟାତ ହିଟ୍‌ଲର ଓଡ଼ିଶାର ସମ୍ପଦରେ ଅଭିଭୂତ ହୋଇଯାଇଥିଲେ ଓ ଅଧିକାର କରିପାରିଲେ ସମଗ୍ର ବିଶ୍ୱକୁ ସେ ଜୟ କରିପାରିବେ ବୋଲି ସ୍ୱପ୍ନ ମଧ୍ୟ ଦେଖିଥିଲେ। ସେଥିପାଇଁ ବୋଧହୁଏ ବିଖ୍ୟାତ କବି ମାୟାଧର ମାନସିଂହଙ୍କ କଲମ ଲେଖି ଉଠିଥିଲା- ହାୟରେ ଉତ୍କଳ ଭୂମି ପ୍ରକୃତି ସୁନ୍ଦର , ମନ୍ଦାକିନୀ ସମ ନଦୀ, ଶିବ ସମ ଗିରି, କାନନେ କେଦାର ଭରା ଶୋଭାର ବହର , ଥାଉ ତୋର କହ କିମ୍ପା ଏତେ ହତଶିରି। ଚିନ୍ତାକଲେ ବଡ଼ ଦୁଃଖ ଲାଗେ। ଦେଶର ଅଷ୍ଟମ ବୃହତ୍ତମ ରାଜ୍ୟ ମୁଣ୍ଡ ପିଛା ବାର୍ଷିକ ରୋଜଗାରରେ ୨୨ତମ ସ୍ଥାନରେ। ଏହାର ପ୍ରଥମ ଓ ପ୍ରଧାନ କାରଣ ହେଲା ଆମେ ଭଲ ଯୋଜନା ପ୍ରସ୍ତୁତକରି ତାକୁ ଠିକ୍ ଭାବେ କ୍ରିୟାନ୍ୱୟନ କରିପାରି ନାହାନ୍ତି। ଆସନ୍ତୁ, ବିଚାରକରିବା ବିକଶିତ ଓଡ଼ିଶା ପାଇଁ କେଉଁ କେଉଁ ପଦକ୍ଷେପ ନେବା ଅତ୍ୟନ୍ତ ଜରୁରୀ।

ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ଓ ରାଜ୍ୟର ପାଖାପାଖି ୭୦ ଭାଗ ଲୋକ କୃଷିରେ ଜୀବିକା ନିର୍ବାହ କରନ୍ତି। ମାତ୍ର ସ୍ୱାଧୀନତାର ୭୫ ବର୍ଷ ବିତିଯାଇଥିଲେ ମଧ୍ୟ ଓଡ଼ିଶାର କୃଷିଜମିକୁ ଜଳସେଚନର ହାର ମାତ୍ର ଶତକଡ଼ା ୩୦ ଭାଗ। ଆମକୁ ଏଥିରେ ପୁଞ୍ଜିନିବେଶ କରିବାକୁ ପଡ଼ିବ ଓ ନିର୍ଦ୍ଦିଷ୍ଟ ଅବଧି ମଧ୍ୟରେ ଜଳସେଚନ ପ୍ରକଳ୍ପ ସାରି ଅତିକମ୍‌ରେ ଶତକଡ଼ା ୫୦ ଭାଗ ଜମିକୁ ଜଳସେଚନ ସୁବିଧା ଯୋଗାଇଦେବାକୁ ହେବ। ଯୁଦ୍ଧକାଳୀନ ଭିତ୍ତିରେ ପ୍ରଥମ ପର୍ଯ୍ୟାୟରେ ସବୁ ଜିଲାରେ ଚଳମାନ ଶୀତଳ ଭଣ୍ଡାର ନିର୍ମାଣ ସହ ପରବର୍ତ୍ତୀ ସମୟରେ ଏହାକୁ ସବୁ ବ୍ଲକ୍‌କୁ ସମ୍ପ୍ରସାରଣ କରିବାକୁ ହେବ। ପଡ଼ୋଶୀ ରାଜ୍ୟ ସମସ୍ତେ ସଫଳତାର ସହ ଶୀତଳ ଭଣ୍ଡାର ପରିଚାଳନା କରୁଛନ୍ତି। ଏହା ଆଦୌ ଅସମ୍ଭବ ବ୍ୟାପାର ନୁହେଁ। ଚାଷୀମାନଙ୍କୁ ପ୍ରୋତ୍ସାହିତକରି ବିଭିନ୍ନ ପ୍ରକାର କୃଷିଜାତ ପଦାର୍ଥକୁ କିପରି ଓଡ଼ିଶା ବାହାରକୁ ରପ୍ତାନି କରାଯାଇପାରିବ ସେ ବିଷୟରେ ମଧ୍ୟ କାର୍ଯ୍ୟ କରିବାକୁ ହେବ।



ପ୍ରତି ସ୍କୁଲରେ ପର୍ଯ୍ୟାପ୍ତ ଶିକ୍ଷକ ନିଯୁକ୍ତି କରିବା ଓ ଶିକ୍ଷକମାନଙ୍କୁ ପାଠ ପଢ଼ା ପାଇଁ ଉତ୍ତରଦାୟୀ କରିବା ଆମର ପ୍ରାଥମିକତା ହେବା ଆବଶ୍ୟକ। ସ୍କୁଲର ପାଠପଢ଼ା ଗୁଣବତ୍ତା ନିୟମିତ ପରୀକ୍ଷା ପାଇଁ ପୂର୍ବରୁ ପ୍ରଚଳିତ ଥିବା ସ୍କୁଲ ଇନ୍‌ସ୍ପେକ୍ଟର ଭଳି ବ୍ୟବସ୍ଥା ହେବା ବାଞ୍ଛନୀୟ। କଲେଜ ଓ ବିଶ୍ୱବିଦ୍ୟାଳୟରେ ପର୍ଯ୍ୟାପ୍ତ ଶିକ୍ଷକ ନିଯୁକ୍ତିକରି ଶିକ୍ଷାଦାନ ଗୁଣବତ୍ତା ବୃଦ୍ଧି କରିବାକୁ ହେବ। ଶିକ୍ଷାର ଗୁଣାତ୍ମକ ହ୍ରାସ ଯୋଗୁ ପ୍ରତିବର୍ଷ ଆମ ରାଜ୍ୟର ଛାତ୍ରୀଛାତ୍ର ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଜାତୀୟ ସ୍ତରର ପ୍ରବେଶିକା ପରୀକ୍ଷାରେ ଅଧିକ ସଂଖ୍ୟାରେ କୃତକାର୍ଯ୍ୟ ହୋଇପାରୁନାହାନ୍ତି। ଶିକ୍ଷକ ସମାଜକୁ ଏ ଗୁରୁଦାୟିତ୍ୱକୁ କାନ୍ଧରେ ଉଠାଇବାକୁ ହେବ।

ପ୍ରତିବର୍ଷ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚକରି ବିଭିନ୍ନ ଭିତ୍ତିଭୂମି ନିର୍ମାଣ କରୁଛନ୍ତି। ମାତ୍ର ଇଂରେଜମାନଙ୍କ ଦ୍ୱାରା ନିର୍ମିତ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୋଠା ଶତାୟୁରେ ଅତୁଟ ରହିଥିବା ବେଳେ ଆମର ନିର୍ମାଣ ୨୦-୨୫ ବର୍ଷ ବି ଚାଲିବା କିମ୍ବା ରାସ୍ତାଟି ଗୋଟିଏ ଋତୁରେ ନଷ୍ଟ ହୋଇଯିବା ଏକ ଗମ୍ଭୀର ବିଷୟ। ପିସି ଅଂଶକୁ ନିର୍ମୂଳକରି କିପରି ଭିତ୍ତିଭୂମିର ସ୍ଥାୟିତ୍ୱ ଗ୍ୟାରେଣ୍ଟି ନିର୍ମାତାଙ୍କଠୁ ନିଆଯିବ, ସେ ବିଷୟରେ କାର୍ଯ୍ୟ କରିବାକୁ ହେବ। ନ ହେଲେ ପ୍ରତିବର୍ଷ ରାଜକୋଷରୁ କୋଟି କୋଟି ଟଙ୍କା ଅପଚୟ ହେବା ସ୍ୱାଭାବିକ।

ଓଡ଼ିଆ ଭାଷାର ବିପୁଳ ପ୍ରଚାରପ୍ରସାର ପାଇଁ ନୂତନ ପିଢ଼ି ହେଉଛନ୍ତି ଉପଯୁକ୍ତ ସୈନିକ। ଅତୀତରେ ଏହି ଓଡ଼ିଆ ମାଟି ଚାଳ ବିଦ୍ୟାଳୟ ସମଗ୍ର ଦେଶରେ ଉତ୍କର୍ଷ ଲାଭ କରିଥିବା ବ୍ୟକ୍ତିଙ୍କୁ ସୃଷ୍ଟି କରିଛି। ଏବେ ମଧ୍ୟ କରିପାରିବ। ଓଡ଼ିଆ ସ୍କୁଲ, ଫେଲ୍ କଲା ବୋଲି ଆଦର୍ଶ ସ୍କୁଲ ଆଣିବା ଓ ସେ ଫେଲ୍ କଲେ ପୁନଶ୍ଚ ଏକ ନୂଆ ସର୍ବଦା ଆଦର୍ଶ ସ୍କୁଲ ବସାଇବାର କିଛି ଅର୍ଥ ନ ଥାଏ। ପ୍ରଥମ ପର୍ଯ୍ୟାୟରେ ସବୁ ଜିଲା ସ୍କୁଲ ଓ ତା' ପରେ ସବୁ ବ୍ଲକ୍ ହାଇସ୍କୁଲକୁ ଆବଶ୍ୟକ ଶିକ୍ଷକ ଦିଆଯିବା ଉଚିତ। ତା' ସହ ଆର୍ଟ, ସଙ୍ଗୀତ, ନୃତ୍ୟ, ଇଂରାଜୀ, ହିନ୍ଦୀ, ବ୍ୟାୟାମ, ଖେଳ ଶିକ୍ଷକ ଯୋଗାଇଦେବା ଆବଶ୍ୟକ। ପାଠପଢ଼ା ସହ ଏକ୍ସଟ୍ରା କରିକୁଲାର କାର୍ଯ୍ୟକ୍ରମ ନିୟମିତକରି ପିଲାଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ଚେଷ୍ଟା ହେବା ଉଚିତ।

ଓଡ଼ିଶାରେ ନକଲି ଔଷଧ ଯେପରି ନ ପଶିବ, କଠୋର ପଦକ୍ଷେପ ନେବାକୁ ହେବ। ସବୁ ଜିଲା ମୁଖ୍ୟାଳୟ ଡାକ୍ତରଖାନା ଓ ବ୍ଲକ୍ ଡାକ୍ତରଖାନାରେ ଅଧିକ ପୁଞ୍ଜି ନିବେଶକରି ଭିତ୍ତିଭୂମିର ବିକାଶ ଓ ଡାକ୍ତର ନିଯୁକ୍ତିକୁ ପ୍ରାଧାନ୍ୟ ଦେବାକୁ ହେବ। ଏହାଦ୍ୱାରା ଗାଁଗଣ୍ଡାର ଲୋକେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେବେ ନାହିଁ। ଓଡ଼ିଶାର ଦୀର୍ଘ ୪୮୫ କି.ମି. ସମୁଦ୍ରକୂଳରେ ମାତ୍ର ୪ ଟି ସମୁଦ୍ରକୂଳ ପର୍ଯ୍ୟଟନ ସ୍ଥଳୀ (ପୁରୀ, କୋଣାର୍କ, ଗୋପାଳପୁର, ଚାନ୍ଦିପୁର) ଆଦୌ ଗ୍ରହଣୀୟ ନୁହେଁ। ଆମେ ଆହୁରି ୧୫-୨୦ଟି ଆକର୍ଷଣୀୟ ବେଳାଭୂମି ବିକାଶ କରିପାରିବା। ପଶ୍ଚିମ ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାରେ ପର୍ଯ୍ୟଟନର ବିକାଶ ବହୁତ ଜରୁରୀ। ଆମର ପର୍ଯ୍ୟଟନ ସ୍ଥଳୀଗୁଡ଼ିକରେ ଅଧିକ ପୁଞ୍ଜିନିବେଶକରି ସବୁଦିନିଆ ପର୍ଯ୍ୟଟନରେ ପରିଣତ କରିପାରିଲେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ହେବ ଓ ରୋଜଗାର ବଢ଼ିବ।

ଓଡ଼ିଶାରେ ଖଣିଜ ଧାତୁ ଆଧାରିତ ଶିଳ୍ପ ବସାଇବାକୁ ପଡ଼ିବ। ଏହାଦ୍ୱାରା ଯୁବାଙ୍କୁ ନିଯୁକ୍ତି ଦେବାରେ ଆମେ ସକ୍ଷମ ହେବା। ଆମେ କିଛି କାରଖାନା ବସାଇଛନ୍ତି, ଆହୁରି ବସାଇବାକୁ ହେବ। ଆମ ପାଖରେ ବସ୍ତ୍ର, କାଠ କାମ, ପଥର କାମ, ଶିଙ୍ଗ କାମ, ତାଳପତ୍ର କାମ, କଂସାବାସନ କାମ, ସବାଇ ଘାସ କାମ, ରୁପା ସୁନା ତାରକସି କାମ, କାଇଁଚ ତାଲା ପ୍ରଭୃତି ଅନେକ ହସ୍ତକାର୍ଯ୍ୟ ଅଛି। ମାତ୍ର ଆମେ ସେ ସବୁ ରପ୍ତାନିକରି ଅଧିକ ଲାଭ ଓ ରୋଜଗାର ସୃଷ୍ଟି କରିନାହୁଁ। କ୍ଷୁଦ୍ର ଓ ମଧ୍ୟମ ଶିଳ୍ପରେ ଖର୍ଚ୍ଚ କମ୍ ଓ ରୋଜଗାର ଅଧିକ ମିଳିଥାଏ। ତେଣୁ ଆମକୁ ଏହି କ୍ଷେତ୍ର ପାଇଁ ଅଧିକ ପୁଞ୍ଜି ବିନିଯୋଗ କରିବାକୁ ପଡ଼ିବ। ଆସନ୍ତୁ, ସମସ୍ତେ ଓଡ଼ିଆ ଅସ୍ମିତାକୁ କେବଳ ଭାଷାରେ ସୀମିତ ନ ରଖି ବିକଶିତ ଓଡ଼ିଶାରେ ଓଡ଼ିଆ ଅସ୍ମିତାକୁ ଦେଖିବା ଓ ଅନ୍ୟକୁ ଦେଖାଇବା ପାଇଁ ଚେଷ୍ଟା କରିବା।

**ପ୍ରଧାନ ବୈଜ୍ଞାନିକ, ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ, ଭୁବନେଶ୍ୱର**
ମୋ: ୮୯୧୭୪୨୬୪୪୦

# ଆମ ସଂସ୍କାର, ଆମ ହାତରେ



ଶ୍ରୁତକୀର୍ତ୍ତି ତ୍ରିପାଠୀ

ଦୈନନ୍ଦିନ ଜୀବନରେ ଆମେ କରୁଥିବା କିଛି କାର୍ଯ୍ୟ ପଛରେ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ଓ ମହତ୍ତ୍ୱ ରହିଥାଏ, ଯଦି ଓ ଆମେ ସେ ବିଷୟରେ ଅଜ୍ଞ ବା କହିପାରିବା ଆମେ ସେହି ଦୃଷ୍ଟିରେ କାର୍ଯ୍ୟଗୁଡ଼ିକୁ ଦେଖିନାହୁଁ, ସେଥିପାଇଁ ଆମର ସେ ବିଷୟରେ ଧାରଣା ନାହିଁ। ଠାକୁରଙ୍କ ପୂଜାପାଠ ବିଧି ପଛରେ ମଧ୍ୟ ଏଭଳି କିଛି ମହତ୍ ଉଦ୍ଦେଶ୍ୟ ରହିଛି, ଯାହା ବିଷୟରେ ଅବତାରଣା ଆଜିର ପ୍ରସଙ୍ଗ। ମାତ୍ର ଆଲୋଚନା କରିବାର ଅଭିପ୍ରାୟ ଏହା ଯେ, ଆମେ ସେହି ସଂସ୍କାରଗୁଡ଼ିକୁ ଠିକ୍‌ରେ ପାଳନ କରୁଛେ କି ? ଯାହାକୁ କାଳ କାଳ ଧରି ଆମ ପୂର୍ବପୁରୁଷଙ୍କଠାରୁ ଆମେ ଶିକ୍ଷାକରି ଆସିଛେ, ତାହା କ୍ରମେ ବିକୃତ ହେବାରେ ଲାଗିଛି।

ଠାକୁର ପୂଜା ପାଇଁ ଫୁଲ କଥା ଧରି ନିଆଯାଉ, ପୂର୍ବେ ସମସ୍ତେ ନିଜ ଘର ଅଗଣା ବା ବାଡ଼ିରେ ଫୁଲଗଛ ଲଗାଉଥିଲେ, ତା'ର ଯତ୍ନ ନେଇ ସେଇଠୁ ବାହାରୁଥିବା ଫୁଲରେ ପୂଜା କରୁଥିଲେ। ଏହା ପଛର ଗୂଢ଼ତତ୍ତ୍ୱ ହେଲା ପ୍ରତ୍ୟେକେ ପ୍ରକୃତିର ଉପାସକ ହେବେ, ବୃକ୍ଷରୋପଣ କରି ପରିବେଶ ସୁରକ୍ଷାରେ ସହାୟକ ହେବେ। ମାତ୍ର ଏବେ ଲୋକମାନେ ଫୁଲ କିଣି କିମ୍ବା ଅନ୍ୟ ବାଡିରୁ ଚୋରି କରି ସେହି ଫୁଲକୁ ବଡ଼ ବାହାଦୁରି ସହ ନେଇ ଠାକୁରଙ୍କୁ ଅର୍ପଣ କରୁଛନ୍ତି। ନିଜ ଘରେ ଗଛଟିଏ ଲଗେଇବା ତ ଦୂର, ବଡ଼ି ସକାଳୁ ଉଠି ଘର ଘର ବୁଲି କିମ୍ବା ପ୍ରାତଃଭ୍ରମଣ ସମୟରେ ପାର୍କ ବା ରାସ୍ତାର ଉଭୟ ପାର୍ଶ୍ୱରେ ଲାଗିଥିବା ଗଛରୁ ଫୁଲ ତୋଳିବା ଭଳି ସୁବିଧାଜନକ କାମ କରୁଛନ୍ତି। ଚୋରିଫୁଲ ଦେଇ କେତେ ଯେ ଆଶୀର୍ବାଦ ମିଳୁଥିବ, ତାହା ଭଗବାନ୍‌ଙ୍କୁ ହିଁ ଜଣା !

ଭାରତୀୟ ସଂସ୍କୃତିରେ ଭଗବାନ୍‌ଙ୍କୁ, ବୟୋଜ୍ୟେଷ୍ଠଙ୍କୁ ଏବଂ ଅତିଥି ଅଭ୍ୟାଗତ ଆସିଲେ ଦୁଇହାତ ଯୋଡ଼ି ପ୍ରଣାମ କରିବା କିମ୍ବା ଆଣ୍ଠୁମାଡ଼ି ମୁଣ୍ଡିଆ ମାରିବାର ପ୍ରଥା ପ୍ରଚଳିତ। ଦୁଇ ହାତକୁ ଯୋଡିବା ଦ୍ୱାରା ଦୁଇ ପାପୁଲି ଓ ଆଙ୍ଗୁଠିର ସ୍ପର୍ଶ କାନ୍ଧର ମଧ୍ୟଭାଗକୁ ଖୋଲିବାରେ ସାହାଯ୍ୟ କରେ। ଆଙ୍ଗୁଠିର ଶିରାଗୁଡ଼ିକ ସକ୍ରିୟ ହେଲେ ହାତ, କାନ୍ଧ, ଆଣ୍ଠୁର ମାଂସପେଶୀକୁ ଶକ୍ତ କରେ ଏବଂ ଶରୀରରୁ ଚାପ ଦୂର କରେ। ସେହିପରି ମୁଣ୍ଡିଆ ବା ସାଷ୍ଟାଙ୍ଗ ପ୍ରଣାମ କରିବା ଦ୍ୱାରା ଶରୀରର ସବୁ ଗଣ୍ଠି ସମ୍ପ୍ରସାରଣ ହୋଇ ପୀଡ଼ା ଦୂର ହୁଏ। ଉଭୟ ମୁଦ୍ରା ବ୍ୟକ୍ତିକୁ ଶାନ୍ତି, ଶକ୍ତି, ବୁଦ୍ଧି, ଜ୍ଞାନ ଓ ପ୍ରସିଦ୍ଧି ବୃଦ୍ଧି କରିବାରେ ସହାୟକ ହୁଏ। ଏହା ବ୍ୟତୀତ ନମସ୍କାର ବା ପ୍ରଣାମ କରିଥିବା ବ୍ୟକ୍ତିଙ୍କୁ ଗୁରୁଜନଙ୍କଠାରୁ ଆୟୁଷ୍ମାନ ଓ ସୌଭାଗ୍ୟବାନ ହେବାର ଆଶୀର୍ବାଦ ମଧ୍ୟ ଲାଭ ହୁଏ। ତେଣୁ ଏସବୁ ପ୍ରତ୍ୟହ କରୁଥିବା ବ୍ୟକ୍ତିର ଲାଭ ହେବା ନିଶ୍ଚିତ! ମାତ୍ର ଏବେ ନମସ୍କାର କରିବା, ମୁଣ୍ଡିଆ ମାରିବା ପାଇଁ ଲୋକଙ୍କୁ ଲାଜ ଲାଗୁଛି। ପାଟିରେ 'ହାଏ','ହାଲୋ' 'ସୁପ୍ରଭାତ', 'ଶୁଭରାତ୍ରି' ଭଳି ସୌଜନ୍ୟମୂଳକ ଅଭିବାଦନରେ ପରସ୍ପର ପ୍ରତି ଆନ୍ତରିକତା ଓ ସମ୍ମାନ ତ ବଢୁନାହିଁ ବରଂ କମି କମି ଯାଉଛି।

ବାହାରୁ ଫେରିଲେ ଗୋଡ଼ହାତ ଧୋଇ ଘରକୁ ପ୍ରବେଶ କରିବା କଥାଟି ସମସ୍ତେ ଜାଣିଥିବେ,ଏହା ବାହ୍ୟ ସଂକ୍ରମଣ ଓ ରୋଗରୁ ସୁରକ୍ଷା ପାଇଁ କରାଯାଏ। ସେହିପରି ପିଲାମାନଙ୍କୁ ସନ୍ଧ୍ୟା ଧୂପ ଦେବା ପୂର୍ବରୁ ହାତ, ଗୋଡ଼, ମୁହଁ ଭଲଭାବରେ ଧୋଇ ପ୍ରାର୍ଥନା କରିବା ଶିକ୍ଷା ଦେବା ଦ୍ୱାରା ସେମାନଙ୍କ ମଧ୍ୟରେ ଏକାଗ୍ରତା ଏବଂ ଶୃଙ୍ଖଳା ବଢିଥାଏ, ଯାହା ସେମାନଙ୍କୁ ସ୍ଥିର ହୋଇ ଧ୍ୟାନର ସହ ଅଧ୍ୟୟନ କରିବାରେ ସହାୟକ ହୁଏ। ଯେ କୌଣସି ପୂଜା କରିବା ପୂର୍ବରୁ ଶୁଦ୍ଧ ବସ୍ତ୍ର ପରିଧାନ କରିବା ପଛର ଉଦ୍ଦେଶ୍ୟ ହେଉଛି ନିଜେ ସଫାସୁତରା ରହିଲେ ମନ ଓ ଶରୀର ଶାନ୍ତ ଏବଂ ସୁସ୍ଥ ରହିବ। ଯାହା ଦ୍ୱାରା ଏକ ସକାରାତ୍ମକ ଉର୍ଜା ବ୍ୟକ୍ତି ନିଜ ଭିତରେ ଅନୁଭବ କରେ ଏବଂ ପରବର୍ତ୍ତୀ ସମୟରେ ତାହା ଶାନ୍ତି ଓ ସନ୍ତୋଷ ପ୍ରଦାନ କରେ। ହେଲେ ଏହାକୁ ଅନ୍ଧବିଶ୍ୱାସ ଓ ଅନଗ୍ରସରତା କହି ଅନେକେ ଅଣଦେଖା କରନ୍ତି। ସୁସ୍ଥ ମନ ସହ ଶରୀରର ସୁସ୍ଥତାର ନିବିଡ଼ ସମ୍ପର୍କ ରହିଛି ଏହା ଯେତେ ଶୀଘ୍ର ମାନିନେଲେ, ସେତେ ଭଲ! ଗରିବ ଓ ଭିକାରିମାନଙ୍କୁ ଦାନ ଦେଇ ପୁଣ୍ୟ ଅର୍ଜନ କରିବା ପଛର ମହତ୍ ଉଦ୍ଦେଶ୍ୟ ହେଉଛି ମାନବ ଭିତରେ ଅସୁବିଧାରେ ଥିବା ଲୋକଙ୍କ ପାଇଁ ଦୟା, ସହାନୁଭୂତିର ଭାବ ଜାଗ୍ରତ କରେଇବା। ଅନ୍ୟର ଦୁଃଖରେ ଦୁଃଖୀ ହେବା, ନିଜେ ପାଇଥିବା ସୁଖ ପାଇଁ ଈଶ୍ୱରଙ୍କୁ ଧନ୍ୟବାଦ ଦେବା।



ଏବେ ପୂଜା ସମୟରେ ବ୍ୟବହାର କରାଯାଉଥିବା ପଞ୍ଚାମୃତକୁ ବିଚାରକୁ ନିଆଯାଉ। ପଞ୍ଚାମୃତ ଗୁଡ଼/ ଚିନି, ମହୁ, ଘିଅ, କ୍ଷୀର ଓ ଦହିକୁ ନେଇ ପ୍ରସ୍ତୁତ କରାଯାଏ ଏବଂ ଭଗବାନଙ୍କ ପାଖରେ ଭୋଗ ଲାଗିବା ପରେ ଭକ୍ତଗଣ ଏହାକୁ ସେବନ କରନ୍ତି। ଏଥିରେ ବ୍ୟବହୃତ ପାଞ୍ଚୋଟି ସାମଗ୍ରୀରେ କ୍ୟାଲସିୟମର ମାତ୍ରା ଭରପୂର ରହିଥାଏ, ତେଣୁ ଏହାକୁ ପ୍ରତ୍ୟହ ସେବନ କରୁଥିବା ଲୋକଙ୍କର କ୍ୟାଲସିୟମରେ ଅଭାବ ରହେ ନାହିଁ। ପାଞ୍ଚୋଟି ସାମଗ୍ରୀର ସମାହାର ହୋଇଥିବାରୁ ଏହାକୁ ସେବନ କରିବା ମାତ୍ରେ ଅଳ୍ପ ସମୟ ଭିତରେ ଅଧିକ ଶକ୍ତି ମିଳେ। ଏଥିରେ ତୁଳସୀ ପତ୍ର ପକାଇ ସେବନ କଲେ କୌଣସି ପ୍ରକାରର ରୋଗ ହୁଏ ନାହିଁ। ନିତି ପଞ୍ଚାମୃତର ସେବନ ସଂକ୍ରାମକ ରୋଗରୁ ଦୂର କରି ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ। ହେଲେ ଆଜିକାଲି ପଞ୍ଚାମୃତକୁ ଈଶ୍ୱରଙ୍କ ଆଶୀର୍ବାଦ ଓ ଶରୀର ପକ୍ଷେ ହିତକାରୀ ବୋଲି କେତେଜଣ ଭାବନ୍ତି ?

ମନ୍ଦିରରେ କିମ୍ବା ଘରେ ପ୍ରଦୀପ ପ୍ରଜ୍ୱଳନ, ଶଙ୍ଖ ଫୁଙ୍କିବା, ଘଣ୍ଟଘଣ୍ଟି ବଜେଇବା, ଠାକୁରଙ୍କ ସେବା କରିବା, ଗରିବ ଓ ଭିକାରିମାନଙ୍କୁ ଦାନ ଦେବା, ପବିତ୍ର ବୃକ୍ଷ ଏବଂ ଗଛ ଉପରେ ପାଣି ଢାଳିବା ଆଦି ପ୍ରତି କାର୍ଯ୍ୟ ପଛରେ ମାନବର ହିତ ସାଧନକାରୀ ଉଦ୍ଦେଶ୍ୟ ରହିଛି, ଆବଶ୍ୟକତା ଅଛି ବିଶ୍ୱାସର ସହ ଏସବୁକୁ ପାଳନ କରିବାରେ ; ଏବଂ ଏହାର ଶିକ୍ଷା ବଡ଼ମାନେ ସାନମାନଙ୍କୁ ଦିଅନ୍ତି। ଆମ ଭାରତୀୟ ଓ ଉତ୍କଳୀୟ ସଂସ୍କୃତିର ଭିନ୍ନ ଭିନ୍ନ ସଂସ୍କାର ପିଲାଙ୍କ ଭିତରେ ରୋପଣ କରିବାର ସବୁଠାରୁ ସହଜ ଉପାୟ ହେଉଛି ଗୃହ ଭିତରେ ଦୈନନ୍ଦିନ ଜୀବନରେ ସେଗୁଡିକୁ ପାଳନ କରିବା, ଯାହା ସେମାନେ ବାଲ୍ୟକାଳରୁ ଦେଖିବେ ଏବଂ ତାକୁ ଅନୁସରଣ କରିବେ। ସମକାଳରେ ଯଦି କିଏ ଏହାର ବିରୋଧ କରନ୍ତି ବା ଯୁକ୍ତିହୀନ ବୋଲି ପ୍ରମାଣିତ କରିବାକୁ ଚେଷ୍ଟା କରନ୍ତି, ଶାସ୍ତ୍ର, ପୁରାଣରୁ ଉଦାହରଣ ନେଇ ଆଲୋଚନା ଓ ତର୍କ ମାଧ୍ୟମରେ ତାଙ୍କୁ ବୁଝାଇ ଦେବାର ଦାୟିତ୍ୱ ମଧ୍ୟ ବହନ କରିବାକୁ ହେବ। ଆମ ସଂସ୍କାର, ଆମ ହାତରେ ; ଯାହାକୁ ବଞ୍ଚେଇ ରଖିବା ପାଇଁ ଆମକୁ ଉଦ୍ୟମ କରିବାକୁ ହେବ।

**ଭୁବନେଶ୍ୱର**
ମୋ: ୬୩୭୦୫୧୬୪୭୮

## ଏଇ ଭାରତରେ

କୋର୍ଟରେ ଅନେକ ମାମଲା ପଡ଼ିରହୁଛି ଓ ସମାଧାନ ବିଳମ୍ବ ହେଉଛି। ଏଭଳି ସ୍ଥିତିରେ ବେଙ୍ଗାଲୁରର ଏକ ଲିଗାଲ ଷ୍ଟାର୍ଟଅପ 'ସମ' ନୂତନ ଅଭିମୁଖ୍ୟ ଆପଣାଇ ମାମଲାଗୁଡ଼ିକର ସମାଧାନ କରିପାରୁଛି। ପ୍ରାଞ୍ଜଳ ସିହ୍ନା, ଅକ୍ଷତ ଅଶୋକ ଏବଂ ବିକ୍ରମ କୁମାର 'ସମ' ଷ୍ଟାର୍ଟଅପ ପ୍ରତିଷ୍ଠା କରି କୋର୍ଟ ବାହାରେ ଅନ୍‌ଲାଇନରେ ମଧ୍ୟସ୍ଥଙ୍କ ଦ୍ୱାରା ୩୫ ଲକ୍ଷ କେସ୍ ସମାଧାନ କରିସାରିଲେଣି। ଏମାନେ ବ୍ୟାଙ୍କିଙ୍ଗ, ଫାଇନାନ୍‌ସିଆଲ ଓ ଇନ୍‌ସ୍ୟୁରାନ୍ସ ସେକ୍ଟର, ବ୍ରୋକର ଏବଂ ସୁକ୍ୟୁରିଟି ମାର୍କେଟର ବିବାଦ ସମାଧାନ କରୁଛନ୍ତି। ଏମାନେ ଲୋକ ଅଦାଲତ ସହ କାମ କରି ଚାଲାଣ, ଇଲେକ୍ଟ୍ରି ବିଲ, ଚେକ ବାଉନ୍ସ ଓ ଦୁର୍ଘଟଣାଜନିତ ଇନ୍‌ସ୍ୟୁରାନ୍ସ ମାମଲାର ସମାଧାନ କରିପାରୁଛନ୍ତି। ବିକ୍ରମ କମ୍ପ୍ୟୁଟର ସାଇନ୍ସରେ ଉଚ୍ଚଶିକ୍ଷା ଲାଭ କରିଥିବା ବେଳେ ଅକ୍ଷତ ଓ ପ୍ରାଞ୍ଜଳ ଆଇନରେ ଡିଗ୍ରୀ କରିଛନ୍ତି। ୨୦୧୫ରେ ଏମାନେ ମିଳିତ ଭାବେ 'ସମ' ଆରମ୍ଭ କରିଥିଲେ। ଚାଣକ୍ୟଙ୍କ ନୀତିରେ ଚାରି ନିୟମ ମଧ୍ୟରେ ଥିବା ସମକୁ ଅଧାର କରି ଏହାର ନାମକରଣ କରାଯାଇଛି। ସମ ଷ୍ଟାର୍ଟଅପରେ ଦେଶର ୪୪୩ ଜିଲାରେ ଆଇନ କ୍ଷେତ୍ରରେ ୧୦ ବର୍ଷର ଅଭିଜ୍ଞତା ଥିବା ୩୦୦୦ ବ୍ୟକ୍ତିଙ୍କୁ ଚୂଡାନ୍ତ ନିଷ୍ପତ୍ତି ନେବା ପାଇଁ ନିଯୁକ୍ତ କରାଯାଇଛି ଓ ଆଇନ କ୍ଷେତ୍ରରେ ୫ ବର୍ଷର ଅଭିଜ୍ଞଙ୍କୁ ମଧ୍ୟସ୍ଥ ଭାବେ ନିଆଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

**୨୦ ଜୁଲାଇ ୧୯୭୫**

- ପ୍ରାୟ ଶହେ ଲୋକଙ୍କୁ ଘେନି ଯାଉଥିବା ଏକ ନୌକା ବନ୍ୟାପ୍ରମତ୍ତା ଗଙ୍ଗା ନଦୀରେ ବୁଡ଼ିଯିବାରୁ ସମସ୍ତ ଯାତ୍ରୀଙ୍କ ପ୍ରାଣହାନି।
- ବିହାରରେ ଥିବା ୯ଟି ଘରୋଇ ବିଦ୍ୟୁତ୍ କମ୍ପାନୀକୁ ରାଜ୍ୟ ବିଦ୍ୟୁତ୍ ବୋର୍ଡ ନିଜ ହାତକୁ ନେଇଯାଇଛନ୍ତି।
- ମହାକାଶରେ ରୁଷିଆର ସୋୟୁଜ ଓ ଆମେରିକାର ଆପୋଲୋ ଯାନ ମଧ୍ୟରେ ଐତିହାସିକ ମିଳନରେ ମାନବ ଇତିହାସର ଏକ ନବଯୁଗ ଉନ୍ମୋଚିତ।

## ଚିରନ୍ତନୀ

ଜମିଅଛି ଯେତେ ବ୍ୟର୍ଥ ସାଧନା
ଅଭିଶାପ ସମ ଅସୀମ ଭାବନା
ତୁମରି ପରଶେ ନବ ରୂପ ଧରି
ଜୀଇଁଉଠୁ ତାହା ମରି
ଚମ୍ପକ ଚାରୁ ହାସ ହସିଯାଅ
ଆଗୋ ଗୋରଚନା-ଗୋରି !
-(ରୂପର ସ୍ତବ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବାବାଙ୍କୁ ଦଣ୍ଡ ମିଳୁ

ମହାଶୟ,
ଉତ୍ତର ପ୍ରଦେଶର ହାଥ୍ରସ୍ ଜିଲାର ଫୁଲେର ଗାଁରେ ଆୟୋଜିତ ସତ୍‌ସଙ୍ଗରେ ଦଳାଚକଟା କାରଣରୁ ୧୨୨ ଜଣ ଲୋକ ଅକାଳ ମୃତ୍ୟୁବରଣ କରିଥିବା ବେଳେ ୧୫୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ବିଶ୍ୱହରି ବାବା ଓରଫ ଭୋଲେ ବାବାଙ୍କ ପ୍ରବଚନ ଶୁଣିବାକୁ ଉପସ୍ଥିତ ଲୋକଙ୍କ ମଧ୍ୟରେ ଦଳାଚକଟାରୁ ଏପରି ଦୁର୍ଘଟଣା ଘଟିଲା। ୧୭ ବର୍ଷ ତଳେ ପୋଲିସ ଚାକିରି ଛାଡ଼ି ପ୍ରବଚନ ଦେଇଆସୁଥିବା ଓ ଦୁଃଖ ନିବାରଣାର୍ଥେ ମନ୍ତ୍ରପାଣି ବାଣ୍ଟୁଥିବା ଏହି ବାବାକୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦିଆଯିବାର ବ୍ୟବସ୍ଥା କରାଯିବା ଉଚିତ। ଆୟୋଜକ କମିଟିର ସଦସ୍ୟମାନଙ୍କ ବିରୋଧରେ ଫୌଜଦାରି ମକଦ୍ଦମା କରାଯିବା ଉଚିତ। ପୁରୀ ରଥଯାତ୍ରା ସମୟରେ ୧୫/୨୦ ଲକ୍ଷ ଭକ୍ତଙ୍କ ସମାଗମ ହେଉଛି । ଏପରି ଅଘଟଣ ଘଟୁଛି କି ? ସୁତରାଂ, ଧର୍ମଶାସ୍ତ୍ର ପଢ଼ି ଏପରି ପ୍ରବଚନ ଦେଉଥିବା ଭଣ୍ଡବାବାଙ୍କ ସତ୍‌ସଙ୍ଗ ଆୟୋଜନ ଉପରେ ସରକାର ପ୍ରତିବନ୍ଧକ ଲଗାଇବା ଉଚିତ। ଏପରି ଅଘଟଣ ଆଗକୁ ଯେପରି ନ ଘଟିବ, ସେଥିପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆଇନଗତ ପ୍ରତିବନ୍ଧକ ଲଗାଇବା ଉଚିତ।

**-ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ପିରହାଟ, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଭୂସ୍ଖଳନ ଚିହ୍ନଟ ଜାଗା ଉପରେ ନଜର ରଖ

ପାରଳାଖେମୁଣ୍ଡି, ୧୯।୭ (ଗିରିଧାରୀ ପରିଚ୍ଛା): ପାଣିପାଗ ବିଭାଗ ସୂଚନା ମୁତାବକ ଗଜପତି ଜିଲାରେ ୨୦ ତାରିଖରୁ ୨୨ତାରିଖ ପର୍ଯ୍ୟନ୍ତ ଲଘୁଚାପ ଜନିତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଅଛି। ଏଥିପାଇଁ ସତର୍କ ରହିବା ନିମନ୍ତେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀକାଳୀନ ବୈଠକ ଆଭାସୀ ମାଧ୍ୟମରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ଜିଲାରେ ତଳିଆ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣ ଧନଜୀବନ ସୁରକ୍ଷା ଲାଗି ବିଭିନ୍ନ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲାରେ ୧୨୯ଟି ଭୂସ୍ଖଳନ ଚିହ୍ନଟ ହୋଇଥିବା ଜାଗାରେ ସତର୍କ ରହିବାକୁ ସୂଚନା ଦିଆଯାଇଛି। ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ କୌଣସି ସରକାରୀ କର୍ମଚାରୀ ହେଡକ୍ୱାର୍ଟର ନ ଛାଡ଼ିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ଓ ଯେଉଁମାନେ ଛୁଟିରେ ଥିବେ ସେମାନେ ନିଜ କାର୍ଯ୍ୟାଳୟରେ ଯୋଗଦେବାକୁ ପାଇଁ କୁହାଯାଇଛି। ଜିଲାର କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ପାରଳାଖେମୁଣ୍ଡି ପୌର ପରିଷଦ ତଳିଆ ଅଞ୍ଚଳରେ ବର୍ଷା ଜନିତ ପାଣି ଜମା ହେବାର ସମ୍ଭାବନା ରହିଛି, ତେଣୁ ସ୍ଥିତିକୁ ଧ୍ୟାନରେ ରଖି ପୂର୍ବ ପ୍ରସ୍ତୁତି କରିବାକୁ କୁହାଯାଇଛି। ଜିଲାରେ ପ୍ରବଳ ବର୍ଷା ଆଶଙ୍କା ରହିଛି, ଏଣୁ ବିଭିନ୍ନ ସ୍ଥାନରେ ଭୂସ୍ଖଳନ ହୋଇପାରେ। ତେଣୁ ପୂର୍ବରୁ ଉକ୍ତ ସ୍ଥାନଗୁଡିକ ଚିହ୍ନଟ କରି ଆଗୁଆ ସଜାଗ ରହିବାକୁ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ଆଶ୍ରୟ ସ୍ଥଳ ତଥା ସ୍କୁଲ, କଲେଜ ଓ ଅଙ୍ଗୱାଡ଼ି କେନ୍ଦ୍ରଗୁଡିକୁ ଯାଞ୍ଚ କରି ସଜାଗ ରଖିବାକୁ କୁହାଯାଇଛି ।

## ପ୍ରବଳ ବର୍ଷା ପାଇଁ ଜରୁରୀ ବୈଠକ




## ଗଜପତିରେ ୧୨୩.୪ ମି.ମି. ବର୍ଷା ରେକର୍ଡ

ପାରଳାଖେମୁଣ୍ଡି, ୧୯।୭ (ଗିରିଧାରୀ ପରିଚ୍ଛା): ଗଜପତି ଜିଲାର ୭ଟି ବ୍ଲକ ଅଞ୍ଚଳ ଓ ସହରାଞ୍ଚଳରେ ଗତ ୨୪ ଘଣ୍ଟା ମଧ୍ୟରେ ମୋଟ ୧୨୪.୪ ମିମି ବର୍ଷା ରେକର୍ଡ ହୋଇଥିବା ସୂଚନା ରହିଛି, ଯାହାକି ହାରାହାରି ୧୫.୪୨ମିମି ବର୍ଷା ହାର ହୋଇଥିବା ଜିଲା ଜରୁରୀକାଳୀନ ବିଭାଗ ପକ୍ଷରୁ ଜଣାପଡିଛି। କାଶୀନଗର ବ୍ଲକରେ ସର୍ବାଧିକ ୩୧.୦ ମିମି ବର୍ଷା ହୋଇଥିବା ବେଳେ ପାରଳାଖେମୁଣ୍ଡି ସହରାଞ୍ଚଳରେ ୨୦.୪ମିମି, ରାୟଗଡ ବ୍ଲକରେ ୧୪.୦ମିମି, ଗୁମ୍ମା ବ୍ଲକରେ ୧୪.୦ ମିମି, ନୂଆଗଡ ବ୍ଲକରେ ୯.୮ ମିମି, ଆର୍.ଉଦୟଗିରି ବ୍ଲକରେ ୯.୨ ମିମି, ମୋହନା ବ୍ଲକରେ ୧୦.୦ ମିମି, ଗୋଷାଣି ବ୍ଲକରେ ୧୫.୦ ମିମି ବର୍ଷା ହୋଇଥିବାର ସୂଚନା ମିଳିଛି।

# 'ଶିଶୁଙ୍କ ପାଇଁ ଦିନଟିଏ' କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, ୧୯।୭ (ଗିରିଧାରୀ ପରିଚ୍ଛା): ଜିଲା ଶିଶୁ ସୁରକ୍ଷା ୟୁନିଟ ଆନୁକୂଲ୍ୟରେ ଜିଲାପରିଷଦ ସମ୍ମିଳନୀ କକ୍ଷରେ 'ଶିଶୁଙ୍କ ପାଇଁ ଦିନ ଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ କୁମାର ଅଧ୍ୟକ୍ଷତା କରି ଜିଲାରେ ଶିଶୁ ସୁରକ୍ଷା ସମ୍ବନ୍ଧିତ ବିଭିନ୍ନ ସମସ୍ୟା ଓ ସମାଧାନ ଉପରେ ଆଲୋଚନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପାରଳା ପୌର ପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ ଡ଼ଃ ଗୁଣନିଧି ନାୟକ, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଦିଲୀପ କୁମାର ବେହେରା, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଅଶ୍ୱିନୀ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ଶିଶୁ ସୁରକ୍ଷା, ଶିଶୁ ଅଧିକାର, ବାଲ୍ୟ ବିବାହକୁ ଜିଲାରେ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ସହ ଶିଶୁ ଶ୍ରମିକ, ଶିଶୁ ଭିକ୍ଷାବୃତ୍ତିକୁ କିପରି ରୋକାଯାଇପାରିବ ତାହା ଉପରେ ଆଲୋଚନା କରାଯାଇ ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଶିଶୁ ସୁରକ୍ଷା ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ଚଳିତ ଦଶମ ପରୀକ୍ଷାରେ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ୪ ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା।




## କାମରେ ଆସୁନି ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଗୃହ
# ଲକ୍ଷାଧିକ ଟଙ୍କାରେ ନିର୍ମାଣ ହୋଇଥିଲା

ଖଜୁରୀପଡ଼ା,୧୯।୭(ବିଦୁର ବେହେରା)

କନ୍ଧମାଳ ଜିଲା ପାହାଡ଼ ପର୍ବତ ଘେରରେ ଅବସ୍ଥିତ। ଏଠିକାର ଲୋକମାନେ ସବୁ ସମସ୍ୟା ଜଣାଇବା ପାଇଁ ଜିଲା ପ୍ରଶାସନ ପାଖକୁ ପହଞ୍ଚି ପାରନ୍ତି ନାହିଁ । ତେଣୁ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ସମସ୍ୟା ସମ୍ବନ୍ଧରେ ଜଣାନ୍ତି। କିନ୍ତୁ ପ୍ରତି ପଞ୍ଚାୟତରେ ପର୍ଯ୍ୟାପ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ନ ଥିବାରୁ ଅନେକ ସମୟରେ ପଞ୍ଚାୟତବାସୀ ହଇରାଣ ହେଉଛନ୍ତି। ଏହା ଦେଖିବାକୁ ମିଳିଛି ଖଜୁରୀପଡ଼ା ବ୍ଲକରେ। ଏହି ବ୍ଲକ ୧୪ ପଞ୍ଚାୟତକୁ ନେଇ ଗଠିତ। ୧୪ ପଞ୍ଚାୟତରେ ୯ ଜଣ ପଞ୍ଚାୟତ ନିର୍ବାହୀ ଅଧିକାରୀ କାର୍ଯ୍ୟରତ ଅଛନ୍ତି। କେତୋଟି ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଦୁଇଟି ଲେଖାଏ ପଞ୍ଚାୟତର ଦାୟିତ୍ୱ ମିଳିଥିବାରୁ ସବୁ ବେଳେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଭେଟି ହୁଏ ନାହିଁ, ଯାହାଦ୍ୱାରା ଗୋଟିଏ ପଞ୍ଚାୟତରେ ଗୋଟିଏ ପଞ୍ଚାୟତ ନିର୍ବାହୀ ଅଧିକାରୀ କାର୍ଯ୍ୟରତ ନ ଥିବାରୁ ସେମାନେ ବିଭିନ୍ନ ଆଳ ଦେଖାଇ ଥାଆନ୍ତି। ଗୋଟିଏ ପଞ୍ଚାୟତ ସମସ୍ୟା ପଚାରିବା ପାଇଁ ପଞ୍ଚାୟତ ଯାଇ ଫୋନ କଲେ ଅନ୍ୟ ପଞ୍ଚାୟତରେ କାର୍ଯ୍ୟରତ ଅଛନ୍ତି ବୋଲି କୁହନ୍ତି। ଫଳରେ ନିରୀହ ଲୋକମାନେ କୌଣସି ସମସ୍ୟା ନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ସାକ୍ଷାତ କରିବା ପାଇଁ ଅପେକ୍ଷା କଲେ ମଧ୍ୟ ଦେଖା ମିଳେନାହିଁ। ଗୋଟିଏ କାମ ପାଇଁ ଦୁଇ ତିନି ଦିନ ପଞ୍ଚାୟତକୁ ଦୌଡ଼ିଲେ ମଧ୍ୟ କାମ ହୁଏ ନାହିଁ। ତେଣୁ ଗ୍ରାମାଞ୍ଚଳର ସମସ୍ୟା ବୁଝିବା ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ବାସଗୃହ ନିର୍ମାଣ ହେଲା। କିନ୍ତୁ ଘର ନିର୍ମାଣ ହେବାଠାରୁ ଆଜି ପର୍ଯ୍ୟନ୍ତ ଅଧିକାରୀଙ୍କ ସେହି ଘରେ ପାଦ ପଡ଼ିଲା ନାହିଁ । ଫଳରେ ଘରଗୁଡ଼ିକ ବ୍ୟବହାର ହେଉ ନ ଥିବା ଯୋଗୁ ସେଗୁଡ଼ିକ ଏବେ ଭୂତକୋଠି ପାଲଟିଛି । ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହିତ ପର୍ଯ୍ୟାପ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ନିଯୁକ୍ତ ହେଲେ ଲୋକଙ୍କ ସମସ୍ୟା ଦୂରେଇ ଯାଇପାରିବ ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରନ୍ତି ।



# ପାଇପ ଚୋରି ଘଟଣାରେ ୧୦ କୋର୍ଟ ଚାଲାଣ

ଦାରିଙ୍ଗବାଡି,୧୯।୭(ଅରୁଣ ସାହୁ) ଦାରିଙ୍ଗବାଡି ଥାନା ସୁଲୁମାହା ଅଞ୍ଚଳରୁ ଏକ ଠିକା ସଂସ୍ଥାର ପାଇପ ଚୋରି ବେଳେ ଲୋକମାନେ ଓ ପୋଲିସ ମାଡ଼ିବସିବା ଘଟଣାରେ ପୋଲିସ ୧୦ ଜଣଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପ୍ରଶାନ୍ତ ନାଗଙ୍କ ସମେତ ବିକାଶ ଦେହୁରୀ, ବବୁଲ ଦଳବେହେରା, ଡକା ତ୍ରିର, ବାପି ମହାନ୍ତି, ଚନ୍ଦନ ମଲିକ, ଛାୟାଲ ଜାନି, ପୂର୍ଣ୍ଣିମା ସ୍ୱାଇଁ, ସୁରେନ୍ଦ୍ର ସେଠୀ ଏବଂ ରମେଶ ନାୟକ। ଏକ ଠିକା ସଂସ୍ଥା ପକ୍ଷରୁ ଦାରିଙ୍ଗବାଡି ସମେତ ସୁଲୁମାହା, ଶ୍ରୀନିକେତା, ତେରାବାଡି ଆଦି ଗ୍ରାମରେ ପାଇପଯୋଗେ ଜଳ ଯୋଗାଣ ପାଇଁ ମେଗା ପ୍ରକଳ୍ପ କାର୍ଯ୍ୟ ଚାଲିଛି। ଠିକା ସଂସ୍ଥା ପକ୍ଷରୁ ସୁଲୁମାହାଠାରେ କ୍ୟାମ୍ପ କରି ମୂଲ୍ୟବାନ ପାଇପ ଗଚ୍ଛିତ ରଖାଯାଇଥିଲା, ତେବେ ସୋମବାର ବିଳମ୍ବିତ ରାତିରେ ଛତିଶଗଡ଼ ନମ୍ବର ଥିବା ଏକ ଟ୍ରକରେ ଦୁର୍ବୃତ୍ତ ଆସି ପାଇପ ଚୋରି କରି ଲୋଡ଼ କରୁଥିବା ବେଳେ ଧରାପଡ଼ିଥିଲେ।

# ୱାର୍ଡ ସଦସ୍ୟଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଆସିକା ୧୯।୭ (ସୁରେନ୍ଦ୍ରନାଥ ସାହୁ): ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟକାରୀ ହେଉଥିବା ଯୋଜନାମାନଙ୍କରେ ପଞ୍ଚାୟତର ୱାର୍ଡ ସଦସ୍ୟମାନଙ୍କୁ ସାମିଲ କରି ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ କରିବା ସକାଶେ ଏକ ପ୍ରଶିକ୍ଷଣ ଶିବିର ଶୁକ୍ରବାର ବ୍ଲକ ସଭା ଗୃହରେ ଅନୁଷ୍ଠିତ ହୋଇଥିଲା । ବିଡିଓ ଫକିର ଚରଣ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ନନ୍ଦିନୀ ଦାଶ, ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ରାଜଶ୍ରୀ ସାହୁ, କମ୍ପ୍ୟୁଟର ପ୍ରୋଗ୍ରାମର ଦେବେନ୍ଦ୍ର ପାତ୍ର, ମାଷ୍ଟର ଟ୍ରେନର ସୁକାନ୍ତ କୁମାର ନାୟକ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥା, ସ୍ଥାୟୀ କମିଟି ଗଠନ ଓ କାର୍ଯ୍ୟ, ଗ୍ରାମ ପଞ୍ଚାୟତର ନିଜସ୍ୱ ଆୟ ବୃଦ୍ଧି, ଅର୍ଥ କମିସନ ଅନୁଦାନର ସୁପରିଚାଳନା ଓ ସଦୁପଯୋଗରେ ୱାର୍ଡ ସଦସ୍ୟଙ୍କ ଭୂମିକା, ଗ୍ରାମପଞ୍ଚାୟତ ବିକାଶ ଯୋଜନା, ଗ୍ରାମୀଣ ଆବାସ ଯୋଜନା, ମହାତ୍ମାଗାନ୍ଧୀ ନରେଗାରେ ପ୍ରାକୃତିକ ସମ୍ବଳର ପରିଚାଳନା ଓ ଜିବିକା ବୃଦ୍ଧି କାର୍ଯ୍ୟ, ବିପର୍ଯ୍ୟୟ ପରିଚାଳନା ଆଦି କ୍ଷେତ୍ରରେ ୱାର୍ଡ ସଦସ୍ୟଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଆସିକା ବ୍ଲକର ଦେବଭୂମି, ବଡଖୋଲି, ବାଲିଛାଇ ଓ ଗୁଣ୍ଡୁପଡା ପଞ୍ଚାୟତର ୱାର୍ଡ ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ଆସିକା ବ୍ଲକର ୨୭ଟି ପଞ୍ଚାୟତର ୱାର୍ଡ ସଦସ୍ୟମାନଙ୍କୁ ପର୍ଯ୍ୟାୟ କ୍ରମେ ପ୍ରଶିକ୍ଷଣ ଦେବା ଲାଗି ଯୋଜନା ପ୍ରସ୍ତୁତ କରାଯାଇଥିବା ବିଡିଓ ପରିଡା ସୂଚନା ଦେଇଛନ୍ତି।

# ଶିକାର ବେଳେ ବନ୍ଧୁକ ସହ ୪ ଶିକାରୀ ଗିରଫ



ଗିରଫ ଅଭିଯୁକ୍ତ ସହ ଜବତ ଦେଶୀ ବନ୍ଧୁକ ।

ମୋହନା,୧୯।୭(ମନ୍ମଥ ମିଶ୍ର): ପାରଳାଖେମୁଣ୍ଡି ବନଖଣ୍ଡ ଚନ୍ଦ୍ରଗିରି ବନାଞ୍ଚଳ ଲଖାରି ଅଭୟାରଣ୍ୟରେ ବେଆଇନ ଶିକାର ବେଳେ ଦେଶୀ ବନ୍ଧୁକ ସହ ୪ ଶିକାରୀଙ୍କୁ ଶୁକ୍ରବାର ବନ ବିଭାଗ ପକ୍ଷରୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ମୋହନା ଥାନା ଢେପାଗୁଡ଼ା ପଞ୍ଚାୟତ ଶ୍ରୀରାମପୁର ଗାଁର ପୂର୍ଣ୍ଣଚନ୍ଦ୍ର ମଣ୍ଡଳ, ଅଭିମନ୍ୟୁ ମଣ୍ଡଳ ଓ ତ୍ରିନାଥପୁର ଗାଁର ଦିବାକର ରଇତ ଓ ଦେବରାଜ ରଇତ। ଗତ କିଛି ମାସ ହେଲା ଚନ୍ଦ୍ରଗିରି ବନାଞ୍ଚଳ ଲାଖାରୀ ଅଭୟାରଣ୍ୟରେ ବେଆଇନ ବାଘ ଛାଲ ଚାଲାଣ ବୃଦ୍ଧି ପାଉଥିବା ବେଳେ ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ ଏସ୍ ଆନନ୍ଦଙ୍କ ନିର୍ଦ୍ଦେଶକ୍ରମେ ଚନ୍ଦ୍ରଗିରି ବନାଞ୍ଚଳ ପକ୍ଷରୁ ଲଖାରି ଅଭୟାରଣ୍ୟରେ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଥିଲା। ତେବେ ଗୁରୁବାର ରାତିରେ ଶିକାରୀମାନେ ଅଭୟାରଣ୍ୟରେ ପଶି ଶିକାର ଉଦ୍ୟମ କରୁଥିବା ବେଳେ ବନ ବିଭାଗ ଧରିଥିଲା।

## ବୃଦ୍ଧଙ୍କୁ କାତିରେ ଆକ୍ରମଣ, ଜଣେ ଗିରଫ

ଶେରଗଡ଼, ୧୯।୭ (ସୂର୍ଯ୍ୟନାରାୟଣ ଦାଶ): ଶେରଗଡ଼ ବ୍ଲକ ଗୋବିନ୍ଦପୁର ଗ୍ରାମରେ ମନ୍ଦିରରୁ ଦର୍ଶନ ସାରି ଫେରୁଥିବା ଜଣେ ବୃଦ୍ଧଙ୍କୁ କାତିରେ ଆକ୍ରମଣ ହୋଇଛି। ଫଳରେ ବୃଦ୍ଧ ଜଣକ ଗୁରୁତର ଆହତ ହୋଇ ହିଞ୍ଜିଳି ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ବୃଦ୍ଧଜଣଙ୍କ ହେଲେ ହରିବନ୍ଧୁ ସ୍ୱାଇଁ (୬୦)। ଶୁକ୍ରବାର ସକାଳେ ମନ୍ଦିରରୁ ଫେରୁଥିବା ବେଳେ ଗୋବିନ୍ଦପୁର ଗ୍ରାମ ଛକର ଗଜେନ୍ଦ୍ର ଜେନା କାତିରେ ଆକ୍ରମଣ କରିଥିଲେ। ଶେରଗଡ ଥାନା ଅଧିକାରୀ ବିରେନ୍ଦ୍ର ସିଆଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପୋଲିସ ଗଜେନ୍ଦ୍ରଙ୍କୁ ଗିରଫ କରି ହତ୍ୟା ଉଦ୍ୟମ ଅଭିଯୋଗରେ ଅଭିଯୋଗରେ କୋର୍ଟ ଚାଲାଣ କରିଛି। ଦୀର୍ଘ ୩୫ ବର୍ଷ ତଳେ କିଛି ଗଣ୍ଡଗୋଳକୁ କେନ୍ଦ୍ରକରି ଏହି ଘଟଣା ଘଟିଛି ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ କହିଛି।


इंडियन बैंक Indian Bank
इलाहाबाद ALLAHABAD

**ଇଣ୍ଡିଆନ ବ୍ୟାଙ୍କ**
**ଜଗତସିଂହପୁର ଶାଖା**
**ଦୁର୍ଗା ବଜାର, ଜଗତସିଂହପୁର, ଓଡିଶା।**

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

**ଇଣ୍ଡିଆନ ବ୍ୟାଙ୍କ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍ଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ ଆସେଟସ୍ ଆଣ୍ଡ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ଅନୁଯାୟୀ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଏବଂ ୯ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି ।

ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଇଣ୍ଡିଆନ ବ୍ୟାଙ୍କ, ଜଗତସିଂହପୁର ଶାଖା** ନିକଟରେ ଉତ୍ତରଦାୟୀ ରହିବେ ।

***ଏତଦ୍ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।***

| ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ପରିମାଣ |
|---|---|---|---|---|
| **ଋଣଗ୍ରହୀତା: (୧)ଶ୍ରୀ ଅକ୍ଷୟ କୁମାର ରାୟ, ମେସର୍ସ ଏକେ ରାୟର ସତ୍ତ୍ୱାଧିକାରୀ, (୨)ଶ୍ରୀମତୀ ନମିତା ରାୟ,** ସ୍ୱା: ଶ୍ରୀ ଅକ୍ଷୟ କୁମାର ରାୟ, **(୩)ଶ୍ରୀମତୀ କାମିନୀ ରାୟ,** ସ୍ୱା: ଅଭୟ କୁମାର ରାୟ, ସମସ୍ତଙ୍କ ଠିକଣା: ସା-ତହସିଲି ଛକ, ପୋ.: ବାଲିକୁଦା, ଜିଲ୍ଲା: ଜଗତସିଂହପୁର, ପିନ୍- ୭୫୪୧୦୮ । | ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୧୧୯୬, ଖାତା ନଂ.୮୨୭/୭୫୭, ସା/ମୌଜା: ମାର୍କଣ୍ଡପୁର, ଜିଲ୍ଲା: ଜଗତସିଂହପୁର, ଓଡିଶା, ଏରିଆ: ଏ୦.୦୭ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ରାସ୍ତା, ଦକ୍ଷିଣ- ନଟବର ଦାସ, ପୂର୍ବ- ମୁରଲିଧର ପାଲ୍, ପଶ୍ଚିମ- ଚନ୍ଦ୍ରମଣୀ ସ୍ୱାଇଁ । | ୧୩.୦୫.୨୦୨୪ | ୧୮.୦୭.୨୦୨୪ | ଟ.୫୭,୭୭,୬୪୪/- + ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |
| **ଋଣଗ୍ରହୀତା: (୧)ଶ୍ରୀ ରମେଶ କୁମାର ମଲ୍ଲିକ, (୨)ଶ୍ରୀମତୀ ପ୍ରଭାତୀ ମଲ୍ଲିକ,** ସ୍ୱା: ଶ୍ରୀ ରମେଶ କୁମାର ମଲ୍ଲିକ, ଉଭୟଙ୍କ ଠିକଣା: ସା-ଯଶୋବନ୍ତପୁର, ପୋ/ଜିଲ୍ଲା: ଜଗତସିଂହପୁର, ପିନ୍- ୭୫୪୧୦୩। | ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୨୮୭୧, ଖାତା ନଂ.୧୦୧୦, ସା/ମୌଜା: ଯଶୋବନ୍ତପୁର, ଜିଲ୍ଲା: ଜଗତସିଂହପୁର, ଓଡିଶା, ଏରିଆ: ଏ୦.୧୧୦ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ସୁନାକର ପ୍ରଧାନ, ଦକ୍ଷିଣ- କୃପାସିନ୍ଧୁ ମାଝି, ପୂର୍ବ- ରାସ୍ତା, ପଶ୍ଚିମ- କୃପାସିନ୍ଧୁ ମାଝି । | ୧୩.୦୫.୨୦୨୪ | ୧୮.୦୭.୨୦୨୪ | ଟ.୩,୪୫,୭୭୪/- + ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |
| **ଋଣଗ୍ରହୀତା: (୧)ଶ୍ରୀମତୀ ସ୍ୱର୍ଣ୍ଣଲତା ମଲ୍ଲିକ,** ସ୍ୱା: ଶ୍ରୀ ଅମର କୁମାର ମଲ୍ଲିକ, **(୨) ଶ୍ରୀ ଅମର କୁମାର ମଲ୍ଲିକ,** ଉଭୟଙ୍କ ଠିକଣା: ସା-ଜୟବାଡ, ପୋ/ଜିଲ୍ଲା: ଜଗତସିଂହପୁର, ପିନ୍- ୭୫୪୧୦୩। | ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୪୧/୬୭୦, ଖାତା ନଂ.୨୯୮, ସା/ମୌଜା: ଜୟବାଡ, ପୋ/ଜିଲ୍ଲା: ଜଗତସିଂହପୁର, ଓଡିଶା, ଏରିଆ: ଏ୦.୦୩ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ଶ୍ରୀମତୀ ସୁଷମା, ଦକ୍ଷିଣ- ପ୍ରସ୍ତାବିତ ରାସ୍ତା, ପୂର୍ବ- ଶ୍ରୀମତୀ ରାଧାରାଣୀ, ପଶ୍ଚିମ- ହେମନ୍ତ ଦାସ । | ୧୩.୦୫.୨୦୨୪ | ୧୮.୦୭.୨୦୨୪ | ଟ.୧,୯୯,୨୪୨/- + ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

ତାରିଖ-୧୯.୦୭.୨୦୨୪, ସ୍ଥାନ-ଜଗତସିଂହପୁର — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ ବ୍ୟାଙ୍କ



**OFFICE OF THE PRINCIPAL**
**DHENKANAL AUTONOMOUS COLLEGE, DHENKANAL**
No.DACD-EST-2024, 2805/DACD, Dated. 18.07.2024
**QUOTATION CALL NOTICE**
No.CAD-593: Sealed quotations are invited from eligible contractors / firms to run the college canteen for an initial period of two years starting from the session 2024-25 for terms and conditions, the parties may refer to our website : www. dhenkanalcollege.ac.in. The last date of receiving the sealed tender papers along with relevant documents is 29.07.2024 (04.00 PM.). The tender papers must be handed over to the Section officer-in-charge by hand or registered post. The cost of the tender papers Rs. 500/- (Rupees Five hundred) only which is non-refundable. The tender papers will be opened at 11.00 AM on 30.07.2024 (Thursday) in presence of applicants or their representatives.
Sd./- Principal
OIPR-11026/11/0007/2425 Dhenkanal Auto. College, Dhenkanal.



**OFFICE OF THE DIVISIONAL FOREST OFFICER, PARALAKHEMUNDI DIVISION**
ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି ବନଖଣ୍ଡ
E-mail: dfo.parlakhemundi@odisha.gov.in
Office Order No. 63/1F Dated Paralakhemundi the 18 July, 2024
**EXTENSION OF TENDER NOTICE**
No. MM-94: The tender for **"Erection of Iron Angle Chain link wire mesh fencing for length of 7200 running meters"** at Tuburuba CA Plantation of Ramagiri Range in Paralakhemundi Forest Division which was published vide Tender Notice No. 05 Dtd.25.06.2024 is hereby extended to 29.07.2024 due to non receipt of any tenders and date for opening of the bids shall be 30.07.2024 at 12.00 Noon. The terms and conditions earlier published shall remain unaltered.
Sd./- Divisional Forest Officer
OIPR-08148/11/0011/2425 Paralakhemundi Division



**कार्यपालक अभियन्ता का कार्यालय**
**ग्रामीण कार्य विभाग, कार्य प्रमण्डल, लातेहार**
**ई- निविदा आमंत्रण सूचना**
अल्पकालीन ई–पुनर्निविदा संख्या :– 01/R1/2024-25/EE/RWD/LATEHAR दिनांक : 18.07.2024

| क्र0 | आईडेंटी फिकेशन सं0 / पैकेज सं0 | प्रखंड | कार्य का नाम | प्राक्कलित राशि (रुपये में) अंक में | अक्षर में | कार्य समाप्ति की तिथि | टेंडर कॉल |
|---|---|---|---|---|---|---|---|
| 1 | RWD/LATEH AR1/2024-25 | महुआडांड | चिरोपाट से शीशडीह तक पथ निर्माण | 290.185 | दो करोड़ नब्बे लाख अठारह हजार पाँच सौ रुपये मात्र। | 15 माह | द्वितीय |

1. वेबसाईट में निविदा प्रकाशन की तिथि : 24.07.2024
2. ई–निविदा प्राप्ति की अंतिम तिथि एवं समय : 31.07.2024 अपराह्न 5:00 बजे तक।
3. निविदा खोलने की तिथि एवं समय : 02.08.2024 अपराह्न 03:30 बजे।
4. निविदा आमंत्रित करने वाले पदाधिकारी का नाम एवं पता, कार्यपालक अभियंता, ग्रामीण कार्य विभाग, कार्य प्रमंडल, लातेहार पिन – 829206।
5. ई–निविदा प्रकोष्ठ का दूरभाष सं0 – 06565245038

विस्तृत जानकारी के लिए वेबसाईट www.jharkhandtenders.gov.in में देखा जा सकता है।

कार्यपालक अभियन्ता
ग्रामीण कार्य विभाग
कार्य प्रमण्डल, लातेहार

PR 329953 REO (24-25)_D



**OFFICE OF THE DISTRICT COLLECTOR, NAYAGARH (EXCISE SECTION)**
**NOTICE INVITING APPLICATIONS FOR SETTLEMENT OF IMFL OFF COUNTRY LIQUOR SHOP OF NAYAGARH DISTRICT**
No. 1253 / Ex., Dated. 18.07.2024
No.F-24 : Applications are invited for settlement of 03 (Three) numbers of IMFL OFF shops & 11 (Eleven) numbers of Country Liquor Shops of Nayagarh District for the year, 2024-25 onwards by way of lottery. The persons interested to participate may apply online in "Form-B" through the portal **http://stateexcise.odisha.gov.in** from **18.07.2024 to 31.07.2024 (05:00 P.M.)**. Lottery will be held on **07.08.2024 at Conference Hall of Collectorate, Nayagarh from 11:00 A.M** onwards.
The details of the shops to be settled and the terms and conditions applicable thereof are available in the said website and notice boards of the District Excise Office, Nayagarh and Collectorate, Nayagarh.
OIPR-36020/11/0002/2425 **Sd./- Collector, Nayagarh**



**ODISHA HYDRO POWER CORPORATION LTD.**
OHPC
OFFICE OF THE SENIOR GENERAL MANAGER (ELECTRICAL), BALIMELA HYDRO ELECTRIC PROJECT.
POST : BALIMELA, DIST. : MALKANGIRI (ODISHA), PIN - 764 051
Phones : 06861-232581(O) / 232641(R), FAX - 06861-232541, E-mail : <unit.head_balimela@yahoo.com>
REGD. OFFICE : ODISHA HYDRO POWER CORPORATION LIMITED.
(A Government of Odisha Undertaking)
ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK, JANAPATH, BHUBANESWAR - 22
Tel. : 91-0674-2542983, 2542802, 25425526, 2542826, Fax : 254102, GRAM : HYDRO POWER, E-Mail : ohpc.co@gmail.com / md@ohpcltd.com, WEB : www.ohpcltd.com
**NOTICE INVITING TENDER NO. BHEP/DE-III/10/2024-25 DATED - 18.07.2024**
No. CAD-597 : Single part sealed Tenders are invited from the reputed suppliers / agencies for the work "Procurement of materials (Group-A:- Electronic accessories/Group-B:-Miscellaneous inventories/Group-C:-Clothing inventories/Group-D:-Kitchen inventories) for newly constructed Training Hostel, BHEP, Balimela." Fulfilling the eligibility criteria as per the tender specification for the work as mentioned below.

| Sl. No. | Description of Work | Cost of Tender Paper (Non-refundable) in Rs. | EMD (Refundable) in Rs. | Period of availability of tender documents | Last date & Time of receipt of Tender | Date & Time of opening bid |
|---|---|---|---|---|---|---|
| 1 | "Procurement of materials (Group-A:Electronic accessories / Group - B:- Miscellaneous inventories / Group-C:- Clothing inventories / Group-D:- Kitchen inventories) for newly constructed Training Hostel, BHEP, Balimela." | Rs.7080/- (Rs. 7000/- + (GST@18%) 1080/-) Rupees (Seven thousand eighty) only | 1% of the quoted amount | 25.07.2024 to 08.08.2024 | 08.08.2024 at 12:00 PM | 08.08.2024 at 12:30 PM |

For details of the tender documents, terms & conditions, please visit our website www.ohpcltd.com
OIPR-04019/11/0015/2425 Sd./- C&P Head, BHEP, Balimela



**ODISHA HYDRO POWER CORPORATION LTD.**
OHPC
OFFICE OF THE SENIOR GENERAL MANAGER (ELECTRICAL), BALIMELA HYDRO ELECTRIC PROJECT.
POST : BALIMELA, DIST. - MALKANGIRI (ODISHA), PIN - 764 051
Phones : 06861-291058 (O) / 291048 (R), E-mail : unit.head_balimela@yahoo.com
REGD. OFFICE : ODISHA HYDRO POWER CORPORATION LIMITED.
(A Government of Odisha Undertaking)
ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK, JANAPATH, BHUBANESWAR - 22
Tel. : 91-0674-2542983, 2542802, 25425526, 2542826, Fax : 254102, GRAM : HYDRO POWER
E-Mail : ohpc.co@gmail.com / md@ohpcltd.com, WEB : www.ohpcltd.com
**TCN NO : BHEP/DE III/PRINTING 002/12/2024-25 DATED. 18.07.2024**
No. CAD-599 : Sealed tenders are invited from the reputed Agencies / Firms / reputed Supply of Printing Materials & Stationary items to BHEP, Balimela as mentioned below.

| Sl. No. | Description of materials | Cost of tender Paper (Non-refundable) in Rs. | EMD (Refundable) in Rs. | Period of availability of tender at OHPC website | Last date & Time of receipt of Tender | Date & Time of opening of bid |
|---|---|---|---|---|---|---|
| 1 | Supply of Printing Materials & Stationery items to BHEP, Balimela | Rs. 4000/- + (GST @ 18%) = 720/- = Rs 4720/- | Rs. 5500 in shape of DD/BC | 24.07.2024 To 12:00 Hrs on 08.08.2024 | 08.08.2024 Up to 12:00 Hrs | 08.08.2024 at 12:30 Hrs |

For details of the tender documents, terms & conditions please visit our website : www.ohpcltd.com
OIPR-04019/11/0019/2425 Sd./- C & P Head, BHEP, Balimela



**GOVERNMENT OF ODISHA, DEPARTMENT OF WATER RESOURCES**
**INVITATION FOR BIDS (IFB)**
**OFFICE OF THE EXECUTIVE ENGINEER, BOUDH IRRIGATION DIVISION, BOUDH, Pin-762014**
e-mail id: eebidboudh@gmail.com
**"e"-Procurement Notice No.02/2024-25**
**Bid Identification No.EE BOD-02/24-25**
**No.A-164:** Name/Nature of Work: Supply, Installation, Testing, Commissioning, Training and 5Yrs. Operation & Maintenance of 1 No. of Non-contact type discharge measurement system in Mahanadi Basin near Boudh Kiakata Bridge, Boudh in Odisha. 2. No. of Works: 01 No. 3. Estimated Cost: Rs.36.69 Lakhs (Excl. GST). 4. Bid document Cost: Rs.10,000.00. 5. EMD: Mentioned in Col.5 of NIT. 6. Class of Contractor: Bidders registered/ empanelled with State Governments/ Central Government/ MES/ Railways/ SSI Units registered under DIC/ MSME/ NSC for instrumentation work (Odisha PWD or relevant class of other licensing Authority. 6. Period of Completion: Mentioned in Col. 7 of NIT. 7. Other details are as follows:

| Procurement Officer | Bid Identification No. | Availability of tender on-line for bidding: From | Availability of tender on-line for bidding: To | Date of Seeking tender Clarification | Date & Time of opening of tender | Place of opening |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Executive Engineer, Boudh Irr. Divn. Boudh | EE BOD-02/2024-25 | Dt.20.07.2024 at 10.00 Hours | Dt.06.08.2024 upto 17.30 hours | From Dt.20.07.2024 to dt.1.08.2024 at Office during office hours | Dt.07.08.2024 at 11.00 Hours | Office of Executive Engineer, Boudh Irr. Divn. Boudh |

Further details can be seen from the e-Procurement portal https://www.tendersodisha.gov.in.
**Sd./- Executive Engineer, Boudh Irrigation Division, Boudh**
OIPR-32111/11/0001/2425

## ସଂକ୍ଷେପରେ

### ଇଫ୍‌କୋ ନିର୍ଦ୍ଦେଶକ ସୀମାଞ୍ଚଳ ପାଢ଼ୀଙ୍କ ପରଲୋକ

ପୁରୁଷୋତ୍ତମପୁର, ୧୯।୭(ସୀମାଞ୍ଚଳ ମିଶ୍ର)

ଇଫ୍‌କୋର ଡାଇରେକ୍ଟର ତଥା ଭୂତସରସିଙ୍ଗି କପିଳେଶ୍ୱର ବହୁମୁଖୀ ସମବାୟ ସମିତି ସଭାପତି ତଥା ବରିଷ୍ଠ ବିଜେଡି ନେତା ସୀମାଞ୍ଚଳ ପାଢ଼ୀଙ୍କ ଗୁରୁବାର ରାତିରେ ହୃଦ୍‌ଘାତରେ ଦିଲ୍ଲୀରେ ପରଲୋକ ହୋଇଛି। ତାଙ୍କ ନିଜ ଘର ପୁରୁଷୋତ୍ତମପୁର ରାଧାକାନ୍ତ ସାହିରେ ହୋଇଥିବା ବେଳେ ଗତ କିଛିଦିନ ହେଲା ସେ ବ୍ରହ୍ମପୁରରେ ରହୁଥିଲେ। ସେ ଇଫ୍‌କୋକୁ ଓଡ଼ିଶାରୁ ଏକମାତ୍ର ଡାଇରେକ୍ଟର ଭାବେ ୨୦୦୯ରୁ ଲଗାତର ନିର୍ବାଚିତ ହୋଇ ପ୍ରତିନିଧିତ୍ୱ କରିଆସୁଥିଲେ। ଏପରି କି ସେ ଦୀର୍ଘ ୩୦ ବର୍ଷ ହେଲା ଭୂତସରସିଙ୍ଗି କପିଳେଶ୍ୱର ବହୁମୁଖୀ ସମବାୟ ସମିତିର ସଭାପତି ଭାବେ ନିର୍ବାଚିତ ହୋଇ ଦାୟିତ୍ୱ ନିର୍ବାହ କରୁଥିଲେ। ଗତ ଦୁଇ ମାସତଳେ ଗୋଡ଼ରେ ଆଘାତ ଲାଗିବା ପରେ ସେ ଗତ କିଛିଦିନ ହେଲା ବଡ଼ପୁଅ ସୌମ୍ୟଜିତ ପାଢ଼ୀ ରହୁଥିବା ଦିଲ୍ଲୀସ୍ଥିତ ଘରେ ରହି ଚିକିତ୍ସିତ ହେଉଥିଲେ। ହେଲେ ଗୁରୁବାର ରାତିରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମୃତଦେହ ଶୁକ୍ରବାର ବିମାନ ଯୋଗେ ଭୁବନେଶ୍ୱର ଅଣାଯିବା ପରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ପାଖରେ ସ୍ତ୍ରୀ ରେଣୁବାଳା ପାଢ଼ୀ, ବଡ଼ ପୁଅ ସୌମ୍ୟଜିତ ପାଢ଼ୀ, ସାନପୁଅ ଶୁଭ୍ରଜିତ ପାଢ଼ୀ ଓ ବୋହୂ ଶୁଭଶ୍ରୀ ରହିଛନ୍ତି। ପୁରୁଷୋତ୍ତମପୁର ଓକିଲ ସଂଘ ପକ୍ଷରୁ ଶୋକସଭା ହୋଇ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଛି।

### ପୁରୋହିତଙ୍କ ବାଇକ୍ ଚୋରି

ହିଞ୍ଜିଳିକାଟୁ, ୧୯।୭ (ଦ୍ୱିତୀକୃଷ୍ଣ ପଣ୍ଡା): ହିଞ୍ଜିଳି ଥାନା ତଳରେଙ୍ଗିଡି ସାହିର ଏକ ଘର ସମ୍ମୁଖରୁ ଜଣେ ପୁରୋହିତଙ୍କ ବାଇକ୍‌କୁ ଦୁର୍ବୃତ୍ତ ବୁଧବାର ଚୋରି କରିନେଇଥିବା ଅଭିଯୋଗ ହୋଇଛି। ପାଟପୁର ଥାନା କଙ୍କୋରଡାର ପୁରୋହିତ ଜଗନ୍ନାଥ ରଥ ତଳରେଙ୍ଗିଡି ସାହି କାହ୍ନୁ ଚରଣ ସାବତଙ୍କ ଗୃହ ପ୍ରତିଷ୍ଠା ପୂଜାର୍ଚ୍ଚନା କରିବାକୁ ଆସି ତାଙ୍କ ଘର ସମ୍ମୁଖରୁ ବାଇକ୍ ରଖିଥିଲେ। ସନ୍ଧ୍ୟା ବେଳେ ବାହାରକୁ ଆସି ଦେଖିବା ବେଳକୁ ତାଙ୍କ ବାଇକ୍ ନଥିବାରୁ ସେ ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ।

### ଖତଖାଉଛି ଯୋଗାଣ ବିଭାଗର ଚାଉଳ ଗୋଦାମ

ଧରାକୋଟ, ୧୯।୭(ବିଷ୍ଣୁ କେଶରୀ ଆଚାରୀ)

ଧରାକୋଟ ବ୍ଲକର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ 'ଖାଦ୍ୟ ପାଇଁ କାମ' ଯୋଜନାରେ ଆସୁଥିବା ଚାଉଳ ଗଚ୍ଛିତ ରଖିବା ପାଇଁ ନିକଟସ୍ଥ ଜାନିବିଲିଠାରେ ରାଜ୍ୟ ଯୋଗାଣ ନିଗମ ତରଫରୁ ଏକ ଗୋଦାମ ଘର ନିର୍ମାଣ କରାଯାଇଥିଲା। ରାଜ୍ୟ ସରକାର ଖାଦ୍ୟ ପାଇଁ କାମ ଯୋଜନା ବନ୍ଦ କରିବା ପରେ କିଛିଦିନ ଯୋଗାଣ ବିଭାଗ ତରଫରୁ ଏହାକୁ ବ୍ୟବହାର କରାଯାଇଥିଲା। ସଂପ୍ରତି ଚାଷୀଙ୍କଠାରୁ ସଂଗୃହୀତ ଧାନ ମଣ୍ଡି ଓ ମିଲର ପାଖକୁ ଯିବାପରେ ମିଲରୁ ଚାଉଳ ସିଧା ଏଫସିଆଇକୁ ଚୁକ୍ତି ମୁତାବକ ଯୋଗାଣ ହେଉଛି। ଫଳରେ ଏହି ଗୋଦାମ ଅଲୋଡ଼ା ହୋଇଯାଇ ସରୀସୃପ ଓ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ଗୋଦାମ ଏବେ ପରିତ୍ୟକ୍ତ ଅବସ୍ଥାରେ ରହିଛି । ଏଣୁ ସରକାର ଏ ଦିଗରେ ପଦକ୍ଷେପ ନେଇ ତୁରନ୍ତ ଏହାକୁ କାର୍ଯ୍ୟରେ ବ୍ୟବହାର କରିବା ପାଇଁ ଦାବି ହେଉଛି।

# ପାହାଡ଼ିଆ ଅଞ୍ଚଳ ପ୍ରତି ନଜର, ଆବଶ୍ୟକ ପଡ଼ିଲେ ସ୍ଥାନାନ୍ତର

**ସମ୍ଭାବ୍ୟ ବନ୍ୟାର ମୁକାବିଲା ପ୍ରସ୍ତୁତି**



ଜିଲ୍ଲାପାଳ ଓ ଅନ୍ୟମାନେ ।

ଛତ୍ରପୁର, ୧୯।୭ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ): ସମ୍ଭାବ୍ୟ ବନ୍ୟାର ମୁକାବିଲା ନିମନ୍ତେ ଜିଲାସ୍ତରୀୟ ବୈଠକ ଆଭାସୀ ମାଧ୍ୟମରେ ଶୁକ୍ରବାର ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଓସ୍ୱାନ ହଲଠାରେ ଅନୁଷ୍ଠିତ ହୋଇଯାଇଛି । ଭାରତୀୟ ପାଣିପାଗ କେନ୍ଦ୍ରର ଆକଳନ ଅନୁଯାୟୀ ଆଜିଠାରୁ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଗଞ୍ଜାମ ଜିଲାରେ ବର୍ଷା ଲାଗିରହିବ । ବିଶେଷ କରି ଆଜି ଓ ଆସନ୍ତାକାଲି ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବର୍ଷା ଜନିତ କ୍ଷୟକ୍ଷତି ଯେପରି ହେବ ନାହିଁ ସେ ଦିଗରେ ତତ୍ପର ରହିବାକୁ ସମସ୍ତ ସଂପୃକ୍ତ ଅଧିକାରୀଙ୍କୁ ଜିଲାପାଳ ପରିଡା ଅବଗତ କରାଇଥିଲେ । ବହୁମୁଖୀ ଆଶ୍ରୟ ସ୍ଥଳୀ, ବାତ୍ୟା ଆଶ୍ରୟ ସ୍ଥଳୀଗୁଡିକୁ ଆଜି ସନ୍ଧ୍ୟା ସୁଦ୍ଧା ପ୍ରସ୍ତୁତ ରଖିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।ବନ୍ୟା ପରିସ୍ଥିତି ସୃଷ୍ଟି ହେଲେ ତଳିଆ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ତୁରନ୍ତ ସେହି ଆଶ୍ରୟ ସ୍ଥଳୀକୁ ସ୍ଥାନାନ୍ତର କରାଯିବ। ପାତ୍ରପୁର, ଦିଗପହଣ୍ଡି ବ୍ଲକର ପାହାଡିଆ ଅଞ୍ଚଳର ଜନବସତିଗୁଡିକ ଉପରେ ତୀକ୍ଷ୍ଣ ନଜର ରଖିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲାର ନଦୀବନ୍ଧ, ଜଳ ଭଣ୍ଡାର ଗୁଡିକର ଦୁର୍ବଳ ସ୍ଥାନଗୁଡିକ ଚିହ୍ନଟ କରି ତୁରନ୍ତ ସେଗୁଡିକ ମରାମତି କରିବାକୁ ଜଳ ସମ୍ପଦ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାର ପ୍ରାକୃତିକ ବିପର୍ଯ୍ୟୟ ଯଥା – ସମ୍ଭାବ୍ୟ ବନ୍ୟା, ବାତ୍ୟା ସକାଶେ ସମସ୍ତ ପ୍ରସ୍ତୁତି ଜୋରଦାର କରିବାକୁ ଜିଲାପାଳ ଜଣାଇଥିଲେ। ବିଶେଷକରି ଡ୍ରେନଗୁଡିକରେ ଯେପରି ବନ୍ୟା ଜଳ ଜମି ନରହେ ସେଥିପ୍ରତି ଧ୍ୟାନ ଦେବାକୁ କହିଥିଲେ। ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି ଜନସାଧାରଣଙ୍କ ଜୀବନ କିଭଳି ସୁରକ୍ଷିତ ରହିବ, ନଦୀ ଏବଂ କେନାଲ ଗୁଡିକର ମରାମତି, ଜଳ ନିଷ୍କାସନ ନିମନ୍ତେ ନାଳ ନର୍ଦ୍ଦମା ସଫେଇ, ଅତ୍ୟାବଶ୍ୟକୀୟ ସାମଗ୍ରୀ ଯଥା ଶୁଖିଲା ଖାଦ୍ୟ, ତାରପୋଲିନ ଆଦି ମହଜୁଦ କରି ରଖିବା, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପଶୁ ସମ୍ପଦର ସୁରକ୍ଷା, ନିରାପଦ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଇତ୍ୟାଦି ସମସ୍ତ ବିଷୟ ନେଇ ଲାଇନ ବିଭାଗୀୟ ଅଧିକାରୀଗଣ ନିଜ ନିଜସ୍ତରରେ ପ୍ରସ୍ତୁତ ରହିବାକୁ ଜିଲାପାଳ ଶ୍ରୀ ପରିଡା ଜଣାଇଥିଲେ । ସମସ୍ତ ବ୍ଲକ, ଉପଖଣ୍ଡସ୍ତରରେ ଚବିଶ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲିବା ନିମନ୍ତେ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ବୈଠକରେ ଜିଲା ଅତିରିକ୍ତ ଜିଲାପାଳ ସୁଧାଂଶୁ କୁମାର ଭୋଇ, ଉପ ଜିଲାପାଳ ଦେବଦତ୍ତ ମହାନ୍ତ, ସମସ୍ତ ବିଭାଗୀୟ ଅଧିକାରୀ ଏବଂ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡେଣ୍ଟାଲ ଓପିଡି ଶୁଭାରମ୍ଭ

ଛତ୍ରପୁର, ୧୯।୭(ସନ୍ତୋଷ ପାଢ଼)

ଛତ୍ରପୁର ବ୍ଲକ ମୁନିସିପେଣ୍ଟ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ଦିନ ହେଲା ଦନ୍ତ ଚିକିତ୍ସକ ଥିବା ସତ୍ତ୍ୱେ ଦାନ୍ତ ଚିକିତ୍ସା ଉପକରଣ ମାନ ଶୁକ୍ରବାର ଅଧୀକ୍ଷକ ଡ଼ା ସୌମ୍ୟକାନ୍ତ ମହାପାତ୍ର ଓ ଦାନ୍ତ ଚିକିତ୍ସକ ଡ଼ା. ଅଜିତ ନାୟକଙ୍କ ତତ୍ତ୍ୱାବଧାନରେ ସ୍ଥାପିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଡ଼ା ମହାପାତ୍ର ଖୁସିବ୍ୟକ୍ତ କରି ଗଞ୍ଜାମ ସିଡିଏମଓ ଡ଼ା. ଉମାଶଙ୍କର ମିଶ୍ରଙ୍କୁ ଧନ୍ୟବାଦ ଦେଇ କହିଛନ୍ତି ଯେ ଏଥର ସବୁ ଦାନ୍ତ ସମସ୍ୟା ଥିବା ରୋଗୀ ସମ୍ପୂର୍ଣ୍ଣ ଚିକିତ୍ସା ପାଇପାରିବେ। ଡା. ନାୟକ କହିଛନ୍ତି ଯେ ବହୁ ଦିନ ପରେ ଉପକରଣ ସ୍ଥାପିତ ହେବା ଦ୍ୱାରା ଦାନ୍ତ ଜନିତ ସମସ୍ୟାର ବହୁ ମାତ୍ରାରେ ସମାଧାନ ହେଇପାରିବ। ଉକ୍ତ ସମାରୋହରେ ସମସ୍ତ ଡାକ୍ତର, ପିଏଚଇଓ, ବିପିଏମ, ବିଡିଏମ ଓ ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ର କର୍ମଚାରୀ ଉପସ୍ଥିତ ଥିଲେ।

# ପାତ୍ରପୁରରେ ବିଧାୟକ, ଏମ୍‌ପିଙ୍କୁ ସମ୍ବର୍ଦ୍ଧନା



ପାତ୍ରପୁର, ୧୯।୭(ଉମା ଚରଣ ନେପାକ):

ପାତ୍ରପୁର ବ୍ଲକ କଳା ସଂସ୍କୃତି ସଂଘ ପକ୍ଷରୁ ନବନିର୍ବାଚିତ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଓ ବ୍ରହ୍ମପୁର ଏମ୍‌ପି ଡ. ପ୍ରଦୀପ କୁମାର ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲା କଳା ସଂସ୍କୃତି ସଂଘ ଉପ ସଭାପତି ସନ୍ତୋଷ କୁମାର ପାଢ଼ୀ, ବ୍ଲକ କଳା ସଂସ୍କୃତି ସଂଘ ଉପ ସଭାପତି ମାଧବ ବାଡ଼ତ୍ୟା, ବି ଏସ୍‌ଏସ୍ ଓ ସ୍ନେହାଶିଷ ପଟ୍ଟନାୟକ, ପାଲା ନାଚ ଗୁରୁ ଯୋଗେନ୍ଦ୍ର ପ୍ରଧାନ, ରାଜେନ୍ଦ୍ର ଗୌଡ଼, ଅନନ୍ତ ପ୍ରଧାନ, ବିଶିକେଶନ ସାହୁ, ଚିନ୍ତାରୁ ଡମ୍ବୁରୁ ଗୋଲା ନାଚ ଗୁରୁ ଉଜ୍ଜ୍ୱଳ ପାତ୍ର, ବି. ୱାସୁଦେବଲୁ, ବି. ଅପରି, କୃଷ୍ଣ ଲୀଳା ଗୁରୁ ରଜନୀ ପ୍ରଧାନ, ଖଦାଳ ଦାସଙ୍କ ସମେତ ଅନେକ କଳାକାର ଉପସ୍ଥିତ ଥିଲେ। ଦୁଇ ମାସ ହେବ କଳାକାରଙ୍କ ଭତ୍ତା ମିଳି ନ ଥିବାରୁ ତୁରନ୍ତ କଳାକାର ଭତ୍ତା ପ୍ରଦାନ କରିବା, ସ୍ଥାୟୀ ସଂସ୍କୃତି ଅଧିକାରୀ ନିଯୁକ୍ତି ଦେବା, ବ୍ଲକରେ ବ୍ଲକ କଳା ସଂସ୍କୃତି ଭବନ ନିର୍ମାଣ କରିବା ଭଳି ବିଭିନ୍ନ ଦାବିକୁ କଳାକାରମାନେ ଏମ୍‌ପି ଓ ବିଧାୟକଙ୍କୁ ଜଣାଇଥିଲେ।

# ଆର୍‌ସିସିଏଫ୍ ଚାରାରୋପଣ କାର୍ଯ୍ୟ ତଦାରଖ କଲେ

## ଲଙ୍କେଶରୀ ପାହାଡ଼ର ବିକାଶ ପାଇଁ ବ୍ୟୟ ଅଟକଳ ହେବ


ଆର୍ ସି ସି ଏଫ ଲଙ୍କେଶରୀ ପାହାଡ ରେ ହୋଇଥିବା ଚାରା ରୋପଣ କାର୍ଯ୍ୟ ତଦାରଖ କରୁଛନ୍ତି।

ଭଞ୍ଜନଗର, ୧୯।୭(ବାବୁଲା ପ୍ରଧାନ):

ଆର୍‌ସିସିଏଫ ସଞ୍ଜୟ କୁମାର ସ୍ୱାଇଁ ଶୁକ୍ରବାର ଭଞ୍ଜନଗର ଦକ୍ଷିଣ ଘୁମୁସର ବନଖଣ୍ଡ ଏବଂ ଉତ୍ତର ଘୁମୁସର ବନଖଣ୍ଡର ବିଭିନ୍ନ ସ୍ଥାନରେ ହୋଇଥିବା ଚାରାରୋପଣ କାର୍ଯ୍ୟ ତଦାରଖ କରିଥିଲେ। ଏହି ସମୟରେ ସେ ବନ ବିଭାଗରେ ଚାଲିଥିବା ଅନ୍ୟାନ୍ୟ ଯୋଜନାଗୁଡ଼ିକର ସମୀକ୍ଷା କରିଥିଲେ। ଯୋଜନାଗୁଡ଼ିକ କିଭଳି ସଫଳ ହେବ ସେଥିପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅପରାହ୍ନ ୫ ଟାରେ ଗାଲେରୀ ରେଞ୍ଜ ତିଲିସିଙ୍ଗିସ୍ଥିତ ଲଙ୍କେଶରୀ ପାହାଡ଼ ପରିଦର୍ଶନରେ ଯାଇଥିଲେ। ସେଠାରେ ଚାଲିଥିବା ୫ ହେକ୍ଟର ଚାରା ରୋପଣ କାର୍ଯ୍ୟ ତଦାରଖ କରିଥିଲେ। ପରେ ଲଙ୍କେଶରୀ ପାହାଡର ବିକାଶ କିଭଳି ହେବ ସେନେଇ ଆଲୋଚନା କରିଥିଲେ। ସେଠାରେ ଆଗାମୀ ଦିନରେ ହେବାକୁ ଥିବା ପ୍ରକଳ୍ପ ଗୁଡ଼ିକର ବ୍ୟୟ ଅଟକଳ ତୁରନ୍ତ ପ୍ରସ୍ତୁତ କରି ପଠାଇବା ପାଇଁ ଆର୍‌ସିସିଏଫ ଶ୍ରୀ ସ୍ୱାଇଁ ଡିଏଫଓ ହିମାଂଶୁ ଶେଖର ମହାନ୍ତିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆର୍‌ସିସିଏଫ ସକାଳେ ପ୍ରଥମେ ଦକ୍ଷିଣ ଘୁମୁସର ବନଖଣ୍ଡର ବିଭିନ୍ନ ରେଞ୍ଜ ପରିଦର୍ଶନ କରିଥିଲେ। ଏହି ସମୟରେ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ ଉପସ୍ଥିତ ରହି ଯୋଜନା ସମ୍ପର୍କରେ ବୁଝାଇଥିଲେ। ଆର୍‌ସିସିଏଫଙ୍କ ଗସ୍ତ ସମୟରେ ବନପାଳ ଶୁଭସ୍ମିତା ପାତ୍ର, ବବୁଲ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଗତ ୧୨ ଏବଂ ୧୩ ତାରିଖରେ ଲଙ୍କେଶରୀ ପାହାଡର ବିକାଶ ଦାବି ଏବଂ ଚାରା ରୋପଣ କାର୍ଯ୍ୟ ନେଇ ଦୁଇଟି ଖବର 'ଧରିତ୍ରୀ'ରେ ପ୍ରକାଶିତ ହୋଇଥିଲା। ଏହାପରେ ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଉକ୍ତ ପାହାଡ଼ର ବିକାଶ କିଭଳି ହେବ ସେ ନେଇ ଯୋଜନା କରିଥିଲେ। ଆଜି ଆର୍‌ସିସିଏଫ ଆସି ଯୋଜନାକୁ ଆଗକୁ ନେଇଛନ୍ତି।

### ମୁଣ୍ଡମରାଇ କଲେଜରେ ଜଗନ୍ନାଥ ବିଗ୍ରହ ପ୍ରତିଷ୍ଠା

ଧରାକୋଟ, ୧୯।୭ (ବିଷ୍ଣୁକେଶରୀ ଆଚାର୍ଯ୍ୟ): ଧରାକୋଟ ନିକଟସ୍ଥ ମୁଣ୍ଡମରାଇ ସ୍ଥିତ ସୋମନାଥ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏକ ଦାରୁ ବିଗ୍ରହ ପ୍ରତିଷ୍ଠା କରାଯାଇଛି। ବିଦ୍ୟାଳୟ ପରିସରରେ ନୂତନ ଗୃହ ନିର୍ମାଣ ସମୟରେ ବହୁ ବର୍ଷ ପୂର୍ବରୁ ରହିଥିବା ଏକ ନିମ୍ବ ବୃକ୍ଷକୁ କଟାଯାଇଥିଲା। ସଂପୃକ୍ତ ବୃକ୍ଷର ଗଣ୍ଡିକୁ ନଷ୍ଟ ନ କରି ଏଥିରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଏକ ବିଗ୍ରହ ନିର୍ମାଣ କରିବା ପାଇଁ ଅଧ୍ୟକ୍ଷ ଦିଗାମ୍ବର ବିଷୋୟୀ ପ୍ରସ୍ତାବ ଦେଇଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କର୍ମଚାରୀଙ୍କ ମଧ୍ୟରେ ସହମତି ପ୍ରକାଶ ପାଇଥିଲା। ଧରାକୋଟଗଡ଼ର ଚିତ୍ରଶିଳ୍ପୀ କାଳିଆ ମହାପାତ୍ର ତିନି ଫୁଟ ଉଚ୍ଚ ଓ ଦୁଇ ଫୁଟ ଚଉଡ଼ାର ଏକ ଜଗନ୍ନାଥଙ୍କ ଦାରୁ ବିଗ୍ରହ ନିର୍ମାଣ କରିବା ପରେ ହୋମ ଯଜ୍ଞ କରାଯାଇ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠରେ ବିଗ୍ରହ ସ୍ଥାପନ କରାଯାଇଥିଲା ।

### ଦାଦନ ଶ୍ରମିକଙ୍କ ମୃତଦେହ ଗାଁରେ ପହଞ୍ଚିଲା

ପାତ୍ରପୁର, ୧୯।୭ (ଉମାଚରଣ ନେପାକ): ଦାଦନ ଖଟିବାକୁ କୋଏମ୍ବାଟୁର ଯାଇ ପ୍ରାଣ ହରାଇଥିବା ଶ୍ରମିକଙ୍କ ମୃତଦେହ ଶୁକ୍ରବାର ଗ୍ରାମରେ ପହଞ୍ଚିଛି। ମୃତଦେହ ପହଞ୍ଚିବା ପରେ ଶୋକାକୁଳ ପରିବେଶ ମଧ୍ୟରେ ସତ୍କାର କରାଯାଇଛି। ପାତ୍ରପୁର ବ୍ଲକ ତୁରୁବୁଡି ପଞ୍ଚାୟତ ଚଲଣା ପାହାଡ଼ ଗ୍ରାମର ଯୁବକ ସନ୍ତୋଷ ଜାନି ଗତ ୧୭ ତାରିଖରେ କୋଏମ୍ବାଟୁର ସରକାରୀ ଡାକ୍ତର ଖାନାରେ ଚିକିତ୍ସିତ ହେଉଥିବା ବେଳେ ପ୍ରାଣ ହରାଇଥିଲେ। ତାଙ୍କ ପରିବାର ଅତି ଗରିବ ହୋଇଥିବାରୁ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

# ବ୍ଲକସ୍ତରୀୟ ବ୍ୟାଙ୍କ ପରାମର୍ଶଦାତା କମିଟି ବୈଠକ




ଛତ୍ରପୁର, ୧୯।୭ (ଦିଲୀପ ସାମଲ):

ସ୍ଥାନୀୟ ବ୍ଲକ ସମ୍ମିଳନୀ କକ୍ଷରେ ଛତ୍ରପୁର ବ୍ଲକସ୍ତରୀୟ ବ୍ୟାଙ୍କ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଛତ୍ରପୁର ବିଡ଼ିଓ ସୁଶାନ୍ତ କୁମାର ବରାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଏଲଡିଏମ କିଶୋର ନାୟକ ସଂଯୋଜନା କରିଥିଲେ। ମୁଖ୍ୟତଃ କୃଷି, ଉଦ୍ୟାନ ଓ ପଶୁ ସମ୍ପଦ ଉପରେ ଆଲୋଚନା ହୋଇଥିଲା। ଏହାସହ ସମସ୍ତ ଯୋଜନାରେ ଋଣ ପ୍ରଦାନ କରିବାକୁ ଅଧିକାରୀମାନେ ପରାମର୍ଶ ଦେଇଥିଲେ। ଅଟଳ ପେନସନ ଯୋଜନା ଓ ମୋ' ଘର ଯୋଜନା ଅଧୀନରେ ପ୍ରଦାନ କରାଯାଉଥିବା ଋଣ ବିଷୟରେ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଓଡିଶା ଜୀବିକା ମିଶନର ବ୍ଲକ ପ୍ରକଳ୍ପ ସଂଯୋଜିକା ମାନିନୀ ଜେନାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ।

# ଡାକ କର୍ମଚାରୀଙ୍କ ବିକ୍ଷୋଭ



ଡାକଘର ସମ୍ମୁଖରେ ବିକ୍ଷୋଭ କରାଯାଉଛି।

ଆସିକା ୧୯।୭ (ସୁରେନ୍ଦ୍ର ନାଥ ସାହୁ):

ଡାକସେବା କ୍ଷେତ୍ରରେ କର୍ତ୍ତବ୍ୟରତ କର୍ମଚାରୀଙ୍କ ବିଭିନ୍ନ ଦାବି ନେଇ ଶୁକ୍ରବାର କର୍ମଚାରୀଙ୍କ ପକ୍ଷରୁ ଆସିକା ମୁଖ୍ୟ ଡାକଘର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ୭ଦଫା ଦାବି ନେଇ କର୍ମଚାରୀଙ୍କ ପକ୍ଷରୁ ସ୍ଲୋଗାନ ଦିଆଯାଇଥିଲା। ଦାବି ମଧ୍ୟରେ ଅଷ୍ଟମ ବେତମ କମିସନ ତୁରନ୍ତ ବସାଇବା, ନୂତନ ପେନସନ ଆଇନ ଉଚ୍ଛେଦ କରି ପୁରୁଣା ପେନସନ ଆଇନ ଲାଗୁ କରିବା, କୋଭିଡ ସମୟରେ କର୍ମଚାରୀମାନଙ୍କୁ ଦିଆଯାଇନଥିବା ତିନୋଟି ଡିଏ ଓ ଡିଆର କିସ୍ତି ମୁକ୍ତ କରିବା, ନିଯୁକ୍ତି ଉପରେ ରହିଥିବା ସମସ୍ତ ପ୍ରତିବନ୍ଧକ ହଟାଇବା, ଖାଲି ପଡିଥିବା ବିଭିନ୍ନ କ୍ୟାଡର ପଦବୀ ପୂରଣ କରିବା, ବିଭିନ୍ନ କର୍ମଚାରୀ ସଂଘର ମାନ୍ୟତା ପ୍ରତ୍ୟାହାର ନିର୍ଦ୍ଦେଶକୁ ତୁରନ୍ତ ହଟାଇବା ଆଦି ରହିଛି। ବରିଷ୍ଠ ଡାକ କର୍ମଚାରୀ ନେତା ରବିନାରାୟଣ ଚୌଧୁରୀ, ବସନ୍ତ କୁମାର ପାଠୀଙ୍କ ନେତୃତ୍ୱରେ ଅଖିଳ ଭାରତୀୟ ଡାକକର୍ମଚାରୀ ସଂଘ ତୃତୀୟ ଶ୍ରେଣୀ ଏବଂ ପୋଷ୍ଟମ୍ୟାନ ଓ ଏମଟିଏସ ଏବଂ ଅଖିଳ ଗ୍ରାମୀଣ ଡାକ ସେବକ ସଂଘର କର୍ମଚାରୀ ସାମିଲ ଥିଲେ ।

# କଙ୍କୋରଡ଼ା ବିଜ୍ଞାନ ମହାବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ

ଦିଗପହଣ୍ଡି/ପାଟପୁର, ୧୯।୭(ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ): ସାନଖେମୁଣ୍ଡି ବ୍ଲକ କଙ୍କୋରଡ଼ା ବିଜ୍ଞାନ ମହାବିଦ୍ୟାଳୟର ୪୪ତମ ପ୍ରତିଷ୍ଠା ଉତ୍ସବ ଏବଂ ବିଦାୟକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ପାଢ଼ୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅନୁଷ୍ଠାନର ପ୍ରତିଷ୍ଠାତା ଡ. ନରସିଂହ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ପ୍ରକାଶ ଚନ୍ଦ୍ର ଜେନା, ମୁଖ୍ୟବକ୍ତା ଭାବେ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଡ. ହରିକୃଷ୍ଣ ନାୟକ ସଭାରେ ଉପସ୍ଥିତ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇ ଆଦର୍ଶ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ପରାମର୍ଶ ଦେବା ସହ କବି ନରସିଂହ ମାଠଙ୍କ ସାହିତ୍ୟକୃତି ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ମହାବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ନିରଞ୍ଜନ ଦାସ, ସଦସ୍ୟା ଲିଲି ପ୍ରଧାନ, ନନ୍ଦିନୀ ପ୍ରଧାନ, ସୁଜାତା ମହାନ୍ତି, ସାମାଜିକ କର୍ମୀ ଉମାକାନ୍ତ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମର ମଧ୍ୟପର୍ବରେ ଡ. ପ୍ରକାଶ ଚନ୍ଦ୍ର ଜେନା ଓ ସ୍ୱାଗତିକା ଗୌଡ଼ଙ୍କୁ ଉତ୍ତରୀୟ ମାନପତ୍ର ପ୍ରଦାନପୂର୍ବକ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ରାଜନୀତି ବିଜ୍ଞାନ ଅଧ୍ୟାପିକା ପ୍ରିୟଙ୍କା ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀ ବୃନ୍ଦ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଅବ୍ୟବସ୍ଥା ଘେରରେ ସୂର୍ଯ୍ୟନାରାୟଣପୁର ଇଂଲିଶ ବିଦ୍ୟାଳୟ

ଗଞ୍ଜାମ, ୧୯।୭(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ ସୂର୍ଯ୍ୟନାରାୟଣପୁର ଗ୍ରାମ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ମଧ୍ୟଇଂରାଜୀ ବିଦ୍ୟାଳୟ ଅବ୍ୟବସ୍ଥା ଘେରରେ ଥିବା ଜଣାପଡ଼ିଛି। ଏହି ସ୍କୁଲଟି ବ୍ଲକ ଗ୍ରାଣ୍ଟ ସ୍କୁଲ ହୋଇଥିବା ହେତୁ ସରକାରଙ୍କ ବିଭିନ୍ନ ଯୋଜନା ଏଠି କାର୍ଯ୍ୟକାରୀ ହେଉନଥିବା ଅଭିଯୋଗ ହୋଇଛି। ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ପ୍ରାଥମିକ ବିଦ୍ୟାଳୟରେ ଦୁଇଟି ଶ୍ରେଣୀ ଗୃହରେ ୨୮ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ନା ଅଛି ଉପଯୁକ୍ତ ଖେଳପଡିଆ ନା ଅଛି ପିଲାମାନଙ୍କ ପାଇଁ ଶୌଚାଳୟ। ଉକ୍ତ ସ୍କୁଲ ପରିସରରେ ପୁରୁଣା ମଧ୍ୟ ଇଂରାଜୀ ବିଦ୍ୟାଳୟଟି ଭଙ୍ଗା ଦଦରା ଅବସ୍ଥାରେ ରହିଛି। ବହୁ ବର୍ଷ ପୂର୍ବେ ସଲ୍ଟ ଡିପାର୍ଟମେଣ୍ଟ ନିର୍ମାଣ କରିଥିଲା। ଛାତରୁ ସବୁ କଂକ୍ରିଟ ଖସି ପଡ଼ିଲାଣି। ଘରର କାନ୍ଥଗୁଡିକ ପବନରେ ହଲୁଛି। କେତେବେଳେ ତାହା ମଡ଼େଇ ପଡିବ କହିହେବନାହିଁ ବୋଲି କହିଛନ୍ତି ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟୁତ ଲତା ମିଶ୍ର। ଏନେଇ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଅବଗତ କରାଯାଇଥିବା ସେ କହିଛନ୍ତି। ଅନ୍ୟପଟେ ୨୦୧୯ରେ ଜିଲା ଅତିରିକ୍ତ ଶିକ୍ଷାଧିକାରୀ ଥିବା ବିନିତା ସେନାପତି ତଦନ୍ତ ପାଇଁ ଆସିଥିଲେ, କିନ୍ତୁ କୌଣସି ସୁଫଳ ମିଳିନଥିବା ଏମଇ ସ୍କୁଲ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ଚୌଧୁରୀ କହିଛନ୍ତି। ପ୍ରକାଶ ଯୋଗ୍ୟ, ଫାଇଲିନ ବାତ୍ୟା ସମୟରେ ଶ୍ରେଣୀ ଗୃହର ଛାତରୁ ପଲସ୍ତରା ଖସିବାରୁ ଏକ ଆଜବେଷ୍ଟସ ଘରେ ଷଷ୍ଠ ଓ ସପ୍ତମ ଶ୍ରେଣୀ ପିଲାମାନେ ପଢୁଛନ୍ତି। ଉକ୍ତ ପରିତ୍ୟକ୍ତ ଶ୍ରେଣୀ ଗୃହକୁ ଭଙ୍ଗାଯିବା ସହ ସ୍କୁଲର ଅନ୍ୟାନ୍ୟ ସମସ୍ୟା ସମାଧାନ ପାଇଁ ଗ୍ରାମବାସୀ ଦାବିକରିଛନ୍ତି।

# ଭାଗ ବାଣ୍ଟି ନେଇଗଲେ ଚାଷଜମି

**■ଭଞ୍ଜନଗର ସରକାରୀ କୃଷି ଫାର୍ମରେ ତାଲା ଝୁଲିଲା**



ଭଞ୍ଜନଗର, ୧୯।୭ (ବାବୁଲା ପ୍ରଧାନ):

ଗଞ୍ଜାମ ଜିଲା ଭଞ୍ଜନଗର ସରକାରୀ କୃଷି ଫାର୍ମର ସବୁଠୁ ମୂଲ୍ୟବାନ ଶତାଧିକ ଏକର ଜମିକୁ ବିଭିନ୍ନ ବିଭାଗକୁ ପର୍ଯ୍ୟାୟ କ୍ରମେ ବାଣ୍ଟି ଦିଆଯାଇଛି। ଚାଷ କରିବାକୁ ଆଉ ଜମି ନାହିଁ। ଗତ ଜାନୁୟାରୀ ମାସରୁ ଫାର୍ମ ଅଧୀନରେ ଆଉ ମାତ୍ର ୩ ଏକର ଜମି ଅଛି। ଉକ୍ତ ଜମି ଉପରେ କ୍ୱାର୍ଟର୍ସ, ଅଫିସ, ବିହନ ଉତ୍ପାଦନ କେନ୍ଦ୍ର ସମେତ ବିଭିନ୍ନ କୋଠା ଅଛି। ଆଉ ଗୋଟିଏ ଛୋଟିଆ ପୋଖରୀ ଅଛି। ଚାଷ କରିବା ଜମି ଆଉ ନ ଥିବା ଯୋଗୁଁ ଚଳିତ ବର୍ଷ ଆଉ ଧାନ ଚାଷ ହେବନାହିଁ। ଏଠାରେ କାର୍ଯ୍ୟରତ କର୍ମଚାରୀଙ୍କୁ ମଧ୍ୟ ଅନ୍ୟତ୍ର ବଦଳି କରିଦିଆଗଲାଣି। ତେଣୁ ଚଳିତ ମାସରୁ ଭଞ୍ଜନଗର ସରକାରୀ କୃଷି ଫାର୍ମରେ ତାଲା ଝୁଲିଯାଇଛି। ଫାର୍ମ ପରିସରରେ ଥିବା ବିହନ ଉତ୍ପାଦନ କେନ୍ଦ୍ରଟି ମଧ୍ୟ ବନ୍ଦ ହୋଇଯିବାର ସମ୍ଭାବନା ରହିଛି। ଯେହେତୁ ଫାର୍ମକୁ ଲାଗି ନୂତନ କୋର୍ଟ ବିଲ୍ଡିଂ ହୋଇଛି ତାହା ଆସନ୍ତା ନଭେମ୍ବର ମାସ ଶେଷ ସୁଦ୍ଧା ଉଦ୍‌ଘାଟନ ହେବାର ସମ୍ଭାବନା ରହିଛି। କୋର୍ଟ ଉଦଘାଟନ ହେବା ପରେ ବିହନ ଉତ୍ପାଦନ କେନ୍ଦ୍ର ବନ୍ଦ ହୋଇଯିବ। ଯେହେତୁ ବିହନ ଉତ୍ପାଦନ କେନ୍ଦ୍ରର ଯେଉଁ ଶବ୍ଦ ବାହାରିବ ଏହାଦ୍ୱାରା କୋର୍ଟ କାର୍ଯ୍ୟ ପ୍ରଭାବିତ ହେବ। ତେଣୁ କୋର୍ଟ କର୍ତ୍ତୃପକ୍ଷ ଏନେଇ ଆବଶ୍ୟକ ପଦକ୍ଷେପ ନେବା ସମ୍ଭାବନା ରହିଛି। କୃଷି ପ୍ରତି ସମସ୍ତ ସରକାର ସ୍ୱତନ୍ତ୍ର ଧ୍ୟାନ ଦେଉଥିବା କହୁଛନ୍ତି। କିନ୍ତୁ ଭଞ୍ଜନଗର କୃଷି ଫାର୍ମ ଏଥିରୁ ବଞ୍ଚିତ ହୋଇଥିବା ଜଣାପଡିଛି। ରାଜ୍ୟର ଜଣାଶୁଣା ଫାର୍ମ ଭାବେ ଭଞ୍ଜନଗର ଫାର୍ମ ପରିଚିତ ଥିଲା। ପ୍ରତିବର୍ଷ ଚାଷ ଜମିରୁ ପ୍ରାୟ ୨୦ ଏକର ବିହନ ଉତ୍ପାଦନ ହେଉଥିଲା। ସହରକୁ ଲାଗି ଏହି ଫାର୍ମଟି ଅଛି। ସହରର ଜନ ସଂଖ୍ୟା ବୃଦ୍ଧି ଯୋଗୁଁ ନୂତନ ସରକାରୀ କାର୍ଯ୍ୟାଳୟର ଆବଶ୍ୟକତା ମଧ୍ୟ ବଢିଥିଲା। ସହରରେ ସରକାରୀ ଜମି ଅଭାବ ଯୋଗୁଁ ସରକାର ଶେଷରେ କୃଷି ବିଭାଗର ମୂଲ୍ୟବାନ ଜମି ଉପରେ ନଜର ପକାଇଥିଲେ। ଉକ୍ତ ଜମିରୁ ଯେତିକି ଲାଭ ହେବା କଥା ହୋଇନଥିଲା। ତେଣୁ ସରକାର ପ୍ରଥମେ ବ୍ଲକ, ଆର୍‌ଏମସି, ଏନ୍‌ଏସି, ଆଇନ ପ୍ରମୁଖ ବିଭାଗକୁ ନୂତନ କୋଠା ବନାଇବା ପାଇଁ ଜମି ଦେଇଥିଲେ। ଏନେଇ ଭଞ୍ଜନଗର କୃଷି ଓଭର୍ସିୟର ଅନିଲ କୁମାର ଆରୁଖଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ ଚାଷ ଜମି ସବୁ ସରକାର ନେଇଯିବା ଯୋଗୁଁ ଚଳିତ ବର୍ଷ ଆଉ ଚାଷ ହୋଇନାହିଁ। ଫାର୍ମ ପାଇଁ ବାଲିଆପଙ୍ଗା ନିକଟରେ ୧୦ ଏକର ଜମି ଦେବାକୁ ରାଜସ୍ୱ ବିଭାଗ ପକ୍ଷରୁ ପ୍ରସ୍ତାବ ଆସିଥିଲା। କିନ୍ତୁ ସେଠାରେ ବିଭାଗର କାର୍ଯ୍ୟାଳୟ ସମେତ ଅନ୍ୟାନ୍ୟ କାର୍ଯ୍ୟ କରିବା ପାଇଁ ବିପୁଳ ଅର୍ଥ ଖର୍ଚ୍ଚ ହେବାର ସମ୍ଭାବନା ରହିଛି। ଏନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଯାହା ପଦକ୍ଷେପ ନେବେ।

**ସଂକ୍ଷେପରେ**

## ହତ୍ୟା ଉଦ୍ୟମ ମାମଲାରେ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ

ବ୍ରହ୍ମପୁର,୧୯।୭(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଅତିରିକ୍ତ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଏସିଜେଏମ) ଅଲେଖ କୁମାର ପ୍ରଧାନ ଶୁକ୍ରବାର ଏକ ହତ୍ୟା ଉଦ୍ୟମ ମାମଲାର ୧୪ବର୍ଷ ପରେ ଶୁଣାଣି କରିଛନ୍ତି। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଆଧାରରେ ଏସିଜେଏମ ଅଭିଯୁକ୍ତ ଶଙ୍କର ଜେନାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ତାଙ୍କୁ ୩ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥି ସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ ରାୟରେ ପ୍ରକାଶ କରିଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୬ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ନିର୍ଦ୍ଦେଶ ରହିଛି। ସମ୍ପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତ ଗୁଞ୍ଜନ ଜେନା କୋର୍ଟରେ ହାଜର ହୋଇନାହାନ୍ତି। ପ୍ରକାଶ ଯେ, ଗୁଣ୍ଡବନ୍ଧ ଗ୍ରାମର ଉମେଶ ଚନ୍ଦ୍ର ଜେନା ଓ ଗୁଞ୍ଜନ ଜେନାଙ୍କ ମଧ୍ୟରେ ପୂର୍ବ ଶତ୍ରୁତା ରହିଥିଲା। ୨୦୧୦ ନଭେମ୍ବର ୧୮ରେ ଉମେଶ ବାଇକରେ ବ୍ରହ୍ମପୁର ଯାଉଥିବାବେଳେ ଆମ୍ବଗଡ ନିକଟରେ ୨ ଯୁବକ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କ ପୁତୁରା ରବିନ କୁମାର ଜେନା ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ଗୁଞ୍ଜନ ଓ ଶଙ୍କରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ଅଭିଯୁକ୍ତଙ୍କୁ ଜାମିନ ମିଳିଥିଲା। ଉକ୍ତ ମାମଲାର ବିଚାର ବେଳେ ୯ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସାକ୍ଷୀମାନଙ୍କ ବୟାନ ଓ ତଦନ୍ତ ଅଧିକାରୀଙ୍କ ଚାର୍ଜସିଟକୁ ଆଧାର କରି ମାଜିଷ୍ଟ୍ରେଟ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଏପିପି କୁରେଶ ଗୌଡ ଓ ଜଗନ୍ନାଥ ମିଶ୍ର ମକଦ୍ଦମା ପରିଚାଳନା କରିଥିଲେ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ

ବ୍ରହ୍ମପୁର୧୯।୭
(ସ୍ୱାଧୀନ ଶେଖର ପାଢ଼ୀ)

ବ୍ରହ୍ମପୁର ବିଶବିଦ୍ୟାଳୟରେ ଶୁକ୍ରବାର ବୃକ୍ଷ ରୋପଣ କାର୍ଯ୍ୟକ୍ରମ କୁଳପତି ଗୀତାଞ୍ଜଳି ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଭଞ୍ଜ ବିହାର ପରିସରରେ ଥିବା କେନ୍ଦ୍ରୀୟ ଯାନ୍ତ୍ରିକ କେନ୍ଦ୍ର ଠାରୁ ଗଣ ଯୋଗାଯୋଗ ବିଭାଗ, ଗେଷ୍ଟ ହାଉସ ରୋଡ଼ ଆଦି ଖାଲି ଥିବା ସ୍ଥାନରେ ଫଳ ଔଷଧିୟ ୪୦୦ ଚାରା ରୋପଣ ହୋଇଥିଲା। ଏଥିରେ କୁଳପତିଙ୍କ ସମେତ କୁଳସଚିବ ସଚ୍ଚିଦାନନ୍ଦ ନାୟକ, ବିତ୍ତ ନିୟନ୍ତ୍ରକ ଅଶୋକ କୁମାର ଧାଙ୍ଗଡାମାଝୀ, ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ, ଡ଼. ଲକ୍ଷ୍ମୀଧର ରାଉତଙ୍କ ସମେତ ବହୁ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

## ଯୁବକଙ୍କ ଆତ୍ମହତ୍ୟା

ବେଲଗୁଣ୍ଠା,୧୯।୭(କୃଷ୍ଣଚନ୍ଦ୍ର ପଟ୍ଟନାୟକ): ବେଲଗୁଣ୍ଠା ବ୍ଲକ୍ ଡେଙ୍ଗାପଦର ଗ୍ରାମର ସ୍ୱର୍ଗତ ସୀମାଞ୍ଚଳ ନାୟକଙ୍କ ପୁଅ ସଞ୍ଜୟ ମଦରେ କୀଟନାଶକ ମିଶାଇ ପିଇ ଆତ୍ମହତ୍ୟା କରିଛନ୍ତି। ଘରେ ସଞ୍ଜୟଙ୍କ ସ୍ତ୍ରୀ ବନିତା, ପାଞ୍ଚ ବର୍ଷର ଝିଅ, ପକ୍ଷାଘାତରେ ପୀଡ଼ିତା ବିଧବା ମା' ଏବଂ ଜଣେ ମାନସିକ ବିକାରଗ୍ରସ୍ତ ଭଉଣୀ ରହୁଥିଲେ। ସଞ୍ଜୟ ସୁରତରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ବିବାହ ପରଠାରୁ ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ଲାଗି ରହୁଥିଲା। ସଞ୍ଜୟ କିଛି ଦିନ ତଳେ ଗାଁକୁ ଆସିଥିବା ବେଳେ ଦୁଇଦିନ ତଳେ ପାରିବାରିକ କଳହ ଯୋଗୁଁ ମଦରେ କୀଟନାଶକ ମିଶାଇ ପିଇ ଦେଇଥିଲା। ତାଙ୍କୁ ପ୍ରଥମେ ଗୋବରା, ପରେ ଭଞ୍ଜନଗର ଏବଂ ସେଠାରୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି।

## ମନ୍ଦିରରେ ଜଳ ବିଶୋଧନ ଯନ୍ତ୍ର ସ୍ଥାପନ

ବ୍ରହ୍ମପୁର,୧୯।୭(ସ୍ୱାଧୀନ ଶେଖର ପାଢ଼ୀ): ରୋଟାରୀ ଜିଲା-୩୨୬୨ ପକ୍ଷରୁ ଏବଂ ରୋଟାରୀ କ୍ଲବ ଅଫ ବ୍ରହ୍ମପୁର ଇଷ୍ଟ ଆନୁକୂଲ୍ୟରେ ହାଉସିଂ ବୋର୍ଡ ହରିହର ଭେଟ ମନ୍ଦିର ନିକଟସ୍ଥ ଆୟପ୍ପା ମନ୍ଦିର ପରିସରରେ ଜଳ ବିଶୋଧନ ଯନ୍ତ୍ର ସ୍ଥାପନ କରାଯାଇଛି। ବ୍ରହ୍ମପୁର ସହରର ସମସ୍ତ ରୋଟାରୀକ୍ଲବର ଜନସଂଖ୍ୟା ସଚେତନ ରାଲିରେ ଯୋଗଦେବାକୁ ଆସିଥିବା ପରିପ୍ରେକ୍ଷୀରେ ରୋଟାରୀ ଜିଲା-୩୨୬୨ର ଗଭର୍ଣ୍ଣର ରୋଟାରିଆନ ଯଜ୍ଞାଶୀଷ ମହାପାତ୍ର ଜଳ ବିଶୋଧନ ଯନ୍ତ୍ରକୁ ଉଦ୍ଘାଟନ କରିଥିଲେ। କ୍ଲବ ସଭାପତି ଜୟନ୍ତ କିଶୋର ପାତ୍ରଙ୍କ ସଂଯୋଜନାରେ ପରିଚାଳିତ ଏଇ କାର୍ଯ୍ୟକ୍ରମରେ ସଂପାଦକ ଏସ.ଦୁର୍ଗା ରାଓ, ପୂର୍ବତନ ସଭାପତି ଅଜିତ କୁମାର ପୃଷ୍ଟି,ଆଇ.ରାଜେଶ୍ୱର ରାଓ,ଡକ୍ଟ ଧନ୍ୱନ୍ତରୀ, ପ୍ରଦୀପ କୁମାର ପଣ୍ଡା,ଅସିତ ଦତ୍ତ, ସନ୍ତୋଷ କୁମାର ତ୍ରିପାଠୀ,ରାମା ରାଓ ପ୍ରମୁଖ ଉପସ୍ଥିତ ଥିଲେ।

# ଅତିଥି ଭବନରେ ବାର୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ

**ବିଇଏମ୍‌ସିର ସାଧାରଣ ବୈଠକ**
- ଡ୍ରେନ୍ ସଫେଇ ପାଇଁ ନିୟୋଜିତ ହେବେ କର୍ମଚାରୀ
- ହଟିବ ଜବରଦଖଲ
- ପୋଖରୀ ଖନନ ଓ ସିସିଟିଭି କ୍ୟାମେରା କିଣାର ତଦନ୍ତ ହେବ


ବୈଠକରେ ଉପସ୍ଥିତ ମେୟର ଓ ଅନ୍ୟ ଅଧିକାରୀ।

ବ୍ରହ୍ମପୁର,୧୯।୭(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ (ବିଇଏମସି)ର ସାଧାରଣ ବୈଠକ ଶୁକ୍ରବାର ନିଗମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ମେୟର ସଂଘମିତ୍ରା ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଡ୍ରେନ ସଫେଇ, ଶୌଚାଳୟର ସ୍ଥିତି, ନୂତନ ଟେଣ୍ଡର କାର୍ଯ୍ୟ, ପୋଖରୀ ପୁନଃରୁଦ୍ଧାର କାର୍ଯ୍ୟ, ଶିଶୁ ପାର୍କର ରକ୍ଷଣାବେକ୍ଷଣ ଭଳି ଷ୍ଟାଣ୍ଡିଂ କମିଟି ପକ୍ଷରୁ ଆଗତ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ବୈଠକରେ ଡେପୁଟି ମେୟର ବିବେକ ରେଡ଼ି, କମିଶନର ଭବାନୀ ପ୍ରସାଦ ମିଶ୍ର ଓ ଡେପୁଟି କମିଶନର ଆଶୀର୍ବାଦ ପରିଡାଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ବିଇଏମ୍‌ସିର ଅତିଥି ଭବନରେ ନିଗମ ନିୟମକୁ ଉଲ୍ଲଂଘନ କରି ମଦ ବାର ଖୋଲାଯିବା ଘଟଣାକୁ ନେଇ କର୍ପୋରେଟରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଅତିଥି ଭବନକୁ ୫ ବର୍ଷ ପାଇଁ ଲିଜ୍‌ରେ ନେଇଥିବା ଘରୋଇ ସଂସ୍ଥା ମଦ ବାର୍ ଖୋଲିଥିବା ନେଇ କର୍ପୋରେଟର ପ୍ରଦୀପ ଶତପଥୀ ଅଭିଯୋଗ କରିଥିଲେ। ଶିକ୍ଷାନୁଷ୍ଠାନ ଅଞ୍ଚଳରେ ବାର କିଭଳି ଖୋଲିଲା, ଅନୁମତି ଦେଇଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ବାର ଲାଇସେନ୍ସ ରଦ୍ଦ ପାଇଁ କର୍ପୋରେଟରମାନେ ଦାବି କରିଥିଲେ। ଏ ନେଇ କମିଶନର କହିଥିଲେ ଯେ, ଘରୋଇ ସଂସ୍ଥାକୁ ୧୫ ଦିନ ମଧ୍ୟରେ ବାର ବନ୍ଦ ପାଇଁ ନୋଟିସ ଦିଆଯିବ। ନୋଟିସର ଉତ୍ତର ନମିଳିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ ବୋଲି ମେୟର କହିଥିଲେ। ସେହିଭଳି ସିସିଟିଭି କ୍ୟାମେରା ଟେଣ୍ଡର ଘଟଣାରେ ଦୁର୍ନୀତି ନେଇ ପୂର୍ବ ବୈଠକରେ ୭ ଜଣିଆ କମିଟି ମାଧ୍ୟମରେ ତଦନ୍ତ ପାଇଁ ନିର୍ଦ୍ଦେଶ ହୋଇଥିଲେ ବି ସୁଫଳ ମିଳିନଥିବା କର୍ପୋରେଟର ଅଭିଯୋଗ କରିଥିଲେ। ବର୍ଷା ଆରମ୍ଭ ହୋଇଥିବା ବେଳେ ସହରର ଡ୍ରେନ ସଫେଇ ପାଇଁ ୧୦୦ ସଫେଇ କର୍ମଚାରୀଙ୍କୁ ନିୟୋଜିତ କରାଯିବ ବୋଲି ମେୟର କହିଥିଲେ। ୨୦୨୦ରୁ ନିର୍ବାହୀ ଯନ୍ତ୍ରୀ ଲଳିତ ମୋହନ ଦାଶଙ୍କ ବଦଳି ହୋଇଥିଲେ ବି ବଦଳି ହୋଇ ନ ଥିବା କର୍ପୋରେଟର ସୁରେନ୍ଦ୍ର ମହାରଣା କହିଥିଲେ। ଉକ୍ତ ପ୍ରସ୍ତାବ ଗୃହରେ ପାରିତ ହେବା ସହ ନିର୍ବାହୀ ଯନ୍ତ୍ରୀଙ୍କୁ ବଦଳି ପାଇଁ କମିଶନର ନିର୍ଦ୍ଦେଶ ଦେଇଥିଲେ। କେତେକ ବିକାଶମୂଳକ କାର୍ଯ୍ୟ ସରିନଥିବା ବେଳେ ନୂଆ ଟେଣ୍ଡର ହେଉନଥିବା ଅଭିଯୋଗ ଉପରେ ପଦକ୍ଷେପ ନିଆଯିବ ବୋଲି ନିର୍ବାହୀ ଯନ୍ତ୍ରୀ ଇଂ ନାଗେଶ୍ୱର ସୁବୁଦ୍ଧି କହିଥିଲେ। ସେହିପରି ଆଗାମୀ ଦିନରେ ଗୋରୁଗାଈଙ୍କୁ ରାସ୍ତା ଉପରେ ଛାଡୁଥିବା ମାଲିକଙ୍କ ଉପରେ ଅଧିକ ଜରିମାନା ଆଦାୟ କରାଯିବ ବୋଲି ମେୟର କହିଥିଲେ। ପ୍ରତି ୱାର୍ଡର କମ୍ୟୁନିଟି ହଲର ଚାବି ନିଗମକୁ ହସ୍ତାନ୍ତର ସହ ସିଇଓ ମାନେ ତଦାରଖ ପାଇଁ କମିଶନର ନିର୍ଦ୍ଦେଶ ଦେଇଥିଲେ। ବିଇଏମସିରେ ଏସଡିଓ ପଦବୀ ପୂରଣ ପାଇଁ କର୍ପୋରେଟର ସଞ୍ଜିତ ପାଣିଗ୍ରାହୀ ଦାବି କରିଥିଲେ। ୨ ଏସଡିଓଙ୍କୁ ନିଯୁକ୍ତି ଦିଆଯିବ ବୋଲି ମେୟର କହିଥିଲେ। ସେହପରି କର୍ପୋରେଟର ତ୍ରିପତି ପାତ୍ର, ସମୀର ମିଶ୍ର, ନୀଳକଣ୍ଠ ସାହୁ, ସ୍ୱର୍ଣ୍ଣଲତା ସାବତ, ସୋନାଲୀ ଗନ୍ତାୟତ, ପ୍ରଶାନ୍ତ ପଟ୍ଟନାୟକ, ମଳୟ ବିଶୋୟୀ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏହିସବୁ ସମସ୍ୟାର ସମାଧାନ ଦିଗରେ କି କି ପଦକ୍ଷେପ ଗ୍ରହଣ କରାଯାଇପାରିବ ମେୟର ପରାମର୍ଶ ଦେଇଥିଲେ। ଏହି ବୈଠକରେ ବିଧାୟକଙ୍କ ପ୍ରତିନିଧି ଅଶୋକ ଶୁକ୍ଳଙ୍କ ସମେତ ସମସ୍ତ ବିଭାଗର ଯନ୍ତ୍ରୀ ଓ ଅଧିକାରୀ ଉପସ୍ଥିତ ଥିଲେ।

## କର୍ମଜୀବୀ ମହିଳାଙ୍କୁ ଅସଦାଚରଣ

ବ୍ରହ୍ମପୁର,୧୯।୭(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ କର୍ମଜୀବୀ ମହିଳାଙ୍କୁ ଆୟୁର୍ବେଦିକ କଲେଜ ପରିସରରେ ତାଙ୍କ ସହକର୍ମୀ ଅସଦାଚାରଣ କରିଥିବା ସଦର ଥାନାରେ ଅଭିଯୋଗ ହୋଇଛି। ପୋଲିସ ସମ୍ପୃକ୍ତ କଲେଜ ଯାଇ ଘଟଣାର ତଦନ୍ତ ଆରମ୍ଭ କରିଛି। ଏପରିକି କଲେଜରେ ଖଞ୍ଜାଯାଇଥିବା ସିସିଟିଭି ଫୁଟେଜ ପୋଲିସ ଯାଞ୍ଚ କରୁଛି। ଅଭିଯୋଗ ଅନୁସାରେ ମହିଳା ଜଣଙ୍କ ଆଙ୍କୁଶପୁର ସ୍ଥିତ ଆୟୁର୍ବେଦିକ କଲେଜରେ କାମ କରୁଛନ୍ତି। ସେହି କଲେଜରେ କାମ କରୁଥିବା ଅନ୍ୟ ଜଣେ ସହକର୍ମୀ ତାଙ୍କୁ ଅସଦାଚରଣ କରିଥିଲେ। ସେ ଏହାର ପ୍ରତିବାଦ କରିବାରୁ ସମ୍ପୃକ୍ତ ଯୁବକ ଜଣଙ୍କ ତାଙ୍କୁ ଜାତିଆଣ କଟୁ ମନ୍ତବ୍ୟ ଦେବା ସହ ତାଙ୍କୁ ଗାଳି ଗୁଲଜ ଓ ଧମକଚମକ ମଧ୍ୟ କରିଥିଲେ। ପିଡ଼ିତା ଜଣଙ୍କ ଥାନାରେ ହାଜର ହୋଇ ନିଜର ବୟାନ ଦେଇଛନ୍ତି। ଉକ୍ତ ପୋଲିସ ଅଭିଯୋଗକୁ ଗ୍ରହଣ କରି ନଂ.୨୩୯/୨୪ରେ ଏକ ମାମଲା ରୁଜୁ କରିଛି। ଏନେଇ ଉକ୍ତ କଲେଜ ପ୍ରିନ୍ସିପାଲ ବିପିନି ବିହାରୀ ଖୁଣ୍ଟିଆଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏସମ୍ପର୍କରେ କେହିବି ମୋ ନିକଟରେ ଅଭିଯୋଗ କରିନାହାନ୍ତି। ଯଦି କେହି ଅଭିଯୋଗ କରନ୍ତି ତେବେ କଲେଜରେ ଥିବା କମିଟି ଏହାର ତଦନ୍ତ କରିବ। ଅନ୍ୟପଟେ ଥାନାରେ ଅଭିଯୋଗ ହେବା ପରେ ପୋଲିସ କଲେଜ ଆସି ସିସିଟିଭି ଫୁଟେଜ ନେବା ସହ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ।

# ଆଜିଠୁ ସ୍ୱାସ୍ଥ୍ୟସେବା ଯୋଗାଇବ ଆର୍‌ବିଏସ୍‌କେ ଟିମ୍



**ଟିକରପଡ଼ାରେ ଖାଡ଼ାବାନ୍ତି ବ୍ୟାପୀ ୨ ମୃତ, ୫୦ ଆକ୍ରାନ୍ତ**

**ଗାଁରେ ପହଞ୍ଚିଲା ଡାକ୍ତରୀ ଟିମ୍**

ବେଲଗୁଣ୍ଠା,୧୯।୭ (କୃଷ୍ଣଚନ୍ଦ୍ର ପଟ୍ଟନାୟକ): ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ୍ ଟିକରପଡ଼ା ଗ୍ରାମରେ କିଛି ଦିନ ହେବ ଖାଡ଼ାବାନ୍ତି ବ୍ୟାପିଥିବା ବେଳେ ପାଞ୍ଚ ଦିନ ମଧ୍ୟରେ ଦୁଇ ଜଣ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ବେଳେ ୫୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହେଲେଣି। ଶୁକ୍ରବାର ବ୍ରହ୍ମପୁରରୁ ଏକ ୭ ଜଣିଆ ଡାକ୍ତରୀ ଦଳ ଗ୍ରାମରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ସେଥିରୁ ଆଜିସୁଦ୍ଧା ୩୦ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ୨୦ ରୁ ଊର୍ଦ୍ଧ୍ୱ ବ୍ୟକ୍ତି ବିଭିନ୍ନ ମେଡିକାଲ୍ ଓ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି। ମୃତ ବୃଦ୍ଧ ଦୁଇ ଜଣ ହେଲେ ଗ୍ରାମର ଦେବ ଗୌଡ଼ (୭୫) ଏବଂ କନ୍ଧ ସାହୁ (୭୨)। ତେବେ ଖାଡ଼ାବାନ୍ତି ବ୍ୟାପିବାର ମୁଖ୍ୟ କାରଣ ଗ୍ରାମବାସୀ ଦୂଷିତ ଜଳ ବ୍ୟବହାର କରିବା ଯୋଗୁଁ ହିଁ ହୋଇଛି ବୋଲି ଅନୁମାନ କରାଯାଉଛି। ଗ୍ରାମବାସୀ ବାଧ୍ୟ ହୋଇ ଗ୍ରାମରେ ଥିବା କିଛି ନଳକୂଅ ଏବଂ କିଛି ପରିତ୍ୟକ୍ତ କୁଅରୁ ପାନୀୟ ଜଳ ସଂଗ୍ରହ କରୁଛନ୍ତି। ବର୍ତ୍ତମାନ ବର୍ଷା ହେବା ପରେ ବାହାର ପାଣି କୂଅ ଭିତରେ ପଶିବା ଯୋଗୁଁ କୂଅ ଜଳ ଅଧିକ ଦୂଷିତ ହୋଇଥିଲା। ଏହି ପାଣିକୁ ହିଁ ପାନୀୟ ଜଳ ରୂପେ ବ୍ୟବହାର କରିଥିବା ବ୍ୟକ୍ତିମାନେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିବା ମେଡିକାଲ୍ ଟିମ୍ ଅନୁମାନ କରୁଛି। ଝାଡ଼ାବାନ୍ତି ନିୟନ୍ତ୍ରଣ ହେବା ପର୍ଯ୍ୟନ୍ତ ଏକ ଉଚ୍ଚ ସ୍ତରୀୟ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଟିମ୍ ଗ୍ରାମରେ ରହି ପରିସ୍ଥିତି ଉପରେ ନଜର ରଖିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ବେଲଗୁଣ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡ଼ାକ୍ତର ବାଲୁଙ୍କେଶ୍ୱର ଷଡଙ୍ଗୀ କହିଛନ୍ତି ଦୂଷିତ ପାନୀୟ ଜଳ ବ୍ୟବହାର ହିଁ ଝାଡ଼ାବାନ୍ତିର ମୂଳ କାରଣ। ଶୁକ୍ରବାର ଗ୍ରାମରେ ୧୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ସେଥିରୁ ପାଞ୍ଚ ଜଣଙ୍କୁ ବେଲଗୁଣ୍ଠା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା ବେଳେ ୧୧ ଜଣ ଆକ୍ରାନ୍ତଙ୍କୁ ଗ୍ରାମରେ ହିଁ ଚିକିତ୍ସା ପ୍ରଦାନ କରାଯାଇଛି। ଗ୍ରାମରେ ଥିବା ୮୦ଟି କୂଅ ସମେତ ସମସ୍ତ ନଳକୂପକୁ ବିଶୋଧନ କରାଯାଇଛି। ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଳୟରୁ ଆସିଥିବା ଡ଼ାକ୍ତର ହରମୋହନ ପଣ୍ଡା, ଏପିଡେମିଓଲୋଜିଷ୍ଟ ଡ଼ାକ୍ତର ସାବିତ୍ରୀ, ମାଇକ୍ରୋବୟୋଲୋଜିଷ୍ଟ, ବେଲଗୁଣ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡ଼ାକ୍ତର ବାଲୁଙ୍କେଶ୍ୱର ଷଡଙ୍ଗୀ, ଡ଼ାକ୍ତର ସବିତା ବେହେରାଙ୍କୁ ଗଠିତ ଜିଲାସ୍ତରୀୟ ଟିମ୍ ଗ୍ରାମରେ ବୁଲି ସ୍ଥିତି ପରଖିବା ସହିତ ବିଶୁଦ୍ଧ ଖାଦ୍ୟ ଏବଂ ପାନୀୟ ବ୍ୟବହାର ପାଇଁ ଲୋକଙ୍କୁ ସଚେତନ କରାଇଥିଲେ। ଶନିବାର ଠାରୁ ଏକ ଆର୍‌ବିଏସ୍‌କେ ଟିମ୍ ଗ୍ରାମରେ ରହି ରୋଗୀଙ୍କୁ ନିରନ୍ତର ସେବା ଯୋଗାଇବା ସହିତ ଗୁରୁତର ରୋଗୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବେ ବୋଲି ଡ଼ାକ୍ତର ବାଲୁଙ୍କେଶ୍ୱର ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି।

### ବ୍ରହ୍ମପୁରରେ ବିଜେଡି କର୍ମୀ ସମ୍ମିଳନୀ ଓ ସମୀକ୍ଷା

# ସଂଗଠନକୁ ସୁଦୃଢ଼ କରିବାକୁ ନିଷ୍ପତ୍ତି

ବ୍ରହ୍ମପୁର,୧୯।୭(ନରସିଂହ ସାହୁ):

ବ୍ରହ୍ମପୁର ବିଧାନସଭା କ୍ଷେତ୍ର ବିଜେଡିର ନିର୍ବାଚନୀ ସମୀକ୍ଷା ଓ ସାଙ୍ଗଠନିକ ସ୍ଥିତି ନେଇ ଶୁକ୍ରବାର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଦଳର ଜିଲା ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କ ଶୋଚନୀୟ ପରାଜୟର କାରଣ ଖୋଜାଯାଇଥିଲା। ଗତ ୫ଟି ନିର୍ବାଚନରେ ବିଜେଡି ଜିତିବା ଏବଂ ୨୪ ନିର୍ବାଚନରେ ମଧ୍ୟ ସେହି ଧାରା ଅତୁଟ ରହିବାର ଆତ୍ମବିଶ୍ୱାସ ଯୋଗୁ କର୍ମୀମାନଙ୍କ ଢ଼ିଲାପଣରୁ ଏଭଳି ଘଟିଥିବା ମତ ପ୍ରକାଶ ପାଇଥିଲା। ଏଣିକି ମହାନଗରରେ ଦଳର ସଂଗଠନକୁ ଅଧିକ ମଜଭୁତ କରିବା ଏବଂ ବିଭିନ୍ନ କ୍ଷେତ୍ରରେ ଶାସକ ଭାଜପାକୁ କଡ଼ା ଟକ୍କର ଦେବାକୁ ନିଷ୍ପତ୍ତି ହୋଇଛି। ବିଇଏମସିର ବିଜେଡି କର୍ପୋରେଟରଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ। ଜିଲା ସଭାପତି ଅଧ୍ୟକ୍ଷତା କରିଥିବା ବେଳେ ଗତ ନିର୍ବାଚନର ଲୋକସଭା ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଯୋଗ ଦେଇଥିଲେ। ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ କହିଥିଲେ ନିର୍ବାଚନରେ ହାର୍‌ଜିତ ଏକ ପ୍ରକ୍ରିୟା। ତେଣୁ ଦଳର ପରାଜୟ ପାଇଁ କର୍ମୀମାନେ ହତୋତ୍ସାହିତ ନ ହୋଇ ଦୃଢ଼ ମନୋବଳ ସହ ପରିସ୍ଥିତିର ସାମ୍ନା କରିବାକୁ ପରାମର୍ଶ ଦେଇଥିଲେ। ଏହି ସମାବେଶରେ ପୂର୍ବତନ ଏମପି ଚନ୍ଦ୍ରଶେଖର ସାହୁ, ପୂର୍ବତନ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଉପସ୍ଥିତ ନଥିଲେ। ଏହାକୁ ନେଇ ଆରମ୍ଭ ହୋଇଯାଇଛି ଚର୍ଚ୍ଚା। ବିଜେଡିରେ ଥିବା କେତେକ ବିଭୀଷଣ ଦଳ ବିରୋଧୀ କାର୍ଯ୍ୟ କରିଥିବା କେତେକ କର୍ମୀ ଆକ୍ଷେପ କରିଥିଲେ।

ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଏବେ ନୂଆ ରଣନୀତି ଆପଣାଇଛନ୍ତି। ତାଙ୍କ ରାଜନୈତିକ ଭୂମିକା ମଧ୍ୟ ଭିନ୍ନ ହୋଇଛି। ତେଣୁ ନେତା ଓ କର୍ମୀମାନେ ସେହି ଆଦର୍ଶରେ ଅନୁପ୍ରାଣିତ ହୋଇ ସଂଗଠନକୁ ସଜାଡ଼ିବାକୁ ଜିଲା ସଭାପତି ଗୁରୁତ୍ୱ ଦେଇଥିଲେ। କର୍ପୋରେଟର ତଥା ଜିଲା ସଂଗଠନର ଉପସଭାପତି ସଂଜିତ ପାଣିଗ୍ରାହୀ, ଭୀମସେନ ଦଳେଇ, ସୁରେନ୍ଦ୍ର ମହାରଣା, ପୂର୍ବତନ ଜିଲା ସଭାପତି ସୁବାସ ମହାରଣା, ଉପସଭାପତି ଜଗନ୍ନାଥ ସାବତଙ୍କ ସମେତ ଜିଲା ଓ ମହାନଗର ସଂଗଠନର ନେତା ଓ କର୍ମୀ ଯୋଗଦେଇଥିଲେ। ମହିଳା, ଯୁବ, ଛାତ୍ର ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ବହୁ ବିଳମ୍ବରେ କାହିଁକି ସମୀକ୍ଷା କରାଗଲା ସେନେଇ କେତେକ ପ୍ରଶ୍ନ ମଧ୍ୟ କରିଥିଲେ।

# ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟକୁ ୟୁଜିସି ମାନ୍ୟତା ଦାବିରେ ବିକ୍ଷୋଭ



ଏଆଇଡିଏସ୍‌ଓ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବ୍ରହ୍ମପୁର,୧୯।୭(ସ୍ୱାଧୀନ ଶେଖର ପାଢ଼ୀ)

ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟକୁ ୟୁଜିସି ମାନ୍ୟତା ଦାବିରେ ଏଆଇଡିଏସଓ ପକ୍ଷରୁ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସମସ୍ତ ଅଧ୍ୟାପକ ଏବଂ ଶିକ୍ଷା କର୍ମଚାରୀ ପଦବୀ ସ୍ଥାୟୀ ଭାବେ ପୂରଣ ହେଉ। ଛାତ୍ର ସଂସଦ ନିର୍ବାଚନ ତାରିଖ ଘୋଷଣା ସହ ଛାତ୍ରୀଛାତ୍ରଙ୍କୁ ଫ୍ରି ବସ ପାସ ଯୋଗାଇଦିଆଉ ବୋଲି ଦାବି କରାଯାଇଛି। ବିଶ୍ୱବିଦ୍ୟାଳୟ କୁଳପତିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷାମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମୋଟ ୧୧୨ ଅଧ୍ୟାପକ ଓ ୨୫ ଅଣ ଶିକ୍ଷକ ପଦ ଖାଲିପଡ଼ିଛି । ହିନ୍ଦୀ, ଅର୍ଥନୀତି ଓ ଗଣିତ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଶିକ୍ଷକ ବା ଅଧ୍ୟାପକ ନାହାନ୍ତି। ଛାତ୍ର ସଂସଦ ନିର୍ବାଚନ ୭ ବର୍ଷ ହେଲା ବନ୍ଦ ହୋଇଛି। କରି କର୍ତ୍ତୃପକ୍ଷଙ୍କ ନିକଟରେ ଛାତ୍ରୀଛାତ୍ରଙ୍କ ଦାବି ଉପସ୍ଥାପନ କରିବାର ଅଧିକାରକୁ କ୍ଷୁଣ୍ଣ କରାଯାଇଛି। ଏଠାକୁ ବାହାରୁ ବହୁ ଛାତ୍ରୀଛାତ୍ର ଆସୁଥିବାରୁ ସେମାନଙ୍କ ଯିବା ଆସିବା ପାଇଁ ବସ ପାସ ନଥିବାରୁ ଅସୁବିଧା ହେଉଛି। ତେଣୁ ସମସ୍ତ ଦାବି ପୂରଣ କରାଯାଉ ବୋଲି ଏଆଇଡିଏସଓ ଦାବି କରିଛି। ଏଆଇଡିଏସଓ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଶିବାନୀ ଶଙ୍କର ମିଶ୍ର , ଜିଲା ସଭାପତି ନିମାଇଁ ଚରଣ ସାହୁ, ଉପସଭାପତି ପପୁନ ସାହୁ, ସମ୍ପାଦକ ନାରାୟଣ ସାହୁଙ୍କ ସମେତ ଶୁଭସ୍ମିତା ପାଣିଗ୍ରାହୀ, କାମରାଜୁ ସାହୁ ପ୍ରମୁଖ ସଂଗଠନର କର୍ମକର୍ତ୍ତା ଓ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ୧୦୦ ଝିଅଙ୍କ ସଫଳତାର କାହାଣୀ ପୁସ୍ତକ ଉନ୍ମୋଚିତ

ବ୍ରହ୍ମପୁର୧୯।୭,
(ସ୍ୱାଧୀନ ଶେଖର ପାଢ଼ୀ)

ବ୍ରହ୍ମପୁର ଆଇଟିଆଇ (ଶିଳ୍ପ ତାଲିମ ଅନୁଷ୍ଠାନ)ର ୧୦୦ ଝିଅଙ୍କ ସଫଳତାର କାହାଣୀ ପୁସ୍ତକକୁ ଶୁକ୍ରବାର ଭର୍ଚୁଆଲରେ ଉନ୍ମୋଚନ କରିଛନ୍ତି ଦକ୍ଷତା ବିକାଶ ପ୍ରମୁଖ ସଚିବ ଉଷା ପାଢ଼ୀ। ସୁଦକ୍ଷା ଯୋଜନାର ସଫଳ ରୂପାୟନରେ ବ୍ରହ୍ମପୁର ଆଇଟିଆଇର ଯୋଗଦାନକୁ ସେ ପ୍ରଶଂସା କରିଥିଲେ। ସମସ୍ତ ଆଇଟିଆଇ ଓ ପଲି ଟେକନିକର ପ୍ରିନ୍ସପାଲ ଏଥିରେ ସାମିଲ ଥିଲେ। ନିଜର ଅନନ୍ୟ ଶିଳ୍ପ ତାଲିମ ଶୈଳୀ ଓ ଦକ୍ଷତା ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ବ୍ରହ୍ମପୁର ଆଇଟିଆଇ ରାଜ୍ୟ ଓ ଜାତୀୟ ସ୍ତରରେ ସ୍ୱତନ୍ତ୍ରତା ହାସଲ କରିଛି। ଏଠାରେ ଅଧ୍ୟୟନ କରୁଥିବା ୧୦୦ ଛାତ୍ରୀଙ୍କ ସ୍ୱାବଲମ୍ବୀ ଯାତ୍ରାର କାହାଣୀ ପୁସ୍ତକରେ ବର୍ଣ୍ଣିତ ହୋଇଛି। ଏହା ଅନ୍ୟ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଯୋଗାଇବ ବୋଲି କହିଛନ୍ତି ଅନୁଷ୍ଠାନର ଅଧ୍ୟକ୍ଷ ଡ଼ ରଜତ ପାଣିଗ୍ରାହୀ।


ପୁସ୍ତକ ଉନ୍ମୋଚନ କରାଯାଉଛି।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ବ୍ରହ୍ମପୁର ୧୯।୭
(ସ୍ୱାଧୀନ ଶେଖର ପାଢ଼ୀ)

ବ୍ରହ୍ମପୁର ବିଶବିଦ୍ୟାଳୟ ପୁରାତନ ସିଣ୍ଡିକେଟ ହଲରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଉଦଘାଟନ ହୋଇଯାଇଛି। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଏହାକୁ ଉଦଘାଟନ କରିବା ସହ କଲେଜ ଏବଂ ବିଶ୍ୱବିଦ୍ୟାଳୟର ଶିକ୍ଷକ ମାନଙ୍କୁ ଛାତ୍ରୀଛାତ୍ରଙ୍କ ଉନ୍ନତି ପାଇଁ ସେମାନଙ୍କୁ ଜ୍ଞାନ ପ୍ରଦାନ କରିବା ପାଇଁ ପରାମର୍ଶ ଦେଇଥିଲେ। ଏକାଡେମିକ ଏବଂ ଆଡମିନିଷ୍ଟ୍ରେଟିଭ ଡେଭଲପମେଣ୍ଟ ସେଣ୍ଟର (ଏଏଡ଼ିସି), ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଆସୋସିଏସନ ଅଫ ଇଣ୍ଡିଆନ ୟୁନିଭରସିଟିସ (ଏଆଇୟୁ), ନୂଆଦିଲ୍ଲୀ ଏବଂ ବୈଦୁତିକ ବିଜ୍ଞାନ ବିଭାଗ ତରଫରୁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏକାଡେମିକ ଏବଂ ଆଡମିନିଷ୍ଟ୍ରେଟିଭ ଡେଭଲପମେଣ୍ଟ ସେଣ୍ଟରର ନୋଡାଲ ଅଫିସର ତଥା କାର୍ଯ୍ୟକ୍ରମର ଆବାହକ ଡ. ମୃତ୍ୟୁଞ୍ଜୟ ସ୍ୱାଇଁ ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମର ବିଷୟବସ୍ତୁ ଉପରେ କହିଥିଲେ। ବୈଦୁତିକ ବିଜ୍ଞାନ ବିଭାଗର ମୁଖ୍ୟ ଡ. ଧ୍ରୁବ ଚରଣ ପଣ୍ଡା ଅଂଶଗ୍ରହଣକାରୀ ଶିକ୍ଷକ ଏବଂ ଅନୁସନ୍ଧାନକାରୀଙ୍କୁ ସମ୍ବୋଧିତ କରିଥିବାବେଳେ କାର୍ଯ୍ୟକ୍ରମର ଆବାହକ ଡ. ରଶ୍ମିତା ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। କଲିକତା ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଆଇ.ଆର.ପି. ପ୍ରଫେସର ପ୍ରଶାନ୍ତ କୁମାର ବସୁ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଇଲେକ୍ଟ୍ରୋନିକ ସାଇନ୍ସ, ବିୟୁ ସହିତ ତାଙ୍କର ଦୀର୍ଘ ଦିନର ସମ୍ପର୍କ ବିଷୟରେ ବର୍ଣ୍ଣନା କରିଥିଲେ । ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ତ୍ରିନାଥ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଶ୍ୱବିଦ୍ୟାଳୟର ପି.ଜି.ସିର ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ ଯୋଗ ଦେଇଥିଲେ। ଡ. ନାରାୟଣ ସାହୁ ଏବଂ ଡ. ଦୀପକ କୁମାର ନାୟକ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ କୁଳପତି ଓ ଅନ୍ୟାମାନେ।

## ବୃଦ୍ଧା ମା'ଙ୍କୁ ମାଡ଼, ପୁଅବୋହୂ ଗିରଫ

ଭୁବନେଶ୍ୱର,୧୯।୭
(ସୂର୍ଯ୍ୟକାନ୍ତ ବେହେରା)

ସ୍ତ୍ରୀ ସହ ମିଶି ନିଜ ବୃଦ୍ଧା ମା'ଙ୍କୁ ମାଡ଼ ମାରିଲେ। ଏନେଇ ଅଭିଯୋଗ ପରେ ଖଣ୍ଡଗିରି ଥାନା ପୋଲିସ ଅଭିଯୁକ୍ତ ପୁଅ ଓ ବୋହୂଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫଦ୍ୱୟ ହେଲେ ଡୁମୁଡୁମା ଫେଜ-୨ରେ ରହୁଥିବା ଅନିଲ କୁମାର ଦାଶ ଓ ଭାନୁମତୀ ଦାଶ। ଅଭିଯୋଗକାରିଣୀ ତଥା ନିର୍ଯାତନାର ଶିକାର ହୋଇଥିବା ବୃଦ୍ଧା ଜଣକ ନୟାପଲ୍ଲୀ ଥାନା ଅନ୍ତର୍ଗତ ରେଣ୍ଟାଲ କଲୋନୀରେ ରହୁଥିବାବେଳେ ତାଙ୍କ ପୁଅ-ବୋହୂ ଡୁମୁଡୁମା ଫେଜ-୨ ରେ ରୁହନ୍ତି।

# ୧.୫୨ କୋଟିର ସମ୍ପତ୍ତି ଆଟାଚ୍‌କଲା ଇଡି

ଭୁବନେଶ୍ୱର,୧୯।୭(ସତ୍ୟଜିତ୍ ରାଉତ)

### କାଶିବେଡ଼ା ଖଣି ଦୁର୍ନୀତି ମାମଲା

ମୟୂରଭଞ୍ଜ ଜିଲା କାଶିବେଡା ଖଣି ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି ମାମଲାରେ ଦୁଇ ଅଭିଯୁକ୍ତ ଖଣି ଲିଜ୍‌ଧାରୀ ବସନ୍ତ କୁମାର ଦାସ ଏବଂ ଏମ୍/ଏସ୍ ଦାସ ଭାଇ ମିନେରାଲ୍‌ସ କମ୍ପାନୀର ମାଲିକଙ୍କ ୧.୫୨ କୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଆଟାଚ୍ କରାଯାଇଛି। ପ୍ରିଭେନ୍‌ଶନ୍ ଅଫ୍ ମନି ଲଣ୍ଡରିଂ ଆକ୍ଟ (ପିଏମ୍‌ଏଲ୍‌ଏ) ୨୦୦୨ ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଇଡି ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏହା ପୂର୍ବରୁ ବସନ୍ତ କୁମାର ଦାସଙ୍କ ଲିଙ୍କ୍‌ରେ ଗତ ମେ'୧୮ରେ ଇଡି ସିଦ୍ଧାର୍ଥ ସ୍ୱଞ୍ଜୀ ଆଣ୍ଡ୍ ପ୍ରାଇଭେଟ୍ ଲିମିଟେଡ୍‌ର ମାଲିକ ଆନନ୍ଦ ଅଗ୍ରୱାଲଙ୍କୁ ଗିରଫ କରିଥିଲା।

ଖଣି ଲିଜ୍‌ଧାରୀ ବସନ୍ତ କୁମାର ଦାସ, ଆନନ୍ଦ ଅଗ୍ରୱାଲ, ଏମ୍/ଏସ୍ ଦାସ ଭାଇ ମିନେରାଲ୍‌ସ କମ୍ପାନୀର ମାଲିକ ପ୍ରମୁଖ କାଶିବେଡାସ୍ଥିତ ଖଣିରେ ବେଆଇନ ଖନନ କରି ବ୍ୟାପକ ଦୁର୍ନୀତି କରିଥିଲେ। ୨୦୦୫ରୁ ୨୦୦୯ ମଧ୍ୟରେ ଅଭିଯୁକ୍ତମାନେ ଏହି କାରବାର କରି ବହୁ କୋଟି ଟଙ୍କାର ରାଜସ୍ୱ କ୍ଷତି କରିଥିଲେ। କିଛି ନିର୍ଦ୍ଦିଷ୍ଟ ସୀମାରେ ଖଣି ଖନନ କରିବାକୁ ଅନୁମତି ମିଳିଥିଲେ ମଧ୍ୟ ଅଭିଯୁକ୍ତମାନେ ଏହି ନିୟମକୁ ମାନି ନ ଥିଲେ। ଖଣି ବିଭାଗର କେତେଜଣ ଅଧିକାରୀଙ୍କ ସହଯୋଗରେ ଅଭିଯୁକ୍ତମାନେ ଅନୁମତିଠାରୁ ଅଧିକ ଖଣି ଖନନ କରିଥିଲେ। ଏନେଇ ଜଣାପଡିବା ପରେ ଭିଜିଲାନ୍ସ ମାମଲା ରୁଜୁ କରି ୨୦୧୨ରେ ତଦନ୍ତ ଆରମ୍ଭ କରିଥିଲା। ଏପରିକି ସେତେବେଳେ ଏକାଧିକ ଲିଜ୍‌ଧାରୀଙ୍କୁ ମଧ୍ୟ ଭିଜିଲାନ୍ସ ଗିରଫ କରି କୋର୍ଟଚାଲାଣ କରିଥିଲା। ତଦନ୍ତବେଳେ ଏହି ଦୁର୍ନୀତିରେ ୨୧ କୋଟି ଟଙ୍କା ରାଜସ୍ୱ କ୍ଷତି ହୋଇଥିବା ଜଣାପଡିଥିଲା। ଭିଜିଲାନ୍ସ ପକ୍ଷରୁ ହୋଇଥିବା ଚାର୍ଜଶିଟ୍ ବଳରେ ଇଡି ୨୦୨୩ରେ ନିଜ ଆଡୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବେଆଇନ ଟଙ୍କା କାରବାର ଦିଗକୁ ନେଇ ଇଡି ଅଧିକ ଅନୁସନ୍ଧାନ ଚଳାଇଥିବାବେଳେ ସେହିବର୍ଷ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଜବତ କରିଥିଲା।

## ୫.୪ ଲକ୍ଷ ଟଙ୍କା ସହ ଧରାପଡ଼ିଲେ ସରପଞ୍ଚ




ସରପଞ୍ଚ ଦିନେଶ ରାଉତ, ଜବତ ଟଙ୍କା।

ଭବାନୀପାଟଣା/ଗୋଲାମୁଣ୍ଡା,୧୯।୭
(ଉତ୍ତମ କୁମାର ଦାଶ/ବଟକୃଷ୍ଣ ପଣ୍ଡା)

### ପଚରାଉଚରା କରୁଛି ଭିଜିଲାନ୍ସ

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ବୃନ୍ଦାବାହାଲ ସରପଞ୍ଚ ଦିନେଶ ରାଉତ ଶୁକ୍ରବାର ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଅନୈତିକ ଉପାୟରେ ୫.୪ଲକ୍ଷ ଟଙ୍କା ସଂଗ୍ରହ କରିବା ଅଭିଯୋଗରେ ଭିଜିଲାନ୍ସ ବିଭାଗ ତାଙ୍କୁ ଅଟକ ରଖିଛି। ମିଳିଥିବା ସୂଚନା ଅନୁଯାୟୀ, ସରପଞ୍ଚ ଦିନେଶ ଓରଫ ମଣ୍ଟୁ ଶୁକ୍ରବାର ଗୋଲାମୁଣ୍ଡା ବ୍ଲକ ଅଫିସରୁ ଓଡି୦୮ସି-୫୩୩୫ ନମ୍ବର ବିଶିଷ୍ଟ ଏକ ବୋଲେରୋ ଯୋଗେ ଘରକୁ ଫେରୁଥିବା ସମୟରେ ଖଲିଆକାନି ପାଖରେ ଭିଜିଲାନ୍ସ ବିଭାଗ ତାଙ୍କୁ ମାଡି ବସିଥିଲା। ସେ ବେଆଇନ ଭାବେ ୫ଲକ୍ଷ ୪୦ ହଜାର ଟଙ୍କା ସଂଗ୍ରହ କରି ଘରକୁ ଫେରୁଥିବା ନେଇ ଭିଜିଲାନ୍ସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ଏହି ଅର୍ଥ ପଞ୍ଚାୟତ ଅଞ୍ଚଳର ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ସେ ଠିକାଦାରଙ୍କଠାରୁ ସଂଗ୍ରହ କରିଥିବା ଭିଜିଲାନ୍ସ ସନ୍ଦେହ କରୁଛି। ଚଢାଉରେ ନବରଙ୍ଗପୁର, କୋରାପୁଟ ଓ କଳାହାଣ୍ଡିର ଟିମ୍ ସାମିଲ ହୋଇଥିଲେ। ଗୋଟିଏ ଟିମ୍ ଗାଡି ସିଜ୍ କରିବା ସହ ତାଙ୍କୁ ଅଧିକ ପଚରାଉଚରା ପାଇଁ ନବରଙ୍ଗପୁର ନେଇଛି। ଅନ୍ୟ ଦୁଇଟି ଟିମ୍ ତାଙ୍କ ଘର ଓ ଆଉ ଏକ ସ୍ଥାନରେ ଚଢାଉ ଜାରି ରଖିଛନ୍ତି। ସୂଚନାଯୋଗ୍ୟ ଯେ, ଦିନେଶ ବିଜେଡିର ଜଣେ ଦୃଢ ସମର୍ଥକ ଓ ଜୁନାଗଡ଼ ବିଧାୟକ ଦିବ୍ୟ ଶଙ୍କର ମିଶ୍ରଙ୍କ ଅନୁଗତ ଭାବେ ଜଣାଶୁଣା। ସରକାର ବଦଳିବା ପରେ ଦିନେଶ ଭିଜିଲାନ୍ସ ଜାଲରେ ପଡ଼ିବା ଘଟଣାକୁ ନେଇ ଏଠାରେ ଭିନ୍ନ ଚର୍ଚ୍ଚା ଚାଲିଛି।

## ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର, ପ୍ରେମିକ ଗିରଫ

ପାଟଣା, ୧୯।୭(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଅଞ୍ଚଳର ଜଣେ ୨୦ ବର୍ଷୀୟା ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର ଓ ପରେ ପ୍ରତାରଣା କରାଯାଇଛି। ଏହି ଅଭିଯୋଗରେ ପୋଲିସ ପାଟଣା ବ୍ଲକ ତୁରୁମୁଙ୍ଗା ପଞ୍ଚାୟତ ହାତିବାରୀ ଗ୍ରାମର ଚିତ୍ରସେନ ନାଏକ(୨୧) ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି।

୪ବର୍ଷ ପୂର୍ବେ ଉକ୍ତ ଯୁବତୀ ଜଣକ ନାବାଳିକା ଥିବା ବେଳେ ଚିତ୍ରସେନ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ପରେ ବିବାହ କରିବାକୁ ମନା କରିଦେଇଥିଲେ। ଯୁବତୀଜଣଙ୍କ ଗତ ୧୬ତାରିଖରେ ତୁରୁମୁଙ୍ଗା ଥାନାରେ ଚିତ୍ରସେନଙ୍କ ବିରୋଧରେ ବଳାତ୍କାର ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ ଯୁବତୀଜଣଙ୍କ ହାଇସ୍କୁଲରେ ପଢୁଥିବା ବେଳେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢିଉଠିଥିଲା। ପରବର୍ତ୍ତୀ ସମୟରେ ଯୁବକଜଣଙ୍କ ତାଙ୍କୁ ପ୍ରତାରଣା କରି ବିବାହ ପାଇଁ ମନା କରିଦେବାରୁ ଯୁବତୀଜଣଙ୍କ ମାନସିକ ଭାରସାମ୍ୟ ହରାଇ ଗତ ୯ ତାରିଖରେ ବିଷପାନ କରି ଗୁରୁତର ହୋଇ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସୁସ୍ଥ ହେବା ପରେ ସେ ନ୍ୟାୟ ପାଇଁ ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ତୁରୁମୁଙ୍ଗା ଥାନାରେ ପୋକ୍‌ସୋ ଆକ୍ଟ ଓ ବଳାତ୍କାର ଅଭିଯୋଗରେ ଏକ ମାମଲା(ନଂ. ୨୨୧/୨୪) ରୁଜୁ କରାଯାଇଥିବା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି।

## ଥଣ୍ଡା ପାନୀୟରେ ନିଶା ଦେଇ ମହିଳାଙ୍କୁ ବଳାତ୍କାର

ସୋର, ୧୯।୭(ଜନ୍ମେଜୟ ମିଶ୍ର)

### ସ୍ୱାମୀ, ତାଙ୍କ ବନ୍ଧୁଙ୍କ ନାମରେ ଥାନାରେ ଅଭିଯୋଗ

ବାଲେଶ୍ୱର ଜିଲା ସୋର ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଥଣ୍ଡା ପାନୀୟରେ ନିଶା ଦେଇ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ମହିଳାଜଣକ ତାଙ୍କ ସ୍ୱାମୀ ଓ ଜଣେ ବନ୍ଧୁଙ୍କ ନାମରେ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା ରୁଜୁ ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ଉକ୍ତ ଦମ୍ପତିଙ୍କର ଦୁଇଟି ସନ୍ତାନ ଥିବା ବେଳେ ପାରିବାରିକ କଳହ ଲାଗି ରହିଥିଲା। ସ୍ୱାମୀ ଅନେକ ସମୟରେ ମହିଳାଙ୍କୁ ନିର୍ଯାତନା ଦେବା ସହ ଘରୁ ମଧ୍ୟ ବାହାର କରି ଦେଇଥିଲେ। ପରେ ଆପୋଷ ବୁଝାମଣା ହେବା ପରେ ସାଙ୍ଗରେ ରହୁଥିଲେ। ଗତ ୧୭ ତାରିଖ ରାତିରେ ସ୍ୱାମୀ ଓ ତାଙ୍କର ଜଣେ ବନ୍ଧୁ ଘରେ ପହଞ୍ଚି ଥଣ୍ଡା ପାନୀୟରେ କିଛି ମିଶାଇ ମହିଳାଙ୍କୁ ପିଇବାକୁ ଦେଇଥିଲେ। କିଛି ସମୟ ପରେ ମହିଳାଜଣକ ଚେତାଶୂନ୍ୟ ହୋଇପଡିଥିଲେ। ଏହି ସୁଯୋଗରେ ସ୍ୱାମୀ ଓ ତାଙ୍କ ବନ୍ଧୁ ମହିଳାଙ୍କୁ ବଳାତ୍କାର କରିଥିଲେ। ସେହି ସମୟରେ ଚେତା ଫେରିଆସିବାରୁ ମହିଳାଜଣକ ଚିତ୍କାର କରିଥିଲେ। ପାଟି ଶୁଣି ପରିବାର ଲୋକେ ପହଞ୍ଚିଯିବାରୁ ସ୍ୱାମୀ ଓ ତାଙ୍କ ବନ୍ଧୁ ସେଠାରୁ ପଳାଇଯାଇଥିଲେ। ପରେ ମହିଳାଙ୍କୁ ପରିବାର ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ପ୍ରଥମେ ସୋର ଓ ପରେ ବାଲେଶ୍ୱର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଶୁକ୍ରବାର ସନ୍ଧ୍ୟାରେ ସେ ଚିକିତ୍ସିତ ହୋଇ ଫେରିବା ପରେ ତାଙ୍କ ସ୍ୱାମୀ ଓ ତାଙ୍କ ବନ୍ଧୁଙ୍କ ନାଁରେ ଥାନାରେ ଅଭିଯୋଗ କରିଛନ୍ତି।

## ସ୍ତ୍ରୀଙ୍କୁ ପିଟି ମାରିଦେଲେ ସ୍ୱାମୀ

ଔପଦା, ୧୯।୭(ଧରିତ୍ରୀ ପଣ୍ଡା)

ବାଲେଶ୍ୱର ଜିଲା ଔପଦା ଥାନା ଅଧୀନ ଅଘିରାପଦା ପଞ୍ଚାୟତ ଚିନଚିଡ଼ା ଗ୍ରାମର ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ କାଠ ଫାଳିଆରେ ପିଟି ପିଟି ହତ୍ୟା କରିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ମୃତ ମହିଳା ହେଲେ ଜାନକୀ ସିଂ। ଏନେଇ ଜାନକୀଙ୍କ ଭାଇ ରାବଣ ଥାନାରେ ଅଭିଯୋଗ କରିଛନ୍ତି। ଔପଦା ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। କାଠଫାଳିଆକୁ ପୋଲିସ ଜବତ କରିବା ସହ ଅଭିଯୁକ୍ତ ସ୍ୱାମୀ ପାଣ୍ଡୁ ସିଂଙ୍କୁ ଗିରଫ କରିଛି।

ପାଣ୍ଡୁ ଓ ଜାନକୀ ଗୁରୁବାର ରାତିରେ ପରସ୍ପର ମଧ୍ୟରେ କଳି ଲାଗିଥିଲେ। ପାଣ୍ଡୁଙ୍କ ପୁଅ ଜୟନ୍ତ ଏହାକୁ ବାରଣ କରିଥିଲେ ମଧ୍ୟ ସେମାନେ ଶୁଣି ନ ଥିଲେ। ବୋହୂ ମଞ୍ଜୁ ସିଂ ଓ ସାନ ଝିଅ ଗୀତା ଖାଇ ସାରି ଶୋଇବାକୁ ଯାଇଥିବା ବେଳେ ମା'-ବାପା ମଧ୍ୟ ଶୋଇପଡ଼ିଥିଲେ। ସକାଳେ ଘର ଦୁଆରରେ ଜାନକୀଙ୍କ ପାଟିରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମରି ପଡ଼ିଥିବାର ପୁଅ ଦେଖିଥିଲେ। ଜାନକୀଙ୍କୁ କାଠଫାଳିଆରେ ପିଟି ପିଟି ମାରିଦେଇଥିବା ପାଣ୍ଡୁ ସ୍ୱୀକାର କରିଥିବା ଥାନା ଅଧିକାରୀ ଶ୍ରବଣ କୁମାର ମହାରଣା କହିଛନ୍ତି। ଏନେଇ ପୋଲିସ ଏକ ହତ୍ୟା ମାମଲା (ନଂ.୧୪୬/୨୪) ରୁଜୁ କରି ମତଦେହ ବ୍ୟବଚ୍ଛେଦ ପାଇଁ ସୋର ଡାକ୍ତରଖାନାକୁ ପଠାଇଛି।

## ଖୁଡ଼ୀଙ୍କ ନଗ୍ନ ଫଟୋ ଭାଇରାଲକରି ପୁତୁରା ଗିରଫ

ବୁଗୁଡା,୧୯।୭(କାଳିଚରଣ ଦାଶ)

ସମ୍ପର୍କୀୟ ଖୁଡ଼ୀ ସହ ଶାରୀରିକ ସମ୍ପର୍କ ରଖିବା ସହ ତାଙ୍କର ନଗ୍ନ ଫଟୋ ଭାଇରାଲ ଅଭିଯୋଗରେ ପୁତୁରା ଗିରଫ ହୋଇଛନ୍ତି। ଗିରଫ ଯୁବକ ହେଲେ ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ଖରିଡ଼ା ଗ୍ରାମର ନେଇନା ବିଷୋୟୀ (୪୦)। ଅଭିଯୋଗ ପ୍ରକାରେ ସୁରତରେ ଦାଦନ ଖଟୁଥିବା ନେଇନା ତାଙ୍କ ସମ ବୟସ୍କା ବିଧବା ଖୁଡ଼ୀ ସହ ସମ୍ପର୍କ ରଖିଆସୁଥିଲେ। ନେଇନାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଗତ ଏପ୍ରିଲ୍ ୧୦ରେ ସେ ସମ୍ପର୍କୀୟ ଖୁଡୀ ସହ ଶାରୀରିକ ସମ୍ପର୍କ ରଖିଥିଲେ। ସେ ସମୟର ତାଙ୍କର ନଗ୍ନ ଫଟୋ ଉତ୍ତୋଳନ କରି ମୋବାଇଲ ଫୋନ୍‌ରେ ରଖିଥିଲେ। ଦୁଇ ଦିନ ତଳେ ପୁଣି ଶାରୀରିକ ସମ୍ପର୍କ ରଖିବାକୁ ଖୁଡ଼ୀକୁ ବାଧ୍ୟ କରିଥିଲେ। ଏଥିରେ ସେ ଅରାଜି ହେବାରୁ ତାଙ୍କ ଘରେ ପଶି ମାଡ଼ ମାରିବା ସହ ତାଙ୍କର ନଗ୍ନ ଫଟୋ ଭାଇରାଲ କରି ଦେଇଥିଲେ। ଏ ନେଇ ସମ୍ପର୍କୀୟ ଖୁଡ଼ୀ ବାଲିପଦର ଫାଣ୍ଡିରେ ଏତଲା ଦେଇଥିଲେ। ପୋଲିସ ନେଇନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଇଆଇସି ପ୍ରଭାତ ରଞ୍ଜନ ମହାନ୍ତି କହିଛନ୍ତି।

## ଗଛରେ ପିଟିହେଲା ଆମ୍ବୁଲାନ୍ସ: ରୋଗୀ ମୃତ, ୪ ଗୁରୁତର

ବିଞ୍ଝାରପୁର/ପ୍ରୀତିପୁର,୧୯।୭
(ରାମକୃଷ୍ଣ ଦାସ/ସୁଶାନ୍ତ ବେହୁରିଆ)



ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସ।

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ୍ ଅନ୍ତର୍ଗତ ଚାଉଁନ୍ତରା ଛକରେ ଶୁକ୍ରବାର ରାତିରେ ଏକ ଘରୋଇ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ଆମ୍ବୁଲାନ୍ସରେ ଥିବା ଜଣେ ରୋଗୀଙ୍କ ମୃତ୍ୟୁ ହୋଇଛି। ଅନ୍ୟ ୪ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଟିଣା ପଞ୍ଚାୟତର ଆନନ୍ଦ ଜେନା(୭୦)। ଆନନ୍ଦ କଟକସ୍ଥିତ ଆଚାର୍ଯ୍ୟ ହରିହର କର୍କଟ ହସ୍ପିଟାଲରୁ ଚିକିତ୍ସିତ ହୋଇ ଘରକୁ ଫେରୁଥିବା ସମୟରେ ଆମ୍ବୁଲାନ୍ସ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ଆନନ୍ଦଙ୍କ ମୃତ୍ୟୁ ହୋଇଥିଲା। ଆମ୍ବୁଲାନ୍ସରେ ଥିବା ତାଙ୍କ ସ୍ତ୍ରୀ କନକଲତା ଜେନାଙ୍କ ଅଣ୍ଟାରେ ଗଭୀର ଆଘାତ ଲାଗିବା ସହିତ ପୁଅ ସଞ୍ଜୟ ଜେନାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଛି। ଆନନ୍ଦଙ୍କ ଜ୍ୱାଇଁ ବନମାଳୀ ଜେନା ମଧ୍ୟ ଗୁରୁତର ହୋଇଛନ୍ତି। ଆମ୍ବୁଲାନ୍ସର ଚାଳକ କଟକ ନିଆଳି ଅଞ୍ଚଳର ଜଣାପଡ଼ିଥିବା ବେଳେ ସେ ମଧ୍ୟ ଗୁରୁତର ହୋଇ କଟକ ବଡ଼ ମେଡିକାଲରେରେ ଭର୍ତ୍ତି ହୋଇଛନ୍ତି ବୋଲି ଯାଜପୁର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସୂଚନା ଦେଇଛନ୍ତି। ବିଞ୍ଝାରପୁର ପୋଲିସ ଆନନ୍ଦଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହିତ ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସକୁ ଜବତକରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ବିଧାୟିକା ପ୍ରମିଳା ମଲିକ, ବ୍ଲକ୍ ଅଧକ୍ଷା ରଞ୍ଜିତା କୁମାରୀ ଦାସ ଓ ସରପଞ୍ଚ ବିଟାରଶ୍ମି ମଲ୍ଲିକ ପ୍ରମୁଖ ଗଭୀର ଶୋକପ୍ରକାଶ କରିଛନ୍ତି।

## ଲାଞ୍ଚ ନେଇ ଧରାପଡ଼ିଲେ ଡାକ୍ତର

ରାମଚନ୍ଦ୍ରପୁର, ୧୯।୭(ଗଣେଶ୍ୱର ସା)



ଡା. ରଞ୍ଜୀବ ରାଉତ

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ରଞ୍ଜୀବ ରାଉତ ଶୁକ୍ରବାର ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଏ ସଂକ୍ରାନ୍ତରେ ଏକ ମାମଲା(ନଂ. ୭/୨୪) ରୁଜୁ ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ବାଲେଶ୍ୱର ଭିଜିଲାନ୍ସ ଏସ୍‌ପି ନରହରି ନାୟକ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ରାମଚନ୍ଦ୍ରପୁର ଥାନା ଅଧୀନ ଅଳତି ଗ୍ରାମର ଦେବବ୍ରତ ସାହୁ ଏକ ଠିକା ସଂସ୍ଥା ଜରିଆରେ ଯୋଗ ଶିକ୍ଷକ ଭାବେ ସାଇଁକୁଳ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରେ ଚାକିରି କରନ୍ତି। ଡା. ରାଉତ ପ୍ରତିମାସରେ ଦେବବ୍ରତଙ୍କ ଦରମାର ୨୦% ନେଇଥାନ୍ତି। ଏହାସହିତ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଅନ୍ୟ ୪ଜଣ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କଠାରୁ ମଧ୍ୟ ମାସିକିଆ ଲାଞ୍ଚ ନିଅନ୍ତି। ଏଥିରେ ଅତିଷ୍ଠ ହୋଇ ଦେବବ୍ରତ ଭିଜିଲାନ୍ସ ବିଭାଗ ସହିତ ଯୋଗାଯୋଗ କରିଥିଲେ। ଶୁକ୍ରବାର ଅତିରିକ୍ତ ଏସ୍‌ପି ମହେଶ୍ୱର ସେଠୀଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରିଥିଲା। ଅପରାହ୍ନ ୧ଟା ସମୟରେ ଦେବବ୍ରତ କେମିକାଲ ବୋଳା ୨୦,୮୦୦ ଟଙ୍କା ଡାକ୍ତର ରାଉତଙ୍କୁ ଦେଇଥିଲେ। ଏହି ସମୟରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ବିଭାଗ କର୍ମଚାରୀମାନେ ଡା.ରାଉତଙ୍କୁ ମାଡ଼ି ବସିଥିଲେ। ପରେ ଡାକ୍ତରଙ୍କ ବାସଭବନ ସହିତ ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉରେ ଭିଜିଲାନ୍ସ ଡିଏସ୍‌ପି ଦୁଷ୍ମନ୍ତ ନାୟକଙ୍କ ସମେତ ଉଦ୍ରକ ଓ ବାଲେଶ୍ୱର ଭିଜିଲାନ୍ସ ଟିମ୍ ସାମିଲ ଥିଲେ।

## ବାଇକ୍ ଚୋରି ର୍‍ୟାକେଟ୍ ଠାବ, ୩ ଗିରଫ

ରାୟଗଡା, ୧୯।୭(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ଚାନ୍ଦିଲି ପୋଲିସ ବାଇକ ଚୋରି ର୍‍ୟାକେଟକୁ ଧରିବାରେ ସଫଳ ହୋଇଛି। ଏହି ମାମଲାରେ ପୋଲିସ ୩ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବନାଲା ଜାକ୍ରାୟ(୩୫), ପେଟାଲା ନବୀନ(୨୨) ଏବଂ ବନାଲା ରବି(୨୦)। ସେମାନଙ୍କଠାରୁ ପୋଲିସ ୨ଟି ଚୋରା ବାଇକ୍ (ଓଡି୦୭ଏଏ୬୫୫୨) ଏବଂ (ଓଡି୦୫ଏଫ୯୬୬୬) ସହିତ ୩ଟି ମୋବାଇଲ ଫୋନ ଓ ନଗଦ ୨୩୦୦୦ ଟଙ୍କା ଜବତ କରିଛି। ଏ ନେଇ ରାୟଗଡା ଏସଡିପିଓ ରଶ୍ମି ରଞ୍ଜନ ସେନାପତି ଚାନ୍ଦିଲି ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ ୯ତାରିଖରେ ଅମ୍ଲାଭଟା ଗ୍ରାମର ଏକାମ୍ର ମହାରଣାଙ୍କ ବାଇକ୍ ଚୋରି ହୋଇଥିବା ନେଇ ଚାନ୍ଦିଲି ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ଥାନା ଅଧିକାରୀ ପ୍ରସନ୍ନ କୁମାର ବେହେରାଙ୍କ ନେତୃତ୍ୱରେ ଏକ ଟିମ ବିଭିନ୍ନ ସ୍ଥାନରେ ତଦନ୍ତ କରି ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରିଛନ୍ତି। ଉକ୍ତ ୩ ଅଭିଯୁକ୍ତ ଚାନ୍ଦିଲି ଥାନାର ଅନ୍ୟ ଏକ କେଶ ୧୨୫, ଗୁଣପୁର ଥାନାର ୨ଟି କେଶ ୨୨ ଏବଂ ୧୫୭ ସମେତ ରାୟଗଡା ଟାଉନ ଥାନାର ୨ଟି ମାମଲା କେଶ ନମ୍ବର ୧୫୯ ଓ ୧୬୦ରେ ଜଡିତ ଥିବା ପୋଲିସ ସୂଚନା ଦେଇଛି।

## ଓଲଟିଲା ଟ୍ୟାଙ୍କର: ୬ ଘଣ୍ଟା ଗାଡ଼ି ଚଳାଚଳ ବନ୍ଦ

କୋରାପୁଟ,୧୯।୭
(ଅମିତାଭ ବେହେରା)



ଓଲଟି ପଡ଼ିଥିବା ଟ୍ୟାଙ୍କର।

କୋରାପୁଟରୁ ସୁନାବେଡ଼ା ଯାଇଥିବା ୨୬ ନଂ. ଜାତୀୟ ରାଜପଥର କୋରାପୁଟ ଟାଉନ ଥାନା ଅନ୍ତର୍ଗତ ଡୁମୁରିପୁଟରେ ଶୁକ୍ରବାର ଭୋର ସମୟରେ ଭାରସାମ୍ୟ ହରାଇ ଏକ ସିମେଣ୍ଟ ବୋଝେଇ ଟ୍ୟାଙ୍କର ଓଲଟି ପଡ଼ିଥିଲା। ଫଳରେ ଦୀର୍ଘ ୬ ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ ହୋଇଥିଲା। ଏଥିଯୋଗୁ ରାଜପଥର ଉଭୟ ପାର୍ଶ୍ୱରେ ଶତାଧିକ ବସ୍, ଟ୍ରକ୍ ଓ ଚାରିଚକିଆ ଯାନ ଅଟକିରହିଥିଲା। ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହି ଟ୍ୟାଙ୍କରଟି ସିମେଣ୍ଟ ଧରି ଆନ୍ଧ୍ରପ୍ରଦେଶରୁ କୋରାପୁଟ ଅଭିମୁଖେ ଆସୁଥିବା ବେଳେ ଭୋର ୫ଟାରେ ଡୁମୁରିପୁଟ ନିକଟରେ ଭାରସାମ୍ୟ ହରାଇ ରାଜପଥ ଉପରେ ଓଲଟି ପଡ଼ିଥିଲା। ଫଳରେ ଉକ୍ତ ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। କଟକ, ଭୁବନେଶ୍ୱର,ବ୍ରହ୍ମପୁର,ବିଶାଖାପାଟଣା, ସମ୍ବଲପୁର, ବଲାଙ୍ଗୀର, ରାୟପୁରରୁ ଆସୁଥିବା ବସ୍ ସମେତ ଟ୍ରକ୍ ଓ ଚାରିଚକିଆ ଗାଡ଼ିଗୁଡିକ ରାସ୍ତାର ଉଭୟ ପାର୍ଶ୍ୱରେ ଛିଡାହୋଇ ରହିଥିଲା। ଖବର ପାଇ କୋରାପୁଟ ଟାଉନ ଥାନା ଅଧିକାରୀ ପ୍ରମୋଦ ନାୟକ, ଡୁମୁରିପୁଟ ଫାଣ୍ଡି ଅଧିକାରୀ କେ.ସି. ମିଶ୍ର, ଓଡ୍ରାଫ ଟିମ୍ ସହ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ମେସିନ ଦ୍ୱାରା ରାସ୍ତାରୁ ଟ୍ୟାଙ୍କରକୁ ହଟାଇଥିଲେ। ପରେ ଗାଡ଼ିମୋଟର ଚଳାଚଳ ସ୍ୱାଭାବିକ ହୋଇଥିଲା।

## ସୁରକ୍ଷା କର୍ମୀଙ୍କ ଗୁଳିରେ ମହିଳା ମାଓବାଦୀ ନିହତ

ମାଲକାନଗିରି,୧୯।୭(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସୀମାନ୍ତ ଛତିଶଗଡ଼ର ଦାନ୍ତେୱାଡାରେ ସୁରକ୍ଷାକର୍ମୀ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟରେ ଜଣେ ମହିଳା ମାଓବାଦୀ ନିହତ ହୋଇଛନ୍ତି। ସେ ହେଲେ ଗଙ୍ଗାଲୁର ଏରିଆ କମିଟିର ଏସିଏମ୍ ଶୁକ୍କି ପୁନେମ(୩୭)। ତାଙ୍କୁ ଧରିବା ପାଇଁ ସରକାରଙ୍କ ପକ୍ଷରୁ ୫ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା।

ଖବରରୁ ଜଣାପଡିଛି, ୩ ଦିନ ତଳେ ଦାନ୍ତେୱାଡା ଜିଲା ଅରନପୁର ଥାନା ଅନ୍ତର୍ଗତ କିରନଦୁଲ, ସୁକ୍‌ମା ଜିଲାର ଜଗରଗୁଣ୍ଡା ଥାନା ଓ ବିଜାପୁର ଜିଲାର ବାସାଗୁଡା ଥାନା ଅନ୍ତର୍ଗତ ଗଙ୍ଗାଲୁର ସୀମାବର୍ତ୍ତୀ ଅଞ୍ଚଳର ଜଙ୍ଗଲରେ ମାଓବାଦୀ ସଙ୍ଗଠନର ଦରଭା ଡିଭିଜନର ଡିବିସିଏମ୍ ସଚିବ ଜଗଦୀଶ, ପଶ୍ଚିମ ବସ୍ତର ଡିଭିଜନ ଡିବିସିଏମ୍ ଦୀନେଶ ଏବଂ ମିଲିଟାରି କମ୍ପାନୀ ନଂ.-୨ର କମାଣ୍ଡର ବେଲ୍ଲା ଉପସ୍ଥିତ ଥିବା ଖବର ପୋଲିସକୁ ମିଳିଥିଲା। ଏହି ଖବରକୁ ଭିତ୍ତିକରି ସୁରକ୍ଷାକର୍ମୀ ସମ୍ପୃକ୍ତ ଅଞ୍ଚଳର ଜଙ୍ଗଲଗୁଡିକରେ ତଲାସି ଅଭିଯାନ ଚଳାଇଥିଲେ। ଗୁରୁବାର ରାତିରେ ସୁରକ୍ଷାକର୍ମୀ ଏବଂ ମାଓବାଦୀ ମୁହାଁମୁହିଁ ହୋଇଥିଲେ। ଉଭୟ ପକ୍ଷଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଗୁଳି ବିନିମୟ ହୋଇଥିଲା। ସୁରକ୍ଷା କର୍ମୀଙ୍କ ଗୁଳିର ସାମ୍ନା କରି ନ ପାରି ମାଓବାଦୀମାନେ ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇଥିଲେ। ପରେ ସୁରକ୍ଷାକର୍ମୀମାନେ ଜଙ୍ଗଲରେ ତଲାସି କରିବା ବେଳେ ଶୁକ୍କିଙ୍କ ମୃତଦେହ ମିଳିଥିଲା। ଏଥିସହ ସୁରକ୍ଷା କର୍ମୀ ୧୨ବୋର ବନ୍ଧୁକ ଏବଂ ବହୁ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରି ଫେରିଥିଲେ। ଶୁକ୍କି ୨୦୦୪ରୁ ମାଓବାଦୀ ସଙ୍ଗଠନରେ ସକ୍ରିୟ ରହି ଏଲ୍‌ଜିଏସ୍ (ଲୋକାଲ ଗୋରିଲା ସ୍କ୍ୱାଡ୍)ପ୍ଲାଟୁନ-୧୨ରେ କାର୍ଯ୍ୟ କରୁଥିଲେ। ପରେ ସେ ଗଙ୍ଗାଲୁର ଏରିଆ କମିଟିର ଏସିଏମ୍ ହୋଇଥିଲେ। ସେ ବିଭିନ୍ନ ହିଂସାକାଣ୍ଡରେ ଜଡିତ ଥିବା ଦାନ୍ତେୱାଡା ପୋଲିସ ପକ୍ଷରୁ କୁହାଯାଇଛି।

## ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

ଫୁଲବାଣୀ,୧୯।୭
(ରାକେଶ କୁମାର ରାଉତ)

ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାର ବିଚାର କରି ଫୁଲବାଣୀ ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ଶୁକ୍ରବାର ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲ ଦଣ୍ଡ ସହ ୬୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ସାଢ଼େ ୩ ବର୍ଷ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ବାଲିଗୁଡା ଥାନା ବାଲିକିଆ ଗ୍ରାମର ତାଲେଶ୍ୱର ମଲିକ।

୨୦୨୨ ମାର୍ଚ୍ଚ ୬ରେ ନାବାଳିକା(୧୩) ଜଣକ ରାତି ୭ଟାରେ ଟିଭି ଦେଖିବାକୁ ଅଭିଯୁକ୍ତ ତାଲେଶ୍ୱରଙ୍କ ଘରକୁ ଯାଇଥିଲେ। ଚକୋଲେଟ୍ ଦେବା ବାହାନାରେ ତାଲେଶ୍ୱର ପୀଡିତାଙ୍କ ପାଟି ବନ୍ଦ କରି ନିକଟସ୍ଥ ବିଲମାଳ ଆଡକୁ ଟେକି ନେଇ ବଳାତ୍କାର କରିଥିଲେ। ପୀଡ଼ିତା ଅଚେତ ହୋଇଯିବାରୁ ତାଙ୍କୁ ଛାଡି ପଳାଇଥିଲେ। ଗ୍ରାମର ଜଣେ ବ୍ୟକ୍ତି ସୁନୀଲ୍ ମଲିକ ଶୌଚ ପାଇଁ ଗଲା ବେଳେ ନାବାଳିକାଙ୍କୁ ଏହି ଅବସ୍ଥାରେ ଦେଖି ତାଙ୍କ ଘରକୁ ଖବର ଦେଇଥିଲେ। ନାବାଳିକାଙ୍କ ମା' ଏବଂ ବଡ଼ ମା' ଘଟଣାସ୍ଥଳକୁ ଯାଇ ଅଚେତ ଅବସ୍ଥାରେ ଝିଅକୁ ଘରକୁ ଆଣିଥିଲେ। ଝିଅର ଚେତା ଫେରିବା ପରେ ଘଟଣା ସମ୍ପର୍କରେ ଜାଣି ସେମାନେ ୭ ତାରିଖରେ ବାଲିଗୁଡ଼ା ଥାନାରେ ଏତଲା ଦେଇଥିଲେ। ପୋଲିସ ୫୫/୨୨ ନମ୍ବରରେ ମାମଲା ରୁଜୁ କରି ତାଲେଶ୍ୱରଙ୍କୁ ଗିରଫ କରିଥିଲା। ବିଚାରପତି ୧୬ ଜଣ ସାକ୍ଷୀ, ଡାକ୍ତରୀ ରିପୋର୍ଟକୁ ଆଧାର କରି ଉପରୋକ୍ତ ଦଣ୍ଡାଦେଶ ଦେବା ସହ ପୀଡିତାଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପି.ପି. ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ।

## ମହିଳାଙ୍କ ୬.୭ ଲକ୍ଷ ଠକିନେଲେ ପୂର୍ବତନ ନଗରପାଳ

ବ୍ରହ୍ମପୁର, ୧୯।୭(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ବ୍ରହ୍ମପୁର ଟାଉନ ଥାନା ଅଞ୍ଚଳରେ ରହୁଥିବା ଜଣେ ବିଧବା ୬ ଲକ୍ଷ ୭୦ ହଜାର ଟଙ୍କା ଠକେଇର ଶିକାର ହୋଇଛନ୍ତି। ତାଙ୍କଠାରୁ ବ୍ରହ୍ମପୁର ମହାନଗର ନିଗମ (ବିଇଏମ୍‌ସି) ପୂର୍ବତନ ନଗରପାଳ ପି. ଭିମିଡୁ ଠକି ନେଇଥିବା ସେ ଅଭିଯୋଗ କରିଛନ୍ତି। ପୋଲିସ ଏ ସଂକ୍ରାନ୍ତରେ ୨୨୩/୨୪ରେ ମାମଲା ରୁଜୁ କରି ତଦନ୍ତ କରୁଥିବା କହିଛି।

ଅଭିଯୋଗକାରୀ ମହିଳାଙ୍କ ସରଳତାର ସୁଯୋଗ ଉଠାଇ ତାଙ୍କୁ ତାଙ୍କ ଇଚ୍ଛା ବିରୋଧରେ ପୂର୍ବତନ ନଗରପାଳ ବଳାତ୍କାର କରୁଥିଲେ। ୨୦୧୬ରେ ପୂର୍ବତନ ନଗରପାଳ ମହିଳାଙ୍କ ନିକଟରୁ ୬ ଲକ୍ଷ ୭୦ ହଜାର ଟଙ୍କା ଧାର ସୂତ୍ରରେ ନେଇଥିଲେ। ପ୍ରତିବଦଳରେ ସେ ଏକ ଷ୍ଟାମ୍ପ ପେପରରେ ଉକ୍ତ ଟଙ୍କା ନେଇଛନ୍ତି ଏବଂ ନିର୍ଦ୍ଧାରିତ ସମୟରେ ଫେରାଇଦେବେ ବୋଲି ଲେଖିଥିଲେ। ତେବେ ନିର୍ଦ୍ଧାରିତ ସମୟ ପରେ ମହିଳା ଜଣଙ୍କ ପୂର୍ବତନ ନଗରପାଳଙ୍କ ଘରକୁ ଯାଇ ଧାର ଟଙ୍କା ମାଗିଥିଲେ। କିନ୍ତୁ ପୂର୍ବତନ ନଗରପାଳ ଓ ତାଙ୍କ ପୁଅ ମିଶି ମହିଳାଜଣଙ୍କୁ ମାରପିଟ୍ କରି ଘରୁ ତଡ଼ି ଦେଇଥିଲେ। ଏ ନେଇ ଥାନାରେ ଅଭିଯୋଗ କଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ତେବେ ମହିଳା ଜଣକ ସ୍ୱାମୀ ଓ ଦୁଇ ପୁଅଙ୍କ ହରାଇ ଘରେ ଏକାକୀ ରହୁଛନ୍ତି। ତେଣୁ ତାଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ପୁଣି ଶୁକ୍ରବାର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏ ନେଇ ପୂର୍ବତନ ନଗରପାଳ ପି. ଭିମୁଡୁଙ୍କୁ ପଚାରିବାରୁ ଏହା ଏକ ମିଥ୍ୟା ଅଭିଯୋଗ ବୋଲି କହିଛନ୍ତି।

# ଜୁନ୍ ଶେଷ ସୁଦ୍ଧା ରିଲାଏନ୍ସ ଜିଓର ନେଟ୍ ଲାଭ ୧୧.୭%କୁ ବୃଦ୍ଧି

■ରିଲାଏନ୍ସ ରିଟେଲର ନେଟ୍ ଲାଭ ୭୫,୬୧୫ କୋଟି
■ଆରଆଇଏଲ୍‌ର ମୋଟ ନେଟ୍ ଲାଭ ୧୭,୪୪୮ କୋଟି

ନୂଆଦିଲ୍ଲୀ,୧୯।୭ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆରଆଇଏଲ୍)ର ନିର୍ଦ୍ଦେଶକମଣ୍ଡଳୀ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରିଲାଏନ୍ସ ଗ୍ରୁପର ପ୍ରମୁଖ କମ୍ପାନୀ ଆରଆଇଏଲ୍ ସମେତ ରିଲାଏନ୍ସ ଜିଓ ଏବଂ ରିଲାଏନ୍ସ ରିଟେଲର କାରବାର ସହ ଆଗାମୀ କାର୍ଯ୍ୟକଳାପ ସହ ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଫଳାଫଳ ମଧ୍ୟ ଘୋଷଣା




କରାଯାଇଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଜିଓ ପ୍ଲାଟଫର୍ମସର ନେଟ୍ ଲାଭ ଗତ ବର୍ଷ ସମାନ ଅବଧି ତୁଳନାରେ ପ୍ରାୟ ୧୧.୭% ବୃଦ୍ଧି ସହିତ ୫୬୯୮ କୋଟି ଟଙ୍କା ହୋଇଥିବାବେଳେ ୨୦୨୪ ଅପ୍ରେଲରୁ ଜୁନ ଶେଷ (ପ୍ରଥମ ତ୍ରୈମାସ) ମଧ୍ୟରେ ଜିଓ ୮୦ ଲକ୍ଷ ଉପଭୋକ୍ତା ଯୋଡିବା ସହ ୨୦୨୪ ଜୁନ୍ ଶେଷ ସୁଦ୍ଧା ଜିଓ ନେଟୱର୍କର ମୋଟ ଗ୍ରାହକ ସଂଖ୍ୟା ୪୮.୯୦କୋଟି ରହିଥିବା ଜଣାପଡିଛି। ଏପରିକି ଜିଓ ଏୟାରଫାଇବର ଏହି ତ୍ରୈମାସରେ ସର୍ବାଧିକ ୧୧ ଲକ୍ଷ ଉପଭୋକ୍ତା ଯୋଡିଥିବାବେଳେ ଜିଓର ଗ୍ରାହକ ପିଛା ପ୍ରତିମାସ ରାଜସ୍ୱ ୧୮୧.୭ ଟଙ୍କା ରହିଛି। ବର୍ତ୍ତମାନ ଦେଶରେ ୧୩ କୋଟି ୫ଜି ଉପଭୋକ୍ତା ଜିଓର ମୋଟ ୱାୟରଲେସ୍ ଡାଟା ଟ୍ରାଫିକର ୩୧% ବ୍ୟବହାର କରିଥିବାବେଳେ ଚାଇନ ପରେ ଜିଓ ବିଶ୍ୱର ସର୍ବବୃହତ୍ ୫ଜି ଅପରେଟର ହୋଇଛି। ଏହି ତ୍ରୈମାସରେ ଜିଓର ମୋଟ ଡାଟା ଟ୍ରାଫିକ ୩୨.୮% ବୃଦ୍ଧି ସହ ୪୪.୧ ବିଲିଅନ ଜିବି ହୋଇଥିବା ବେଳେ ଭଏସ ଟ୍ରାଫିକ ଗତବର୍ଷ ସମାନ ସମୟ ତୁଳନାରେ ୬% ବୃଦ୍ଧି ପାଇ ୧.୪୨ ଟ୍ରିଲିଅନ ମିନିଟ ହୋଇଥିବା କମ୍ପାନୀ ପକ୍ଷରୁ ପ୍ରକାଶ କରାଯାଇଛି। ସେହିଭଳି ରିଲାଏନ୍ସ ରିଟେଲର ପ୍ରଥମ ତ୍ରୈମାସର ଆର୍ଥିକ ଫଳାଫଳ ଅନୁସାରେ ରିଲାଏନ୍ସ ରିଟେଲର ମୋଟ ଆୟ ଗତବର୍ଷ ସମାନ ସମୟ ତୁଳନାରେ ୮.୧% ବୃଦ୍ଧି ସହିତ ୭୫,୬୧୫କୋଟି ଟଙ୍କା ହୋଇଛି। ଏହି ତ୍ରୈମାସରେ ରିଲାଏନ୍ସ ରିଟେଲ ୩୩୧ ନୂଆ ଷ୍ଟୋର ଖୋଲିବା ସହ ଏହାର ମୋଟ ଷ୍ଟୋର ସଂଖ୍ୟା ୨୦୨୪ ଜୁନ୍ ଶେଷ ସୁଦ୍ଧା ୧୮୯୧୮ରେ ପହଞ୍ଚିଛି। ସେହିପରି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍‌ର ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ମୋଟ ରାଜସ୍ୱ ଗତବର୍ଷ ସମାନ ସମୟ ତୁଳନାରେ ୧୧.୫ % ବୃଦ୍ଧି ସହିତ ୨,୫୭,୮୨୩କୋଟି ଟଙ୍କା ହୋଇଛି। ଏହି ତ୍ରୈମାସରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍‌ର ମୋଟ ନେଟ୍ ଲାଭ ୧୭୪୪୮ କୋଟି ଟଙ୍କା ରହିଛି।

## ଖସିଲା ଶେୟାର ବଜାର


ନୂଆଦିଲ୍ଲୀ,୧୯।୭ (ଅଭୟ ଦାଶ)

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ ଦିନର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ କୋଟି ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ)ର ସେନ୍‌ସେକ୍ସ ୭୩୮ (୭୩୮.୮୧) ପଏଣ୍ଟ କମି ୮୦,୬୦୫ (୮୦,୬୦୪.୬୫) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୨୭୦(୨୬୯.୯୫) ପଏଣ୍ଟ ହ୍ରାସ ଘଟି ୨୪,୫୩୧(୨୪,୫୩୦.୯୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲ୍‌କ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟିମିଡ୍‌କ୍ୟାପ୍, ସ୍ମଲ୍‌କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

## ଓଡ଼ିଶା ଜିଓ ୧ ନଂ. ଡିଜିଟାଲ ସେବା ପ୍ରଦାନକାରୀ

ଭୁବନେଶ୍ୱର,୧୯।୭ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓ ଓଡ଼ିଶାରେ ୧ ନଂ. ଡିଜିଟାଲ ସେବା ପ୍ରଦାନକାରୀ ଭାବେ ନିଜର ସ୍ଥାନ ସୁଦୃଢ଼ କରିଛି। ଏପରିକି ରିଲାଏନ୍ସ ଜିଓ ୨୦୨୪ ମେ'ରେ ଉଭୟ ୱାୟରଲେସ୍ ଏବଂ ୱାୟାରଲାଇନ କ୍ଷେତ୍ରରେ ମଧ୍ୟ ରାଜ୍ୟରେ ସର୍ବାଧିକ ନୂଆ ଗ୍ରାହକ ଯୋଡ଼ିଛି। ଭାରତୀୟ ଦୂରସଞ୍ଚାର ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ପକ୍ଷରୁ ପ୍ରକାଶିତ ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟ ଅନୁଯାୟୀ ୨୦୨୪ ମେ'ରେ ଜିଓ ରାଜ୍ୟର ସର୍ବାଧିକ ୧.୮୫ ଲକ୍ଷରୁ ଉର୍ଦ୍ଧ୍ୱ ନୂଆ ମୋବାଇଲ ଉପଭୋକ୍ତା ଯୋଡିଥିବା ବେଳେ ଏୟାରଟେଲ, ଭୋଡାଫୋନ୍ ଆଇଡିଆ (ଭି) ଓ ବିଏସ୍‌ଏନ୍‌ଏଲ୍ ଭଳି ଅପରେଟରେ ଏହି ମାସରେ ଓଡ଼ିଶାରୁ ହଜାର ହଜାର ଗ୍ରାହକ ହରାଇଛନ୍ତି। ଏପ୍ରସହ ୨୦୨୪ ମେ' ୩୧ ସୁଦ୍ଧା ଓଡ଼ିଶାରେ ଜିଓ ନେଟ୍‌ୱର୍କର ମୋଟ ମୋବାଇଲ ଗ୍ରାହକଙ୍କ ସଂଖ୍ୟା




ପ୍ରାୟ ୧.୫୫ କୋଟି ହୋଇଛି। ୨୦୨୪ ମେ'ରେ ଓଡ଼ିଶାର ମୋଟ ଉପଭୋକ୍ତା ସଂଖ୍ୟାରେ ୧,୫୪,୧୪୧ ବୃଦ୍ଧି ସହ ରାଜ୍ୟରେ ମୋଟ ମୋବାଇଲ ଗ୍ରାହକ ସଂଖ୍ୟା ମେ ଶେଷ ସୁଦ୍ଧା ୩.୩୮କୋଟିକୁ ବୃଦ୍ଧି ହୋଇଛି। ଓଡ଼ିଶାରେ ସର୍ବାଧିକ ପସନ୍ଦ ଡିଜିଟାଲ ସେବା ପ୍ରଦାନକାରୀ ଭାବେ ଜିଓ କ୍ରମାଗତ ଭାବେ ଅଗ୍ରଣୀ ସ୍ଥାନ ହାସଲ କରିଥିବାବେଳେ ପ୍ରତି ମାସରେ ସର୍ବାଧିକ ନୂଆ ଗ୍ରାହକ ଯୋଡ଼ିବା ସହ ଓଡ଼ିଶା ଟେଲିକମ୍ ବଜାରରେ ନିଜର ନେତୃତ୍ୱ ସ୍ଥାନକୁ ଆହୁରି ସୁଦୃଢ଼ କରିଛି।

# ଜ୍ୱର ପାଇଁ ଫିଭୋଗ୍ରିଟ୍ ହେଉଛି ସର୍ବୋତ୍ତମ ଔଷଧ: ପତଞ୍ଜଳି

ଭୁବନେଶ୍ୱର,୧୯।୭(ଅନୁରାଧା ମହାରଣା)

ଜ୍ୱର ଚିକିତ୍ସାରେ ବ୍ୟବହୃତ ଏଲୋପ୍ୟାଥିକ୍ ଔଷଧର ପାର୍ଶ୍ୱ ପ୍ରତିକ୍ରିୟା ରହୁଥିବାବେଳେ ଆୟୁର୍ବେଦିକ ଔଷଧ 'ଫିଭୋଗ୍ରିଟ୍' ସର୍ବୋତ୍ତମ ଔଷଧ ବୋଲି ପତଞ୍ଜଳି ଦାବି କରିଛି। ପତଞ୍ଜଳି ପକ୍ଷରୁ ଏନେଇ କରାଯାଇଥିବା ଅଧ୍ୟୟନ ଆମେରିକାର ପ୍ରସିଦ୍ଧ ରିସର୍ଚ୍ଚ ଜର୍ନାଲ 'ଆନିମଲ ମଡେଲ ଆଣ୍ଡ ଏକ୍ସପେରିମେଣ୍ଟାଲ ମେଡିସିନ୍'ରେ ପ୍ରକାଶ ପାଇଛି। ଏହି ଅଧ୍ୟୟନ ଅନୁସାରେ ଶରୀରରେ ଯେକୌଣସି ପ୍ରକାର ସଂକ୍ରମଣ ଏବଂ ପ୍ରଦାହ ହୁଏ, ପ୍ରତିରକ୍ଷା କୋଷଗୁଡ଼ିକ ଅନେକ ପ୍ରକାର ପ୍ରଦାହକାରୀ ସାଇଟୋକାଇନ ସୃଷ୍ଟି କରନ୍ତି। ଫିଭୋଗ୍ରିଟ୍ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ବିନା ଜ୍ୱର ସୃଷ୍ଟି କରୁଥିବା କାରଣକୁ ଭଲ କରିବାରେ ସକ୍ଷମ । ଏହି ଅବସରରେ ଆଚାର୍ଯ୍ୟ ବାଲକ୍ରିଷ୍ଣା କହିଛନ୍ତି, ଏହା ଆୟୁର୍ବେଦର ଶକ୍ତି, ଆମେ ନିମିତ୍ତ ମାତ୍ର। ଭାରତୀୟ ସଂସ୍କୃତି ଏବଂ ସଂସ୍କୃତ ପାଇଁ ଗର୍ବର ବିଷୟ । ଆୟୁର୍ବେଦ, ସଂସ୍କୃତ ଏବଂ ଦେବନାଗରୀ ଲିପିର ମୂଳ ଭାଷାରେ ଭାରତୀୟ ଔଷଧୀୟ ବୃକ୍ଷର ନାମ ଏହି ଅନ୍ତର୍ଜାତୀୟ ପତ୍ରିକାରେ ଅନ୍ତର୍ଭୁକ୍ତ କରାଯାଇଥିବା ଆଚାର୍ଯ୍ୟ କହିଛନ୍ତି।

# ଓଲାର ଏସ୍୧ ପୋର୍ଟଫୋଲିଓରେ ଆକର୍ଷଣୀୟ ରିହାତି

ଭୁବନେଶ୍ୱର,୧୯।୭ (ଅଭୟ ଦାଶ)

ଓଲା ଇଲେକ୍ଟ୍ରିକ୍‌ର ବହୁ ପ୍ରତୀକ୍ଷିତ ରିହାତି ଅଫର 'ସଞ୍ଚୟ ସୁବିଧା' ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଗ୍ରାହକମାନେ ଓଲା ଏସ୍୧ ପୋର୍ଟଫୋଲିଓ (ଏସ୍୧ ସ୍କୁଟରଗୁଡିକ)ର କ୍ରୟ ଉପରେ ୨୫,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ହାସଲ କରିପାରିବେ। ଏହି ରିହାତିର ଅଫର ୨୦୨୪ ଜୁଲାଇ ୨୨ ପର୍ଯ୍ୟନ୍ତ ଉପଲବ୍ଧ। ଉପରୋକ୍ତ ଅଫର ସହ ଗ୍ରାହକମାନେ ଏସ୍୧ ଏକ୍ସ+ ଉପରେ ୧୦,୦୦୦ ଟଙ୍କାର ଫ୍ଲାଟ୍ ରିହାତି ଏବଂ ଏସ୍୧ ପ୍ରୋ ଓ ଏସ୍୧ ଏୟାର ଉପରେ ୫୦୦୦ଟଙ୍କାର ରିହାତି ମଧ୍ୟ ଉପଭୋଗ କରିପାରିବେ। ଏପରିକି କମ୍ପାନୀ ପକ୍ଷରୁ ନିର୍ଦ୍ଦିଷ୍ଟ କ୍ରେଡିଟ୍ କାର୍ଡର ଇଏମ୍‌ଆଇ ଉପରେ ୫୦୦୦ ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ରିହାତି ପ୍ରଦାନ କରାଯାଉଛି। ଇଏମ୍‌ପିଏସ୍ ୨୦୨୪ ଅଧୀନରେ ଉପଭୋକ୍ତାଙ୍କ ପାଇଁ ଦିଆଯାଉଥିବା ୧୦,୦୦୦ ଟଙ୍କାର ସବ୍‌ସିଡି ବ୍ୟତୀତ ଏଭଳି ଅଫରଗୁଡିକ ମଧ୍ୟ ଉପଲବ୍ଧ ରହିଛି। ଏହି ଅଫରଗୁଡିକୁ ପାଇବା ପାଇଁ ଗ୍ରାହକମାନଙ୍କୁ ମୂଲ୍ୟ ବୃଦ୍ଧି ହେବା ପୂର୍ବରୁ କ୍ରୟ ଓ ପଞ୍ଜୀକରଣ କରିବାକୁ ପଡିବ। ଓଲା ଇଲେକ୍ଟ୍ରିକ୍ ଭିନ୍ନ ଭିନ୍ନ ରେଞ୍ଜ ଆବଶ୍ୟକତା ସହ ଗ୍ରାହକଙ୍କ ଚାହିଦା ପୂରଣ କରିବା ପାଇଁ ଆକର୍ଷଣୀୟ ମୂଲ୍ୟ ବିନ୍ଦୁରେ ୬ଟି ଉତ୍ପାଦ ସହ ଏକ ବିସ୍ତୃତ ଏସ୍୧ ପୋର୍ଟଫୋଲିଓ ପ୍ରଦାନ କରୁଛି। ନିକଟରେ ଏହା ଏସ୍୧ର ଏକ ପୋର୍ଟଫୋଲିଓ ସହିତ ମାସ୍-ମାର୍କେଟ ସେଗ୍‌ମେଣ୍ଟରେ ନିଜର ପ୍ରବେଶକୁ ଚିହ୍ନିତ କରିଛି। ୩ଟି ବ୍ୟାଟେରି କନ୍‌ଫିଗ୍ୟୁରେଶନ (୨କେଡବ୍ଲ୍ୟୁଏଚ୍, ୩କେଡବ୍ଲ୍ୟୁଏଚ୍ ଓ ୪କେଡବ୍ଲ୍ୟୁଏଚ୍) ରେ ଉପଲବ୍ଧ ଏହି ସ୍କୁଟରଗୁଡିକର ମୂଲ୍ୟ ବର୍ତ୍ତମାନ ଏହି ଅଫର ଅଧୀନରେ ଯଥାକ୍ରମେ ୭୪,୯୯୯ ଟଙ୍କା, ୮୫,୯୯୯ ଟଙ୍କା ଓ ୯୭,୪୯୯ ଟଙ୍କା ରହିଛି। କମ୍ପାନୀର ଅଫରିଂଗୁଡିକରେ ଏସ୍୧ ପ୍ରୋ, ଏସ୍୧ ଏୟାର ଓ ଏସ୍୧ ଏକ୍ସ+ ସାମିଲ ରହିଛି,ଯାହାର ବର୍ତ୍ତମାନର ମୂଲ୍ୟ ଯଥାକ୍ରମେ ୧,୨୮,୯୯୯ ଟଙ୍କା, ୧,୦୧,୪୯୯ ଟଙ୍କା ଓ ୮୪,୯୯୯ ଟଙ୍କା ରହିଛି।

# ମେଟା ଭେରିଫାଏଡ୍ ସବ୍‌ସ୍କ୍ରିପ୍ସନର ଶୁଭାରମ୍ଭ

ଭୁବନେଶ୍ୱର,୧୯।୭ (ଅଭୟ ଦାଶ)

ଦେଶର ପ୍ରମୁଖ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ତଥା ଅନ୍ତଃରାଷ୍ଟ୍ରୀୟ ଟେକ୍ନୋଲୋଜି କମ୍ପାନୀ ମେଟା (ଫେସ୍‌ବୁକ୍‌ର ପ୍ୟାରେଣ୍ଟ କମ୍ପାନୀ)ର ବହୁ ପ୍ରତୀକ୍ଷିତ ଯୋଜନା 'ଭେରିଫାଏଡ୍ ସବ୍‌ସ୍କ୍ରିପ୍ସନ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ମେଟା ବର୍ତ୍ତମାନ ଭାରତରେ ଫେସ୍‌ବୁକ୍ ଏବଂ ଇନ୍‌ଷ୍ଟାଗ୍ରାମଜନିତ ବ୍ୟବସାୟ ପାଇଁ 'ମେଟା ଭେରିଫାଏଡ୍ ସବ୍‌ସ୍କ୍ରିପ୍ସନ ପ୍ଲାନ୍'ର ଶୁଭାରମ୍ଭ କରିଛି। ସେହିଭଳି ନିଜ ଆପ୍‌ରେ ବ୍ୟବସାୟଗୁଡ଼ିକୁ ସେମାନଙ୍କର ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିବା ପାଇଁ ମେଟା କିପରି ସବୁଠାରୁ ମୂଲ୍ୟବାନ୍ ସବ୍‌ସ୍କ୍ରିପ୍ସନ ଟୁଲ୍‌କିଟ୍ ପ୍ରଦାନ କରିପାରିବ ତାହା ଜାଣିବା ପାଇଁ କମ୍ପାନୀ ଗତବର୍ଷ ବ୍ୟବସାୟଗୁଡିକ ପାଇଁ ମେଟା ଭେରିଫାଏଡ୍ ଆରମ୍ଭ କରିଥିଲା। ଏପରିକି ଚଳିତ ବର୍ଷ ପ୍ରାରମ୍ଭରେ ମେଟା ମଧ୍ୟ ପ୍ରାରମ୍ଭିକ ପରୀକ୍ଷଣକୁ ଗୋଟିଏ ସବ୍‌ସ୍କ୍ରିପ୍ସନ ପ୍ଲାନ୍‌ରୁ ୪କୁ ବୃଦ୍ଧି କରିବାକୁ ଘୋଷଣା କରିଥିଲା ଏବଂ ଗତ ମାସରେ କମ୍ପାନୀ ତା'ର କଞ୍ଜର୍ଭେସନ ସମ୍ମିଳନୀ ସମୟରେ ହ୍ୱାଟ୍‌ସଆପ୍ ଜନିତ ବ୍ୟବସାୟଗୁଡ଼ିକ ପାଇଁ ମେଟା ଭେରିଫାଏଡ୍ ଶୁଭାରମ୍ଭ କରିବାକୁ ଘୋଷଣା କରିଥିଲା। ଏହି ବ୍ୟବସାୟ ପାଇଁ ମେଟା ଭେରିଫାଏଡ୍ ପ୍ଲାନ୍ ପ୍ରତି ମାସରେ ଗୋଟିଏ ଆପ୍ ପାଇଁ ୬୩୯ଟଙ୍କାରୁ ଆରମ୍ଭ ହୋଇ ୨୧,୦୦୦ଟଙ୍କା ପର୍ଯ୍ୟନ୍ତ ଯାଇଥାଏ,ଯାହାକି ମାସକୁ ଦୁଇଟି ଆପ୍ ପାଇଁ ଏକ ପ୍ରାରମ୍ଭିକ ରିହାତି ହାର ବୋଲି କୁହାଯାଉଛି।

ସେହିପରି ଫେସ୍‌ବୁକ୍ ଏବଂ ଇନ୍‌ଷ୍ଟାଗ୍ରାମରେ ବିସ୍ତାରିତ ମେଟା ଭେରିଫାଏଡ୍ ବ୍ୟବସାୟ ଅଫରିଂ ଭେରିଫାଏଡ୍ ବ୍ୟାଜ୍ ସହ ଉନ୍ନତ ଆକାଉଣ୍ଟ ସମର୍ଥନ ସହ ନକଲ ସୁରକ୍ଷା ଏବଂ ଆବିଷ୍କାର ଓ ସଂଯୋଗକୁ ସମର୍ଥନ କରିବା ପାଇଁ ଅତିରିକ୍ତ ବୈଶିଷ୍ଟ୍ୟ ଅନ୍ତର୍ଭୁକ୍ତ ରହିଛି। ଏପରିକି ମିଳିତ ଭାବେ ଏହି ବୈଶିଷ୍ଟ୍ୟଗୁଡିକ ବ୍ୟବସାୟଗୁଡ଼ିକୁ ମେଟା ଆପ୍ଲିକେଶନଗୁଡିକରେ ବିଭିନ୍ନ ପ୍ରକାର ବ୍ୟବସାୟିକ ଆବଶ୍ୟକତା ଏବଂ କାର୍ଯ୍ୟକଳାପକୁ ବୃଦ୍ଧି ଏବଂ ସମର୍ଥନ କରିବାକୁ ସୁଯୋଗ ଦେଇଥାଏ।

ଅପରପକ୍ଷରେ ମେଟା ଭେରିଫାଏଡ୍ ସହ ବ୍ୟବସାୟୀମାନେ ମେଟା ଆପ୍ଲିକେଶନଗୁଡିକର ବିଶ୍ୱସନୀୟତା ସୃଷ୍ଟିକରିବା ଏବଂ ସେମାନଙ୍କ ବ୍ରାଣ୍ଡକୁ ବୃଦ୍ଧି କରିବା ପାଇଁ ନୂତନ ଉପାୟ ଉନ୍ମୋଚନ କରିପାରିବେ। ଏପରିକି ମେଟା ଭେରିଫାଏଡ୍ ବର୍ତ୍ତମାନ ବ୍ୟବସାୟଗୁଡିକୁ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ଏକ ଯୋଜନା ଚୟନ କରିବା ପାଇଁ ବର୍ଦ୍ଧିତ ବିକଳ୍ପ ଦେବା ପାଇଁ ୪ଟି ସବ୍‌ସ୍କ୍ରିପ୍ସନ ଯୋଜନା ପ୍ରଦାନ କରୁଛି। ଏହି ସମୟରେ ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍ କିମ୍ବା ହ୍ୱାଟ୍‌ସଆପ୍ ଜନିତ ବ୍ୟବସାୟୀଙ୍କ ପାଇଁ ଘରୋଇ ସବ୍‌ସ୍କ୍ରିପ୍ସନ ପ୍ଲାନ୍ କେବଳ ଆଇଓଏସ୍ କିମ୍ବା ଆଣ୍ଡ୍ରଏଡ୍ ମାଧ୍ୟମରେ କ୍ରୟ ପାଇଁ ଉପଲବ୍ଧ। ବ୍ୟବସାୟୀଙ୍କ ପାଖରେ ଫେସ୍‌ବୁକ୍ କିମ୍ବା ଇନ୍‌ଷ୍ଟାଗ୍ରାମ କିମ୍ବା ହ୍ୱାଟ୍‌ସଆପ୍ ପାଇଁ ମେଟା ଭେରିଫାଏଡ୍ କିଣିବା କିମ୍ବା ଫେସ୍‌ବୁକ୍ ଏବଂ ଇନ୍‌ଷ୍ଟାଗ୍ରାମ ପାଇଁ ବଣ୍ଡଲ କ୍ରୟ କରିବାର ବିକଳ୍ପ ରହିଛି।

# ସୁପର ଶକ୍ତିର ସ୍ୱତନ୍ତ୍ର ଅଭିଯାନ

ଭୁବନେଶ୍ୱର,୧୯।୭ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ସୁପର ସ୍ମେଲଟର ଲିମିଟେଡ୍‌ର ସହାୟକ କମ୍ପାନୀ ବା ଅଗ୍ରଣୀ ବ୍ରାଣ୍ଡ ସୁପର ଶକ୍ତିର ସ୍ୱତନ୍ତ୍ର ଅଭିଯାନ 'ଗ୍ରାଣ୍ଡ ରଥ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ମହୋତ୍ସବରେ ସୁପର ସ୍ମେଲଟରର ସୁପର ଶକ୍ତି ଫେ ୫୫୦+ ଏସ୍‌ଡି ଟିଏମ୍‌ଟି ବାର୍‌ରେ ନିର୍ମିତ ଏକ ବିରାଟ ରଥକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରାଯାଇଥିଲା। ଏପରିକି ପୁରୀର ଗୋଲ୍‌ଡେନ ବିଚ୍‌ଠାରେ ଟିଏମ୍‌ଟି ରଥ ସ୍ଥାପନ କରିବାକୁ ପ୍ରାୟ ୧୦ ଦିନ ସମୟ ଲାଗିଥିଲା। ଏହି ପରିପ୍ରେକ୍ଷୀରେ ଅନେକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ସେହିଭଳି ଏହି ରଥକୁ ସ୍ୱତନ୍ତ୍ର ଭାବେ କୋଲକାତାର ଡିଜାଇନର ଓ ନିର୍ଦ୍ଦେଶକ ବ୍ରାଟିନ ଆଟାର୍ଥିଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା। ଅପରପକ୍ଷରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ହଜାର ହଜାର ଭକ୍ତ ଏହି ସ୍ଥାନ ପରିଦର୍ଶନକରି ଉକ୍ତ ରଥର ସେଲ୍‌ଫି ନେଇ ପ୍ରଶଂସା କରିଥିଲେ। ଉଲ୍ଲେଖଯୋଗ୍ୟ, ୨୦୨୪ ଜୁଲାଇ ୭ରେ ଏହା ସୁପର ଶକ୍ତିର ଡିଲର ଓ ଡିଷ୍ଟ୍ରିବ୍ୟୁଟରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଏପରିକି କମ୍ପାନୀ ପକ୍ଷରୁ ଶ୍ରୀଜଗନ୍ନାଥଙ୍କ ସେବକଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଏକ ପୃଥକ୍ ଉତ୍ସବରେ ସୁପର ସ୍ମେଲଟର ଲିମିଟେଡ୍‌ର ଅଧିକାରୀମାନେ ସେବାୟତମାନଙ୍କୁ ସମ୍ମାନିତ କରିଥିଲେ। ସେହିପରି ସୁପର ସ୍ମେଲଟର ଲିମିଟେଡ୍‌ର ଫ୍ଲାଗ୍‌ଶିପ ବ୍ରାଣ୍ଡ ସୁପର ଶକ୍ତି ପାଇଁ ଜନପ୍ରିୟ ଆଇରନ ଓ ଷ୍ଟିଲ୍ ଉତ୍ପାଦନରେ ଏକ ପ୍ରମୁଖ ସଂସ୍ଥା ଭାବେ ନିଜର ଖ୍ୟାତି ବଜାୟ ରଖିଛି।


**ODISHA HYDRO POWER CORPORATION LTD.**
**OFFICE OF THE SENIOR GENERAL MANAGER (ELECTRICAL), BALIMELA HYDRO ELECTRIC PROJECT.**
**AT/POST : BALIMELA, DIST. MALKANGIRI, PIN - 764051 (ODISHA)**
Phone Nos. - 06861-232581 (O) / 232641 (R), Fax - 06861-232541, E-mail : unit.head_balimela@yahoo.com/bhep.balimela@gmail.com
**'E'-Procurement Notice Inviting tender no. bhep/09/2024-25 Dated 16.07.2024**

**No.CAD-582:** Invites percentage rate bids in double cover system i.e. Cover-I (Technical Bid) & Cover-II (Price bid) for the work through e-procurement as detailed in the table below. The bids should be submitted 'online' in https://tendersodisha.gov.in by eligible 'C' & 'B' class Civil Contractors/Constructions Firms registered with the state government and contractors of equivalent grade/class registered with central government / railways having registration for execution of civil works can participate in the tender on production of definite proof from the appropriate authority. The bidders should have necessary portal enrolment with his/her own Digital Signature Certificate. The bidder may submit bid for the work as per the following table.

| Sl. No. | Name of Work | Estimated cost in Rs. | EMD in Rs. | Class of Contractor | Cost of bid documents in Rs. | Period of Completion |
|---|---|---|---|---|---|---|
| 01 | Annual Maintenance Contract for up-keeping & sewerage cleaning of Residential and Non-Residential Buildings on job contract basis for period of one year | 34,58,613.00 | 35,000.00 | 'C' & 'B' or Firm registration Certificate | 6000/- + GST @ 18% = 7080/- | 365 days |

Date & Time of availability of bid document in the portal : From 10:00 Hrs of 22.07.2024 to 05.08.2024 up to 16:00 Hrs
Last date & time of submission of bid : Up to 16:00 hrs of 05.08.2024
The date & Time of opening of the bid : 12:30 Hrs onwards of 06.08.2024 (Only Technical Bid)
Further details can be seen from the e-procurement portal https://tendersodisha.gov.in
OIPR-04019/11/0013/2425
Sd./- Unit Head, B.H.E.P, Balimela



**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BALASORE**
E Mail ID: serw_balasore@yahoo.in, Ph.No.-06782-260318, Balia, Balasore
**"e" Procurement Notice for Bridge Work**
Identification No.Online Tender Bridge N.C.B. No. 04 of 2024-25
Letter No. 2610/WE, Date: 15.07.24

**No.O-119:** 1. Name of the Work :- Bridge works. 2. Total No. of Work :- As per annexure. 3. Estimated Cost :- As per annexure. 4. Eligible Class of Contractor :- As per annexure. 5. Period of Completion :- As per annexure. 6. Other details :

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & Time of Opening of Tender in O/o C.C.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No.04 of 2024-25 | 25.07.2024 at 11.00 A.M. | 08.08.2024 upto 5.00 P.M. | 07.08.2024 upto 5.00 P.M. | 09.08.2024 at 11.00 A.M. | Will be Intimated Later |

● Further details can be seen from the website www.tendersodisha.gov.in.
Sd./- Er. N.V. Harihar Rao
Chief Engineer, R.W.Circle, Balasore
OIPR-25105/11/0005/2425



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, JAGATSINGHPUR**
**DISTRICT PROGRAMME MANAGEMENT UNIT (DPMU)**
**NATIONAL HEALTH MISSION (NHM)**
**Walk-In-Interview**

Advt No. - 2164 Date : 18.07.2024
No.E-130: Walk-in-Interview will be conducted as scheduled below for filling of the following posts under National Health Mission, of Jagatsinghpur district.

| Sl. No. | Name of the Programme / Activities as per NHM PIP | Name of the post | Vacancy | Monthly remuneration (In Rupees) +PI | Date of Registration / Interview |
|---|---|---|---|---|---|
| 1 | District Early intervention Centre (DEIC) | MO MBBS | 1 | Rs.65,612/-+PI | 30.07.2024 |
| 2 | District Early Intervention Centre (DEIC) | Optometrist | 1 | Rs.17,585/-+PI | 30.07.2024 |
| 3 | Special Newborn Care Unit (SNCU) | Medical Officer | 1 | Rs.65,612/-+PI | 30.07.2024 |
| 4 | Non communicable Diseases (NCD) | Doctor | 1 | Rs.65,612/-+PI | 30.07.2024 |
| 5 | Urban PHC, Jagatsinghpur | Medical Officer | 1 | Rs.65,612/-+PI | 30.07.2024 |
| 6 | Urban PHC, Paradeep | Medical Officer | 1 | Rs.65,612/-+PI | 30.07.2024 |
| 7 | Urban Health Wellness Centre, Jagatsinghpur (UHWC) | Medical Officer | 1 | Rs.65,612/-+PI | 30.07.2024 |

**Venue :- Office of the DPMU, Jagatsinghpur**
The above positions are purely temporary and also co-terminus with the scheme. The actual numbers of vacancy may differ (increase or decrease) at the time of engagement. Canvassing in any form will render the candidate disqualified for the position and no undertaking will be entertained. Details of Qualification, Experience of post along with application form can be downloaded from the district website www.jagatsinghpur.nic.in. The interested candidates may attend the walk-in-Interview from 10.00 AM to 11.00 AM on the scheduled date for registration. The candidates are requested to visit the district website on regular interval till completion of recruitment/empanelment process. The undersigned reserves the right to cancel any or all the application without assigning any reason or communication thereof.
OIPR-10043/11/0001/2425
Sd./- CDM & PHO-cum-DMD, Jagatsinghpur



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR**
Mail i.d - seccbbsr@gmail.com
**E-procurement Tender Call Notice No.02 of 2024-25**
No. (Estg.) Bhubaneswar the July-2024

No.B-94: The Chief Construction Engineer, Central (R&B) Circle Bhubaneswar on behalf of the Governor of Odisha invites percentage rate bids for three number Drain works to be received in online bidding, double cover system for construction work as detailed in : https://tendersodisha.gov.in. The details of bid documents will be available in the above website from **5.00 P.M. of 22.07.2024 to 5.00 P.M. of 05.08.2024**. the bidders must possess compatible Digital Signature Certificate of Class II or III. bids received online shall be opened at **11.00 A.M. of 06.08.2024** in the Office of the Chief Construction Engineer, Central (R&B) Circle Bhubaneswar. Further details can be seen from the e-procurement portal www.tendersodisha.gov.in. Addendum / Corrigendum, if required, will be available only in the Website.
Sd./- Er.P.K.Mohanty
Chief Construction Engineer
Central (R&B) Circle, Bhubaneswar
OIPR-34005/11/0005/2425



**GOVERNMENT OF ODISHA** No.B-93:
**OFFICE OF THE CHIEF CONSTRUCTION ENGINEER SOUTHERN (R&B) CIRCLE, BERHAMPUR**
Phone:0680-2281582, e-mail:ccescbam@gmail.com
**INVITATIONS FOR BIDS (IFB) (e-Procurement)**
Bid Identification No.CCE,S.C (R&B)-BAM-01/2024-25
No.2194// Dated : 15.07.2024

1) The Chief Construction Engineer, Southern (R&B) Circle, Berhampur on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Building works as detailed in the table below. 2. Nature of Work:Building Works. 3. No. of Work: 02 Nos. 4. Tender Cost: Rs.10,000/- (online). 5. Class of Contractor: "A" Class and "Special" Class. 6. Availability of Bid document in the website: From 25.07.2024, 10.00 A.M. to 08.08.2024, 5.30 PM. 7. Date of Opening of Bid : 09.08.2024 at 11.30 A.M. 8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. 9. Any addendum/ corrigendum/ cancellation of tender can also be seen in the said website only.
Sd./- Chief Engineer
Southern (R&B) Circle, Berhampur
OIPR-34103/11/0001/2425



**Bhubaneswar Municipal Corporation**
ICOMC Tower, Unit-IX, Satya Nagar, Bhubaneswar-751022
No. 28703/ BMC Date: 15.07.2024
XXXXX-11-SWMPMU-133/2024-25
**NOTICE INVITING EXPRESSION OF INTEREST (EOI)**

No.C-210: On behalf of the Commissioner, Bhubaneswar Municipal Corporation (BMC), Dy. Commissioner (Sanitation), BMC invites expression of interest from Proprietorship Firm/ Company/Registered Partnership Firm/Fertilizer Company/ Farmers Association/Registered Company/Registered Society/ Registered Trust for **"Sale of Compost and Good Earth from TTS through Agencies interested for Empanelment or through Individual Buyer"**. The detailed EOI document can be seen and downloaded from the BMC website **http://bmc.gov.in**. For queries, interested parties may contact the office of Deputy Commissioner (Sanitation), Bhubaneswar Municipal Corporation at ICOMC Tower at Satya Nagar, Infront of Satya Nagar Kali Temple on Janpath, Unit-IX, Bhubaneswar - 751022, Odisha, India.

**1. Schedule of Events:**

| | |
|---|---|
| Availability of EoI Document | 18.07.2024 (11.00 A.M.) to till 02.08.2024 (5.00 P.M.) (Downloadable from website: **(http://bmc.gov.in)** |
| Last date & time for receipt of Proposal from intending bidders | 02.08.2024 by 05.00 P.M. (Through Speed/Registered Post/Courier/Hand Delivery) |
| Address/Place of submission of EoI in hard copy | Office of Dy. Commissioner (Sanitation), Bhubaneswar Municipal Corporation, ICOMC Tower (5th Floor) at Satya Nagar, Infront of Satya Nagar Kali Temple on Janpath, Unit-IX, Bhubaneswar-751022, Odisha, India |
| Date and Time of opening of EoI by BMC tender committee | 03.08.2024 at 4.00 P.M. |
| For further enquiries, please email at; | **dc-sanitation@bmc.gov.in/ swmpmubmc@gmail.com** |

2. All amendments, clarifications, time extensions etc. will be uploaded in the website only, interested parties should regularly visit the above website to keep themselves updated.

By Order of the Commissioner, BMC
Sd./- Deputy Commissioner (Sanitation)
Bhubaneswar Municipal Corporation
OIPR-13002/11/0038/2425


See Career Appointment on every Wednesday & Saturday


**NOTIFIED AREA COUNCIL, KESINGA**
**"e" Procurement Notice**
**No._1986_/NAC(K) Dt.16.07.2024**
**Tender ID No. 2024_ORULB_103716_1**

**No.C-214:** The Notified Area Council, Kesinga invites online bid in double cover system through e-procurement.

| | | |
|---|---|---|
| Total No. of work | : | 01(One) |
| Approx. value of work | : | Rs. 6355933.00 |
| Period of availability of tender for online Bidding | : | From 19.07.2024 at 10.00 A.M. to 02.08.2024 upto 5.00 P.M. |
| Date & Time of opening | : | 03.08.2024 at 11.00 A.M. |
| Class of Contractor | : | Class "B" Contractor |

Further details can be seen from the website: www.tendersodisha.gov.in.
Sd./- Executive Officer
N.A.C., Kesinga
OIPR-13109/11/0004/2425



**Bhubaneswar Municipal Corporation**
BMC-ICOMC Building, Unit-IX, Bhubaneswar-751022
No. 28831/BMC Date: 16.07.2024
**NOTICE INVITING TENDER (NIT)**
**NATIONAL COMPETITIVE BIDDING**
XXXXX-11-SWMPMU-101-2022-23

No.C-215: On behalf of the Commissioner, Bhubaneswar Municipal Corporation (BMC), Dy. Commissioner (Sanitation), BMC invites Request for Proposal (RFP) in conformity with terms and conditions of the tender document in Two Bid System (Part-I): General & Technical Bid and Part-II: Financial Bid/ Price Bid/BOQ) from intending applicants fulfilling the eligibility criteria and other qualifying requirements mentioned in this tender document for **"GIS Digitization, Mapping & Survey of Roads, Drains, utilities like Water, Sewage Line routes for BMC"**. The RFP document with detailed terms & conditions shall be available in the official website of BMC i.e. **https://www.bmc.gov.in/**. Each application should be submitted to the Office of Dy. Commissioner (Sanitation), BMC either by hand/ post/courier. For queries, if any on the RFP document, intending applicants may contact Deputy Commissioner (Sanitation), Bhubaneswar Municipal Corporation, Bhubaneswar.

**Schedule of Events:**

| Sl. No. | Description | Critical Dates |
|---|---|---|
| 1. | Period of availability of tender document for bidding | From Dt.17.07.2024 to Dt.07.08.2024 till 5.00 P.M. |
| 2. | Submission of Pre-bid queries latest by Bidders to email id: **dc-sanitation@bmc.gov.in** | Dt.24.07.2024 till 5.00 P.M. |
| 3. | Pre-Bid Meeting | Dt.25.07.2024 at 11.30 A.M. in the Conference Hall at 4th Floor of BMC-ICOMC building, Unit-IX, Bhubaneswar-751022 |
| 4. | Last date and time for submission of proposal on online mode | Dt.07.08.2024 till 5.00 P.M. |
| 5. | Date & Time of opening of proposal | Dt.08.08.2024 at 11.30 A.M. in the Conference Hall at 4th Floor of BMC-ICOMC Building, Unit-IX, Bhubaneswar-751022 |

1. All amendments, clarifications, time extension etc. will be uploaded in the website only. Bidders should regularly visit the above website to keep themselves updated.
2. Authority reserves the right to reject any or all the tenders without assigning any reason thereof, subject to the limitations prescribed by Central Vigilance Commission.

By Order of Commissioner, BMC
Sd./- Deputy Commissioner (Sanitation)
Bhubaneswar Municipal Corporation
OIPR-13002/11/0040/2425

**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................


ଡୁଗୁଲୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



ପୁରୀଠାରେ ଶୁକ୍ରବାର ଅନୁଷ୍ଠିତ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜ୍ୟ ସଭାପତି ମନମୋହନ ସାମଲ, କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର୍, ସହପ୍ରଭାରୀ ଲତା ଉସେଣ୍ଡି, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଅଛନ୍ତି।



ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଯୋଗ ଦେଇଥିବା ମନ୍ତ୍ରୀ, ଏମ୍‌ପି, ବିଧାୟକ ଏବଂ ଦଳୀୟ କାର୍ଯ୍ୟକର୍ତ୍ତା।

# ନବୀନ ବିଜେଡି ସଂସଦୀୟଦଳ ଅଧ୍ୟକ୍ଷ

**ଭୁବନେଶ୍ୱର,୧୯।୭(ଅନିଲଦାସ)**

## ରାଜ୍ୟ ସ୍ୱାର୍ଥକୁ ଗୁରୁତ୍ୱ ଦେବାକୁ ପରାମର୍ଶ

ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସର୍ବସମ୍ମତି କ୍ରମେ ବିଜେଡି ସଂସଦୀୟ ଦଳର ଅଧ୍ୟକ୍ଷ ଭାବେ ନିର୍ବାଚିତ କରାଯାଇଛି। ଶୁକ୍ରବାର ଅପରାହ୍ନରେ ନବୀନ ନିବାସଠାରେ ନବୀନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଜେଡି ସଂସଦୀୟ ଦଳ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସଂସଦରେ ଦଳର ରଣନୀତି କିପରି ରହିବ ସେ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଛି। ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଲଢ଼େଇ କରିବାକୁ ନବୀନ ରାଜ୍ୟ ସଭା ସଦସ୍ୟମାନଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି । ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ମାନ୍ୟତା, ଆଦିବାସୀ କଲ୍ୟାଣ, ମହିଳା ସଶକ୍ତୀକରଣ, ଚାଷୀଙ୍କ ଉନ୍ନତି ପାଇଁ ଦଳ ଲଢ଼େଇ କରିବ । ପ୍ରତି ବ୍ଲକରେ କେନ୍ଦ୍ରୀୟ ବିଦ୍ୟାଳୟ ଓ ଏକଲବ୍ୟ ବିଦ୍ୟାଳୟ ସ୍ଥାପନ, ସମ୍ବଲପୁରରେ ଦ୍ୱିତୀୟ ଏମ୍ସ ନିର୍ମାଣ, ଏମ୍‌ଏସ୍‌ଏମ୍‌ଇ ପାର୍କ, ଅବହେଳିତ ଜାତୀୟ ରାଜପଥ, କୋଇଲା ରୟାଲଟି ବୃଦ୍ଧି, ମହିଳା ସଂରକ୍ଷଣ ବିଲ୍ ଲାଗୁ ଇତ୍ୟାଦି ପ୍ରସଙ୍ଗ ମଧ୍ୟ ରାଜ୍ୟ ସଭାରେ ବିଜେଡି ଉଠାଇବ । ଦୃଢ଼ ବିରୋଧୀ ଦଳ ଭାବରେ ବିଜେଡି ସଂସଦରେ ସବୁ ପ୍ରସଙ୍ଗକୁ ଉପସ୍ଥାପନ କରିବ । ଓଡ଼ିଶାର ସର୍ବାଙ୍ଗୀନ ବିକାଶ ଓ ଯୁକ୍ତିଯୁକ୍ତ ଦାବିକୁ ଉପସ୍ଥାପନ କରିବାକୁ ରାଜ୍ୟ ସଭା ସଦସ୍ୟଙ୍କୁ ନବୀନ ପରାମର୍ଶ ଦେଇଛନ୍ତି । ବିଜେଡି ସର୍ବଦା ରାଜ୍ୟବାସୀଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇଛି । ସଂସଦର ଆଗାମୀ ବଜେଟ ଅଧିବେଶନରେ ମଧ୍ୟ ସାଢ଼େ ଚାରି କୋଟି ଓଡ଼ିଆଙ୍କ ପାଇଁ ଦଳ ଲଢ଼େଇ କରିବ । ରାଜ୍ୟ ସଭା ସଦସ୍ୟଙ୍କ ସହ ବୈଠକ କରି ବିଜେଡି ସଭାପତି ସମସ୍ତଙ୍କୁ ଏଭଳି ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ବିଜେଡିର ସମସ୍ତ ରାଜ୍ୟ ସଭା ସଦସ୍ୟ ଯୋଗଦେଇଥିଲେ। ସୂଚନାଯୋଗ୍ୟ ବିଜେଡିର ଲୋକ ସଭାରେ କୌଣସି ଏମ୍‌ପି ନ ଥିବା ବେଳେ ରାଜ୍ୟ ସଭାରେ ୯ ଜଣ ସଦସ୍ୟ ଅଛନ୍ତି ।



ନବୀନ ନିବାସଠାରେ ଶୁକ୍ରବାର ଅନୁଷ୍ଠିତ ବିଜେଡି ସଂସଦୀୟ ଦଳ ବୈଠକରେ ଉପସ୍ଥିତ ସଭାପତି ନବୀନ ପଟ୍ଟନାୟକ ଓ ରାଜ୍ୟ ସଭା ସଦସ୍ୟମାନେ।

# ଯୁବପିଢ଼ିଙ୍କ କଟା ଘା'ରେ ମୋଦି ଚୂନ ଦେଇଛନ୍ତି: ଖାର୍ଗେ

**ନୂଆଦିଲ୍ଲୀ,୧୯।୭**

ଗତ ୩ରୁ ୪ ବର୍ଷ ମଧ୍ୟରେ ଦେଶରେ ୮ କୋଟି ନିଯୁକ୍ତି ଦିଆଯାଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ସପ୍ତାହରେ ଦାବି କରିଥିଲେ। ଏହାକୁ ଶୁକ୍ରବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ସମାଲୋଚନା କରିଛନ୍ତି। ଖାର୍ଗେ କହିଛନ୍ତି, ମୋଦି ଗୋଟିଏ ପରେ ଗୋଟିଏ ମିଛ କହିଚାଲିଛନ୍ତି। ଦେଶରେ ବେରୋଜଗାରି ବଢ଼ିଚାଲିଥିବାବେଳେ ମୋଦି ୮ କୋଟି ଚାକିରି ଦିଆଯାଇଥିବା କହି ଯୁବତୀଯୁବକଙ୍କ କଟା ଘା'ରେ ଚୂନ ଦେଇଛନ୍ତି। ଆପଣ ୧୦ ବର୍ଷରେ ୨୦ କୋଟି ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଯଦି ଆପଣଙ୍କ ଦାବି ସତ, ତେବେ ୧୦ ବର୍ଷ ବିତିବା ପରେ ବି ୧୨ କୋଟି ଯୁବତୀଯୁବକଙ୍କୁ ନିଯୁକ୍ତି ମିଳିନାହିଁ।

# ଏମ୍‌ପି ନିଜେ ଅଳିଆର ତଦନ୍ତ କରାନ୍ତୁ: ଦେବାଶିଷ

**କଟକ,୧୯।୭(ଶିଳ୍ପା ପ୍ରିୟଦର୍ଶିନୀ)**

## ଭର୍ତ୍ତୃହରିଙ୍କ ଅଳିଆ ଉପାଖ୍ୟାନକୁ ନେଇ ଟାର୍ଗେଟ



ଭର୍ତ୍ତୃହରି ମହତାବ



ଦେବାଶିଷ ସାମନ୍ତରାୟ

କେଉଁ ଦଳରେ ଅଳିଆ ଭର୍ତ୍ତି ହୋଇରହିଛି। ବିଜେଡି କି ଭାଜପା ତାହା ସ୍ପଷ୍ଟ କରି କହିବା କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କର ଉଚିତ୍ ଥିଲା ବୋଲି କହି ଟାର୍ଗେଟ କରିଛନ୍ତି ରାଜ୍ୟ ସଭା ସଦସ୍ୟ ତଥା ବିଜେଡି କଟକ ଜିଲା ସଭାପତି ଦେବାଶିଷ ସାମନ୍ତରାୟ। ଗୁରୁବାର କଟକ ଜିଲା ନିଶ୍ଚିନ୍ତକୋଇଲିଠାରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଜାରି ରହିଥିବାବେଳେ ଏମ୍‌ପି ଭର୍ତ୍ତୃହରି ନିଜ ଅଭିଭାଷଣରେ ଦେଇଥିବା ମନ୍ତବ୍ୟ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଭର୍ତ୍ତୃହରି କହିଥିଲେ, ରାଜ୍ୟବ୍ୟାପୀ ଯେଉଁମାନେ ଅଳିଆ କରିଛନ୍ତି ସେମାନଙ୍କୁ ଧରି ଜେଲରେ ବନ୍ଦୀ କଲେ କୋଠରୀ ଅଭାବ ପଡ଼ିଯିବ। ସମସ୍ତ ଅଳିଆକୁ ସଫା କରିବା ସମୟ ଆସିଛି ବୋଲି ମହତାବ କହିଥିଲେ। ତେବେ ଶୁକ୍ରବାର କଟକ ରାଜାବଗିଚାସ୍ଥିତ କାର୍ଯ୍ୟାଳୟଠାରେ ଦେବାଶିଷ ଏମ୍‌ପି ଭର୍ତ୍ତୃହରିଙ୍କ ଏଭଳି ଅଳିଆ ସଫା ଉପାଖ୍ୟାନ ଉପରେ ପ୍ରତିକ୍ରିୟା ରଖି ଆହୁରି କହିଛନ୍ତି, କେଉଁଠି ଅଳିଆ ରହିଛି ତାହା କ'ଣ କେବଳ ଭର୍ତ୍ତୃହରିଙ୍କୁ ଜଣା ଅଛି? ଏମ୍‌ପି କାହାକୁ ଇଙ୍ଗିତ କରି ଅଳିଆ କଥା କହିଛନ୍ତି ସେ ଜାଣିଥିବେ। ଯଦିଓ ଏବିଷୟରେ ତାଙ୍କୁ ଜଣା ଅଛି ତେବେ କଟକରେ ଯେଉଁ ଅଳିଆ ରହିଛି ତାହାକୁ ପ୍ରଥମେ ହଟାନ୍ତୁ ପରେ ଅନ୍ୟ ଦଳ ବା ଅନ୍ୟ ବିଷୟରେ ଚର୍ଚ୍ଚା କରିବେ। ୨୪ ବର୍ଷ ଶାସନରେ ଅଳିଆ ଭର୍ତ୍ତି ଥିବା କହିବା ଲଜ୍ଜାଜନକ। କାରଣ ୨୪ ବର୍ଷ ଶାସନରେ ସେ ମଧ୍ୟ ସାମିଲ ରହିଥିଲେ। କିନ୍ତୁ ସେ ସମୟରେ କ'ଣ ପାଇଁ ମୁହଁ ଖୋଲି ନ ଥିଲେ। ଭର୍ତ୍ତୃହରି ଦଳ ପରିବର୍ତ୍ତନ କରିଛନ୍ତି ହୁଏତ ସେଥିପାଇଁ ଅଳିଆ କଥା ଇଙ୍ଗିତ କରି କହୁଥିବେ। ଯଦି ଅଳିଆ ଆଳରେ କୌଣସି ଦୁର୍ନୀତିକୁ ଭର୍ତ୍ତୃହରି ଆକ୍ଷେପ କରୁଛନ୍ତି ତେବେ ତଦନ୍ତ କରନ୍ତୁ। ଉଭୟ କେନ୍ଦ୍ର ଓ ରାଜ୍ୟରେ ଏବେ ଭାଜପା ସରକାର ଶାସନ କରୁଛି। ତଦନ୍ତ କରି ଅଳିଆଙ୍କୁ ଜେଲରେ ବନ୍ଦୀ କରାନ୍ତୁ। ଭର୍ତ୍ତୃହରି ପୂର୍ବରୁ ବିଜେଡିରେ ଥିଲେ। ଏବେ ଭାଜପା ଏମ୍‌ପି ହୋଇଛନ୍ତି। ରାଜ୍ୟର ସ୍ୱାର୍ଥ କଥା ଚିନ୍ତା କରି ମହାନଦୀ ପ୍ରସଙ୍ଗ କାହିଁକି ସେ ଉଠାଇ ନାହାନ୍ତି। ଏହାର ସମାଧାନ ପାଇଁ ବାଟ ବାହାର କରନ୍ତୁ। ଅଯଥା ପ୍ରସଙ୍ଗରେ ଟିପ୍ପଣୀ କରିବା ତାଙ୍କୁ ଶୋଭା ପାଉନି ବୋଲି ଦେବାଶିଷ କହିଛନ୍ତି।

# ଏବେ ୩ ଇଞ୍ଜିନ ସରକାର ଚାଲିଛି :ତାରା

**ଜୟପୁର,୧୯।୭(ପବନ ପାଣିଗ୍ରାହୀ)**

## କୋଟିଆ, ମହାନଦୀ ଏବଂ ପୋଲାଭରମ୍ ଭଳି ବିବାଦ ସମାଧାନ କରାଯାଉ



ତାରାପ୍ରସାଦ ବାହିନୀପତି

ସପ୍ତଦଶ ବିଧାନସଭାର ପ୍ରଥମ ଅଧିବେଶନ ଆସନ୍ତା ଜୁଲାଇ ୨୨ରୁ ଆରମ୍ଭ ହେବାକୁ ଯାଉଛି। ଏହା ପୂର୍ବରୁ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ବିଭିନ୍ନ ପ୍ରସଙ୍ଗକୁ ନେଇ ମୁହଁ ଖୋଲିଛନ୍ତି । ଏନେଇ ଗଣମାଧ୍ୟମକୁ ତାରା କହିଛନ୍ତି, ବର୍ତ୍ତମାନ ୨ଟି ନୁହଁ ୩ ଇଞ୍ଜିନ ସରକାର ଚାଲିଛି। କେନ୍ଦ୍ରରେ ଭାଜପା, ରାଜ୍ୟରେ ଭାଜପା ଏବଂ ଆନ୍ଧ୍ରରେ ମଧ୍ୟ ତାଙ୍କ ସହଯୋଗୀ ଦଳ ରହିଛି। 'କୋଟିଆ'କୁ ନେଇ ପଡ଼ୋଶୀ ରାଜ୍ୟ ସହ ଯେଉ ବିବାଦ ଲାଗି ରହିଛି ସରକାର ତା'ର କରନ୍ତୁ । ଏଥିନେଇ ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ପାଇଁ ସର୍ବଦଳୀୟ କମିଟି ଗଠନ କରାଯିବା ସହିତ ତାଙ୍କ ସହିତ ଦେଖା କରିବାକୁ ସମୟ ମଗାଯାଉ। ତେବେ କଂଗ୍ରେସ ଦଳ ମଧ୍ୟ ଏଥିପାଇଁ ଦାବି କରିବ ବୋଲି ତାରା କହିଛନ୍ତି। କୋଟିଆ, ପୋଲାଭରମ କିମ୍ବା ମହାନଦୀ ଭଳି ଯେଉଁ ଦୀର୍ଘ ଦିନର ବିବାଦ ରହିଛି ଏହାର ସମାଧାନ ହେବା ଆବଶ୍ୟକ ବୋଲି ସେ କହିଛନ୍ତି। ବର୍ତ୍ତମାନ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର ମିଳିତ ଭାବେ ଏହାର ସମାଧାନ କରିବାର ଆବଶ୍ୟକତା ରହିଛି। ଆସନ୍ତା ବିଧାନସଭା ଅଧିବେଶନରେ ଓଡ଼ିଶାରେ ବଢ଼ି ଚାଲିଥିବା ବେକାରୀ, ଦାଦନ ସମସ୍ୟା ଏବଂ ଅନ୍ୟ ପ୍ରସଙ୍ଗରେ କଂଗ୍ରେସ ସରକାରଙ୍କୁ ଘେରିବ। ଅନ୍ୟପକ୍ଷରେ ଜୟପୁରରେ ବଢିଚାଲିଥିବା ଅପରାଧ ପାଇଁ ମଧ୍ୟ ତାରା ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥିପାଇଁ ସେ କିଛି ପୋଲିସ କର୍ମଚାରୀଙ୍କୁ ଦାୟୀ କରିଛନ୍ତି। ଏଥିସହ ରତ୍ନଭଣ୍ଡାରରେ କ'ଣ ସବୁ ରହିଛି ତା'ର ଗଣତିମଣତି କରି ସରକାର ସ୍ପଷ୍ଟ କରନ୍ତୁ ବୋଲି ତାରା କହିଛନ୍ତି।

**Classified Everyday**
0674-2580101, 2549949


REAL ESTATE
SALE

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 8895816302, 8328857872.** D-785

"Luxurious duplex just @ 110 lakh SALE/Booking opens, visit today our demo duplex, Balakatti, Uttara, BBSR. For details ask/WhatsApp-9438677819". D-713

Apartment sale near Sum Hospital, Malipada, Bhubaneswar sqft.-4200/-, Contact-9777433701. D-75975

ଭୁବନେଶ୍ୱର ଏମ୍ସ ମେଡିକାଲ ପାଖରେ ବସ୍ତି ଘର ବିକ୍ରି ହେବ। ଯୋଗାଯୋଗ- 9777097322. D-786

Duplex project at Retang Medical, Station, CV Raman University Tamando, Bhubaneswar. 7008459987. D-75976

**SC plot sale at Bagchi Cancer Hospital backside- 2000sqft.- 30,00,000. 6372753860.** D-75972

ନଖରା ସମ୍ ହସ୍ପିଟାଲ-2 ରୁ 9 K.M. 1200sqft.- 3,50,000/- ଘରବାରି ପ୍ଲଟ୍ ବିକ୍ରିହେବ। 9114705579. D-75973

କଟକ-ଭୁବନେଶ୍ୱର ମଧ୍ୟରେ ନବନିର୍ମିତ Sum Hospital ଏବଂ Grand Bazar, NH-16ରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ- 8249422604 । D-75977

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




Relax refreshment body massage therapy by experience lady therapist. 7008773793. D-76133

**Relax, Refresh your body, Mind at Saikrupa Spa with best therapies. 8984068077.** D-678

Relax, refresh your body, mind by expert therapist. Contact: 9938843929. D-768

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75760

Newly open health benefits SPA special Offer @ 999 Bapujinagar. 8018429809. D-76134

**AFFIDAVIT**

By the virtue of an affidavit C.F No.-33, dt. 16.07.24 before Executive Magistrate, Bhubaneswar, I, Prajna Paramita Swain, At-Kalinga Ashoka Bihar, Dhauli, Dist.-Khordha my daughter's School record has Prajna Swain instead of Prajna Paramita Swain, She is one and same person. D-781

By virtue of an affidavit No-2220 dated 18.07.2024 the Notary Public, Angul, I Smaranika Priyadarshini Naik (7), D/o- Durlava Sahoo, Vill/P.O.- Tubey, P.S.- Jarapada, Dist.- Angul hereby declaration Smaranika Priyadarshini Sahoo. D-780

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ନବମ ଜନ୍ମଦିନ ଶୁଭେଚ୍ଛା**



**ତନ୍ମୟ କୁମାର ମହାରଣା (ଡୁଗୁଲୁ)**
ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମର ଚଲାପଥ ସର୍ବଦା କୁସୁମିତ କରନ୍ତୁ, ଏହାହିଁ ପ୍ରାର୍ଥନା ।
ଶୁଭେଚ୍ଛା ସହ: ଜେଜେମା', ଜେଜେବାବାମାନେ, ଅଜା, ଆଈମାନେ, ଦାଦା, ଖୁଡ଼ୀମାନେ, ବବ୍‌ଲି, ପ୍ରିନ୍ସ, ଗୁଗଲୁ ଏବଂ ପରିବାର ଓ ବନ୍ଧୁବର୍ଗମାନେ ।
ଧ-୭୮୪

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

# ଆସିଲେ ନାହିଁ ନିର୍ବାଚନ ଅଧିକାରୀ, ୨୩ରେ ଆସ୍ଥାଭୋଟ

**ଫୁଲବାଣୀ,୧୯।୭ (ରାକେଶ କୁମାର ରାଉତ)**

## ଫୁଲବାଣୀ ପୌରାଧ୍ୟକ୍ଷାଙ୍କୁ ଅନାସ୍ଥା ପ୍ରସ୍ତାବ ଘଟଣା

ଫୁଲବାଣୀ ପୌରାଧ୍ୟକ୍ଷା ସ୍ମିତାରାଣୀ ମହାନ୍ତିଙ୍କ ନାମରେ ଆସିଥିବା ଅନାସ୍ଥା ପ୍ରସ୍ତାବ ଉପରେ ଶୁକ୍ରବାର ଆସ୍ଥା ଭୋଟ ହୋଇ ପାରିନାହିଁ। ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ଜରୁରିକାଳୀନ ଛୁଟିରେ ଚାଲି ଯିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରଶାସନର ଏଭଳି କାର୍ଯ୍ୟକୁ ନେଇ ଅନାସ୍ଥା ପ୍ରସ୍ତାବ ଆଣିଥିବା ବିଜେଡି ଏବଂ ଅନ୍ୟ କାଉନସିଲରଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି । ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ଏବଂ ଆସ୍ଥା ଭୋଟ ନ ହେବା ଯାଏ ପୌର ପରିଷଦ କାର୍ଯ୍ୟାଳୟରେ ତାଲା ପଡିବ ବୋଲି କାଉନସିଲରମାନେ କହିଛନ୍ତି। ଶେଷରେ ସମସ୍ତ କାଉନସିଲର ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କୁ ଭେଟି ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଆସନ୍ତା ୨୩ରେ ଏ ନେଇ ଆସ୍ଥା ଭୋଟ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଛନ୍ତି।

ସୂଚନାଯୋଗ୍ୟ, ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଅନାସ୍ଥା ପ୍ରସ୍ତାବ ଆଣିଥିବା ସମସ୍ତ କାଉନସିଲର ଶୁକ୍ରବାର ସକାଳ ୧୦ଟାରେ ପୌର ପରିଷଦ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସମସ୍ତଙ୍କ ନଜର ନିର୍ବାଚନ ଅଧିକାରୀଙ୍କ ଉପରେ ଥାଏ । କିନ୍ତୁ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ଜେନା ସ୍ୱାସ୍ଥ୍ୟଗତ କାରଣରୁ ଜରୁରିକାଳୀନ ଛୁଟିରେ ଯାଇଛନ୍ତି ବୋଲି ଜଣାପଡ଼ିବା ପରେ ଅସନ୍ତୋଷକୁ ଦେଖି ଜିଲାପାଳ ଫୁଲବାଣୀ ଉପ ଜିଲାପାଳଙ୍କୁ ସେଠାକୁ ପଠାଇଥିଲେ। ଉପ ଜିଲାପାଳ ଆସି କାଉନସିଲରଙ୍କ ସହ ବସି ଆଲୋଚନା କରିଥିଲେ । ସେ ନିର୍ବାଚନ ଅଧିକାରୀ ହୋଇ ନ ଥିବାରୁ ମିଟିଂ କିମ୍ବା ଭୋଟ ଗ୍ରହଣ କାର୍ଯ୍ୟ କରିପାରିବେ ନାହିଁ ବୋଲି କହିଥିଲେ । ଏହାକୁ ନେଇ ପ୍ରବଳ ହଟ୍ଟଗୋଳ ହୋଇଥିଲା । ପରେ ସମସ୍ତେ ନିୟମ ବ୍ୟବସ୍ଥାକୁ ଅନୁଭବ କରି ସେମାନଙ୍କ ଅସନ୍ତୋଷ ଲିଖିତ ଭାବେ ଜିଲାପାଳଙ୍କୁ ଜଣାଇଥିଲେ । ଜିଲାପାଳ ଆସନ୍ତା ୨୩ରେ ଅନାସ୍ଥା ଉପରେ ମିଟିଂ ହେବ, ନିର୍ବାଚନ ଅଧିକାରୀ ଭାବେ ଉପ ଜିଲାପାଳ ନିଯୁକ୍ତ ହେବେ ବୋଲି କହିଛନ୍ତି । ଏନେଇ ସମସ୍ତ କାଉନସିଲରଙ୍କୁ ଚିଠି କରାଯାଇଛି ବୋଲି ଜିଲାପାଳ ସୂଚନା ଦେଇଛନ୍ତି ।



କାଉନସିଲରଙ୍କ ସହ ଉପ ଜିଲାପାଳ ଆଲୋଚନା କରୁଛନ୍ତି।

# ଆନନ୍ଦ ନିଳୟ

## ଗଳ୍ପ

**ଦେବସ୍ମିତା ବେହେରା**



‘ଆନନ୍ଦ ନିଳୟ’ର ସାକାର ରୂପକୁ ଦେଖି ଅନୁରାଧାର ତିରିଶ ବର୍ଷ ତଳର ସେହି ଘଟଣା ମନେପଡ଼ିଗଲା। ଯାହା ଦ୍ୱାରା ପ୍ରଭାବିତ ହୋଇ ସେ ଆନନ୍ଦ ନିଳୟର ସ୍ୱପ୍ନ ଦେଖିଥିଲା। ଯେଉଁଥିପାଇଁ ସେ ନିଷ୍ପତ୍ତି ନେଇଥିଲା କି ଜୀବନରେ ଦିନେ ନା ଦିନେ ପରିବାର ଦ୍ୱାରା ଉପେକ୍ଷିତ ବୃଦ୍ଧ ଏବଂ ବୃଦ୍ଧାଙ୍କ ପାଇଁ ସବୁ ସୁଖ ସୁବିଧାଯୁକ୍ତ ଘରଟିଏ ନିଶ୍ଚୟ ବନେଇବ। ଯେଉଁଠି ସେମାନେ ଖୋଲି କରି ଜିଇପାରିବେ ଜୀବନକୁ। ଆଉ ସେଥିପାଇଁ ଆନନ୍ଦ ନିଳୟର ରଚନା।

ତିରିଶ ବର୍ଷ ପୂର୍ବେ ସହରର ଭବ୍ୟ ବଙ୍ଗଳା ପ୍ରତୀକ ଥିଲା ସ୍ଥାପତ୍ୟ କଳାର। ବଙ୍ଗଳାରେ ଯେତେ ଲୋକ ସେତିକି କୋଠରି, ହେଲେ ଚୁଲି ଥିଲା ଗୋଟିଏ। ଏମିତି ଗୋଟିଏ ବଙ୍ଗଳାକୁ ସେ ଦେଖିଥିଲା ଅତି ନିକଟରୁ। ବଙ୍ଗଳା ବାହାରେ ଦୁଇଟା ବଡ଼ବଡ଼ ପୋର୍ଟିକୋ, ଯାହା ସଜେଇ ହୋଇଥିଲା ମଧୁମାଳତି ଲଟାରେ। ପୋର୍ଟିକୋକୁ ଯୋଡୁଥିଲା ଗୋଟିଏ ଅଗଣା। ଅଗଣାର ଦୁଇ ପଟେ ଥିଲା ଦୁଇଟା ଛୋଟ ଛୋଟ ରୁମ୍। ବଙ୍ଗଳା ଭିତରକୁ ପଶିଗଲେ ଭିତରେ ପଡ଼ିବ ବଡ଼ ଅଗଣା, ଯାହାର ଚାରିପଟେ ଥିଲା ଅନେକ ରୁମ୍। ପ୍ରଥମ ମହଲାର କକ୍ଷକୁ ଯୋଡୁଥିଲା ଗ୍ୟାଲେରିଟିଏ। ଜଣା ନାହିଁ କେତେ ପିଢ଼ିଙ୍କର ସୁଖ-ଦୁଃଖର ମୂକସାକ୍ଷୀ ଥିଲା ସେହି ବଙ୍ଗଳା। ବାହାରୁ ସାମାନ୍ୟ ଦେଖାଯାଉଥିଲେ ମଧ୍ୟ ଭିତରେ ସେ ସମୟର ନବୀନତମ ଓ ଆଧୁନିକ ସୁଖ ସୁବିଧାରେ ପରିପୂର୍ଣ୍ଣ ଥିଲା ସେହି ବଙ୍ଗଳା। ହେଲେ ବାହାର ଅଗଣାରେ ଦୁଇପଟେ ପଡ଼ିଥିବା ସେହି ଛୋଟଛୋଟ ରୁମ୍ ଦୁଇଟା କିନ୍ତୁ ତିଆରି ପରଠୁ ବିନା ମରାମତିରେ ଥିଲା ଜର୍ଜର ଅବସ୍ଥାରେ। ସେହି ବଙ୍ଗଳା ଥିଲା ସହରର ଜଣେ ବଡ଼ ବ୍ୟବସାୟୀଙ୍କର।

ଗୋଟିଏ ଅଳସ ଭାଙ୍ଗୁଥିବା ସକାଳେ, ଜଣେ କିଏ ଅନୁରାଧା ନିଜର ଟିମ୍ ସହିତ ପ୍ରବେଶକଲା ବଙ୍ଗଳା ଭିତରକୁ, ଆଉ ବନ୍ଦ କରିଦେଲା ବଙ୍ଗଳାର ମୁଖ୍ୟ ଦ୍ୱାର। ଯିଏ ଯେଉଁ ରୁମ୍‌ରେ ଥିଲେ ତାଙ୍କୁ ଅଟକେଇ ଦିଆଗଲା ସେହି ରୁମ୍ ଭିତରେ। ଲ୍ୟାଣ୍ଡଫୋନ୍‌କୁ ବନ୍ଦ କରିଦିଆଗଲା। ବଙ୍ଗଳାରେ ଭୟ ଆଉ ଆତଙ୍କର ପରିବେଶ ଭିତରେ ନିଜର ପରିଚୟ ଦେଇ କହିଲା, ମୁଁ ଅନୁରାଧା। ଇନ୍‌କମ୍‌ଟ୍ୟାକ୍ସ ଅଫିସର। ଇନ୍‌କମ୍‌ଟ୍ୟାକ୍ସ ବିଭାଗରୁ ମୋର ଟିମ୍ ଆପଣଙ୍କ ଘରେ ରେଡ୍ କରିବାକୁ ଆସିଛି। ମୋ’ ପାଖରେ ତଲାସିର ସର୍ଚ୍ଚ ୱାରେଣ୍ଟ ଅଛି। ତେଣୁ ଆପଣମାନେ ଦୟାକରି ଆମକୁ ସହଯୋଗ କରନ୍ତୁ।

କାହିଁକି କେଜାଣି ଅନୁରାଧାକୁ ଘରର ପରିବେଶ ଠିକ୍ ଲାଗୁ ନ ଥିଲା। ତାକୁ ଏମିତି ଲାଗୁଥିଲା ଯେମିତି ଘରର ସଦସ୍ୟମାନେ କିଛି ଲୁଚାଉଛନ୍ତି। ବହୁତ ପଚରାଉଚରା କଲା ପରେ ଘରର ମଝିଆ ବୋହୂ ଆସି ଅନୁରାଧା କାନରେ ଫୁସ୍‌ଫୁସ୍ ହେଇ କିଛି କହିଲା। ଏମିତିରେ ଖୋଜାଖୋଜି କଲାବେଳେ ଟଙ୍କା ପଇସାର ହିସାବ ମିଳୁ ନ ଥିଲା ଠିକ୍‌ରେ। ୟା’ ଭିତରେ ତା’ର ଜଣେ ସହକର୍ମୀ ଆସି ତାକୁ କହିଲା କି ବାହାରେ ଥିବା ରୁମ୍‌ରେ ଜଣେ ବୃଦ୍ଧା ରହୁଛନ୍ତି, ଯିଏ ନିଜ ଜିନିଷପତ୍ରର ତଲାସି ନେବାକୁ ଦେଉନାହାନ୍ତି। ଏହା ଶୁଣି ଅନୁରାଧା ନିଜେ ଗଲା ସେ ରୁମ୍‌କୁ, ଯେଉଁଠି ଜଣେ ସଂଭ୍ରାନ୍ତ ଗୌରବର୍ଣ୍ଣା ବୃଦ୍ଧା ମମତାମୟୀ ନୟନରେ ଚାହିଁଥିଲେ ତାକୁ। ହେଲେ ରୁମ୍‌ର ଅବସ୍ଥା ଦେଖି ଚକିତ ହେଇଯାଇଥିଲା ଅନୁରାଧା। ଛୋଟ ରୁମ୍‌ଟିଏ। ତା’ ଭିତରେ ପଡ଼ିଥିଲା ଗୋଟିଏ କାଠର ଖଟ, ଆଉ ଥିଲା ପାଣିଭର୍ତ୍ତି ମାଟିର ସୁରେଇଟିଏ, ଗୋଟିଏ ମାଟିର ଗ୍ଲାସ୍ ଆଉ ଗୋଟିଏ କାଠର ବଡ଼ ବାକ୍ସ ଯେଉଁଥିରେ ତାଲା ପଡ଼ିଥିଲା। ଗୋଟିଏ ମଧ୍ୟମ ଆଲୋକର ହଳଦିଆ ବଲ୍‌ବ ପରିବାର ଭିତରେ ସ୍ପଷ୍ଟ କରୁଥିଲା ତାଙ୍କର ସ୍ଥିତିକୁ। ମଝିଆ ବୋହୂ କାହିଁକି ଯେ ଏହି ବୃଦ୍ଧାଙ୍କ ବିଷୟରେ ତା’ ପାଖରେ ଅଭିଯୋଗ କରୁଥିଲା ତାହା ଏବେ ସ୍ପଷ୍ଟ ଭାବରେ ବୁଝିପାରୁଥିଲା ଅନୁରାଧା। ସେ ତାଙ୍କୁ ଅଭିବାଦନ ଜଣେଇ କହିଲା, “ମା’ ଆମେ ଇନ୍‌କମ୍‌ଟ୍ୟାକ୍ସ ଡିପାର୍ଟମେଣ୍ଟରୁ ଆସିଛୁ ଆଉ ପୂରା ବଙ୍ଗଳାର ତଲାସି ନେଉଛୁ। ତେଣୁ ମୋତେ ଆପଣଙ୍କ ରୁମ୍‌ର ତଲାସି ନେବାକୁ ପଡ଼ିବ।”

ବୃଦ୍ଧା ଜଣକ ତା’ କଥା ଶୁଣି କହିଲେ, “ଠିକ୍ ଅଛି ଝିଅ, ହେଲେ ଏଠି ଯାହା ଘଟିବ ତାହା କେବଳ ଆମ ଦୁଇଜଣଙ୍କ ଭିତରେ ରହିବ।” ତୁମେ ଏଇ ରୁମ୍‌ର ତଲାସି ନେଇପାର। ଅନୁରାଧା ଠିକ୍‌ଅଛି ବୋଲି କହି କବାଟଟା ବନ୍ଦ କରିଦେଲା ଭିତରପଟୁ। ଯେତେବେଳେ ସେ ବଡ଼ କାଠବାକ୍ସକୁ ଖୋଲିଲା ସେତେବେଳେ ସେ ଆଶ୍ଚର୍ଯ୍ୟ ଚକିତ ହୋଇଗଲା। ବାକ୍ସରେ ଥିଲା ଗୋଟିଏ ପିତ୍ତଳର ଗିନା ଆଉ କିଛି ଶୁଖିଲା ରୁଟି। ସେ ପଚାରିଲା, ମା’ ଏସବୁ? ବୃଦ୍ଧା ଜଣକ ମ୍ଳାନ ହସଟିଏ ହସିଦେଇ କହିଲେ- ଝିଅ, ଏ ବିଷୟରେ ବାହାରେ କାହାକୁ କିଛି କହିବୁନି। ନ ହେଲେ ମୋ’ ସ୍ୱାମୀ ଆଉ ଏଇ ପରିବାରର ମାନସମ୍ମାନ ଧୂଳିରେ ମିଶିଯିବ। ସମାଜରେ ଆମ ଘରର ଯେଉଁ ପ୍ରତିଷ୍ଠା ଅଛି ତାହା ମାଟିରେ ମିଶିଯିବ। ମୋ’ ସ୍ୱାମୀଙ୍କ ମୃତ୍ୟୁ ପରେ ବଡ଼ ପୁଅ ଆଉ ବୋହୂ ଆମର ସବୁ ବିଜନେସ୍ ଆଉ ଘର ଉପରେ କବ୍‌ଜା କରିନେଲେ। ସେମାନେ ମୋ’ ରୁମ୍ ଉପରେ ମଧ୍ୟ କବ୍‌ଜା କରିନେଲେ। ଆଉ ମୋତେ ଏଇ ଛୋଟ ରୁମ୍‌ରେ ଆଣି ପକେଇଦେଲେ। କାହିଁକି ନା ମୁଁ ତାଙ୍କର ଏପରି କାର୍ଯ୍ୟକଳାପର ଘୋର ବିରୋଧ କରିଥିଲି। ମୋ’ ସ୍ୱାମୀ ନିଜର ଉଇଲ୍‌ରେ ସବୁ ସମ୍ପତ୍ତି, ବିଜନେସ୍ ଆଉ ଘରର ଉତ୍ତରାଧିକାରୀ ମୋତେ କରିଥିଲେ। ହେଲେ ସେମାନେ ଧୀରେ ଧୀରେ ଏସବୁ ଉପରେ କବ୍‌ଜା କରିନେଲେ। ସେମାନେ ମୋ’ ପାଖକୁ ଯେଉଁ ଖାଇବା ପଠାନ୍ତି କିଛି ରୁଟି ମୁଁ ବଞ୍ଚେଇ କରି ଏହି ବାକ୍ସ ଭିତରେ ରଖିଦିଏ ଆଉ ଯେତେବେଳେ ଭୋକ ଲାଗେ ସେତେବେଳେ ତାକୁ ପାଣିରେ ବତୁରେଇ ଖାଏ। ଯଦି ଏହି କଥା ମୋ’ ପୁଅ-ବୋହୂ ଜାଣିବେ ତେବେ ସେମାନେ ମୋ’ ପାଖକୁ ପଠାଉଥିବା ଖାଇବା କମେଇ ଦେବେ। ଅନୁରାଧାକୁ ବିଶ୍ୱାସ ହେଉ ନଥିଲା କି ଧନସମ୍ପତ୍ତି ଲୋଭରେ ଗୋଟେ ପୁଅ ଏତେ ତଳକୁ ଖସିଯାଇପାରେ। ନିଜର ଜନ୍ମକଲା ମା’କୁ ଏମିତି କଷ୍ଟ ଦେଇପାରେ। ତା’ ଆଖିରୁ ଝରଝର ହୋଇ ଝରିପଡ଼ିଲା କେଇବୁନ୍ଦା ଲୁହ ଜଣେ ଦୁଃଖିନୀ ମା’ର ମହାନତାକୁ ଦେଖି। ନିଜେ ବହୁତ କଷ୍ଟରେ ଥାଇ ମଧ୍ୟ ସେ ତା’ ପାଖରେ ଗୁହାରି କରୁଥିଲେ ନିଜ ପରିବାରର ସମ୍ମାନ ବଞ୍ଚେଇବା ପାଇଁ।

ଏହି ଘଟଣା ବହୁତ ପ୍ରଭାବିତ କରିଥିଲା ତା’ର ମନ ମସ୍ତିଷ୍କକୁ। ସେ ମନେମନେ ସେହିଦିନ ନିଷ୍ପତ୍ତି ନେଇଥିଲା କି ଜୀବନରେ ଦିନେ ନା ଦିନେ ନିଶ୍ଚୟ ଏହିପରି ଉପେକ୍ଷିତ ବୃଦ୍ଧ-ବୃଦ୍ଧାଙ୍କ ପାଇଁ କିଛି କରିବ। ଆଉ ଆଜି ତା’ର ସ୍ୱପ୍ନ ସାକାର ରୂପ ନେବାକୁ ଯାଉଥିଲା ‘ଆନନ୍ଦ ନିଳୟ’ ରୂପରେ। ଉଦ୍‌ଘାଟନୀ ସମାରୋହରେ ସେ ନିଜର ଅନୁଭୂତିକୁ ସମସ୍ତଙ୍କ ସାମ୍ନାରେ ବଖାଣିବା ବେଳେ କହିଲା, ଜଣା ନାହିଁ ମୁଁ ଆଉ ମୋର ସହକର୍ମୀମାନେ ମିଶି କେତେକେତେ ଘରେ ରେଡ୍ କରିଛୁ। ହେଲେ ସେହି ବଙ୍ଗଳା ଥିଲା ସମସ୍ତଙ୍କ ଭିତରେ ଅନନ୍ୟ। କାରଣ ଆଜି ମଧ୍ୟ ମୋର ସେହି ମମତାମୟୀ ବୃଦ୍ଧା ମା’ଙ୍କର ଛବି ମନେଅଛି। ଏମିତି ଘଟଣା ସହିତ ମୋର ଅନେକଥର ସାମ୍ନାସାମ୍ନି ହେଇଛି। ସେଥିରୁ ମୋତେ ପ୍ରେରଣା ମିଳିଛି ‘ଆନନ୍ଦ ନିଳୟ’ ତିଆରି କରିବା ପାଇଁ। ଆଉ ଆଜି ସେହି ସ୍ୱପ୍ନ ସାକାର ରୂପ ନେଇଛି, ଯାହା ସବୁ ଧର୍ମର ମାନବୀୟ ଦୃଷ୍ଟିକୋଣର ପ୍ରତୀକ।

ମୋ: ୯୯୩୮୩୯୫୫୩୭

## ପୁସ୍ତକ ପରିଚୟ

### ପ୍ରଥମା (କବିତା ସମଗ୍ର)



**କବି:** ଦିଲୀପ କୁମାର ସ୍ୱାଇଁ
**ସଂପାଦନା:** ଡ. ରଘୁନାଥ ଓଝା
**ପ୍ରକାଶକ:** ବିଜୟିନୀ ପବ୍ଲିକେଶନ୍ସ, ଶଙ୍କରପୁର, କଟକ-୧୨
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୪୫୦/-

କବି ଦିଲୀପ କୁମାର ସ୍ୱାଇଁଙ୍କ ରଚିତ କବିତାର ଏକତ୍ରୀକରଣ ଲକ୍ଷ୍ୟରେ କବିଙ୍କର ପ୍ରଥମ ଚାରୋଟି କାବ୍ୟଗ୍ରନ୍ଥ ଓ ପୁରୀ ସମ୍ବନ୍ଧିତ କବିତା କେତୋଟିକୁ ଆଲୋଚ୍ୟ ଗ୍ରନ୍ଥ ‘ପ୍ରଥମା’ରେ ସ୍ଥାନିତ କରି ସଂପାଦକ ଡ. ଓଝା ଆମ ସମୟର ଜଣେ ଦାୟିତ୍ୱବାନ୍ କବିଙ୍କୁ ପାଠକ ସମକ୍ଷରେ ଉପସ୍ଥାପିତ କରିଛନ୍ତି। ‘ପକ୍ଷୀ ପରକୀୟା’(୨୦୦୧), ‘ଯୋଗୀ ଗୀତ’ (୨୦୦୭), ‘ଧାନଫୁଲ କାନଫୁଲ’ (୨୦୧୫), ‘ପାଣିବୁନ୍ଦାକୁ ଲୁହବୁନ୍ଦା’ (୨୦୨୧) ଓ ‘ପୁରୀ କବିତା’ (ପୁରୀରେ ରଚିତ ଆଠଟି କବିତା) ‘ପ୍ରଥମା’ରେ ସ୍ଥାନ ପାଇଛି। ସଂପାଦକ ନିଜ ଦୃଷ୍ଟିକୋଣରୁ ଦିଲୀପଙ୍କ କବିତାରେ କ’ଣ କ’ଣ ନିଆରା ସବୁ ଅଛି- ତାହା ବିଶଦ ଭାବେ ବଖାଣିଛନ୍ତି। କିନ୍ତୁ ଏ ସବୁର ଊର୍ଦ୍ଧ୍ୱରେ ଗ୍ରନ୍ଥସ୍ଥ କବିତାଗୁଡ଼ିକ ମୂଳତଃ କବିତା ହୋଇପାରିଛି କି ନାହିଁ, ତାହା ହିଁ ସବୁଠୁଁ ବଡ଼ କଥା ଏବଂ ନିର୍ଭରତାର ସହ କୁହାଯାଇପାରେ ଯେ ଦିଲୀପଙ୍କ ସୃଜନଶୀଳତା ତାଙ୍କ ସମୟର କବିତାରେ ବେଶ୍ ବାରିହୋଇଯିବା ଭଳି। ଜନଧର୍ମା ଭାଷା ଓ ପ୍ରତ୍ୟକ୍ଷୀଭୂତ ଅନୁଭୂତିର ଅସାଧାରଣତା ଦିଲୀପଙ୍କ କବିତାର ବିଶେଷତ୍ୱ। ଦିଲୀପ କହନ୍ତି- ତାଙ୍କ ସାହିତ୍ୟ ‘ଧାନ ପତରରେ କାକର ବୁନ୍ଦା’, ନିର୍ମଳ ପ୍ରଶାନ୍ତି ଓ ଦାମ୍ପତ୍ୟ ଶୃଙ୍ଖଳା ପାଇଁ ‘କେନ୍ଦରା ଥେରାପି’। ସଂପାଦକ କହନ୍ତି- ଅଳ୍ପ କବିତା ଲେଖି ବୃହତ୍ତର ପାଠକସମାଜ ପାଖରେ ନିଜର ଏକ ପରିଚୟ ନିର୍ମାଣରେ ସକ୍ଷମ କବିଟିଏ ଦିଲୀପ। କବିତାରେ କବି ଏକ ସଙ୍ଗେ ଅତୀତର ଓ ସମକାଳର। ସ୍ମୃତି ବେଦନା ହେଇ ଫୁଟେ ପ୍ରାତ୍ୟହିକତାରେ, ତାଙ୍କ କବିତାରେ। ଉଦାହରଣଟିଏ- “ଏବେ ଚିଲିକାକୂଳ ଯାକ/ ଗୋଡ଼ ମେଲେଇ ବସିଛି ଏକ ବିଧବା ସକାଳ/ ପାପୁଲିଏ ପାଣି ପାଇଁ/ ସୋରଣରେ ଗୁଳି ଫୁଟେ/ କେବେ ବୁଡ଼ିଯାଏ ଯାତ୍ରୀଡଙ୍ଗା/ ମାଛ ମାରିବାକୁ ଯାଇ/ ମଝି ପାଣିରେ ଭାସେ ବାପାଙ୍କ ଶବ।” (‘ରେଳ ଉପରୁ ଚିଲିକା ଦର୍ଶନ’- ‘ପ୍ରଥମା’- ପୃ:୩୪୦)। ‘କବିତା ସମଗ୍ର’ଟି ସାଂପ୍ରତିକ ଓଡ଼ିଆ କବିତାରେ ଏକ ପ୍ରତ୍ୟାଶିତ ସଂଯୋଗ।

### ଗୁଣସୂତ୍ର



**ଲେଖିକା:** ମାନମୟୀ ରଥ
**ପ୍ରକାଶକ:** ଏଥେନା ବୁକ୍ସ, ଭୁବନେଶ୍ୱର-୨
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୧୫୦/-

୨୭ଟି ଗଳ୍ପ ଆଲୋଚ୍ୟ ଗ୍ରନ୍ଥ ‘ଗୁଣସୂତ୍ର’ରେ ସଂକଳିତ। ଗପଗୁଡ଼ିକ ପଢ଼ିବା ଆଗରୁ ଗାଳ୍ପିକଙ୍କ ‘ନିଜକଥା’ରେ ଆଖି ଓ ମନ ଅଟକେ। ନିରହଂକାର ଲେଖକୀୟ ସ୍ୱୀକାରୋକ୍ତି ଭାବିତ କରାଏ, ପାଠକ ଯେତେବେଳେ ପଢ଼େ: “ମୁଁ ମୋ ଇଚ୍ଛାରେ କମ୍ ଗପ ଲେଖେ। ଯେତେବେଳେ ଲେଖିବାକୁ ଚାହିଁଛି ଜବରଦସ୍ତ ଲେଖିଛି। ନ ଲେଖିପାରିଲେ ମୋତେ କେଉଁ ଚରିତ୍ର ହଇରାଣ କରିନାହାନ୍ତି କି ମୁଁ କେବେ ଅବସୋସ କରିନି। ସବୁ ଘଟଣା ଭୁଲିଗଲା ଭଳି ଚରିତ୍ରମାନଙ୍କୁ ଭୁଲିଯାଇଛି। x x ଲେଖାର ଗୋଟେ ଭାଗ୍ୟ ଥାଏ ବୋଲି ଜାଣେ। କାଳେ ଲେଖୁଲେଖୁ ଲେଖିକାଟେ ହୋଇଯିବି ବୋଲି ଅଭ୍ୟାସ କରି କିଛି ନା କିଛି ଲେଖୁଥାଏ।” ଚିତ୍ର ଆଙ୍କିଲା ପରି ଗଳ୍ପ ଲେଖନ୍ତି ମାନମୟୀ। ଧାରଣା ତିଆରି ନ କରି ଲେଖନ୍ତି। ଅସାଧାରଣ ଲେଖିକା ଭାବେ ନିଜକୁ ଦେଖେଇ ହେବାର ବାହୁସ୍ଫୋଟ ନ ଥିବାରୁ ‘ନିଜକଥା’ଟି ଭଲ ଲାଗେ। ଆଉ ଗଳ୍ପ? ‘ପ୍ରଶ୍ନ’ ଗୋଟିଏ ଛୋଟ ଗପ ଏ ବହିର। ଜେଜ ବତକ ବିକିଦେବାରୁ ଝିଅ କାନ୍ଦୁଛି ଏଇଥିପାଇଁ ଯେ ବତକ କିଣି ନେଉଥିବା ଲୋକେ ତାକୁ ମାରି ଖାଇଦେବେ। ଝିଅକୁ ବାପା ମାଆ ବୁଝାଉଛନ୍ତି- ‘ଦେଖ ମାଆ, ଏହି ଦୁନିଆଟା ସେଇଆ। ବାଘ ସିଂହ ବଞ୍ଚିବା ପାଇଁ ହରିଣ ଠେକୁଆ ଖାଆନ୍ତି। ସାପ ବେଙ୍ଗକୁ ଖାଏ’ ଇତ୍ୟାଦି। ଝିଅ ବୁଝିଗଲା ବୋଲି ଭାବି ମାଆ ରୋଷେଇ ଘରକୁ ଫେରିଯାଆନ୍ତି। ବାପା ପାଖକୁ ଘୁଞ୍ଚି ଆସି ବଡ଼ ବିକଳ ହୋଇ ଏଥର ପଚାରେ ଝିଅ- ‘ବାପା! ମୋତେ କିଏ ଖାଇବ?’ ଛୋଟ ପ୍ରଶ୍ନଟିଏ, ଘୂରେଇଦିଏ ମୁଣ୍ଡ। ବହିଟି ସାରା ଏମିତି ଗଳ୍ପ ଢେର୍।

## କାଳକାଳକୁ



**“ଫୁଲ ପରି ବଞ୍ଚ ନାହିଁ, ଫୁଟିଲେ ବିଞ୍ଚି ହେଇଯିବ।**
**ପଥର ପରି ବଞ୍ଚ, ଖୋଦେଇ ହେଲେ ଈଶ୍ୱର ପାଲଟିଯିବ।”**
**- ହରିବଂଶ ରାୟ ବଚ୍ଚନ**

**ହରିବଂଶ ରାୟ ବଚ୍ଚନଙ୍କ** ଜନ୍ମ ୨୭ ନଭେମ୍ବର ୧୯୦୭ରେ, ଉତ୍ତରପ୍ରଦେଶର ପ୍ରୟାଗରାଜରେ ଓ ପରଲୋକ ୧୮ ଜାନୁଆରୀ ୨୦୦୩ରେ, ମୁମ୍ବାଇରେ। ହିନ୍ଦୀ ‘ନୟୀ କବିତା’ ଆନ୍ଦୋଳନର ସେ ଜଣେ ପ୍ରମୁଖ କବି। ତାଙ୍କ ରଚନାଗୁଡ଼ିକ ମଧ୍ୟରେ କାବ୍ୟଗ୍ରନ୍ଥ ‘ମଧୁଶାଳା’ (୧୯୩୫) ଖୁବ୍ ପ୍ରସିଦ୍ଧ। ୧୯୩୬ରେ ପ୍ରକାଶପାଏ ‘ମଧୁବାଳା’ ଓ ୧୯୩୭ରେ ‘ମଧୁକଳସ’। ଭାରତୀୟ ସାହିତ୍ୟକୁ ବିଶେଷ ଅବଦାନ ପାଇଁ ୧୯୭୬ରେ ସେ ସମ୍ମାନିତ ‘ପଦ୍ମଭୂଷଣ’ରେ। ଆତ୍ମଜୀବନୀ ‘କ୍ୟା ଭୁଲୁଁ କ୍ୟା ୟାଦ୍ କରୁଁ’ (୧୯୬୯) ପାଠକ ମହଲରେ ସମାଦୃତ। ପ୍ରଣୟୀକୁ କହନ୍ତି ଏହି ରସିକ କବି- “ତୁମ ପ୍ରତୀକ୍ଷା ଯଦି ଏତେ ମିଠା, ତେବେ ତୁମ ପଦାର୍ପଣ କେତେ ମିଠା ହେଇ ନ ଥିବ!”

## କବିତା

### ପିଣ୍ଡେ ପ୍ରାଣଥିଲେ

**ଗୋସ୍ୱାମୀ ଗୋଲାମ ଦେବତା**

ମଥୁରାକୁ କାହ୍ନୁ ଗଲା ପରେ ଖାଁ ଖାଁ ଗୋପଦାଣ୍ଡ ଭଳି
ଇତସ୍ତତଃ ଗୋରୁଗୋଠ ହମ୍ବାରଡ଼ି ବିକଳ ଗୋଧୂଳି।
ଆକାଶରେ ଉଦାସୀନ ମେଘ ଭାସେ ଲକ୍ଷ୍ୟହୀନ ତରୀ
ବଡ଼ଦାଣ୍ଡେ ନାହିଁ ଆଉ ଉତ୍ସବର ଗହଳିଚହଳି।
ଭୋଜିଶେଷେ ଖଲିପତ୍ର ପରି ଜମାହୁଏ ହତାଶାର ବାଲି
ବାଲିରେ ଜୀବନ ଥିଲା ମହମହ ବାସୁଥିଲା କାଲି।
ଅଗୁରୁ ଚନ୍ଦନ ଗନ୍ଧ ତଥାପି ଲିଭିନି
ତୁଳସୀ ଦୟଣା ବାସ ଏବେ ବି ହଜିନି।
ବିଷଣ୍ଣ ସାରଥି, ଅଶ୍ୱ ତିନିରଥ ମୁକୁଳା ପଞ୍ଜୁରି
ଉଡ଼ିଗଲା କଳାଶାରୀ ନୀଳାଦ୍ରି ଆକାଶେ କାଟି ମାୟା ଡୋରି।
ଖିଲିଖିଲି ଭାବଭୋଳା ଭୁଲାଣିଆ ହସ
ଭକତମେଳିଆ ହେଲା ତା’ ଲୀଳାରେ ନିତି ନୂଆ ବେଶ।
ଘଣ୍ଟ ଘଣ୍ଟା, କାହାଳୀରେ ନିନାଦିତ ଚଉଦଭୁବନ
ହରିବୋଲ, ହୁଳହୁଳି ମଣିମା ଡାକରେ କମ୍ପୁଥିଲା ଗଗନପବନ।
ଆଡ଼ପ ମଣ୍ଡପ କୋଳ ଶୂନ୍ୟ ଆଜି କୋହ ନୁହେଁ କହି
ପୋଡ଼ପିଠା ଗୋଟିକ, ଅଧାମ ଛାଡ଼ି ଚାଲିଗଲା ପଛକୁ ନ ଚାହିଁ।
ନଅଦିନ ଯାତ୍ରା ସିନା ଗୋଟିଏ ପଲକ ପରି ଚାଲେ ସରିଗଲା
ଆଉ କି ଦିଶିବ ଦାଣ୍ଡେ ଗଣ୍ଡିଧନ ନୟନ ପିତୁଳା।
ପଥର ଦେଉଳ ଛାଡ଼ି ଆସିଥିଲା ପଥଶ୍ରମେ ଜନ୍ମମାଟି ପାଇଁ
ମଥାପିଟି କାନ୍ଦେ ରଙ୍କ ନିରିମାଖି ରତନ ହଜାଇ।
ଝଲସୁଛି ତୁମ ମୁହଁ ମୋ ଆତ୍ମାର ନିଭୃତ କନ୍ଦରେ
ବିଶ୍ୱାସ ମୋ ନେତ୍ରପଥେ ବିରାଜିବ ଆର ସନ ପିଣ୍ଡେ ପ୍ରାଣଥିଲେ।

ମୋ: ୯୪୩୭୯୨୬୪୭୦

### ଗୁଚ୍ଛ କବିତା

**ସାଗରିକା ପଟ୍ଟନାୟକ**

**ଜୀବନ**
ବୟସ ଯେତେ ବଢ଼ୁଛି
ଅବୁଝା ସେତେ ଲାଗୁଛି
ଏ ଜୀବନ
ଭାଜ୍ୟ, ଭାଜକ, ଭାଗଫଳ ପରେ
ଭାଗଶେଷ କିଛି ବଳିପଡୁଛି।

**ଯନ୍ତ୍ରଣା**
ମନେହୁଏ କେବେ
ଶିଶୁଟିଏ ହୋଇଯାଆନ୍ତି କି
ଏ ଯନ୍ତ୍ରଣାଗୁଡ଼ିକ
ଅଣନିଃଶ୍ୱାସୀ କରିବାକୁ ବାଟ ହୁଡ଼ନ୍ତେ।

**ମୃତ୍ୟୁ**
ଶେଷବେଳକୁ
ମୃତ୍ୟୁକୁ ଆଉ ଡର ନ ଥାଏ
ଥକିଯାଇଥିବା ମଣିଷଟା
ନୀରବି ଯିବାକୁ ଦିନ ଗଣୁଥାଏ।

ମୋ: ୯୮୬୧୭୫୦୨୯୨

### ଗୀତି-କବିତା

### ଛାଇ ଆଲୁଅର ଲୁଚକାଳି ଖେଳ

**ଶରତ କୁମାର ଦାସ**

ମେଘ ମେଦୁରିତ ଆକାଶ ଅଙ୍ଗନେ
ଲୁଚକାଳି ଖେଳେ ଜହ୍ନ,
ସେଇ ଜହ୍ନ ଦେଖି ନଇଁ ଆସେ ସ୍ମୃତି
ଚହଲିଯାଏ ଏ ମନ ।୦।

ଭାରି ଭଲଲାଗେ
ଦେଖିବାକୁ ସତେ
ଛାଇ ଆଲୁଅର ଖେଳ,
ଆଖିପତା ମୋର
ପଡ଼େନାହିଁ ଜମା
ଗଡ଼ିଯାଏ ଖାଲି ବେଳ
ହସୁହସୁ କେବେ ଝରିପଡ଼େ ଲୁହ
ଜଳେ ହୃଦୟର ବନ
ମେଘ ମେଦୁରିତ ଆକାଶ ଅଙ୍ଗନେ
ଲୁଚକାଳି ଖେଳେ ଜହ୍ନ।୧।

ଯେତେ ବୁଝିଲେ ବି
ପାରେନା ମୁଁ ବୁଝି
ଏମିତି କାହିଁକି ହୁଏ,
ଜୀବନର ଯେତେ
ସରଳ ଗଣିତ
କାହିଁକି ବଦଳିଯାଏ
ହାତପାହାନ୍ତାରୁ ଘୁଞ୍ଚିଯାଏ ପଦ୍ମ
ଝଡ଼ ଆସେ ଘନଘନ
ମେଘ ମେଦୁରିତ
ଆକାଶ ଅଙ୍ଗନେ
ଲୁଚକାଳି ଖେଳେ ଜହ୍ନ।୨।

ଅଜଣା ପକ୍ଷୀର
ଶୁଭିଲାଣି ଡାକ
ବାଟ ତ ଗଲାଣି ସରି
ତଥାପି କାହିଁକି
ଇଚ୍ଛାହୁଏ ମୋର
ସେଦିନ ଆସନ୍ତା ଫେରି
ଝଲସିଉଠନ୍ତା ହଜିଲା ଅତୀତ
ପ୍ରୀତିରେ ଭିଜନ୍ତା ପ୍ରାଣ
ମେଘ ମେଦୁରିତ
ଆକାଶ ଅଙ୍ଗନେ
ଲୁଚକାଳି ଖେଳେ ଜହ୍ନ।୩।

ମୋ: ୮୨୪୯୧୩୭୦୯୧

## ଲଘୁଗଳ୍ପ

# ଭରସା

**ତ୍ରିନାଥ ପଟ୍ଟନାୟକ**



ସେ ମୋର ପରିଚିତା, ମାତ୍ର ଆତ୍ମୀୟ ନଥିଲା। ମୋ’ ପାଖ କଲେଜରେ କାମ କରନ୍ତି। ଆମେ ଗ୍ରାମାଞ୍ଚଳର ଦୁଇଟି ପାଖାପାଖି କଲେଜରେ ଅଧ୍ୟାପନା କରୁ। କେବେ କେଉଁଠି ଦେଖା ହେଲେ ସେ ମୋତେ ନମସ୍କାର କରନ୍ତି ଆଉ ହସିଦିଅନ୍ତି। ଯଦି କୌଣସି ଅବସରରେ କଥାବାର୍ତ୍ତା ହେବାର ସୁଯୋଗ ମିଳେ, ତେବେ ମୋର ସଦ୍ୟ ପ୍ରକାଶିତ ଗଳ୍ପ ଉପରେ ଆଲୋଚନା କରନ୍ତି, ମୋଟାମୋଟି ଭାବେ ମୋ’ ଲେଖାଲେଖିକୁ ପସନ୍ଦ କରନ୍ତି ଓ ପ୍ରଶଂସା କରନ୍ତି ମଧ୍ୟ।

ପତଳୀ ଲମ୍ବା ଝିଅଟିଏ ମିତା ମାଡାମ୍। ଝିଅ ବୋଲି ତ କହି ହେବନି ଯେହେତୁ ସେ ବିବାହିତା। ସ୍ୱାମୀ ବିଦେଶରେ। ସେ ଦେଶର ନାଗରିକ ବନିଯାଇଥିବାରୁ ମିତା ଏବେ ଏକା ଏକା ଦେଶରେ।

ସହରର କୌଣସି ଏକ ସେଣ୍ଟରରେ ପରୀକ୍ଷାଖାତା ଦେଖାଚାଲିଥାଏ। ଆମେ ଦୁହେଁ ପରୀକ୍ଷକ। ମୁଁ ସଂବିତ ମହାପାତ୍ର ଆଉ ମିତା ରାଉତରାୟ। ସେଦିନ ଖାତାଦେଖାର ଶେଷଦିନ। ସେଣ୍ଟରରୁ କାମ ସାରି ଫେରୁ ଫେରୁ ବହୁତ ଡେରି ହୋଇଗଲା। ବସ୍‌ଷ୍ଟାଣ୍ଡକୁ ଆସି ପହଞ୍ଚିଲା ବେଳକୁ ପ୍ରାୟ ଅଧଘଣ୍ଟା ତଳୁ ବସ୍ ଛାଡ଼ି ଦେଲାଣି। ସେଇଟି ହେଉଛି ଶେଷ ଗାଡ଼ି। ତା’ପରେ ଆମ ଅଞ୍ଚଳକୁ ଫେରିବାକୁ କୌଣସି ଛୋଟ କି ବଡ଼ ଗାଡ଼ିର ବ୍ୟବସ୍ଥା ନାହିଁ। ପୁଣି ଅଦିନିଆ ବର୍ଷା ପବନ ମାଡ଼ି ଆସୁଛି। ମିତା ମାଡାମ ଅବଶ୍ୟ ମୋ’ ଆଗରୁ ବସ୍‌ଷ୍ଟାଣ୍ଡକୁ ଆସିଲେଣି। ବସ୍ ଛାଡ଼ିଦେଇଥିବାରୁ ସେ ଅସହାୟ ଭାବେ ଷ୍ଟାଣ୍ଡରେ ଠିଆ ହୋଇଛନ୍ତି। ସେ ମୋତେ ଦେଖି ଆଶ୍ୱସ୍ତି ଅନୁଭବ କଲେ। କହିଲେ- ସାର୍, କେମିତି ଯିବା? କିନ୍ତୁ କୌଣସି ଉପାୟରେ ଗାଁକୁ ଫେରିବାର ସମ୍ଭାବନା ନଥାଏ। ବର୍ଷା ବିନ୍ଦୁବିନ୍ଦୁ ହୋଇ ଝାଡ଼ିଲାଣି। ଖୁବ୍ ନିକଟରେ ବର୍ଷା ହୋଇଯିବ ବୋଧେ!

ପାଖରେ ଥିବା ଗୋଟିଏ ଲଜିଂର ଦୁଆର ପାଖରେ ଦୌଡ଼ି ଦୌଡ଼ି ପହଞ୍ଚିଗଲୁ। ତଥାପି କିଛିଟା ଓଦା ହୋଇଯାଇଥାଉ। ଗୋଟିଏ ମାତ୍ର ରୁମ୍ ଥାଏ। କୌଣସି ଆପତ୍ତି ନକରି ସେଇ ରୁମ୍‌ରେ ମିତା ମାଡାମ୍ ମୋ’ ସହିତ ରହିବାକୁ ରାଜି ହୋଇଗଲା। ଆଉ ଉପାୟ ବା କ’ଣ ଅଛି! ସେତେବେଳକୁ ବର୍ଷା ଘନେଇ ଆସିଲାଣି। ଲଜିଂ କ୍ୟାଣ୍ଟିନ୍‌ରେ ରାତ୍ରିଭୋଜନ ସାରିଦେଲୁ। କ୍ଳାନ୍ତ ଲାଗୁଥାଏ। ଏଣୁ ଶୋଇଗଲୁ। ମୁଁ ଶୋଇ ପାରୁ ନଥାଏ। ମିତାଙ୍କୁ ବାର ବାର ଚାହିଁବାକୁ ଇଚ୍ଛା ହେଉଥାଏ। ଆଲୁଅ ଚାଲିଗଲେ ଖୁସି ଲାଗୁଥାଏ। ବିଭିନ୍ନ ଛଳନାରେ ମିତାଙ୍କର ଫୁଲଭଳି ସତେଜ ଚେହେରା ଉପରେ ହାତ ବୁଲାଇ ଆଣିବାର ବାହାନା ଖୋଜୁଥାଏ, ମାତ୍ର ପାରୁ ନ ଥାଏ। ଅସହ୍ୟ ସେ ରାତି। ବାହାରେ ଝଡ଼ ବର୍ଷା, ମୋ’ ଛାତି ଭିତରେ ବନ୍ୟାର। ବାରମ୍ବାର ବାଥ୍‌ରୁମ୍‌କୁ ଯାଉଥାଏ। ଫେରି ଆସି ଶୋଇବାକୁ ଚେଷ୍ଟା କରେ।

ମିତା ଆଶ୍ୱସ୍ତି ଭିତରେ ଗଭୀର ନିଦ୍ରା ଯାଇଛନ୍ତି। ସଘନ କେଶଗୁଚ୍ଛ ତକିଆ ଉପରେ ଲୋଟିପଡ଼ିଛି। ମୁହଁଟି ସତେ ଯେମିତି ସଜଫୁଟା ଗୋଲାପ। ସପନ ଦେଖୁଥିଲେ କି କ’ଣ ଭୂଲତା ଦୁଇଟି ନାଚି ଯାଉଥାଏ... ଚିନ୍ତାହୀନ ଭାବେ ନିଦରେ ଶୋଇଯାଇଛନ୍ତି ସେ।

ମୋ’ ମନରେ ଭାବାନ୍ତର ସୃଷ୍ଟି ହେଲା। କି ଆତ୍ମବିଶ୍ୱାସ ଝିଅଟିର, କି ପ୍ରତ୍ୟୟ ମୋ’ ପ୍ରତି! ସେ ନିର୍ଭୟ ହୋଇ ଶୋଇଛନ୍ତି ଏୟା ଭାବି ଯେ ମୋ’ ପାଖରେ ସାର୍ ଅଛନ୍ତି, ଭୟ କ’ଣ! ଏଭଳି ଜଣେ ଦରଦୀ, ଅନୁଭବୀ ଲେଖକ ପାଖରେ ରାତିଟିଏ କଟାଇଦେଲେ...। କିଏ କ’ଣ ବା କହିବ! ସାର୍ ତ ବୟସ୍କ, ମୋ’ ବାପା କି ଭାଇ ଭଳି। ଆଜି ସେ ମୋ’ ପାଇଁ ମୋର ଅଭିଭାବକ ମଧ୍ୟ।

ମୋ’ ମନରେ ଥିବା ଉଦ୍‌ବେଳନ ପ୍ରତି ମନରେ ଘୃଣା ଆସିଲା। ନିଜ ବିବେକକୁ ଧିକ୍କାର କଲି। ମୁଁ ହାତଯୋଡ଼ି ତଳେ ବସିଗଲି। ମନେମନେ କହିଲି- ହେ ମାଆ, ତୁମେ ସତରେ ଶକ୍ତିମୟୀ। ତୁମର ଆତ୍ମବିଶ୍ୱାସ ନିକଟରେ ମୁଁ ହତପ୍ରଭ। ପୁରୁଷ ଯୁଗେଯୁଗେ ଦୁର୍ବଳ, କିନ୍ତୁ ତୁମେ ଦୁର୍ଜୟ ପରାଶକ୍ତି। ମୁଁ ତୁମକୁ କନ୍ୟା କି ଭଉଣୀ ରୂପେ ମାନିପାରି ନାହିଁ ଅଥଚ ତୁମେ ମୋତେ ସମସ୍ତ ଦାୟିତ୍ୱ ଦେଇସାରିଛ।

ଏବେ ଆଉ ମୋ’ ନିକଟରେ ନାରୀ ପୁରୁଷର ଭେଦ ନାହିଁ। ନାରୀ ମାନେ ହିଁ ମୋର ମାଆ; ଶକ୍ତିମୟୀ। ସେଇ ଆତ୍ମବିଶ୍ୱାସ ମୋତେ ଦେଇ ସାରିଛନ୍ତି ମିତା ମାଡାମ୍। କେଉଁଠି ପଢ଼ିଥିଲି, ଲେଖାଥିଲା- “ସେ ହିଁ ପୁରୁଷ, ଯାହାର ହୃଦୟକୁ ସୁନ୍ଦରୀ ନାରୀର କଟାକ୍ଷବାଣ ବିଦୀର୍ଣ୍ଣ କରିପାରିନାହିଁ। ବିଷୟ ବାସନା ଯାହାକୁ ଲୋଭ ଫାଶ ଦ୍ୱାରା ଟାଣି ପାରେ ନାହିଁ। ସେ ହିଁ ଧୈର୍ଯ୍ୟଶୀଳ। ସମସ୍ତ ଜଗତକୁ ସେ ହିଁ ଜିଣିପାରେ।” ଶୋଇଗଲି। ରାତି ପାହିଲା। ସେତେବେଳକୁ ବର୍ଷା ବତାସ ଥମି ଯାଇଥିଲା। ଆକାଶ ନିର୍ମଳ।

ମୋ: ୯୯୩୭୮୪୦୩୮୭

# ରାଜ୍ୟ ସନ୍ତରଣ ଆରମ୍ଭ

**ଭୁବନେଶ୍ୱର, ୧୯।୭ (ତପନ ସ୍ୱାଇଁ)**

୬୪ତମ ରାଜ୍ୟ ସନ୍ତରଣ ପ୍ରତିଯୋଗିତା ଶୁକ୍ରବାର କଳିଙ୍ଗ ଷ୍ଟାଡିୟମ ପରିସରରେ ଆରମ୍ଭ ହୋଇଛି। ଏଥିରେ ମୋଟ ୪୫୦ (୧୮୦ ମହିଳା ଓ ୨୭୦ ପୁରୁଷ) ସନ୍ତରଣକାରୀ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ ଖୋର୍ଦ୍ଧା-ଭୁବନେଶ୍ୱର, ସମ୍ବଲପୁର ଓ କିସ୍ ବିଶ୍ୱବିଦ୍ୟାଳୟର ସନ୍ତରଣକାରୀମାନେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତ। ୧୫୦୦ ମିଟର ଫ୍ରିଷ୍ଟାଇଲରେ ଭୁବନେଶ୍ୱରର ଅବିନାଶ କୁମାର ସିଂ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୧୫୦୦ ମିଟର (ବାଳକ ଗ୍ରୁପ୍-୧)ରେ କିସ୍ ବିଶ୍ୱବିଦ୍ୟାଳୟର ରାଜେଶ ସୋରେନ୍, ମହିଳା ୧୦୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ଭୁବନେଶ୍ୱରର ପ୍ରତ୍ୟାଶା ରାୟ ସ୍ୱର୍ଣ୍ଣ ପାଇଛନ୍ତି। ସେହିପରି ବାଳିକା ଗ୍ରୁପ୍-୧ରେ ଭୁବନେଶ୍ୱରର ପ୍ରିୟଦର୍ଶିନୀ ରାଉତ, ପୁରୁଷ ୧୦୦ ବ୍ୟାକ୍ ଷ୍ଟ୍ରୋକ୍‌ରେ କଟକର ଅନମୋଲ ମହାନ୍ତି ଏବଂ ବାଳକ (ଗ୍ରୁପ୍-୩) ୧୦୦ ମିଟର ବ୍ୟାକ୍ ଷ୍ଟ୍ରୋକ୍‌ରେ ଶିବାଂଶ ଶତପଥୀ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଓଡ଼ିଶା ରାଜ୍ୟ ସନ୍ତରଣ ସଂଘର ସଭାପତି ପ୍ରଦୀପ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦଘାଟନ କରିବା ସହ କୃତି କ୍ରୀଡ଼ାବିତମାନଙ୍କୁ ପଦକ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱରସ୍ଥିତ ଇନସ୍ପାୟାର ଇନଷ୍ଟିଚ୍ୟୁଟ୍ ଅଫ୍ ସ୍ପୋର୍ଟ୍ସର ବୈଷୟିକ ନିର୍ଦ୍ଦେଶକ ଡଗ୍ଲାସ୍ ଏରିଗ୍ରେସ୍ ଯୋଗ ଦେଇଥିଲେ। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ସାଧାରଣ ସମ୍ପାଦକ ଗୋଲାପମଣି ମହନ୍ତ, କୋଷାଧ୍ୟକ୍ଷ ତଥା ବୈଷୟିକ ମୁଖ୍ୟ ସୁରେନ୍ଦ୍ର କୁମାର ନାୟକ, ଉପ-ସଭାପତି ଅମର ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଆଶୁତୋଷ ନାୟକ, ରଙ୍କନିଧି ସେଠୀ, ମନୋଜ ବଞ୍ଚୋର ଓ ସହଯୋଗୀମାନେ ପ୍ରତିଯୋଗିତା ପରିଚାଳନା କରିଥିଲେ। ଅଲିମ୍ପିଆନ୍ ସନ୍ଦୀପ ସେଜୱାଲ (ଜେଏସଡବ୍ଲ୍ୟୁ) ପ୍ରତିଯୋଗିତା ଆୟୋଜନରେ ସହଯୋଗ କରୁଛନ୍ତି।




କ୍ରୀଡ଼ା ସଚିବ ଭାସ୍କର ଜ୍ୟୋତି ଶର୍ମା ଓ ଅନ୍ୟ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

## କୀର୍ତ୍ତି ଅଧୀନରେ ୧ ଲକ୍ଷ ଆଥ୍‌ଲେଟ ଚିହ୍ନଟ ହେବେ

**ନୂଆଦିଲ୍ଲୀ, ୧୯।୭ (ପି.ଟି.):** ସରକାରଙ୍କ ଖେଲୋ ଇଣ୍ଡିଆ ରାଇଜିଂ ଟ୍ୟାଲେଣ୍ଟ ଆଇଡେଣ୍ଟିଫିକେଶନ (କୀର୍ତ୍ତି) ପ୍ରୋଜେକ୍ଟ ଅଧୀନରେ ୧୦୦ ଦିନ ମଧ୍ୟରେ ୧ ଲକ୍ଷ ପ୍ରତିଭା ଯୁବ ଆଥଲେଟ ଚିହ୍ନଟ କରାଯାଇ ସେମାନଙ୍କୁ ସହାୟତା ପ୍ରଦାନ କରାଯିବ। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଏହି ସୂଚନା ଦେଇଛନ୍ତି। ୨୦୪୭ ସୁଦ୍ଧା ଭାରତକୁ ବିଶ୍ୱର ୫ ଶ୍ରେଷ୍ଠ କ୍ରୀଡ଼ା ରାଷ୍ଟ୍ରରେ ପରିଣତ କରିବା ସରକାରଙ୍କ ଲକ୍ଷ୍ୟ। ସ୍ଥାନୀୟ ଜବାହରଲାଲ ନେହେରୁ ଷ୍ଟାଡିୟମରେ କୀର୍ତ୍ତିର ଦ୍ୱିତୀୟ ପର୍ଯ୍ୟାୟ ଶୁଭାରମ୍ଭ କରିବା ଅବସରରେ ମାଣ୍ଡବ୍ୟ କହିଛନ୍ତି ଆମ ଦେଶରେ ବ୍ରେନ୍ ପାୱାର, ମ୍ୟାନ ପାୱାର କିମ୍ବା ଟ୍ୟାଲେଣ୍ଟର ଅଭାବ ନାହିଁ। କେବଳ ସହରଗୁଡ଼ିକରେ ନୁହେଁ ଦୂର ଦୂରାନ୍ତ କ୍ଷେତ୍ର ଯଥା ଉତ୍ତର-ପୂର୍ବ, ତଟୀୟ ଏପରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକରେ କ୍ୱାଲିଟି କ୍ରୀଡ଼ାବିତ୍‌ମାନେ ଅଛନ୍ତି। କୀର୍ତ୍ତି କାର୍ଯ୍ୟକ୍ରମର ତୃତୀୟ ପର୍ଯ୍ୟାୟରେ ଖେଲୋ ଇଣ୍ଡିଆ ସ୍କିମ ଅନ୍ତର୍ଗତ ସମସ୍ତ ୨୦ଟି ବିଭାଗ ଖେଳକୁ ସାମିଲ କରାଯିବ। କୀର୍ତ୍ତିର ପ୍ରଥମ ପର୍ଯ୍ୟାୟ ଚଳିତବର୍ଷ ମାର୍ଚ୍ଚ ୧୨ରେ ଚଣ୍ଡିଗଡ଼ରେ ଆରମ୍ଭ ହୋଇଛି। ଦିଲ୍ଲୀରେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ୫ଟି ପ୍ରମୁଖ ଖେଳ ଯଥା ଆଥଲେଟିକ୍ସ, ଫୁଟ୍‌ବଲ, କବାଡ଼ି ଓ ଖୋଖୋ ଆଦି ଖେଳ ଉପରେ ୧୨ଟି ଜୋନର ୨୫,୦୦୦ ଏମ୍‌ସିଡି ଛାତ୍ରୀଛାତ୍ରଙ୍କ ମୂଲ୍ୟାୟନ ଏକ ମାସ ମଧ୍ୟରେ କରିବ।

# ଅଲିମ୍ପିକ୍ସରେ କିଟ୍‌ରୁ ଭାଗନେବେ ୧୨ ଆଥ୍‌ଲେଟ

**ଭୁବନେଶ୍ୱର, ୧୯।୭ (ତପନ ସ୍ୱାଇଁ)**

ପ୍ୟାରିସ ଅଲିମ୍ପିକ୍ସ ଚଳିତ ମାସ ୨୬ ତାରିଖରୁ ଆରମ୍ଭ ହେଉଛି। ଏହି କ୍ରୀଡ଼ା ମହାକୁମ୍ଭରେ କିଟ୍ ବିଶ୍ୱବିଦ୍ୟାଳୟର ମୋଟ ୧୨ ଛାତ୍ରୀ/ଛାତ୍ର ଭାଗନେବାକୁ ଯାଉଛନ୍ତି। ଗୁରୁବାର ୧୧ ଆଥଲେଟ୍‌ଙ୍କୁ ଭର୍ଚୁଆଲ ସମ୍ବର୍ଦ୍ଧନା ଦିଆ ଯାଇଥିବାବେଳେ ଏହି ତାଲିକାରେ ଯୋଡ଼ି ହୋଇଛନ୍ତି ଏମ୍.ଆର. ପୁଭମ୍ମା। ପୁଭମ୍ମା ଅଲିମ୍ପିକ୍ସରେ ୪x୪୦୦ ମିଟର ରିଲେ ରେସ୍‌ରେ ଅଂଶଗ୍ରହଣ କରିବେ। ପୁଭମ୍ମାଙ୍କ ପାଇଁ ଏହାହେବ ୩ୟ ଅଲିମ୍ପିକ୍ସ। ପୂର୍ବରୁ ସେ ୨୦୦୮ ବେଜିଂ ଓ ୨୦୧୬ ରିଓ ଅଲିମ୍ପିକ୍ସରେ ଭାଗ ନେଇଥିଲେ। ପ୍ୟାରିସ ଅଲିମ୍ପିକ୍ସ ପାଇଁ ଅନ୍ୟତମ କିଟ୍ ଛାତ୍ରୀ ଆଭା ଖଟୁଆ ଯୋଗ୍ୟତା ପାଇଥିଲେ ହେଁ ତାଙ୍କୁ ଘୋଷିତ ୧୧୭ ଜଣିଆ ଭାରତୀୟ ଦଳରେ ସାମିଲ କରାଯାଇନାହିଁ। ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ) ପକ୍ଷରୁ ଏହାର କିଛି କାରଣ ମଧ୍ୟ ସ୍ପଷ୍ଟ କରାଯାଇନାହିଁ। ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଯାଉଥିବା କିଟ୍‌ର ଆଥଲେଟ୍‌ଙ୍କ ମଧ୍ୟରେ ଓଡ଼ିଶାର ହକି ତାରକା ଅମିତ ରୋହିଦାସ ଓ ଜାଭେଲିନ୍ ଥ୍ରୋୟର କିଶୋର ଜେନା ସାମିଲ ଅଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ୩୦୦୦ ମିଟର ଷ୍ଟିପଲଚେଜ ଓ ୫୦୦୦ ମିଟର ରେସ୍‌ରେ ପାରୁଲ ଚୌଧାରୀ, ୨୦ କି.ମି. ରେସ୍ ୱାକ ଓ ମାରାଥନ ରେସ୍ ୱାକ ମିକ୍ସଡ ରିଲେରେ ପ୍ରିୟଙ୍କା ଗୋସ୍ୱାମୀ, ମହିଳା ଜାଭେଲିନ୍ ଥ୍ରୋରେ ଅନୁରାଣୀ, ୧୦୦ ମି. ହର୍ଡଲ୍ସରେ ଜ୍ୟୋତି ୟାରାଜୀ, ଶଟପୁଟ୍‌ରେ ତାଜିନ୍ଦର ପାଲ ସିଂ ତୁର, ୪x୪୦୦ ମିଟର ରିଲେ ଦଳ ସଦସ୍ୟ ପ୍ରାଚୀ ଚୌଧାରୀ, ୫୦୦୦ ମିଟର ରେସ୍‌ରେ ଅଙ୍କିତା ଧ୍ୟାନୀ, ୨୦ କି.ମି. ରେସ୍ ୱାକ୍‌ରେ ପରମଜିତ ସିଂ ବିଷ୍ଟ ଓ ମାରାଥନ ରେସ୍ ୱାକ ମିକ୍ସଡ ରିଲେରେ ସୁରଜ ପନୱାର ଅଲିମ୍ପିକ୍ ଟିକେଟ ପାଇଛନ୍ତି। କୌଣସି ଏକ ବିଶ୍ୱବିଦ୍ୟାଳୟ ଦଳରେ ଏତେ ସଂଖ୍ୟକ ଆଥଲେଟ୍ ଏକାବେଳେକେ ଅଲିମ୍ପିକ୍ସରେ ଭାଗନେବା ଏହା ପ୍ରଥମ। ଅଲିମ୍ପିକ୍ସ ଦଳରେ ସାମିଲ ଥିବା ସମସ୍ତ ଖେଳାଳିଙ୍କୁ ୭ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ପୁରସ୍କାରରେ ସମ୍ମାନିତ କରାଯିବ ବୋଲି ଭର୍ଚୁଆଲ ସମ୍ବର୍ଦ୍ଧନା ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପ୍ରକାଶ କରିଛନ୍ତି। ଖେଳାଳିଙ୍କ ବ୍ୟତୀତ କିଟ୍‌ର ଜଣେ ପ୍ରଫେସର ସୁଦୀପ୍ ଶାହା ବିଶ୍ୱ ବକ୍ସିଂ ଫେଡେରେଶନରେ ଅଫିସିଆଲ ଭାବରେ ଅଲିମ୍ପିକ୍ସର ଅଂଶ ରହିବେ।




ଏମ୍.ଆର. ପୁଭମ୍ମା

## ସାଉଥ ଏସିଆନ କରାଟେ: ଦ୍ୱିତୀୟ ଦିନରେ ଓଡ଼ିଶାକୁ ୩ ପଦକ

**ଭୁବନେଶ୍ୱର, ୧୯।୭ (ବିଜୟ ରଣା):** ଭୁଟାନର ଥିମ୍ପୁଠାରେ ଚାଲିଥିବା ସାଉଥ ଏସିଆନ କରାଟେ ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ଓଡ଼ିଶା ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛି। ବ୍ୟକ୍ତିଗତ ଫାଇଟ୍‌ରେ ଲୋମା ସ୍ୱାଇଁ ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ଶୁଭକାନ୍ତ ବିଶ୍ୱାଳ ଫାଇଟ୍‌ରେ ରୌପ୍ୟ ଏବଂ ଅନୁପମା ସ୍ୱାଇଁ ଫାଇଟରେ ଏକ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ଶୁକ୍ରବାର ର ୩ଟି ପଦକକୁ ମିଶାଇ ଓଡ଼ିଶାର ପଦକ ସଂଖ୍ୟା ୮ରେ ପହଞ୍ଚିଛି। ଏହି ସଫଳତା ପାଇଁ ଓଡ଼ିଶା କରାଟେ ସଂଘ ସମସ୍ତ ପଦକ ବିଜେତାଙ୍କୁ ଅଭିନନ୍ଦ ଜଣାଇଛି।

# ପାକିସ୍ତାନକୁ ହରାଇଲା ଭାରତ

**ମହିଳା ଏସିଆ କପ୍**

**ଦାମ୍ବୁଲା, ୧୯।୭**

ଏସିଆ କପ୍ ମହିଳା କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଅନୁଷ୍ଠିତ ୨ଟି ମ୍ୟାଚରେ ୟୁଏଇକୁ ନେପାଳ ଓ ପାକିସ୍ତାନକୁ ହରାଇ ଭାରତ ଏହାର ଅଭିଯାନ ଆରମ୍ଭ କରିଛି। ବୋଲରଙ୍କ ଚମତ୍କାର ପ୍ରଦର୍ଶନ ଏବଂ ସ୍ମୃତି ମନ୍ଧାନା ଓ ଶେଫାଳି ବର୍ମାଙ୍କ ପ୍ରଭାବୀ ବ୍ୟାଟିଂ ବଳରେ ଭାରତ ୭ ଉଇକେଟରେ ପାକିସ୍ତାନକୁ ପରାସ୍ତ କରିଛି। ଭାରତୀୟ ବୋଲରଙ୍କୁ ସାମ୍ନା କରି ନ ପାରି ପାକିସ୍ତାନ ୧୯.୨ ଓଭରରେ ମାତ୍ର ୧୦୮ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ସିଦ୍ରା ଅମିନ ସର୍ବାଧିକ ୨୫ ରନ କରିଥିବାବେଳେ ଭାରତ ପକ୍ଷରୁ ଦୀପ୍ତି ଶର୍ମା ୩ଟି ଏବଂ ରେଣୁକା ସିଂ, ପୂଜା ବସ୍ତ୍ରକାର ଓ ଶ୍ରେୟଙ୍କା ପାଟିଲ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଭାରତ ୧୪.୧ ଓଭରରେ ମାତ୍ର ୩ ଉଇକେଟ ହରାଇ ୧୦୯ ରନ ସଂଗ୍ରହ କରି ନେଇଥିଲା। ଦୁଇ ଓପନର ସ୍ମୃତି ମନ୍ଧାନା ୪୫ (୩୧ ବଲ, ୯ ଚୌକା) ଓ ଶେଫାଳି ବର୍ମା ୪୦ (୨୯ ବଲ, ୬ ଚୌକା, ୧ ଛକା) ରନ କରି ଦଳର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ୧୯.୨ ଓଭରରେ ୧୦୮/ଅଲ୍‌ଆଉଟ (ସିଦ୍ରା ଅମିନ-୨୫, ଦୀପ୍ତି ଶର୍ମା-୩/୨୦, ରେଣୁକା ସିଂ-୨/୧୪, ପୂଜା ବସ୍ତ୍ରକାର-୨/୩୧, ଶ୍ରେୟଙ୍କା ପାଟିଲ-୨/୧୪)। ପାକିସ୍ତାନ ୧୪.୧ ଓଭରରେ ୧୦୯/୩ (ସ୍ମୃତି ମନ୍ଧାନା-୪୫, ଶେଫାଳି ବର୍ମା-୪୦, ସଇଦା ଅରୁବ ଶାହା-୨/୯, ନଶ୍ରା ସାନ୍ଧୁ-୧/୨୦)।

## ଅଲିମ୍ପିକ୍ସରେ ଭାଗ ନେଇପାରିବେନି ମିୟାତା

**ଧୂମପାନ ପାଇଁ ବାସନ୍ଦ**

**ଟୋକିଓ, ୧୯।୭:** ଧୂମପାନ ଅଭିଯୋଗରେ ବାସନ୍ଦ ହୋଇଛନ୍ତି ଜାପାନୀ ଜିମ୍ନାଷ୍ଟ ଶୋକୋ ମିୟାତା। ଏହି କାରଣରୁ ସେ ଆସନ୍ତା ପ୍ୟାରିସ ଅଲିମ୍ପିକ୍ସରେ ଭାଗ ନେଇପାରିବେ ନାହିଁ। ଏହି ୧୯ ବର୍ଷୀୟ ଆଥଲେଟ ମୋନାକୋସ୍ଥିତ ଏକ ଟ୍ରେନିଂ କ୍ୟାମ୍ପରେ ପ୍ରସ୍ତୁତି ଚଳାଇଥିଲେ। ଏକ ବିଧିବଦ୍ଧ ତଦନ୍ତ ପରେ ତାଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗର ସତ୍ୟତା ଥିବା ଜଣାପଡ଼ିଥିଲା। ସେ ଜାପାନ ଜିମ୍ନାଷ୍ଟିକ୍ ଆସୋସିଏଶନର ଆଚରଣବିଧି ଉଲ୍ଲଂଘନ କରିଥିବା ଜଣାପଡ଼ିଥିଲା। ସ୍ୱଳ୍ପ ବୟସ୍କା ମିୟାତା ଜାପାନ ମହିଳା ଆର୍ଟିଷ୍ଟିକ୍ ଟିମ୍‌ର ଅଧିନାୟିକା ଥିଲେ। ବର୍ତ୍ତମାନ ତାଙ୍କୁ କ୍ୟାମ୍ପରୁ ଘରକୁ ପଠାଇ ଦିଆଯାଇଛି। ସମସ୍ତ ଦିଗରୁ ବିଚାର କରି ମିୟାତାଙ୍କୁ ଅଲିମ୍ପିକ୍ସରୁ ପ୍ରତ୍ୟାହାର କରି ନିଆଯାଇଥିବା ଜାପାନ ଜିମ୍ନାଷ୍ଟିକ୍ସ ଆସୋସିଏଶନ ସେକ୍ରେଟାରୀ ଜେନେରାଲ କେଞ୍ଜୁ ନିଶିମୁରା ପ୍ରକାଶ କରିଛନ୍ତି। ମୋନାକୋ କ୍ୟାମ୍ପରେ ମିୟାତା ଖୁବ୍ କ୍ଲାନ୍ତ ଜଣା ପଡୁଥିଲେ। ଗେମ୍ସରେ ଭାଗ ନେବା ପୂର୍ବରୁ ସେ ବହୁ ଚାପରେ ମଧ୍ୟ ଥିଲେ। ମିୟାତା ଲିଭରପୁଲ୍‌ରେ୨୦୨୨ରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ଏକ ବ୍ରୋଞ୍ଜ ପଦକ ଜିତିଥିଲେ। ପ୍ୟାରିସରେ ପ୍ରଥମଥର ଏକ ଅଲିମ୍ପିଆନ ଦଳର ନେତୃତ୍ୱ ନେବାପାଇଁ ସେ ମନୋନୀତ ହୋଇଥିଲେ। ୧୯୬୪ ଗେମ୍ସ ପରେ ଜାପାନ ପ୍ରଥମ ଥର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସରେ ପ୍ରଥମ ପଦକ ଜିତିବା ଆଶା ରଖିଛନ୍ତି।

# ଅଳ୍ପକେ ପଦକ ହାତଛଡ଼ା

## ଭାରତୀୟ ଦଳ/ଆଥ୍‌ଲେଟଙ୍କ ଅଭୁଲା ସ୍ମୃତି

**ପ୍ୟାରିସ ଅଲିମ୍ପିକ୍ସ କ୍ରମେ ପାଖେଇ ଆସିଥିବାବେଳେ ଏହାକୁ ନେଇ ଚର୍ଚ୍ଚା ବଢ଼ିବାରେ ଲାଗିଛି। ଅଲିମ୍ପିକ୍ସରେ ଗତ କିଛି ସଂସ୍କରଣରେ ଭାରତୀୟ ଦଳର ପ୍ରଦର୍ଶନ ଉତ୍ସାହଜନକ ରହିଛି। ତେବେ ଅଲିମ୍ପିକ୍ସ ଇତିହାସରେ ଏପରି କେତେଜଣ ଭାରତୀୟ ଆଥଲେଟ୍/ଦଳ ପଦକ ହାସଲର ଦ୍ୱାରରେ ପହଞ୍ଚିଥିଲେ ହେଁ ଅଳ୍ପକେ ମିସ୍ କରିଛନ୍ତି। ଏହାକୁ ନେଇ ବିଶେଷ ଉପସ୍ଥାପନା...**

**● ୧୯୫୬: ମେଲବୋର୍ନ**

ଏହି ଅଲିମ୍ପିକ୍ସରେ ଭାରତୀୟ ଫୁଟବଲ ଦଳ ଆୟୋଜକ ଅଷ୍ଟ୍ରେଲିଆକୁ ୪-୨ ଗୋଲରେ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲା। ପ୍ରଥମ ଏସୀୟ ଖେଳାଳିଭାବେ ନେଭିଲେ ଡି'ସୁଜା ଅଲିମ୍ପିକ୍ସରେ ହ୍ୟାଟ୍ରିକ ଅର୍ଜନ କରିଥିଲେ। ସେମିଫାଇନାଲରେ ଭାରତ ନେଭିଲେଙ୍କ ଗୋଲ ବଳରେ ଅଗ୍ରଣୀ ହାସଲ କରିଥିଲେ ହେଁ ଯୁଗୋସ୍ଲାଭିଆ ନିକଟରୁ ହାରି ଯାଇଥିଲା। ପ୍ଲେ-ଅଫ୍ ମ୍ୟାଚରେ ଭାରତୀୟ ଦଳ ୦-୩ରେ ବୁଲଗେରିଆ ନିକଟରୁ ପରାସ୍ତ ହୋଇଥିଲା। ଫଳରେ ବ୍ରୋଞ୍ଜ ପଦକ ହାସଲରୁ ଦଳ ବଞ୍ଚିତ ହୋଇଥିଲା।

**● ୧୯୬୦: ରୋମ୍**

କିମ୍ବଦନ୍ତୀ ଆଥଲେଟ୍ ମିଲ୍‌ଖା ସିଂ ଅଳ୍ପକେ ବ୍ରୋଞ୍ଜ ଦକ ହାସଲରୁ ରହି ଯାଇଥିଲେ। ପଦକ ଦାବିଦାରଭାବେ ୪୦୦ ମିଟର ଫାଇନାଲରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା 'ଫ୍ଲାଇଂ ଶିଖ୍' ମିଲ୍‌ଖା ଗୋଟିଏ ସେକେଣ୍ଡର ଦଶ ଭାଗରୁ ଭାଗେ (୧/୧୦) ସମୟ ପଛରେ ରହି ଯାଇଥିଲେ। ଏକ ତ୍ରୁଟି ପାଇଁ ତାଙ୍କୁ ଜୀବନସାରା ପସ୍ତେଇବାକୁ ପଡ଼ିଥିଲା। ଏହା ତାଙ୍କୁ ଏତେ ବାଧିଥିଲା ଯେ ସେ କ୍ରୀଡ଼ା ଛାଡ଼ିବାକୁ ମନସ୍ଥ କରିଥିଲେ। ମାତ୍ର ବୁଝାଶୁଝା କରିବାପରେ ସେ ପୁଣି ଟ୍ରାକ୍‌ରେ ଚମକ ସୃଷ୍ଟିକରି ୧୯୬୨ ଏସିଆନ ଗେମ୍ସରେ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

**● ୧୯୮୦ ମସ୍କୋ**

ଆଫଗାନିସ୍ତାନଉପରେୟୁଏସ୍‌ଏସ୍‌ଆର୍‌ର ସାମରିକ କାର୍ଯ୍ୟାନୁଷ୍ଠାନକୁ ବିରୋଧକରି ନେଦରଲାଣ୍ଡ୍ସ, ଅଷ୍ଟ୍ରେଲିଆ, ଗ୍ରେଟ୍ ବ୍ରିଟେନ ଆଦି ଶୀର୍ଷ ହକି ଖେଳୁଥିବା ଦେଶଗୁଡ଼ିକ ଏହି ଅଲିମ୍ପିକ୍ସକୁ ବର୍ଜନ କରିଥିଲେ। ତେଣୁ ଭାରତୀୟ ମହିଳା ହକି ଦଳ ପ୍ରଥମଥର ପାଇଁ ଅଲିମ୍ପିକ୍ସ ଖେଳୁଥିଲେ ହେଁ ପୋଡିୟମ ମଣ୍ଡନ କରିବା ସମ୍ଭାବନା ଉଜ୍ଜ୍ୱଳ ରହିଥିଲା। ମାତ୍ର ଶେଷ ମ୍ୟାଚରେ ୟୁଏସଏସଆର ନିକଟରୁ ୧-୩ ଗୋଲରେ ପରାଜୟ ଦଳପାଇଁ ମହଙ୍ଗା ପଡ଼ିଥିଲା। ଜିମ୍ବାୱେ, ଚେକୋସ୍ଲୋଭାକିଆ ଓ ୟୁଏସଏସଆର ପଛକୁ ଦଳ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ରହିଥିଲା।

**● ୧୯୮୪: ଲସ ଏଞ୍ଜେଲ୍ସ**

ଏହି ଅଲିମ୍ପିକ୍ସରେ ମିଲ୍‌ଖା ସିଂଙ୍କ ପଦକ ହାତଛଡ଼ାର ସ୍ମୃତି ଭାରତୀୟ ଶିବିରରେ ଉଜ୍ଜୀବିତ ହୋଇଥିଲା। ୪୦୦ ମିଟର ହର୍ଡଲ୍ସରେ ପି.ଟି. ଉଷା ଏକ ସେକେଣ୍ଡର ୧୦୦ ଭାଗରୁ ଭାଗେ(୧/୧୦୦) କମ୍ ସମୟ ପଛରେ ରହି ବ୍ରୋଞ୍ଜ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। 'ପାୟୋଲି ଏକ୍ସପ୍ରେସ' ନାମରେ ପରିଚିତ ଉଷା ରୋମାନିଆର କ୍ରିଷ୍ଟିନା କୋଜୋକୋରୁଙ୍କ ପଛକୁ ୪ର୍ଥ ସ୍ଥାନରେ ରହିଥିଲେ। ତେବେ ଏହି ପ୍ରଦର୍ଶନ ତାଙ୍କୁ ଯଥେଷ୍ଟ ସୁନାମ ଦେଇଥିଲା ଏବଂ ସେ ଆଥ୍‌ଲେଟିକ୍ସ ଜଗତରେ ଏକ ପରିଚିତ ନାଁ ହୋଇଯାଇଥିଲେ।

**● ୨୦୦୪: ଏଥେନ୍ସ**

୨୦ ବର୍ଷ ବ୍ୟବଧାନରେ ଭାରତୀୟ କ୍ୟାମ୍ପରେ ଅଳ୍ପକେ ପଦକ ହାତଛଡ଼ାର ବ୍ୟଥା ଅନୁଭୂତ ହୋଇଥିଲା। ଏଥେନ୍ସରେ ଚମତ୍କାର ପ୍ରଦର୍ଶନ ସତ୍ତ୍ୱେ ଲିଆଣ୍ଡର ପେସ୍ ଓ ମହେଶ ଭୂପତି ବ୍ରୋଞ୍ଜ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ଟେନିସରେ ଅନ୍ୟତମ ଶ୍ରେଷ୍ଠ ଡବଲ୍ସ ଯୋଡ଼ିଭାବେ ପରିଚିତ ହୋଇ ସାରିଥିବା ପେସ୍-ଭୂପତି ଯୋଡ଼ି ମାରାଥନ ବ୍ରୋଞ୍ଜ ପଦକ ମ୍ୟାଚରେ କ୍ରୋଏସିଆର ମାରିଓ ଆନ୍‌ଚିକ୍ ଓ ଇଭାନ ଲୁବିଚିକ୍‌ଙ୍କଠାରୁ ୬-୭, ୬-୪, ୧୪-୧୬ରେ ହାରି ଯାଇଥିଲେ। ସେମିଫାଇନାଲରେ ଭାରତୀୟ ଯୋଡ଼ି ଜର୍ମାନୀର ନିକୋଲାସ କିଏଫର ଓ ରେନର ସ୍କୁଟଲରଙ୍କଠାରୁ ସିଧାସଳଖ ୨-୬, ୩-୬ ସେଟ୍‌ରେ ପରାଜିତ ହୋଇ ପ୍ଲେ-ଅଫ୍ ଖେଳିଥିଲେ। ସମାନ ଅଲିମ୍ପିକ୍ସରେ କୁଞ୍ଜରାଣୀ ଦେବୀ ମହିଳା ୪୮ କେଜି ଭାରୋତ୍ତୋଳନରେ ୪ର୍ଥ ସ୍ଥାନରେ ରହିଥିଲେ। ତେବେ ସେ ପଦକ ଦୌଡ଼ରେ ନ ଥିଲେ। ଅନ୍ତିମ ଉଦ୍ୟମରେ କ୍ଲିନ୍ ଆଣ୍ଡ ଜର୍କ ବର୍ଗରେ ୧୧୨.୫ କେଜି ଉତ୍ତୋଳନ ସମୟରେ ଡିସ୍‌କ୍ୱାଲିଫାଏଡ୍ ହୋଇଥିବା କୁଞ୍ଜରାଣୀ ମୋଟ ୧୯୦ କେଜି ଭାର ଉଠାଇଥିଲେ, ଯାହାକୁ ବ୍ରୋଞ୍ଜ ମେଡାଲିଷ୍ଟ ଥାଇଲାଣ୍ଡର ଆରି ୱିରାଥୋର୍ନଙ୍କଠାରୁ ୧୦ କେଜି କମ୍।

**● ୨୦୧୨: ଲଣ୍ଡନ**

ଶୁଟର ଜୟଦୀପ କର୍ମକାର ଅଲିମ୍ପିକ୍ସର ଏହି ସଂସ୍କରଣରେ ବ୍ରୋଞ୍ଜ ପଦକ ବିଜେତାଙ୍କଠାରୁ ଅଳ୍ପକେ ପଛରେ ରହି ତିକ୍ତ ଅନୁଭୂତି ଲାଭକଲେ। ପୁରୁଷ ୫୦ ମିଟର ରାଇଫଲ ପ୍ରୋନ୍ ଇଭେଣ୍ଟର ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡରେ ୭ମ ସ୍ଥାନରେ ରହିଥିବା ଜୟଦୀପ ଫାଇନାଲ୍ସରେ ବ୍ରୋଞ୍ଜ ପଦକ ବିଜେତାଙ୍କଠାରୁ ମାତ୍ର ୧.୯ ପଏଣ୍ଟ ପଛରେ ରହି ଯାଇଥିଲେ।

**● ୨୦୧୬: ରିଓ ଡି ଜେନିରୋ**

ପ୍ରଥମ ଭାରତୀୟ ମହିଳାଭାବେ ଅଲିମ୍ପିକ୍ସରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଜିମ୍ନାଷ୍ଟ ଦୀପା କର୍ମକାର ଭଲ୍ଟ ଇଭେଣ୍ଟର ଫାଇନାଲରେ ପ୍ରବେଶ କରିଥିଲେ। ତେବେ ସେ ଓଭରଅଲ୍ ୧୫.୦୬୬ ସ୍କୋର କରି ବ୍ରୋଞ୍ଜ ପଦକ ଜିତିଥିବା ଜିମ୍ନାଷ୍ଟଙ୍କଠାରୁ ୦.୧୫୦ ପଏଣ୍ଟ ପଛରେ ରହି ଯାଇଥିଲେ। ଫଳରେ ୪ର୍ଥ ସ୍ଥାନରେ ତାଙ୍କୁ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ତାଙ୍କର ଏହି ପ୍ରଦର୍ଶନ ପରେ ଭାରତୀୟ ଜିମ୍ନାଷ୍ଟିକ୍ସରେ ବହୁ ପରିବର୍ତ୍ତନ ଆସିଥିଲା। ଆମେରିକା କିମ୍ବା ରୁଷିଆରେ ଜନ୍ମ ହୋଇ ନ ଥିଲେ ମଧ୍ୟ ଜଣେ ଯେ ଉତ୍ତମ ଜିମ୍ନାଷ୍ଟ ହୋଇପାରିବ ତାହା ସେ ପ୍ରମାଣିତ କରିଥିଲେ। ଏହି ଅଲିମ୍ପିକ୍ସରେ ତାରକା ଶୁଟର ଅଭିନବ ବିନ୍ଦ୍ରା ମଧ୍ୟ ଅଳ୍ପକେ ପଦକ ମିସ୍‌କରି ୪ର୍ଥ ସ୍ଥାନରେ ରହିଥିଲେ। ବେଜିଂ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିବାର ୮ ବର୍ଷ ପରେ ଏହି ପ୍ରଦର୍ଶନ ସହ ତାଙ୍କ ଜାଜ୍ୱଲ୍ୟମାନ କ୍ୟାରିୟରର ପରିସମାପ୍ତି ଘଟିଥିଲା।


**● ୨୦୨୦: ଟୋକିଓ**

୧୯୮୦ ମସ୍କୋ ଗେମ୍ସର ୪ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ପରେ ଭାରତୀୟ ମହିଳା ହକି ଦଳ ଅଲିମ୍ପିକ୍ସରେ ସମାନ ଯନ୍ତ୍ରଣା ଅନୁଭବ କରିଥିଲା। ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରି ଭାରତୀୟ ଦଳ ୩ ଥର ଚାମ୍ପିୟନ ଅଷ୍ଟ୍ରେଲିଆକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲା। ସେମିଫାଇନାଲରେ ଦଳ ୦-୧ରେ ଆର୍ଜେଣ୍ଟିନାଠାରୁ ପରାଜିତ ହୋଇଥିଲା। ଏହା ସତ୍ତ୍ୱେ ଦଳ ପୋଡିୟମ ଫିନିଶ୍ କରିବ ବୋଲି ଆଶା ରହିଥିଲା। ବ୍ରୋଞ୍ଜ ପଦକ ମ୍ୟାଚରେ ରାଣୀ ରାମପାଲଙ୍କ ନେତୃତ୍ୱାଧୀନ ଦଳ ଏକଦା ୩-୨ ଗୋଲରେ ଅଗ୍ରଣୀ ମଧ୍ୟ ରହିଥିଲା। ମାତ୍ର ଶେଷରେ ବ୍ରିଟେନଠାରୁ ୩-୪ ଗୋଲରେ ପରାଜୟ ଦଳକୁ ପଦକ ହାସଲରୁ ବଞ୍ଚିତ କରିଥିଲା। ଏହି ଅଲିମ୍ପିକ୍ସରେ ଗଲ୍ଫର ଅଦିତି ଅଶୋକ ମଧ୍ୟ ଐତିହାସିକ ପୋଡିୟମ ଫିନିଶ୍‌ରୁ ବଞ୍ଚିତ ହୋଇଥିଲେ। ବିଶ୍ୱ ର୍ୟାଙ୍କିଙ୍ଗ୍‌ରେ ୨୦୦ତମ ସ୍ଥାନରେ ଥିଲେ ମଧ୍ୟ ଅଦିତି ଶ୍ରେଷ୍ଠ ଗଲ୍ଫରଙ୍କୁ କଡ଼ା ଚ୍ୟାଲେଞ୍ଜ ଦେଇ ପଦକ ସମ୍ଭାବନା ଉଜ୍ଜୀବିତ ରଖିଥିଲେ। ମାତ୍ର ଶେଷରେ ତାଙ୍କୁ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ରହିବାକୁ ପଡ଼ିଥିଲା।


**ପ୍ୟାରିସ୍ ଅଲିମ୍ପିକ୍ସ**
PARIS 2024
**ଆଉ ୬ ଦିନ**



ରିଓ ଅଲିମ୍ପିକ୍ସରେ ନିଜ କଳା କୌଶଳ ପ୍ରଦର୍ଶନ ଅବସରରେ ଦୀପା କର୍ମକାର।




ପି.ଟି. ଉଷା



ମିଲ୍‌ଖା ସିଂ

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ